# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-245 ◆BHUBANESWAR ◆THURSDAY ◆29 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୫ ◆ଭୁବନେଶ୍ୱର ◆ଗୁରୁବାର ◆୨୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦




ବରୁଣ-ଜାହ୍ନବୀ ସାଥ୍‌ସାଥ୍‌

▶ପୃଷ୍ଠା ୧୯ ଦେଖନ୍ତୁ...




RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-245 ♦BHUBANESWAR ♦THURSDAY ♦29 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୫ ♦ଭୁବନେଶ୍ୱର ♦ଗୁରୁବାର ♦୨୯ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦




କେନ୍ଦ୍ରୀୟ ଚୁକ୍ତିରୁ ଇଶାନ, ଆୟର ବାଦ୍

▸କ୍ରୀଡ଼ା ପୃଷ୍ଠାରେ...

## ନିଆଁ ଲାଗିବା ଶୁଣି ଟ୍ରେନ୍‌ରୁ ଡେଇଁଲେ ଯାତ୍ରୀ

# ଚଢ଼ିଗଲା ଟ୍ରେନ୍; ୧୨ ମୃତ

■ ଜାମତାରା, ୨୮।୨ (ଏଜେନ୍ସି): ଝାଡ଼ଖଣ୍ଡ ଜାମତାରାର କଲଝରିଆ ଷ୍ଟେସନ ନିକଟରେ ବୁଧବାର ସନ୍ଧ୍ୟାରେ ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣା ଘଟିଛି। ଝାଝା-ଆସନସୋଲ ଟ୍ରେନ୍‌ରେ କଟି ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରୁ ୨ ଜଣଙ୍କୁ ଚିହ୍ନଟ କରାଯାଇଛି। ଜଣେ ବିହାର ସାସାରାମ ଭଗଁହା ଗ୍ରାମର ମନୀଷ କୁମାର ହୋଇଥିବାବେଳେ ଅନ୍ୟ ଜଣେ ଜମୁଇ ଅନ୍ତର୍ଗତ ଧପରି ଝାଝା ଗ୍ରାମର ସିକନ୍ଦର କୁମାର ବୋଲି ଜଣାପଡ଼ିଛି। ଉଭୟଙ୍କ ଆଧାର କାର୍ଡ ମିଳିଛି। ସୂଚନା ଅନୁଯାୟୀ ଏହି ଯାତ୍ରା ଅଙ୍ଗ ଏକ୍ସପ୍ରେସରେ ଯାତ୍ରା କରୁଥିଲେ। ନିଆଁ ଲାଗିବାର ସୂଚନା ମିଳିବା ପରେ ଏହି ଟ୍ରେନ୍‌କୁ କଲଝରିଆ ଷ୍ଟେସନ ନିକଟରେ ଅଚାନକ ଛିଡ଼ା କରିଦିଆଯାଇଥିଲା। ଏହା ଜାଣିବା ପରେ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଥିଲା। ଯାତ୍ରୀ ଏଣେତେଣେ ଦୌଡ଼ିବାରେ ଲାଗିଥିଲେ। ଏହି ସମୟରେ ସାମ୍ନାରୁ ଆସୁଥିବା ଝାଝା-ଆସନସୋଲ ଟ୍ରେନ୍ ଯାତ୍ରୀଙ୍କ ଉପରେ ଚଢ଼ି ଯାଇଥିଲା। ଦୁର୍ଘଟଣା ପରେ ରେଳଧାରଣା ଆଖପାଖରେ ମୃତକଙ୍କ ମୃତଦେହ ପଡ଼ି ରହିଥିଲା। ଟ୍ରେନ୍ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ସାମଗ୍ରୀ, ଜୋତା, ଚପଲ ଚାରିଆଡ଼େ ପଡ଼ି ରହିଛି। ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ▸ପୃଷ୍ଠା-୧୩



ନିଆଁ ଲାଗିବା ଖବରକୁ ରେଳବାଇର ଖଣ୍ଡନ

ପ୍ରାଣ ହରାଇଥିବା ବ୍ୟକ୍ତି ଯାତ୍ରୀ ନୁହଁନ୍ତି

ଯାଞ୍ଚ ପାଇଁ ତିନିଜଣିଆ କମିଟି ଗଠିତ

---

## ବିଜ୍ଞାନ କ୍ଷେତ୍ରରେ ଆହୁରି ଆଗକୁ ବଢ଼ିବେ ଛାତ୍ରଛାତ୍ରୀ

# ପ୍ରତି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର



- ୭ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍ ଶିଳାନ୍ୟାସ
- ୪ ଜିଲ୍ଲାରେ ପ୍ଲାନେଟୋରିୟମ ଓ ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ
- ବଲାଙ୍ଗିର, ସୁନ୍ଦରଗଡ଼, ଗଞ୍ଜାମରେ ଖୋଲିବ ପ୍ଲାନେଟୋରିୟମ
- ଖୁବ୍‌ଶୀଘ୍ର ଭଦ୍ରକ ଜିଲ୍ଲାରେ ସ୍ଥାପନ ହେବ ବିଜ୍ଞାନ କେନ୍ଦ୍ର
- ପ୍ରତି ବିଜ୍ଞାନ କେନ୍ଦ୍ର ପାଇଁ ଖର୍ଚ୍ଚ ହେବ ୬.୫ କୋଟି ଟଙ୍କା
- ପ୍ଲାନେଟୋରିୟମ୍ ପାଇଁ ବ୍ୟୟଅଟକଳ ୧୫ କୋଟି ଟଙ୍କା

■ ଭୁବନେଶ୍ୱର, ୨୮।୨ (ସମିସ): ବିଜ୍ଞାନ କ୍ଷେତ୍ରରେ ରାଜ୍ୟ ଅଧିକ ପ୍ରଗତିଶୀଳ ହେବା ସହ ଛୋଟ ପିଲାମାନେ ଯେପରି ବିଜ୍ଞାନ କ୍ଷେତ୍ର ପ୍ରତି ଅଧିକ ଆକର୍ଷିତ ଓ ଅନୁସନ୍ଧିତ୍ସୁ ହୋଇପାରିବେ ସେ ନେଇ ରାଜ୍ୟ ସରକାର ପଦକ୍ଷେପ ନେଇ ଆସୁଛନ୍ତି। ଏହିକ୍ରମରେ ବୁଧବାର ଜାତୀୟ ବିଜ୍ଞାନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୭ଟି ଜିଲ୍ଲାରେ ପ୍ଲାନେଟୋରିୟମ ଓ ବିଜ୍ଞାନ କେନ୍ଦ୍ର ଶିଳାନ୍ୟାସ କରିବା ସହ ୪ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ୍‌ର ଉଦ୍‌ଘାଟନ କରିଛନ୍ତି। କୋରାପୁଟ ଜିଲ୍ଲା ଜୟପୁରରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର, ରାୟଗଡ଼ାରେ ପ୍ଲାନେଟୋରିୟମ, କେନ୍ଦୁଝର ଜିଲ୍ଲା ଘଟଗାଁରେ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ଓ ମୟୂରଭଞ୍ଜ ଜିଲ୍ଲା ବାରିପଦାଠାରେ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ଉଦ୍‌ଘାଟିତ ହୋଇଛି। ଏଥିସହିତ କଳାହାଣ୍ଡି, ବୌଦ୍ଧ, କେନ୍ଦ୍ରାପଡ଼ା, ଝାରସୁଗୁଡ଼ା, ଗଜପତି, ନୂଆପଡ଼ା ଓ ଜଗତସିଂହପୁର ଜିଲ୍ଲା ବିଜ୍ଞାନ କେନ୍ଦ୍ର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଭିତ୍ତି ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜ୍ଞାନ ବିନା ବିକାଶ ଅସମ୍ପୂର୍ଣ୍ଣ । ବିଜ୍ଞାନ ଓ ବିକାଶ ସମତାଳରେ ଆଗକୁ ବଢିଥାଏ। ପ୍ରତିଦିନ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ସମାଜର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଶିକ୍ଷା କ୍ଷେତ୍ରରେ ଏହାର ବିଶେଷ ଗୁରୁତ୍ୱ ରହିଛି। '୫-ଟି' ସ୍କୁଲ ରୂପାନ୍ତରଣରେ ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ସ୍ମାର୍ଟ କ୍ଲାସରୁମ୍, ଇ- ଲାଇବ୍ରେରୀ, ମଡର୍ଣ୍ଣ ଲାବୋରେଟୋରୀ ଆଦି ବିକାଶ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଁ ଚାହେଁ ମୋ ରାଜ୍ୟର ପିଲାମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳରେ ଆଗରେ ରୁହନ୍ତୁ: ମୁଖ୍ୟମନ୍ତ୍ରୀ

ପିଲାମାନେ ଭଲ ପାଠ ପଢ଼ନ୍ତୁ, ବଡ଼ ବୈଜ୍ଞାନିକ ହୋଇ ବିଶ୍ୱରେ ଓଡ଼ିଶାର ସୁନାମ ରଖନ୍ତୁ: '୫-ଟି' ଅଧ୍ୟକ୍ଷ

ପ୍ରତି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଖୋଲିବା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜ୍ଞାନକୁ ଲୋକପ୍ରିୟ କରିବା ଓ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ବୃଦ୍ଧି ପାଇଁ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥି ସହିତ ପ୍ଲାନେଟୋରିୟମ ତଥା ସ୍କୁଲମାନଙ୍କରେ ନବ ଉଦ୍ଭାବନ କେନ୍ଦ୍ର ଖୋଲିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଭଦ୍ରକରେ ବିଜ୍ଞାନ କେନ୍ଦ୍ର ଏବଂ ବଲାଙ୍ଗିର, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲ୍ଲାରେ ବିଜ୍ଞାନ କେନ୍ଦ୍ର ସହିତ ପ୍ଲାନେଟୋରିୟମ ମଧ୍ୟ ଖୋଲାଯିବ। ଏହି ସବୁ ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟୋରିୟମ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ମୁଁ ଚାହେଁ ମୋ ରାଜ୍ୟର ପିଲାମାନେ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆଗରେ ରୁହନ୍ତୁ। ଦକ୍ଷ ହୁଅନ୍ତୁ ଓ ଓଡ଼ିଶାର ସୁନାମ ବୃଦ୍ଧି କରନ୍ତୁ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ସମ୍ମିଳିତ ଭାବେ କାମ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ ଯେ '୫-ଟି' ଉପକ୍ରମରେ ନିର୍ମିତ ପ୍ରତ୍ୟେକ ବିଜ୍ଞାନ କେନ୍ଦ୍ର ପାଇଁ ୬.୫ କୋଟି ▸ପୃଷ୍ଠା-୧୩

---

## ମନ୍ମଥ-ମନୋଜ ସ୍ମୃତିପୀଠ ସହ ବାଲେଶ୍ୱରବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରକଳ୍ପ ଭେଟି

# ୨୨୧୫ କୋଟିର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ



■ ବାଲେଶ୍ୱର, ୨୮।୨ (ସମିସ): ସ୍ଥାନୀୟ ପୁଲିସ ଲାଇନ ପଡ଼ିଆଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଜିଲ୍ଲାରେ ୨୨୧୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବା ସହିତ ମହାନ ବରପୁତ୍ର ମନ୍ମଥ ଦାସ ଓ ମନୋଜ ଦାସଙ୍କ ସ୍ମୃତି ପୀଠ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଉଭୟ ମନ୍ମଥ ଦାସ ଓ ମନୋଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେମାନଙ୍କର ପ୍ରତିଭା ଓ ଜ୍ଞାନ ବଳରେ ସେମାନେ ସାରା ଦେଶକୁ ଗର୍ବିତ କରିଛନ୍ତି। ଇତିହାସ ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅବଦାନ ସେମାନଙ୍କୁ ଅମର କରି ରଖିଛି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୀଳଗିରିର ଜନଜାତି ଭାଇଭଉଣୀଙ୍କ ପାଇଁ 'ଲାଭ'ଯୋଜନାର ଶୁଭାରମ୍ଭ କରିଥିଲେ। ଏହା ସହିତ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦର ବସ୍ତି ଲୋକଙ୍କୁ ଜାଗା ମିଶନରେ ଜମି ଅଧିକାର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସେ କହିଥିଲେ ଯେ, ୫-ଟି ଅଧ୍ୟକ୍ଷଙ୍କ ଜିଲ୍ଲା ଗସ୍ତ ସମୟରେ ବାଲେଶ୍ୱରର ଲୋକମାନେ ଯେଉଁ ପ୍ରସ୍ତାବ ଦେଇଥିଲେ, ତାହାକୁ ଭିତ୍ତିକରି ସେ ଆଜି ଜିଲ୍ଲାରେ୨୨୧୫କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବାଲେଶ୍ୱର ସହର ପାଇଁ ସିଟି ବସ୍ ସେବାର ମଧ୍ୟ ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ସବୁବେଳେ ସାଧାରଣ ଲୋକଙ୍କ ଅଧିକାର ଓ କଲ୍ୟାଣ ପାଇଁ କାମ କରୁଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଲକ୍ଷ୍ମୀ ବସ ସୁବିଧା, ମହିଳା ଚାଷୀ ଓ ଯୁବକଙ୍କ ପାଇଁ ବିନା ସୁଧରେ ଋଣ ଆଦି କାର୍ଯ୍ୟକ୍ରମ ଦ୍ୱାରା ସବୁ ବର୍ଗର ଲୋକ ବିକାଶର ଭାଗୀଦାର ହୋଇପାରିଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମ ପିଲାଙ୍କ ଭିତରେ ବିପୁଳ ଉତ୍ସାହ ଓ ଆତ୍ମ ବିଶ୍ୱାସ ସୃଷ୍ଟି କରିଛି ବୋଲି ସେ କହିଥିଲେ। ସମସ୍ତଙ୍କ ସହଯୋଗରେ, ସମସ୍ତଙ୍କୁ ସାଥିରେ ନେଇ ଆମେ ନୂଆ ଓଡିଶା ଗଢ଼ିବୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ କହିଥିଲେ ଯେ, ଆଜି ବାଲେଶ୍ୱରବାସୀଙ୍କ ପାଇଁ ଐତିହାସିକ ଦିନ। ଏ ମାଟିର ଦୁଇ ବରପୁତ୍ରଙ୍କର ସ୍ମୃତି ରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଆଜି ବାଲେଶ୍ୱରବାସୀଙ୍କୁ ଉତ୍ସାହିତ କରିଛି। ଭୁବନେଶ୍ୱର ଏବଂ ପଣ୍ଡିଚେରିରୁ ସଂଗୃହିତ ହୋଇଛି ଏହି ଦୁଇ ବରପୁତ୍ରଙ୍କ ବ୍ୟବହୃତ ସାମଗ୍ରୀ। ଆଗାମୀ ଦିନରେ ଏହା ବହୁ ସାହିତ୍ୟିକ, ଗବେଷକଙ୍କ ପାଇଁ ଏକ ଆକର୍ଷଣୀୟ ପୀଠ ହେବ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଏବଂ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଥିଲେ ଯେ, ଆମ ମାଟିର ଏହି ଦୁଇ କୃତି ସନ୍ତାନଙ୍କ ସମ୍ମାନାର୍ଥେ ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରୟାସ ପାଇଁ ବାଲେଶ୍ୱରବାସୀ ବହୁତ ଖୁସି ଏବଂ ବାଲେଶ୍ୱର ଜିଲ୍ଲାର ବିକାଶ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ହାତକୁ ନେଇ ଏକ ବିକାଶଶୀଳ ଜିଲ୍ଲା ଭାବେ ଏହାକୁ ପରିଣତ କରିଛନ୍ତି। ବିଶେଷ କରି ମୁଖ୍ୟମନ୍ତ୍ରୀ ପୂର୍ବରୁ୧୬ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପମାନ ସଦର ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଦାନ କରିଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ବହୁ ରୋଗୀ ଉପକୃତ ହେଉଥିବା ବେଳେ ଓଡ଼ିଆ ଭାଷାକୁ ଜାତୀୟ ସ୍ତରରେ ପହଁଚାଇ ପାରିଛନ୍ତି ବୋଲି କହିଥିଲେ। ଏଥିରେ ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଧନ୍ୟବାଦ ଦେଇଥିଲେ।

---

## ସିଦ୍ଧାର୍ଥ ଶଙ୍କର ପୁରୀ ଜିଲ୍ଲାପାଳ ବିଜୟ ଦାସ ସିଏମ୍‌ସି କମିଶନର୍

■ ଭୁବନେଶ୍ୱର, ୨୮।୨ (ସମିସ): ରାଜ୍ୟ ସରକାର ଆଇଏଏସସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ବୁଧବାର ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ ଜିଲ୍ଲା ଜିଲ୍ଲାପାଳଙ୍କ ସମେତ କଟକ ମହାନଗର ନିଗମରେ ନୂତନ କମିସନରଙ୍କୁ ନିଯୁକ୍ତି ଦିଆଯାଇଛି।

ଆଶିଷ ଠାକ୍‌ରେ ବାଲେଶ୍ୱର ଜିଲ୍ଲାପାଳ

ପୁରୀ ଜିଲ୍ଲାପାଳ ବିଜୟ କୁମାର ଦାସଙ୍କୁ କଟକ ମହାନଗର ନିଗମ କମିସନର ଓ ସିଏମ୍‌ସି କମିସନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପୁରୀ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବାଲେଶ୍ୱର ଜିଲ୍ଲାପାଳ ଥିବା ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ମୟୂରଭଞ୍ଜର ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ଅନୁରୂପ ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ଆଶିଷ ଠାକ୍‌ରେଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି।

## ଆସାମ ବୈଜ୍ଞାନିକଙ୍କ ଆଣ୍ଟିବାୟୋଟିକ୍‌କୁ ଆମେରିକାର ଅନୁମତି

■ ଗୁଆହାଟୀ, ୨୮।୨ (ଏଜେନ୍ସି): ଡକ୍ଟର ମୁକୁଟ ଗୋହାଇନଙ୍କ ସମେତ ଆସାମର ବୈଜ୍ଞାନିକଙ୍କ ଏକ ଟିମ୍ ୨୦୦୮ରେ ଏନମେଟାଜୋବାକ୍ଟାମ ନାମକ ଏକ ଯୌଗିକ(ମଲିକ୍ୟୁଲ)ର ଉଦ୍ଭାବକ ଭାବେ ୟୁଏସ ପେଟେଣ୍ଟ ହାସଲ କରିଥିଲେ। ମୂତ୍ରନଳୀରେ ଜଟିଳ ସଂକ୍ରମଣ (ୟୁଟିଆଇ)ର ଚିକିତ୍ସାରେ ବେଶ ଭଲ କାମ ଦେଉଥିବା ଆଣ୍ଟିବାୟୋଟକ୍ ଏନମେଟାଜୋବାକ୍ଟାମର ବିପଣନ ନିମନ୍ତେ ଆମେରିକାର ଫୁଡ ଆଣ୍ଡ ଡ୍ରଗ ଆଡମିନିଷ୍ଟ୍ରେସନ(ଏଫଡିଏ)ର ଅନୁମୋଦନ ଦରକାର ହେଉଥିଲା ଯାହା ଦୀର୍ଘ ୧୬ ବର୍ଷ ପରେ ମିଳିଛି। ପ୍ରଥମ ଥର ପାଇଁ ଭାରତୀୟ ବୈଜ୍ଞାନିକଙ୍କ ଦ୍ୱାରା ଉଦ୍ଭାବିତ କୌଣସି ଆଣ୍ଟିବାୟୋଟିକ ଆମେରିକା ଏଫଡିଏର ଅନୁମୋଦନ ପାଇଛି। ୟୁଏସ ▸ପୃଷ୍ଠା-୧୩

ୟୁଟିଆଇ ଚିକିତ୍ସାରେ ବ୍ୟବହାର ହେବ






---

## ଲୋକକଥା



ମ୍ୟାଜିକ୍ କାର୍ଡ ଏବେ ପହଞ୍ଚିଗଲାଣି
ସମୃଦ୍ଧି ପାସ୍‌ପୋର୍ଟ ଧରି,
ବିଦ୍ୟାର୍ଥୀଙ୍କର ଅଭାବ କଷଣ
ସବୁ ନେଇଯିବ ହରି !
ଧନ୍ୟ ନୂଆ-ଓ କାଣ୍ଡାରୀ,
ରାଜ୍ୟର ପ୍ରଗତି ରଥଟା ସତରେ
ଚାଲିଲାଣି ଘିରିଘିରି !!

# ଘର ଦୁଆରେ ପ୍ରାଣୀ ଚିକିତ୍ସା ସୁବିଧା

## ୧୩୩ଟି ପ୍ରାଣୀ ସେବା ଯାନ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଆହତ ବୁଲାପ୍ରାଣୀଙ୍କ ପାଇଁ ସହରାଞ୍ଚଳରେ ୬ଟି ଆମ୍ବୁଲାନ୍ସ

■ ଭୁବନେଶ୍ୱର, ୨୮।୨ (ସମିସ): ପ୍ରତ୍ୟେକ ଜୀବନ ମୂଲ୍ୟବାନ୍ ନୀତି ଆପଣାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବଳ ମଣିଷ ନୁହେଁ; ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟ ରକ୍ଷା ଦିଗରେ ନିଜର ପ୍ରତିବଦ୍ଧତାର ପରିପ୍ରକାଶ କରି ଆସୁଛନ୍ତି। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୧୩୩ଟି ନୂତନ ପ୍ରାଣୀ ସେବା ଯାନ ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା କାର୍ଯ୍ୟକ୍ରମ ଅଧୀନରେ ଏହା କାର୍ଯ୍ୟକାରୀ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୨୧କୋଟି ୨୮ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ଏଥିସହିତ ଆଜି ସହରାଞ୍ଚଳରେ ୬ଗୋଟି ମୁଖ୍ୟମନ୍ତ୍ରୀ ପ୍ରାଣୀ ଆମ୍ବୁଲାନ୍ସ ସେବା ଯାନର ମଧ୍ୟ ଲୋକାର୍ପିତ ହୋଇଛି। ଯାହାଦ୍ୱାରା ପୀଡ଼ିତ ଓ ଆହତ ବୁଲା ଗାଈଗୋରୁ ଓ ପ୍ରାଣୀମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେଇହେବ। କଳିଙ୍ଗ ଷ୍ଟାଡିୟମ୍‌ଠାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହାକୁ ଲୋକାର୍ପିତ କରିଛନ୍ତି। ରୋଗାକ୍ରାନ୍ତ ଅବା ପୀଡ଼ିତ ▸ପୃଷ୍ଠା-୧୩

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-245 ◆BHUBANESWAR ◆THURSDAY ◆29 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୫ ◆ଭୁବନେଶ୍ୱର ◆ଗୁରୁବାର ◆୨୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦


## ମାର୍ଚ୍ଚ ୩ ଯାଏଁ ବଢ଼ିବ ତାତି

**ଭୁବନେଶ୍ୱର, ୨୮ ।୨ (ସମିସ):** କିଛି ଦିନର ବ୍ୟବଧାନ ପରେ ରାଜ୍ୟରେ ପୁଣି ପାରଦ ଉପର ମୁହାଁ ହେବ। ପ୍ରଥମେ ଉପକୂଳ ଓଡ଼ିଶା, ପରେ ଅନ୍ୟସ୍ଥାନମାନଙ୍କର ତାପମାତ୍ରା ବଢ଼ିବ। ଅନ୍ୟପଟେ ମଝିରେ ଅର୍ଥାତ ମାର୍ଚ୍ଚ ୪ ଓ ୫ ରେ କିଛି ସ୍ଥାନରେ ବର୍ଷା ଓ ମେଘୁଆ ପାଗ ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଉପକୂଳ ଓଡ଼ିଶାରେ ଗୁରୁବାରଠାରୁ ତାପମାତ୍ରା ବଢ଼ିବ। ଏପରିକି ମାର୍ଚ୍ଚ ୩ ତାରିଖରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ଅତିକ୍ରମ କରିପାରେ। ମାତ୍ର ୪ ଓ ୫ରେ ପାଗ ଆଂଶିକ ମେଘୁଆ ହେତୁ ତାପମାତ୍ରା କମିବ। ଅନ୍ୟପଟେ ରାତିର ତାପମାତ୍ରା କ୍ରମଶଃ ବଢ଼ି ୫ ତାରିଖ ସୁଦ୍ଧା ପ୍ରାୟ ୩ ଡିଗ୍ରୀ ବଢ଼ିବ। ସେହିପରି ଦକ୍ଷିଣ ଆଭ୍ୟନ୍ତରଣରେ ତାପମାତ୍ରା କ୍ରମଶଃ ବଢ଼ିବ। ଉତ୍ତର ଆଭ୍ୟନ୍ତରୀଣରେ ୩ ତାରିଖ ସୁଦ୍ଧା ଦିନର ତାପମାତ୍ରା ପ୍ରାୟ ୩ ଡିଗ୍ରୀ ବଢ଼ିପାରେ ଓ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସାମାନ୍ୟ କୁହୁଡ଼ି ଦେଖାଦେଇ ପାରେ ବୋଲି ପ୍ରଫେସର ପଶୁପାଳକ ପୂର୍ବାନୁମାନ କରିଛନ୍ତି। ଗତ ୩୬ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ବରଗଡ଼ରେ ସର୍ବାଧିକ ୩୯ ମିମି ବର୍ଷା ହୋଇଥିବା ବେଳେ ସମ୍ବଲପୁର, ହୀରାକୁଦ, ଅନଗୁଳ ଓ ବାରିପଦାରେ ଯଥାକ୍ରମେ ୧୮-୧୬ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଛି।

### ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଲ୍ ଗେଟ୍ସ

# ଓଡ଼ିଶାର ବିକାଶ ଅତ୍ୟନ୍ତ ପ୍ରଶଂସନୀୟ



**ଭୁବନେଶ୍ୱର, ୨୮।୨ (ସମିସ):** ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଏବଂ ବିକାଶ ଆଧାରିତ ପଦକ୍ଷେପ ବେଶ୍ ପ୍ରଶଂସନୀୟ। ବିଶେଷକରି ଜ୍ଞାନକୌଶଳ ଉପଯୋଗ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ଏବଂ ଏହା ଦ୍ୱାରା ଲୋକଙ୍କ ଜୀବନଧାରାରେ ଆସିଥିବା ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ପଦକ୍ଷେପ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି କହିଛନ୍ତି ମାଇକ୍ରୋସଫ୍ଟ ସହ ପ୍ରତିଷ୍ଠାତା ବିଲ୍ ଗେଟ୍ସ। ଏହା ସହିତ ଓଡ଼ିଶା ସରକାରଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବା ଆମ ପାଇଁ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି।

ଓଡ଼ିଶା ଗସ୍ତ ଅବସରରେ ନବୀନ ନିବାସରେ ଶ୍ରୀ ଗେଟ୍ସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ଅବସରରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଜ୍ଞାନ କୌଶଳ ଆଧାରରେ କୃଷକ ସଶକ୍ତିକରଣ, ଜାଗା ମିଶନ୍, ମିଶନ୍ ଶକ୍ତି, ବିଦ୍ୟାଳୟ ରୂପାନ୍ତରଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଡାକ୍ତରଖାନାର ରୂପାନ୍ତରଣ ଭଳି ପ୍ରକଳ୍ପ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ଉଲ୍ଲେଖ କରି

**ରାଜ୍ୟ ସରକାରଙ୍କ ପଦକ୍ଷେପ ପ୍ରେରଣାଦାୟୀ**

**ଆପଣଙ୍କୁ ଭେଟିବା ମୋ ପାଇଁ ଏକ ସମ୍ମାନ: ବିଲ୍**

ଏପରି କାର୍ଯ୍ୟକ୍ରମ ଜନସେବା କ୍ଷେତ୍ରରେ ନୂଆ ପରମ୍ପରା ସୃଷ୍ଟି କରିଛି ବୋଲି ଶ୍ରୀ ଗେଟ୍ସ କହିଛନ୍ତି। ସେ ପୁଣି କହିଛନ୍ତି ଯେ ରାଜ୍ୟ ସରକାରଙ୍କର ବିଭିନ୍ନ କାର୍ଯ୍ୟକ୍ରମ ମୋତେ ଅଭିଭୂତ କରିଛି। ପ୍ରତି କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଅଭିନବ ପଦକ୍ଷେପ ଏବଂ ଏହାର ସୁଫଳ ସ୍ପଷ୍ଟ। ଡିଜିଟାଲ କୌଶଳର ଉପଯୋଗ ହେଉ ଅବା ରୂପାନ୍ତରଣ କାର୍ଯ୍ୟ, ସବୁ କିଛି ଆମକୁ ବହୁତ ପ୍ରଭାବିତ କରିଛି। ଆଗକୁ ବିଭିନ୍ନ କ୍ଷେତ୍ରରେ ଆମେ ଓଡ଼ିଶା ସରକାରଙ୍କ ସହିତ କାମ କରିବା ପାଇଁ ଇଚ୍ଛୁକ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କ କଲ୍ୟାଣ ଲକ୍ଷ୍ୟରେ ବିଲ୍ ଗେଟ୍ସ ଆଣ୍ଡ ମିଲିଣ୍ଡା ଫାଉଣ୍ଡେସନ୍‌ର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ରାଜ୍ୟରେ ବିଭିନ୍ନ ପ୍ରକାର କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ତାହାର ପ୍ରଭାବ ସମ୍ପର୍କରେ ଦୁହିଁଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ଆଲୋଚନା ହୋଇଛି। ଏହା ସହିତ ଆଗକୁ ବିଲ୍ ଗେଟ୍ସ ଆଣ୍ଡ ମିଲିଣ୍ଡା ଫାଉଣ୍ଡେସନ୍ ଏବଂ ରାଜ୍ୟ ସରକାର କେଉଁ କ୍ଷେତ୍ରରେ କାମ କରିବା ଆବଶ୍ୟକ ସେ ସମ୍ପର୍କରେ ଶ୍ରୀ ଗେଟ୍ସ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଶ୍ରୀ ଗେଟ୍ସଙ୍କୁ ସରକାରଙ୍କର ବିଭିନ୍ନ ଉପଲବ୍ଧି ସମ୍ପର୍କରେ ସୂଚନା ଦେଇଥିଲେ।

### '୫-ଟି' ଅଧ୍ୟକ୍ଷଙ୍କ ସହ ଭାବ ବିନିମୟ

## ମୁଁ ସର୍ବଦା ଜଣେ ଜିଜ୍ଞାସୁ ଛାତ୍ର: ବିଲ୍

**ଭୁବନେଶ୍ୱର, ୨୮।୨ (ସମିସ):** ଓଡ଼ିଶାଗସ୍ତ ଅବସରରେ ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଉଭୟଙ୍କ ମଧ୍ୟରେ ସମାଜସେବା, ସାଧାରଣ ଲୋକଙ୍କ କଲ୍ୟାଣ ଓ ଓଡ଼ିଶାବାସୀଙ୍କ ପାଇଁ କରାଯାଉଥିବା ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଛି । ମିଶନ ଶକ୍ତି ମହିଳାମାନଙ୍କ ସ୍ୱାବଲମ୍ବନ ଓ ବସ୍ତି ବାସିନ୍ଦାଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପ ନିମନ୍ତେ ବିଲ୍ ଗେଟ୍ସ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି ।

ଅବସରରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ବିଲ୍ ଗେଟ୍ସ ଅନୌପଚାରିକ ଭାବରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ସମୟରେ ସର୍ବଦା ଜଣେ ଜିଜ୍ଞାସୁ ଛାତ୍ର ହୋଇ ରହିବାକୁ ଚାହାନ୍ତି ବୋଲି କହିଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ବିଲ୍ ଗେଟ୍ସ କହିଛନ୍ତି ଯେ ସମାଜର ବିକାଶରେ ସବୁଠାରୁ ବଡ଼ ଯୋଗଦାନ ଛାତ୍ରଛାତ୍ରୀମାନଙ୍କର ରହିଥାଏ। ଜଣେ ଛାତ୍ର ବା ଛାତ୍ରୀ ଯେତେବେଳେ ସଫଳ ହୁଅନ୍ତି, ପ୍ରତିବଦଳରେ ସେ ସମାଜକୁ ଅନେକ କିଛି ପ୍ରଦାନ କରିଥାଏ। ତେଣୁ ମୁଁ ସର୍ବଦା ଜଣେ ଛାତ୍ର ହୋଇ ରହିବାକୁ ଚାହେଁ ବୋଲି ବିଲ୍ ଗେଟସ୍ କହିଛନ୍ତି। ଅନ୍ୟପକ୍ଷରେ ଆପଣ ସମଗ୍ର ବିଶ୍ୱ ବିଶେଷକରି ଯୁବ ପିଢିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି।

▶ପୃଷ୍ଠା-୧୩

### ମିଶନ ଶକ୍ତି ବଜାର ବୁଲିଲେ ବିଲ୍ ଗେଟ୍ସ

## ପିଇଲେ କୋରାପୁଟ କଫି, କିଣିଲେ କନ୍ଧମାଳ ହଳଦୀ



**ଭୁବନେଶ୍ୱର, ୨୮ ।୨ (ସମିସ):** ଦିନକ ପୂର୍ବରୁ ଉଦ୍‌ଘାଟନ ହୋଇଥିବା ମିଶନ ଶକ୍ତି ବଜାର ବୁଲିବା ସହ ଏଠାରୁ ବିଭିନ୍ନ ସାମଗ୍ରୀ କିଣିଛନ୍ତି ବିଲ୍ ଗେଟ୍ସ। ଏହି ଅବସରରେ ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସେ ପ୍ରଶଂସା କରିଛନ୍ତି ।

ବୁଧବାର ସକାଳେ ବିଲ୍ ଗେଟ୍ସ ଭୁବନେଶ୍ୱର ସ୍ଥିତ ମିଶନ ଶକ୍ତି ବଜାରରେ ପହଞ୍ଚିଥିଲେ। '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ମିଶନ ଶକ୍ତି ବିଭାଗ ସଚିବ ସୁଜାତା ରାଉତ କାର୍ତ୍ତିକେୟନ ତାଙ୍କୁ ସ୍ୱାଗତ କରିଥିଲେ। ବିଲ୍ ଗେଟ୍ସ କୋରାପୁଟ କାଫେ ବୁଲି ଦେଖିବା ସହ କଫି ପିଇଥିଲେ। ମିଶନ ଶକ୍ତି ବଜାରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କ ଆଲୋଚନା କରିଥିଲେ। ମିଶନ ଶକ୍ତି ମହିଳାଙ୍କ ଦ୍ୱାରା ମୌଳିକ ଉତ୍ପାଦ ବିକ୍ରିବଟା ପାଇଁ ମିଶନ ଶକ୍ତି ବିଭାଗ ୧୦ ହଜାର ବର୍ଗଫୁଟ ଅଞ୍ଚଳରେ ଥିବା ଏହି ବଜାର ସମ୍ପୂର୍ଣ୍ଣ ବୁଲିବା ପରେ ମୁଖ୍ୟମନ୍ତ୍ରୀ ଏହି ବଳିଷ୍ଠ ପଦକ୍ଷେପକୁ ବିଲ ଗେଟସ୍ ପ୍ରଶଂସା କରିଥିଲେ। ଏହି ବଜାରରେ ମହିଳାମାନଙ୍କ ହାତ ତିଆରି ଝାଡୁଠାରୁ ପାଟଶାଢ଼ୀ, ବେତ ସୋଫା, ସବାଇ ଘାସରେ ନିର୍ମିତ ସାମଗ୍ରୀ , ମାଟି ବାସନ, ଡୋକରା ସାମଗ୍ରୀ, ଘରକରଣା ଜିନିଷ, ମିଲେଟ୍ସ ଉତ୍ପାଦ, ପଟ୍ଟଚିତ୍ର, ପେଣ୍ଟିଂ, କନ୍ଧମାଳ ହଳଦୀ, ମାଣ୍ଡିଆ, କୋରାପୁଟ କଫି, ମହୁ , ସମେତ ପ୍ରାୟ ୨୮ ପ୍ରକାର ଉତ୍ପାଦ କିଣିବାର ସୁବିଧା ରହିଛି। ମିଶନ ଶକ୍ତି ଜରିଆରେ ଓଡ଼ିଶା ୭୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହେବା ସହ କିପରି ଆର୍ଥିକ କ୍ଷେତ୍ରରେ ଲାଭବାନ ହୋଇଛନ୍ତି ତାହା ସେ ଅନୁଧ୍ୟାନ କରିଥିଲେ। ସେ କନ୍ଧମାଳ ହଳଦୀ ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ସେଠାରୁ କିଣିଥିଲେ।


KISS

KALINGA INSTITUTE OF SOCIAL SCIENCES

# KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 indigenous children



# KISS HUMANITARIAN AWARD 2023

Date: 28th February 2024

## PAST RECIPIENTS

**Her Excellency Mama Rachel Ruto, EGH**
First Lady of the Republic of
**Kenya (2022)**

**Dr. Dansa KOUROUMA**
President, National Transition Council of Guinea, **Guinea (2019)**

**Professor Muhammad Yunus**
(Nobel Laureate)
Founder, Grameen Bank,
**Bangladesh (2018)**

**His Holiness**
**The 14th Dalai Lama (2017)**
Nobel Laureate, 2005 and
Spiritual Leader

**Ms. Ashley Judd,**
Hollywood Actor, Activist & Global Goodwill Ambassador, **UNFPA (2016)**

**His Excellency**
**Dr Alejandro Toledo,**
Former President of **Peru (2015)**

**Ms. Anne F. Stenhammer**
Former Regional Programme Director,
UN Women, **South Asia Regional Office (2014)**




**Mr. Bill Gates**, Co-chair of the Bill & Melinda Gates Foundation, and Co-Founder & former CEO of Microsoft receiving the prestigious **KISS Humanitarian Award 2023** from **Prof. Achyuta Samanta**, Founder, KIIT, KISS & KIMS, Bhubaneswar, Odisha, India.

AWARDEES ARE FROM

**5** Continents | **13** Countries | **2** Nobel Laureates *among the awardees*

**Madam Albina Du Boisrouvray**
Founder, Association François-Xavier Bagnoud (FXB International),
**Switzerland (2013)**

**His Excellency**
**Lyonchhen Jigmi Y. Thinley**
Hon'ble Prime Minister, The Royal Government of **Bhutan (2012)**

**Rt Hon. Lord Nicholas Addison Phillips**
President (Chief Justice) of the Supreme Court of the
**United Kingdom (2011)**

**Rt. Hon. Sir Anerood Jugnauth**
Eminent Social Worker &
His Excellency the President of
**Mauritius (2010)**

**Dr. Ham Kee-Sun**
Eminent Educationist & Physician and Hon'ble President & Founder, Hanseo University, **South Korea (2009)**

**Ms. Edna Bomo Molewa**
Noted Social Worker & Hon'ble Cabinet Minister, Social Development, South Africa National Assembly,
**South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

The award ceremony for the years 2020 and 2021 has not taken place due to COVID-19. The awards will be received by legendary Indian personalities soon.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

# ସରିଲା ସ୍ଥାନ ଚୟନ; ମାର୍ଚ୍ଚ ୧ରେ ଏସ୍ଏସ୍‌ବି ଅଧ୍ୟାପକଙ୍କ ନିଯୁକ୍ତି ପର୍ବ

**ଭୁବନେଶ୍ୱର, ୨୮ ।୨(ସମିସ):** ନୂତନ ଭାବେ ନିଯୁକ୍ତି ପାଇବାକୁ ଥିବା ୮୫୯ ଏସ୍ଏସ୍‌ବି ଅଧ୍ୟାପକଙ୍କ ସ୍ଥାନ ଚୟନ ପ୍ରକ୍ରିୟା ବୁଧବାର ଶେଷ ହୋଇଛି । ଦିନକ ପରେ ଅର୍ଥାତ ମାର୍ଚ୍ଚ ୧ ତାରିଖରେ ସେମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତି ପର୍ବରେ ଯୋଗଦେଇ ନିଯୁକ୍ତି ପତ୍ର ପ୍ରଦାନ କରିବା ସହ ମାର୍ଗଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହା ଏକକାଳିନ ଭାବେ ଲୋକସେବା ଭବନର କନଭେନସନ୍ ହଲ୍ ଓ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ । ସକାଳ ୯ଟାରେ ଉପସ୍ଥିତ ରହିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଇଂରାଜୀ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର, ରସାୟନ ବିଜ୍ଞାନ, ଇତିହାସ, ବାଣିଜ୍ୟ ଓ ଶିକ୍ଷା ବର୍ଗର ପ୍ରାର୍ଥୀ ରବୀନ୍ଦ୍ର ମଣ୍ଡପଠାରେ ଉପସ୍ଥିତ ରହିବେ । ଅବଶିଷ୍ଟ ବର୍ଗର ପ୍ରାର୍ଥୀ ଲୋକସେବା ଭବନରେ ଉପସ୍ଥିତ ରହିବେ । ସୂଚନାଯୋଗ୍ୟ, ପଦାର୍ଥ ବିଜ୍ଞାନ ବିଭାଗର ମାମଲା କୋର୍ଟରେ ବିଚାରଧିନ ଥିବାରୁ ଏହାକୁ ନିଯୁକ୍ତି ପର୍ବରୁ ବାଦ ଦିଆଯାଇଛି ।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-245 ◆BHUBANESWAR ◆THURSDAY ◆29 FEBRUARY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୫ ◆ଭୁବନେଶ୍ୱର ◆ଗୁରୁବାର ◆୨୯ ଫେବୃଆରୀ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦




**କୃଷି ଭବନ ପରିଦର୍ଶନ କଲେ ବିଲ୍ ଗେଟ୍‌ସ**

# ଡିଜିଟାଲ ଏଗ୍ରିକଲ୍‌ଚର୍ ଟୁଲ୍ ବ୍ୟବସ୍ଥାକୁ ପ୍ରଶଂସା

**ଭୁବନେଶ୍ୱର,୨୮ ।୨(ସମିସ):** ରାଜ୍ୟର କୃଷି କ୍ଷେତ୍ର ଉନ୍ନତି ପାଇଁ ରିମୋଟ ସେନ୍ସିଂ ଓ ସ୍ପେସ ଆପ୍ଲିକେସନ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି ବିଲ୍ ଓ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ମାଇକ୍ରୋସଫ୍ଟର ନିର୍ମାତା ବିଲ୍ ଗେଟ୍ସ । ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ବିଲ୍ ଗେଟସ୍ ବୁଧବାର କୃଷି ଭବନରେ କୃଷି ସମୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି । ରାଜ୍ୟରେ କୃଷକଙ୍କ ଆୟବୃଦ୍ଧି, ପୁଷ୍ଟି ନିରାପତ୍ତା ଓ ଜଳବାୟୁ ସହନଶୀଳତାକୁ ଉନ୍ନତ କରିବା ପାଇଁ ୨୦୧୭ ମସିହାରୁ ଓଡ଼ିଶା ସରକାର ବିଲ୍ ଓ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ୍ ସହିତ ଅଂଶୀଦାର

- **ସହଭାଗିତା ଅବ୍ୟାହତ ରଖିବା ନିମନ୍ତେ କଲେ ଆଗ୍ରହ ପ୍ରକାଶ**
- **ରିମୋଟ ସେନ୍ସିଂ, ସ୍ପେସ୍ ଆପ୍ଲିକେସନ ବ୍ୟବହାର ଲାଗି ପରାମର୍ଶ**

ଭାବେ କାର୍ଯ୍ୟ କରୁଛନ୍ତି । ଏହି ଭାଗୀଦାରିତା ଯୋଗୁଁ ଓଡ଼ିଶା ଡିଜିଟାଲ୍ ପବ୍ଲିକ୍ ଭିତ୍ତିଭୂମିରେ ଏକ ଅଗ୍ରଣୀ ରାଜ୍ୟ ହେବା ସହ ରାଜ୍ୟରେ "କୃଷକ ଓଡ଼ିଶା' ଡାଟାବେସ୍, "ଗୋ-ସୁଗମ ପୋର୍ଟାଲ' ଓ "ଆମ କୃଷି' ସମ୍ପ୍ରସାରଣ ପଦ୍ଧତି ସମେତ ବହୁ କୃଷକ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରିଛି । ଫାଉଣ୍ଡେସନ୍‌ର ସହାୟତାରେ ରାଜ୍ୟ ସରକାର ମକାମଣ୍ଡି ଓ କୃଷକ ଉତ୍ପାଦକ କମ୍ପାନୀ ପ୍ରକଳ୍ପ ମାଧ୍ୟମରେ ଫସଲ ବିବିଧିକରଣକୁ ସଫଳତାର ସହିତ କାର୍ଯ୍ୟକାରୀ କରୁଥିବା ବେଳେ ସଂପ୍ରତି ଏହି



ପ୍ରୟାସଗୁଡ଼ିକ ସମଗ୍ର ରାଜ୍ୟରେ ତ୍ୱରାନ୍ୱିତ କରାଯାଇଛି ।

ଏହି ଗସ୍ତ ବେଳେ 'କୃଷି ସମୀକ୍ଷା କେନ୍ଦ୍ର'କୁ ବିଲ୍ ଗେଟସ୍ ଓ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ । କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ରୋଗପୋକ ପରିଚାଳନା, ଡିଜିଟାଲ୍ ସମ୍ପ୍ରସାରଣ, ଅନ୍‌କଲ କୃତ୍ରିମ ପ୍ରଜନନ ଓ ଯୋଜନା ସମ୍ପାଦନ ସହିତ ଡିଜିଟାଲ ପ୍ରଣାଳୀ ମାଧ୍ୟମରେ କୃଷକମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଭାବଶାଳୀ ଯୋଜନା ଓ ସେବା ପ୍ରଯୁକ୍ତିକୁ ରାଜ୍ୟ ସରକାର କିଭଳି କୃଷକଙ୍କ ହିତରେ ବିନିଯୋଗ କରୁଛନ୍ତି ତାହା ଦେଖିଥିଲେ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ କୃଷକମାନଙ୍କ କଲ୍ୟାଣ ପାଇଁ ଜ୍ଞାନକୌଶଳ ବ୍ୟବହାର ଓ ଚାଷୀଙ୍କୁ ବିଭିନ୍ନ ପ୍ରଙ୍ଗରେ ସୂଚନା ପ୍ରଦାନ ସମ୍ପର୍କରେ ଶ୍ରୀ ଗେଟ୍‌ସଙ୍କୁ ଅବଗତ କରିଥିଲେ ।

ଏ ସମ୍ପର୍କରେ ଡ. ପାଢ଼ୀ କହିଛନ୍ତି ଯେ ରାଜ୍ୟର ଏହି ବ୍ୟବସ୍ଥାକୁ ବିଲ୍ ଗେଟ୍‌ସ ପ୍ରଶଂସା କରିଥିଲେ । ଆମ ରାଜ୍ୟରେ ୭୦ ଲକ୍ଷରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ ତଥ୍ୟ ରହିଛି । 'ଆମ କୃଷି କାର୍ଯ୍ୟକ୍ରମ' ଜରିଆରେ ସେଥିରେ ଚାଷୀଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ସେବା ଯୋଗାଇ ଦିଆଯାଉଛି । ଡିଜିଟାଲ ଏଗ୍ରିକଲ୍‌ଚର୍ ଟୁଲ ବ୍ୟବହାର କରି ଚାଷୀଙ୍କ ପାଖରେ ବିଭିନ୍ନ ସେବା ଓ ଯୋଜନା ପହଞ୍ଚାଯାଉଥିବାରୁ ବିଲ ଗେଟସ୍ ତାହାର ପ୍ରଶଂସା କରିଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନାରେ ସ୍ୱାବଲମ୍ବୀ ହୋଇଥିବା କିଛି ମହିଳା ଚାଷୀଙ୍କ ସହ ସେ କଥା ହୋଇଥିଲେ । ଏହାପରେ ଉଭୟ ସରକାର ଏବଂ ଫାଉଣ୍ଡେସନ୍ କୃଷକଙ୍କ ହିତ ପାଇଁ ଏହି ସହଭାଗିତା ଅବ୍ୟାହତ ରଖିବା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ । ପରେ ବିଲ୍ ଗେଟ୍ସ ମିଲେଟ ମିଶନ କାଫେ ବୁଲି ଦେଖିଥିଲେ ଓ ତାଙ୍କୁ ମିଲେଟ୍ ମିଶନ ସମ୍ପର୍କରେ ଅବଗତ କରାଯାଇଥିଲା । କୃଷି କ୍ଷେତ୍ରରେ ରିମୋଟ ସେନ୍ସିଂ ଓ ସ୍ପେସ ଆପ୍ଲିକେସନ ବ୍ୟବହାର ପାଇଁ ସେ ଦେଇଥିବା ପରାମର୍ଶକୁ ଗ୍ରହଣ କରାଯିବ ବୋଲି ଡଃ ପାଢ଼ୀ କହିଛନ୍ତି । ବିଲ୍ ଗେଟ୍‌ସଙ୍କ ସହ ଭାରତ ଦାରିଦ୍ର୍ୟ ଦୂରୀକରଣ ବିଏମ୍‌ଜିଏଫ୍‌ର ନିର୍ଦ୍ଦେଶକ ଅଲକେଶ ୱାଧ୍ୱାନୀ, ଗ୍ଲୋବାଲ୍ ଗ୍ରୋଥ୍ ଓ ଅପରର୍ଚ୍ୟୁନିଟି ବିଏମ୍‌ଜିଏଫ୍‌ର ଅଧ୍ୟକ୍ଷ ରୋଜର, ସାଉଥ୍ ଆଣ୍ଡ ସାଉଥ୍‌ଇଷ୍ଟ ଏସିଆ ବିଏମ୍‌ଜିଏଫ୍‌ର ନିର୍ଦ୍ଦେଶକ ହରି ମେନନ୍ ପ୍ରମୁଖ କୃଷି ଭବନ ପରିଦର୍ଶନ ବେଳେ ସାମିଲ ଥିଲେ । ଏହି ଅବସରରେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏବଂ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଉପସ୍ଥିତ ଥିଲେ ।

**● ହତ୍ୟା ଉଦ୍ୟମ ଅଭିଯୋଗ**

# ବିଜେପି ମଣ୍ଡଳ ସଭାପତି ଗିରଫ

**ସୁନ୍ଦରଗଡ଼,୨୮ ।୨(ସମିସ):** ହତ୍ୟା ଉଦ୍ୟମ ଅଭିଯୋଗରେ ହେମଗିରି ଥାନା ପୁଲିସ ବିଜେପିର ବିଲାଇମୁଣ୍ଡା ମଣ୍ଡଳ ସଭାପତି ମାଧବ ବାରିକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି । ରତନପୁର ଗ୍ରାମର ପ୍ରେମ କାଲୋ (୬୫)ଙ୍କ ପତ୍ନୀ ଉମେଶ୍ୱରୀ କାଲୋଙ୍କ ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ପ୍ରେମ ଘୋଘରପାଲି ଗ୍ରାମରେ ଥିବା ତାଙ୍କ ପୈତୃକ ଘରଡିହ ଜମିରେ ଘର ତିଆରି କରିବା ପାଇଁ ଯାଇଥିଲେ । ସେ ଘରକୁ ଫେରୁଥିବା ବେଳେ ଘୋଘରପାଲି ଗ୍ରାମର ମାଧବଙ୍କ ଘର ପ୍ରାଙ୍ଗଣରେ ମାଧବଙ୍କ ଭାଇ ମହେନ୍ଦ୍ର ବାରିକ ପ୍ରେମଙ୍କୁ ଅଟକାଇଥିଲେ ।



ଏହି ଜମିରେ ଘର ତିଆରି କରିପାରିବୁ ନାହିଁ କହି ମାଧବ, ମହେନ୍ଦ୍ର ଓ ପଡ଼ୋଶୀ ହୀରାଧର ଖମାରି ମିଶି ପ୍ରେମଙ୍କ କାନ୍ଧରେ ଥିବା ଗାମୁଛାକୁ ତଣ୍ଟିରେ ଭିଡ଼ି ଧରି ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିଥିଲେ । ପ୍ରେମ ତାଙ୍କ କବଳରୁ କୌଣସି ମତେ ମୁକୁଳି ଜୀବନ ବଞ୍ଚାଇବା ପାଇଁ ଦୌଡ଼ି ପଳାଇବା ସମୟରେ ସେମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ । ପ୍ରେମ ତଳେ ପଡ଼ିଯିବା ପରେ ଲାତ, ଗୋଇଠା, ଚାପୁଡ଼ା ମାରିଚାଲିବାରୁ ତାଙ୍କ କାନରୁ ରକ୍ତସ୍ରାବ ହୋଇଥିଲା । ପ୍ରେମ ସଂଜ୍ଞାହୀନ ହେବା ପରେ ସେମାନେ ଛାଡ଼ି ପଳାଇଥିଲେ । ଗ୍ରାମବାସୀଙ୍କଠାରୁ ଖବର ପାଇ ଉମେଶ୍ୱରୀ କିଛି ଲୋକଙ୍କୁ ସାଙ୍ଗରେ ନେଇ ପ୍ରେମଙ୍କୁ ଉଦ୍ଧାର କରିଥିଲେ । ସମ୍ପ୍ରତି ସେ ହେମଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଉମେଶ୍ୱରୀ ଅଭିଯୋଗ କରିଛନ୍ତି । ଅନ୍ୟପଟେ ପ୍ରାୟ ୨୫ ବର୍ଷ ପୂର୍ବେ ବିଜେପି ମଣ୍ଡଳ ସଭାପତି ମାଧବ ବାରିକ ଓ ତାଙ୍କ ପରିବାର ଲୋକେ ତାଙ୍କ ପୈତୃକ ଘର ଭାଙ୍ଗିବା ସହ ମାରପିଟ୍ କରି ଗ୍ରାମରୁ ତଡ଼ିଦେବା ଫଳରେ ଏବେ ସେମାନେ ରତନପୁର ଗ୍ରାମରେ ଆଶ୍ରୟ ନେଇଥିବା ଗୁରୁତର ଅଭିଯୋଗ ମଧ୍ୟ ଆଣିଛନ୍ତି ।



# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-245 ♦BHUBANESWAR ♦THURSDAY ♦29 FEBRUARY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୫ ♦ଭୁବନେଶ୍ୱର ♦ଗୁରୁବାର ♦୨୯ ଫେବୃଆରୀ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


## ମାର୍ଚ୍ଚ ୬ରୁ ନବମ ଶ୍ରେଣୀ ପରୀକ୍ଷା; ୩୧ ସୁଦ୍ଧା ଫଳ

■ **ଭୁବନେଶ୍ୱର, ୨୮ ।୨ (ସମିସ):** ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଉଚ୍ଚବିଦ୍ୟାଳୟ ଓ ମଧ୍ୟମା ବିଦ୍ୟାଳୟର ନବମ ଶ୍ରେଣୀ ପରୀକ୍ଷା ଆସନ୍ତା ମାର୍ଚ୍ଚ ୬ ତାରିଖରୁ ଆରମ୍ଭ ହେବ। ଏହି ପରୀକ୍ଷା ୧୩ ତାରିଖ ଯାଏଁ ନିଜ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶ୍ନପତ୍ର ଅନ୍‌ଲାଇନ୍ ମାଧ୍ୟମରେ ପରୀକ୍ଷା ଦିନ ବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯିବ। ବିଦ୍ୟାଳୟର ଆଇଡି ପାସୱାର୍ଡ ବ୍ୟବହାର କରି ସକାଳ ୭ରୁ ୧୧ଟା ଯାଏଁ ପ୍ରଶ୍ନପତ୍ର ଡାଉନଲୋଡ କରିପାରିବେ। ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ସରିବା ପରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଖାତାଦେଖା ହେବ। ନୂତନ ଶିକ୍ଷାବର୍ଷ ଆରମ୍ଭ ପୂର୍ବରୁ ଅର୍ଥାତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ।




## ୨ରୁ ଅଧିକ ସନ୍ତାନ ହେଲେ ସରକାରୀ ଚାକିରି ମନା

ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ଏଣିକି ଦୁଇରୁ ଅଧିକ ସନ୍ତାନ ଥିବା ଲୋକଙ୍କୁ ରାଜସ୍ଥାନରେ ସରକାରୀ ଚାକିରି ମିଳିବ ନାହିଁ। ଏଥିପାଇଁ ୧୯୮୯ ଆଇନରେ ରାଜ୍ୟ ସରକାର କରିଥିବା ସଂଶୋଧନକୁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ଏହି ଆଇନ କୌଣସି ଭେଦଭାବ କରୁନାହିଁ। ତେଣୁ ମାମଲାରେ ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ, ଦୀପଙ୍କର ଦତ୍ତ ଏବଂ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି। ଏହା ସହିତ ରାଜସ୍ଥାନ ହାଇକୋର୍ଟଙ୍କ ରାୟ ବିରୋଧରେ ଆଗତ ଆବେଦନକୁ ଖାରଜ କରିଦେଇଛନ୍ତି।

## ଖାଇକୁ ଖସିଲା କାର୍; ୬ ମୃତ

ଡେରାଡୁନ, ୨୮।୨ (ଏଜେନ୍ସି): ଉତ୍ତରାଖଣ୍ଡ ଡେରାଡୁନର ଡୁଙ୍ଗା ଅଞ୍ଚଳରେ ବୁଧବାର ଏକ କାର୍ ଅଣଓସାରିଆ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇ ୮୦୦ ମିଟର ଗଭୀର ଖାଇକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୬ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ଆହତ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଯାତ୍ରୀଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ଏହାର ସୂଚନା ମିଳିବା ପରେ ଏସ୍‌ଡିଆରଏଫ୍ ଏବଂ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା।

## ମାଳଦ୍ୱୀପରେ ପହଞ୍ଚିଲା ଭାରତୀୟ ଟେକ୍ନିକାଲ ଟିମ୍

ମାଲେ, ୨୮।୨ (ଏଜେନ୍ସି): ଭାରତୀୟ ଟେକ୍ନିକାଲ କର୍ମଚାରୀଙ୍କ ପ୍ରଥମ ଦଳ ମାଳଦ୍ୱୀପରେ ପହଞ୍ଚି ଯାଇଛି। ଏହି ଦଳ ମାର୍ଚ୍ଚ ୧୦ରେ ଦେଶକୁ ଫେରିବାକୁ ଥିବା ସୈନିକଙ୍କ ସ୍ଥାନ ନେବ। ଏମାନେ ଦକ୍ଷିଣରେ ଥିବା ଅଡ୍ଡୁ ହେଲିକପ୍ଟର ପରିଚାଳନା କରିବେ। ମାଳଦ୍ୱୀପ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମଇ ୧୦ ସୁଦ୍ଧା ଭାରତୀୟ ସୈନିକ ଫେରିଯିବେ ବୋଲି ଦୁଇ ଦେଶ ମଧ୍ୟରେ ଚୁକ୍ତି ହୋଇଥିଲା। ଭାରତର ଏହି ଟେକ୍ନିକାଲ କର୍ମଚାରୀ ମାଳଦ୍ୱୀପର ଉଦ୍ଧାରକାରୀ ୟୁନିଟର ନେତୃତ୍ୱ ନେବେ।

## କାଶ୍ମୀର ୨ ସଂଗଠନ ନିଷିଦ୍ଧ

ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): କେନ୍ଦ୍ର ସରକାର ବୁଧବାର ୨ଟି ଗୋଷ୍ଠୀ 'ମୁସଲିମ କନଫରେନ୍ସ ଜମ୍ମୁ-କାଶ୍ମୀର (ସୁମଜୀ ଗୋଷ୍ଠୀ)' ଏବଂ ଭଟ ଗୋଷ୍ଠୀକୁ ୫ ବର୍ଷ ପାଇଁ ନିଷିଦ୍ଧ କରିଦେଇଛନ୍ତି। ଦେଶ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି।

## ଜାତୀୟ ଦଳଙ୍କ ଆୟ ୩୦୭୭ କୋଟି

ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ଆର୍ଥିକ ବର୍ଷ ୨୦୨୨-୨୩ରେ ଦେଶର ୬ ଜାତୀୟ ଦଳ ୩୦୭୭ କୋଟି ଟଙ୍କା ଆୟ କରିଥିବା ଘୋଷଣା କରିଛନ୍ତି। ଏଥିରୁ ସିଂହଭାଗ ଅର୍ଥ ବିଜେପିର ରହିଛି। ଏହି ଦଳ ୨୩୬୧ କୋଟି ଟଙ୍କା ଆୟ କରିଛି। ଏହା ୬ ରାଜନୈତିକ ଦଳର ମୋଟ ଆୟର ୭୬.୭୩ ପ୍ରତିଶତ। ୨୦୨୧-୨୨ ତୁଳନାରେ ବିଜେପିର ଆୟ ୪୪୩.୭୨୪ କୋଟି ଟଙ୍କା ବୃଦ୍ଧି ପାଇଛି। ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ ୪୫୨.୩୭୫ କୋଟି ଟଙ୍କା ଆୟ ସହ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ସମୀକ୍ଷାଧିନ ଅବଧିରେ ଆପ୍‌ର ଆୟ ୯୧.୨୩ ପ୍ରତିଶତ ବଢ଼ି ୮୫.୧୭ କୋଟି ଟଙ୍କାରେ ପହଞ୍ଚିଛି।

## ବାଇଡେନଙ୍କ ପ୍ରାର୍ଥିତ୍ୱକୁ ନିଜ ଦଳରେ ବିରୋଧ



ୱାଶିଂଟନ୍ ୨୮।୨ (ଏଜେନ୍ସି): ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ଆସନ୍ତା ନଭେମ୍ବର ମାସରେ ଅନୁଷ୍ଠିତ ହେବ। ବର୍ତ୍ତମାନର ଡେମୋକ୍ରାଟ ରାଷ୍ଟ୍ରପତି ଜୋ ବାଇଡେନ୍ ପୁର୍ନବାର ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ତେବେ ତାଙ୍କର ଲୋକପ୍ରିୟତା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଅଧିକାଂଶ ଆମେରିକୀୟ ପୁଣିଥରେ ତାଙ୍କୁ ରାଷ୍ଟ୍ରପତି ଭାବେ ଦେଖିବାକୁ ଚାହୁଁନାହାନ୍ତି। ରାସମୁସେନ୍ ରିପୋର୍ଟ ଅନୁଯାୟୀ, ୮୨ବର୍ଷରେ ବାଇଡେନଙ୍କୁ ପ୍ରାର୍ଥୀ ନ କରିବାକୁ ୪୮% ଡେମେକ୍ରାଟ ମତ ଦେଇଛନ୍ତି। ସେମାନେ ନୂଆ ପ୍ରାର୍ଥୀ କରାଗଲେ ଭଲ ହେବ ବୋଲି କହିଛନ୍ତି। ମାତ୍ର ୩୮% ଡେମୋକ୍ରାଟ ସେ ଦ୍ୱିତୀୟ ଥର ନିର୍ବାଚନ ଲଢ଼ନ୍ତୁ ବୋଲି ଚାହୁଁଛନ୍ତି। ଡେମୋକ୍ରାଟ ଦଳରେ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମାଙ୍କ ପତ୍ନୀ ମିଶେଲ ଓବାମାଙ୍କ ଲୋକପ୍ରିୟତା ବଢ଼ିବାରେ ଲାଗିଛି। ୨୦% ଡେମୋକ୍ରାଟ ମିଶେଲଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରୁଛନ୍ତି। ସେହିପରି ବିକଳ୍ପ ପ୍ରାର୍ଥୀ ଭାବେ ବର୍ତ୍ତମାନର ଉପରାଷ୍ଟ୍ରପତି କମଳା ହାରିସ୍ (୧୫%) ଓ ପୂର୍ବତନ ପରରାଷ୍ଟ୍ର ବ୍ୟାପାର ସଚିବ ହିଲାରି କ୍ଲିଣ୍ଟନ ଚର୍ଚ୍ଚାରେ ରହିଛନ୍ତି।

## ଅଖିଳେଶ ଯାଦବଙ୍କୁ ସିବିଆଇ ସମନ



ଲକ୍ଷ୍ନୌ, ୨୮।୨ (ଏଜେନ୍ସି): ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ସମାଜବାଦୀ ପାର୍ଟି(ସପା) ମୁଖ୍ୟ ଅଖିଳେଶ ଯାଦବଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ସିଆରପିସିର ଧାରା ୧୬୦ ଅନୁଯାୟୀ ଆଜି ସମନ ଜାରିକରିଛି। ଗୁରୁବାର ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇ ସାକ୍ଷୀ ଭାବେ ବୟାନ ରେକର୍ଡ କରିବାକୁ ତାଙ୍କୁ କୁହାଯାଇଛି। ହମୀରପୁର ଜିଲ୍ଲାରେ ଲଘୁ ଖଣିଜର ବେଆଇନ ଖନନକୁ ନେଇ ୨୦୧୯ ଜାନୁଆରୀରେ ଏହି ମାମଲା ରୁଜୁ ହୋଇଥିଲା। ଉତ୍ତରପ୍ରଦେଶର ସାମଲି, ହମୀରପୁର, ସାହରନପୁର, ଦେଓରିୟା, ଫତେପୁର, ସିଦ୍ଧାର୍ଥନଗର ଓ କୌଶାମ୍ବି ଜିଲ୍ଲାରେ ବାଲି, ମାଟି, ଗୋଡ଼ି, ପଥର ଭଳି ଲଘୁ ଖଣିଜର ବେଆଇନ ଖନନ ଅଭିଯୋଗର ତଦନ୍ତ କରିବାକୁ ଆହ୍ଲାବାଦ ହାଇକୋର୍ଟ ୨୦୧୭ରେ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ ଏହି ମାମଲାରେ ଆଇଏଏସ ଅଫିସର ବି ଚନ୍ଦ୍ରକଳା, ଏସ୍‌ପି ନେତା ରମେଶ କୁମାର ମିଶ୍ରା ଓ ସଞ୍ଜୟ ଦୀକ୍ଷିତଙ୍କ ସମେତ ମୋଟ ୧୧ ଜଣଙ୍କ ବିରୋଧରେ ଏତଲା ରୁଜୁ କରିଥିଲା।

### ହିମାଚଳ କଂଗ୍ରେସରେ ଫାଟ !

# ସଙ୍କଟ ଘେରରେ ସୁଖୁ ସରକାର

ସିମଳା,୨୮।୨(ଏଜେନ୍ସି)



ରାଜ୍ୟସଭା ନିର୍ବାଚନକୁ ନେଇ ଗତକାଲି ହିମାଚଳ ପ୍ରଦେଶ କଂଗ୍ରେସରେ ଦେଖାଯାଇଥିବା ସମସ୍ୟା ଘନେଇବାରେ ଲାଗିଛି। ରାଜ୍ୟର ୪୦ କଂଗ୍ରେସ ବିଧାୟକଙ୍କୁ ନେଇ ରାଜ୍ୟସଭା ପ୍ରାର୍ଥୀ ଅଭିଷେକ ମନୁସିଂଘଭିଙ୍କ ବିଜୟ ନିଶ୍ଚିତ ହୋଇଥିଲା ବେଳେ ଅସନ୍ତୁଷ୍ଟ ୬ ବିଧାୟକଙ୍କ କ୍ରସ୍ ଭୋଟିଂ ସ୍ଥିତି ସବୁ କିଛି ବଦଳାଇ ଦେଇଥିଲା। ଯାହାଦ୍ୱାରା କୌଣସି ସ୍ଥିତିରେ ବିଜୟୀ ହେବାରେ ଆଶା ରଖି ନଥିବା ବିଜେପି ପ୍ରାର୍ଥୀ ହର୍ଷ ମହାଜନ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଏଭଳି ସ୍ଥିତି ପାଇଁ ହିମାଚଳ କଂଗ୍ରେସ ବିଧାୟକଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ମୁଖ୍ୟ କାରଣ ବୋଲି କୁହାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଦଳୀୟ ସଂହତି ରକ୍ଷା କରିବାରେ ଅସମର୍ଥ ହୋଇଥିବା କୁହାଯାଉଛି। ବିଶେଷକରି ସୁଖୁଙ୍କ ପ୍ରତି ବହୁ ବିଧାୟକଙ୍କ ଅସନ୍ତୋଷ ରହିଥିବାରୁ ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଛି ବୋଲି କୁହାଯାଉଛି। ଯାହାର ଫାଇଦା ଏବେ ବିଜେପି ଉଠାଇବାକୁ ପ୍ରସ୍ତୁତ ହୋଇଛି। ଗତକାଲି ରାଜ୍ୟସଭା ନିର୍ବାଚନରେ ମନୁସିଂଘଭିଙ୍କ ପରାଜୟ ପରେ ବିରୋଧୀ ଦଳ ନେତା ଜୟରାମ ଠାକୁର ସୁଖୁ ସରକାରଙ୍କ ଇସ୍ତଫା ଦାବି କରିଥିଲେ। କଂଗ୍ରେସ ବିଧାନସଭାରେ ବହୁମତ ସାବ୍ୟସ୍ତ କରିବାକୁ ଜୟରାମ ରାଜ୍ୟପାଳଙ୍କୁ ଭେଟିଥିଲା ବେଳେ କେଉଁ ମୁହୂର୍ତ୍ତରେ ସୁଖୁ ସରକାର ଭାଙ୍ଗିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଥିଲା। ଏହି ପ୍ରସଙ୍ଗକୁ ନେଇ ବୁଧବାର ବିଧାନସଭାରେ ବିଜେପି ବିଧାୟକମାନେ ହୋହଲ୍ଲା କରିଥିଲେ। କିନ୍ତୁ ଗୃହ କାର୍ଯ୍ୟ ଅଚଳ କରିବା ଅଭିଯୋଗରେ ବାଚସ୍ପତି ଜୟରାମଙ୍କ ସମେତ ୧୫ ବିଜେପି ବିଧାୟକଙ୍କୁ ନିଲମ୍ବିତ କରିଥିଲେ। ଅନ୍ୟପକ୍ଷରେ କଂଗ୍ରେସ ସ୍ଥିତିକୁ ଦୃଷ୍ଟିରେ ରଖି କ୍ୟାବିନେଟ୍

### ଇସ୍ତଫା ପ୍ରତ୍ୟାହାର କଲେ ମନ୍ତ୍ରୀ ବିକ୍ରମାଦିତ୍ୟ

### ବିଧାନସଭା ମୁଲତବୀ, ୧୫ ବିଜେପି ବିଧାୟକ ନିଲମ୍ବିତ

ମନ୍ତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁତ୍ର ବିକ୍ରମାଦିତ୍ୟ ସିଂ ନିଜ ପଦରୁ ଇସ୍ତଫା ଦେଇଥିଲେ। ରାଜ୍ୟସଭା ନିର୍ବାଚନ ହାରିବା ପଛର କାରଣ ସେ ପରୋକ୍ଷରେ ମୁଖ୍ୟମନ୍ତ୍ରୀ ସୁଖୁଙ୍କ ଉପରେ ଲଦିଥିଲେ। ଏହାକୁ ତାଙ୍କ ଗୋଷ୍ଠୀର ବିଧାୟକମାନେ ମଧ୍ୟ ସମର୍ଥନ କରିଥିଲେ। ଅନ୍ୟପକ୍ଷରେ ହିମାଚଳ ସ୍ଥିତିକୁ ନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ବୁଧବାର ସୁଖୁଙ୍କ ସହ ଆଲୋଚନା କରି ତାଙ୍କୁ ସମର୍ଥନ କରିଥିବାରୁ ସୁଖୁ ଗୋଷ୍ଠୀର ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନରେ ରହିଥିବା କୁହାଯାଇଛି। ଏହି ଘଟଣା ପରେ ବିକ୍ରମାଦିତ୍ୟ ତାଙ୍କ ଇସ୍ତଫାପତ୍ର ଫେରାଇ ନେଇଥିବା ଜଣାପଡ଼ିଛି। ତେବେ ହିମାଚଳ କଂଗ୍ରେସରେ ସୃଷ୍ଟି ହୋଇଥିବା ଏହି ଗୋଷ୍ଠୀ କନ୍ଦଳକୁ ନେଇ ରାଜ୍ୟ ସରକାରଙ୍କ ସମସ୍ୟା ବଢିବାରେ ଲାଗିଛି। ସେପଟେ ବିଜେପିର ୨୫ ବିଧାୟକ ରହିଥିବା ବେଳେ ଗତକାଲି କ୍ରସ ଭୋଟିଂ କରିଥିବା ୬ ବିଧାୟକ ବିଜେପିକୁ ଡେଇଁପାରନ୍ତି ବୋଲି କୁହାଯାଉଛି। ଏହାଛଡା ଅନ୍ୟ ୩ ସ୍ୱାଧୀନ ବିଧାୟକଙ୍କୁ ନେଇ ବିଜେପି ସୁଖଉ ସରକାର ପାଇଁ ସଙ୍କଟ ଆଣିପାରେ ବୋଲି କୁହାଯାଉଛି।

## ଅସ୍ତ୍ର ଛାଡ଼ି ପୁଲିସ କର୍ମଚାରୀଙ୍କ ବିକ୍ଷୋଭ

ଇମ୍ଫାଲ, ୨୮।୨ (ଏଜେନ୍ସି): ମଣିପୁର ଅତିରିକ୍ତ ଏସ୍‌ପି (ଏଏସ୍‌ପି) ଅମିତ ମାୟେଙ୍ଗବାମଙ୍କ ଅପହରଣକୁ ପୁଲିସ କର୍ମଚାରୀ ବିରୋଧ କରିଛନ୍ତି। ଏହା ବିରୋଧରେ ଅସ୍ତ୍ରଶସ୍ତ୍ର ଛାଡ଼ି ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସୂଚନା ଅନୁଯାୟୀ କିଛି ଦିନ ତଳେ ଚୋରି ଅଭିଯୋଗରେ ମେଇତି ସଂଗଠନ ଅରାମବାଇ ତେଙ୍ଗଗୋଲର ୬ ଜଣ ସଦସ୍ୟଙ୍କୁ ଏଏସ୍‌ପି ଗିରଫ କରିଥିଲେ। ସମସ୍ତଙ୍କୁ ମୁକ୍ତ କରିବା ପାଇଁ ସଂଗଠନ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ମାତ୍ର ନ ଶୁଣିବାରୁ ୨୦୦ ଲୋକ ମଙ୍ଗଳବାର ସନ୍ଧ୍ୟାରେ ଏଏସ୍‌ପିଙ୍କୁ ତାଙ୍କ ଘରୁ ଅପହରଣ କରି ନେଇଥିଲେ। ଆଜି ଅମିତଙ୍କୁ ମୁକ୍ତ କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## କର୍ଣ୍ଣାଟକ ବିଧାନସଭାରେ ପାକିସ୍ତାନ ସମର୍ଥନରେ ସ୍ଲୋଗାନ

ବେଙ୍ଗାଲୁରୁ, ୨୮।୨ (ଏଜେନ୍ସି): ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସୈଦ ନସିର ହୁସେନ ଜିତିବା ପରେ କର୍ଣ୍ଣାଟକ ବିଧାନସଭାରେ ପାକିସ୍ତାନ ସମର୍ଥନରେ ସ୍ଲୋଗାନ ଦିଆଯାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଭୋଟ ଗଣତି କେନ୍ଦ୍ରରୁ ବାହାରକୁ ଆସିବା ପରେ ହୁସେନଙ୍କ ସମର୍ଥକ ଏହି ସ୍ଲୋଗାନ ଦେଇଥିଲେ ବୋଲି ବିଜେପି ଅଭିଯୋଗ କରିଛି। ରାଷ୍ଟ୍ର ବିରୋଧୀ ତତ୍ତ୍ୱକୁ ପ୍ରଶୟ ଦେବା କଂଗ୍ରେସର ଡିଏନ୍‌ଏରେ ରହିଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ କଂଗ୍ରେସ କାଉନସିଲର ବିକେ ହରିପ୍ରସାଦ ନିଆଁରେ ଘିଅ ଢାଳିଛନ୍ତି। ପାକିସ୍ତାନ ବିଜେପି ପାଇଁ ଶତ୍ରୁ ଦେଶ ହୋଇପାରେ ମାତ୍ର କଂଗ୍ରେସ ପାଇଁ ପଡ଼ୋଶୀ ରାଷ୍ଟ୍ର ବୋଲି କହିଛନ୍ତି।

## 'ଏକା ସଙ୍ଗେ ନିର୍ବାଚନ' ସମ୍ବିଧାନରେ ନୂଆ ଅନୁଚ୍ଛେଦ ସାମିଲ ହେବ !

ନୂଆଦିଲ୍ଲୀ, ୨୮।୨ (ଏଜେନ୍ସି): ଏକ ଦେଶ, ଏକ ନିର୍ବାଚନକୁ ନେଇ ଆଇନ କମିଶନ ସମ୍ବିଧାନରେ ନୂଆ ଅନୁଚ୍ଛେଦ ଯୋଡ଼ିପାରନ୍ତି। ଏହା ମାଧ୍ୟମରେ ୨୦୨୯ ସୁଦ୍ଧାରେ ଦେଶରେ ଲୋକସଭା, ବିଧାନସଭା ଏବଂ ସ୍ଥାନୀୟ ନିର୍ବାଚନ କରାଇବାକୁ ସୁପାରିସ କରିପାରନ୍ତି। ସୂଚନା ଅନୁଯାୟୀ ଜଷ୍ଟିସ ରିତୁରାଜ ଅବସ୍ଥିଙ୍କ ନେତୃତ୍ୱାଧୀନ କମିଟି ଏକା ସଙ୍ଗେ ନିର୍ବାଚନ ପାଇଁ ସମ୍ବିଧାନ ସଂଶୋଧନ କରି ନୂଆ ଅନୁଚ୍ଛେଦ ସାମିଲ କରିବାକୁ ସରକାରଙ୍କୁ ସୁପାରିସ କରିପାରନ୍ତି। ଏଥିରେ କ'ଣ ରହିବ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତେବେ ଆଗାମୀ ୫ ବର୍ଷରେ ତିନୋଟି ପର୍ଯ୍ୟାୟରେ ବିଧାନସଭାଗୁଡ଼ିକୁ ଏକାଠି କରାଯିବ। ଏହି ଆଧାରରେ ପ୍ରଥମେ ୨୦୨୯ ମଇ-ଜୁନରେ ଏକାଠି ନିର୍ବାଚନ ହୋଇପାରିବ। ସେତେବେଳକୁ ୧୯ତମ ଲୋକସଭା ପାଇଁ ନିର୍ବାଚନ ହେବ। ସମ୍ବିଧାନର ନୂଆ ଅଧ୍ୟାୟରେ ଏକାଠି ନିର୍ବାଚନ, ନିର୍ବାଚନରେ ସ୍ଥିରତା ଏବଂ ଲୋକସଭା, ବିଧାନସଭା, ପଞ୍ଚାୟତ ଓ ପୌରପାଳିକା ପାଇଁ ଭୋଟର ତାଲିକା ସମ୍ବନ୍ଧିତ ପ୍ରସଙ୍ଗ ସାମିଲ ରହିବ। ଯଦି କୌଣସି ସରକାର ଅନାସ୍ଥା ପ୍ରସ୍ତାବରେ ଭାଙ୍ଗି ଯାଏ କିମ୍ବା ଝୁଲା ସଦନ ହୁଏ ତେବେ କମିଶନ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଏକାଠି ସରକାର ଗଠନ କରିବାକୁ ସୁପାରିସ କରିପାରନ୍ତି। ଯଦି ଏହା ସମ୍ଭବ ନ ହୁଏ ତେବେ ବାକି ସମୟ ପାଇଁ ନିର୍ବାଚନ କରାଯିବ।

### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ହସ୍ପିଟାଲ ବିଲ୍‌ରୁ ତାରତମ୍ୟ ହଟାଅ

ନୂଆଦିଲ୍ଲୀ,୨୮।୨(ଏଜେନ୍ସି)



ସରକାରୀ ହସ୍ପିଟାଲରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଆଖି ପିଛା ୧୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଘରୋଇ ହସ୍ପିଟାଲରେ କାହିଁକି ସେଥିପାଇଁ ୩୦ ହଜାରରୁ ୧ଲକ୍ଷ ୪୦ହଜାର ଟଙ୍କା ଯାଏ ଦେବାକୁ ପଡୁଛି ବୋଲି କେନ୍ଦ୍ର ସାରକାରଙ୍କୁ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ସରକାରୀ ହସ୍ପିଟାଲ ଓ ଘରୋଇ ହସ୍ପିଟାଲ ବିଲରେ ଏପ୍ରକାରର ବଡ଼ ତାରତମ୍ୟ ଥିବା ଜାଣି ବିଚାରପତି ବି ଆର ଗଭାଇ ଓ ବିଚାରପତି ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ ଉଦବେଗ ପ୍ରକାଶ କରିବା ସହ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଆଦେଶ ଦେଇଛନ୍ତି ଯେ ମାସକ ମଧ୍ୟରେ ସମସ୍ତ ରାଜ୍ୟର ସ୍ୱାସ୍ଥ୍ୟ ସଚିବଙ୍କ ବୈଠକ ଡକାଇ ବିଭିନ୍ନ ରୋଗର ଚିକିତ୍ସା ପାଇଁ ଓ ବିଭିନ୍ନ ଡାକ୍ତରୀ ସେବା ପାଇଁ ରୋଗୀଙ୍କୁ ସର୍ବାଧିକ କେତେ ଟଙ୍କା ଦେବାକୁ ପଡ଼ିବ ତାହା ଠିକ୍ କର। ସରକାରୀ ଓ ଘରୋଇ ହସ୍ପିଟାଲରେ ସମସ୍ତେ ଦେଖି ପାରିବାଭଳି ସ୍ଥାନରେ ଉଭୟ ସ୍ଥାନୀୟ ଭାଷାରେ ଓ ଇଂରାଜୀରେ ବିଭିନ୍ନ ଚିକିତ୍ସା ଓ ଡାକ୍ତରୀ ସେବା ପାଇଁ କ'ଣ କେତେ ଚାର୍ଜ ଦେବାକୁ ପଡ଼ିବ ତାହା ଲେଖାରହିବା ବ୍ୟବସ୍ଥା କରାଯାଉ। ନଚେତ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ରୋଗର ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ପାଇଁ ନିର୍ଦ୍ଧାରିତ ରେଟ୍ ଲାଗୁ କରାଯିବା ନିମନ୍ତେ ଆଦେଶ ଦେବୁ ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ ରୁଲିଂ ଦେଇଛନ୍ତି।

### ଆନନ୍ଦ ମୋହନ ମୁକ୍ତି ମାମଲାରେ ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

## ଜେଲ୍ ନିୟମ ସଂଶୋଧନ ରାଜ୍ୟର ବିଶେଷାଧିକାର

ନୂଆଦିଲ୍ଲୀ,୨୮।୨(ଏଜେନ୍ସି): ଜେଲ୍ ନିୟମାବଳୀ ସଂଶୋଧନ ରାଜ୍ୟ ସରକାରଙ୍କ ବିଶେଷାଧିକାର। ସମ୍ବିଧାନର ୭ମ ଅନୁଚ୍ଛେଦରେ ଥିବା ଦ୍ୱିତୀୟ ତାଲିକାର ଏଣ୍ଟ୍ରି ନଂ ୪ ଅନୁଯାୟୀ 'ଜେଲ୍ ଓ ଜେଲ୍‌ରେ ଥିବା ବ୍ୟକ୍ତି' ରାଜ୍ୟ ତାଲିକାରେ ଆସୁଥିବାରୁ ଜେଲ ନିୟମାବଳୀ ସଂଶୋଧନ କରିବା ଅଧିକାର ସଂପୃକ୍ତ ରାଜ୍ୟ ସରକାରଙ୍କର ରହିଛି। ବିହାର ଗୋପାଳଗଞ୍ଜ ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ଜି କ୍ରିଷ୍ଣୟାଙ୍କ ହତ୍ୟାର ଦୋଷୀ ପୂର୍ବତନ ସାଂସଦ ଆନନ୍ଦମୋହନର ମୁକ୍ତି ମାମଲାରେ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହା କୁହାଯାଇଛି। ଏହି ସତ୍ୟପାଠ ଅନୁଯାୟୀ କେନ୍ଦ୍ର ସରକାର ଏକ ଆଦର୍ଶ ଜେଲ ମାନୁଏଲ ପ୍ରସ୍ତୁତ କରି ସମସ୍ତ ରାଜ୍ୟକୁ ତାହା ଅନୁସରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। କିନ୍ତୁ ବିହାର ସମେତ ୯ଟି ରାଜ୍ୟ ଦ୍ୱାରା କେନ୍ଦ୍ର ସରକାରଙ୍କ ଆଦର୍ଶ ଜେଲ ମାନୁଏଲ ଏଯାବତ ଅନୁସୃତ ହୋଇନାହିଁ।

## ଅଧିକାରୀଙ୍କୁ ଅଯୋଗ୍ୟ କହି ସମାଲୋଚନା କଲେ କୋର୍ଟ

ଗ୍ୱାଲିୟର, ୨୮।୨ (ଏଜେନ୍ସି): ସ୍ୱର୍ଣ୍ଣ ରେଖା ନଦୀକୁ ପୁଣିଥରେ ଜୀବିତ କରିବା ଦାବିରେ ଆଗତ ମାମଲାର ଶୁଣାଣି କରି ମଧ୍ୟପ୍ରଦେଶ ହାଇକୋର୍ଟ ଜଣେ ଅଧିକାରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଏହି ଶୁଣାଣି ସମୟରେ ସହରୀ ପ୍ରଶାସନ ବିଭାଗର ଏକଜିକ୍ୟୁଟିଭ ଇଞ୍ଜିନିୟର ଅନେକ ପ୍ରଶ୍ନର ଉତ୍ତର ଦେଇପାରି ନ ଥିଲେ। ଏହା ଉପରେ ଜଷ୍ଟିସ ରୋହିତ ଆର୍ଯ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସେ ଅଧିକାରୀ ଅଯୋଗ୍ୟ, ଅଶିକ୍ଷିତ ଏବଂ ଠକ ବୋଲି କହିଥିଲେ। ଆପଣ ଟିଏ, ଡିଏ ଧରି ଭୋପାଳରୁ ଆସିଛନ୍ତି। ଟାଇପ୍ କରାଯାଇଥିବା ସତ୍ୟପାଠ ବିଷୟରେ ବି ପଢ଼ିପାରୁନାହାନ୍ତି। ଆପଣ ଇଞ୍ଜିନିୟର ନା ଅଶିକ୍ଷିତ? ପୁରୁଣା ଅଧିକାରୀଙ୍କ ଭଳି ଆପଣ ଅଯୋଗ୍ୟ ସାବ୍ୟସ୍ତ ହେଲେ। ଇଞ୍ଜିନିୟର ହୋଇ ଭୋପାଳରେ ସବୁ ଭୁଲିଗଲେ। ସରକାରଙ୍କଠାରୁ କାହିଁକି ଦରମା ନେଉଛ। ବାବୁଗିରୀ ପାଇଁ ନା ପୋଷ୍ଟମ୍ୟାନ ପଦ ପାଇଁ। ଲୋକଙ୍କ କାମ କରିବାର ଅଭ୍ୟାସ ବଦଳି ଗଲାଣି କାହିଁକି ବୋଲି ବିଚାରପତି କହିଛନ୍ତି।

## ଭୂମି ମାଲିକଙ୍କୁ କ୍ଷତିପୂରଣ ଦେଇ ସରକାର ଦାନ କରୁନାହାନ୍ତି

### ଢୋଲ ପିଟିବାର ଆବଶ୍ୟକତା ନାହିଁ

ଏକ ଅଦାଲତ ଅବମାନନା ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଉତ୍ତରପ୍ରଦେଶ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଭୂମି ମାଲିକଙ୍କୁ କ୍ଷତିପୂରଣ ଦେଇ ସରକାର ଦାନ କରୁନାହାନ୍ତି। ୨୦ ବର୍ଷ ପର୍ଯ୍ୟନ୍ତ ଜମିକୁ ନିଜ ପାଖରେ ରଖିବା ପରେ ଏବେ ଜମି ମାଲିକଙ୍କ ଲାଭ ହେଉଛି ବୋଲି କହୁଛନ୍ତି। ଏଭଳି ଆଭିମୁଖ୍ୟ ଆଦୌ ଗ୍ରହଣୀୟ ନୁହେଁ। ଏହି ମାମଲାରେ ଗାଜିଆବାଦ ବିକାଶ ପ୍ରାଧିକରଣ (ଜିଡିଏ) ପକ୍ଷରୁ ତର୍କ ଦିଆଯାଇଥିଲା ଯେ ବିଳମ୍ବ ଯୋଗୁଁ ମାଲିକଙ୍କ ଲାଭ ହୋଇଛି। ୧୯୫୬ ବଦଳରେ ୨୦୧୩ ନିୟମ ଅନୁଯାୟୀ କ୍ଷତିପୂରଣ ମିଳିଛି। ଏହା ଉପରେ କୋର୍ଟ କହିଥିଲେ ଯେ ୨୦ ବର୍ଷ ପର୍ଯ୍ୟନ୍ତ ଜମିକୁ ମାଲିକଙ୍କଠାରୁ ଦୂରେଇ ରଖା ଯାଇଥିଲା। ଏହା ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ରଖିବା ସହ ସମାନ। ଏହା ପରେ କ୍ଷତିପୂରଣ ଦେଇ ଦୟା ଭାବ ଦେଖାଇବା ଏବଂ ଢୋଲ ବଜାଇବା ଅନୁଚିତ। ଏପରି କରିବା ଅନାବଶ୍ୟକ। ସରକାର ଯାହାର ଭୂମି ଅଧିଗ୍ରହଣ କରିଛନ୍ତି, କ୍ଷତିପୂରଣ ପାଇବା ତାହାର ଅଧିକାର। ଏଥିପାଇଁ ସରକାର ଏବଂ ସରକାରୀ କଳ ଦୟା କରିଛନ୍ତି ବୋଲି ଦେଖାଇବାର ଆବଶ୍ୟକତା ନାହିଁ।

## ତାମିଲନାଡୁ ସରକାରଙ୍କ ବିଜ୍ଞାପନରେ ଚୀନ୍ ରକେଟ୍

ଚେନ୍ନଇ, ୨୮।୨ (ଏଜେନ୍ସି): ତାମିଲନାଡୁ ସରକାରଙ୍କ ବିଜ୍ଞାପନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଡିଏମକେ ସରକାରର ପଶୁପାଳନ ମନ୍ତ୍ରୀ ଅନିତା ରାଧାକୃଷ୍ଣନ ବିଭିନ୍ନ ଖବରକାଗଜରେ ଜାରି କରିଥିବା ବିଜ୍ଞାପନରେ ଚୀନ୍‌ର ପତାକା ଲାଗିଥିବା ରକେଟ୍ ରହିଛି। କୁଲାଶେଖରପଟ୍ଟନମରେ ଇସ୍ରୋର ନୂଆ ଉତ୍କ୍ଷେପଣ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ଅବସରରେ ଏହି ବିଜ୍ଞାପନ ବାହାର କରାଯାଇଥିଲା। ତାମିଲନାଡୁ ବିଜେପି ଅଧ୍ୟକ୍ଷ ଅନ୍ନାମଲାଇ ଏହାର ଚିତ୍ରକୁ ସେୟାର କରିଛନ୍ତି। ଡିଏମ୍‌କେ ମନ୍ତ୍ରୀ ଦେଇଥିବା ଏହି ବିଜ୍ଞାପନ ଚୀନ୍ ପ୍ରତି ଥିବା ତାଙ୍କର ପ୍ରତିବଦ୍ଧତା ଏବଂ ଆମ ଦେଶର ସାର୍ବଭୌମତ୍ୱର ଉପେକ୍ଷାକୁ ଦର୍ଶାଉଛି। ଦୁଇ ଦିନ ହେଲା ତାମିଲନାଡୁ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ମଧ୍ୟ ଏହାକୁ ନେଇ ଡିଏମକେକୁ ସମାଲୋଚନା କରିଛନ୍ତି। ସେ ତିରୁନେଲଭାଲି ରାଲିକୁ ସମ୍ବୋଧନ କରି କହିଛନ୍ତି ଯେ ଡିଏମକେ ସରକାର ଭାରତର ବିକାଶକୁ ବରଦାସ୍ତ କରିପାରୁ ନାହାନ୍ତି। ସେ ଇସ୍ରୋ ଲଞ୍ଚ୍ ପ୍ୟାଡ୍‌ର ଶ୍ରେୟ ନେବା ପାଇଁ ପ୍ରକାଶ କରିଥିବା ବିଜ୍ଞାପନରେ ଚୀନ୍ ଷ୍ଟିକର ଲଗାଇଛନ୍ତି।

## ପୋରବନ୍ଦରରୁ ୨ ହଜାର କୋଟିର ଡ୍ରଗ୍ସ ଜବତ

ପୋରବନ୍ଦର, ୨୮।୨ (ଏଜେନ୍ସି): ଗୁଜରାଟ ପୋରବନ୍ଦରରୁ ମଙ୍ଗଳବାର ୩୩୦୦ କେଜି ଡ୍ରଗ୍ସ ଜବତ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ପ୍ରାୟ ୨ ହଜାର କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ମାମଲାରେ ୫ ଜଣ ବିଦେଶୀ ନାଗରିକଙ୍କୁ ଗିରଫ କରାଯାଇଛି। ଏମାନେ ଇରାନ କିମ୍ବା ପାକିସ୍ତାନ ନାଗରିକ ହୋଇଥିବା ସନ୍ଦେହ କରାଯାଉଛି। ଗୁଜରାଟ ଏଟିଏସ, ଭାରତୀୟ ନୌସେନା ଏବଂ କେନ୍ଦ୍ରୀୟ ଏଜେନ୍ସିର ମିଳିତ ଟିମ୍‌କୁ ଏହି ସଫଳତା ମିଳିଛି। ପ୍ରଥମ ଥର ପାଇଁ ସମୁଦ୍ର ସୀମାରୁ ଏତେ ଟଙ୍କାର ଡ୍ରଗ୍ସ ଜବତ କରାଯାଇଛି। ସୂଚନା ଅନୁଯାୟୀ ଏହି ୫ ବିଦେଶୀ ଡ୍ରଗ୍ସ ସହିତ ଡଙ୍ଗାରେ ଯାଉଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସମସ୍ତଙ୍କୁ ପୋରବନ୍ଦରକୁ ଅଣା ଯାଇଥିଲା। ଏହା ପୂର୍ବରୁ ୫ ଦିନ ତଳେ ଭେରାବଲ ବନ୍ଦରରୁ ୩୫୦ କୋଟି ଟଙ୍କାର ହେରୋଇନ ଜବତ କରାଯାଇଥିଲା। ଏହି ମାମଲାରେ ୯ ଜଣଙ୍କୁ ଗିରଫ କରାଯାଇଥିଲା।




# ଡିଏସ୍‌ପି ଓ ଅତିରିକ୍ତ ଏସ୍‌ପି ପାହ୍ୟା ଅଧିକାରୀଙ୍କ ବଦଳି

**କଟକ,୨୮।୨(ସମିସ):** ୨୦ଜଣ ଡିଏସପି ଓ ଅତିରିକ୍ତ ଏସପି ପାହ୍ୟା ଅଧିକାରୀଙ୍କୁ ବଦଳି କରାଯାଇଛି। ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡ ନିଷ୍ପତ୍ତି କ୍ରମେ ଏହି ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି। ଅନିଲ କୁମାର ବେଉରିଆଙ୍କୁ ଅନୁଗୁଳ ଅତିରିକ୍ତ ଏସପି, ଆଦିତ୍ୟ ସେନଙ୍କୁ ନୂଆପଡ଼ା ପିସିଆର ସେଲ ଡିଏସପି, ବିଶ୍ୱାମିତ୍ର ହରପାଲଙ୍କୁ ଏସଡିପିଓ ଚିକିଟି, ଦିନେଶ ଚନ୍ଦ୍ର ନାୟକଙ୍କୁ ନୟାଗଡ଼ ଡିଆଇବି ଡିଏସପି, ଲକ୍ଷ୍ମୀ ନାରାୟଣ ମାରାଣ୍ଡିଙ୍କୁ କୋରାପୁଟ ଡିଆଇବି ଡିଏସପି, ଲକ୍ଷ୍ମୀଧର ସ୍ୱାଇଁଙ୍କୁ ମାଲକାନଗିରି, ମମତା ନାୟକଙ୍କୁ କେନ୍ଦୁଝର, ଓନାମ ଲାକ୍ରାଙ୍କୁ ମାଲକାନଗିରି ପିସିଆର ସେଲ, ପ୍ରଭାତ କୁମାର ତ୍ରିପାଠୀଙ୍କୁ ଘଟଗାଁ ଏସଡିପିଓ, ସନ୍ଧ୍ୟାରାଣୀ ବେଉରିଆଙ୍କୁ ଢେଙ୍କାନାଳ ପିସିଆର ସେଲ, ସୌଭାଗ୍ୟଲକ୍ଷ୍ମୀ ପଟ୍ଟନାୟକଙ୍କୁ କେନ୍ଦୁଝର, ସ୍ମିତା ମଞ୍ଜରୀ ମଲିକଙ୍କୁ ଆଇୟୁସିଏଡବ୍ଲୁ ଖୋର୍ଦ୍ଧା, ସ୍ନେହାଶିଷ ସାହୁଙ୍କୁ ଏସଡିପିଓ କାମାକ୍ଷାନଗର, ସୁଦର୍ଶନ ଗଙ୍ଗୋଇଙ୍କୁ ନୟାଗଡ଼ ଏସଡିପିଓ, ସୁଜିତ କୁମାର ନାୟକଙ୍କୁ ଭଞ୍ଜନଗର ଏସଡିପିଓ, ସୁମନ ରଞ୍ଜିତା ସିଂଙ୍କୁ ସମ୍ବଲପୁର, ସୁମିତ୍ରା ଜେନାଙ୍କୁ କଳାହାଣ୍ଡି ହୋମଗାର୍ଡ ବିଭାଗ ଡିଏସପି, ସୁଷମା ପ୍ରଧାନଙ୍କୁ ଢେଙ୍କାନାଳ ଆଇୟୁସିଏଡବ୍ଲୁ, ଶୁଭେନ୍ଦୁ କୁମାର ଶବରଙ୍କୁ ବଲାଙ୍ଗୀର ଆଇୟୁସିଏଡବ୍ଲୁ ଓ ତପସ୍ୱିନୀ କହଁରଙ୍କୁ ବୋରିଗୁମ୍ମା ଏସଡିପିଓ ଭାବେ ବଦଳି କରାଯାଇଛି।

# ବିଲ୍ ଗେଟ୍‌ସଙ୍କୁ 'କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ'




**ଭୁବନେଶ୍ୱର, ୨୮ ।୨(ସମିସ):** ବିଶ୍ୱର ପ୍ରମୁଖ ସମାଜସେବୀ, ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ଏବଂ ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେସନ୍‌ର ସହ-ଅଧ୍ୟକ୍ଷ ବିଲ୍ ଗେଟ୍‌ସଙ୍କୁ 'କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ ୨୦୨୩' ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ବିଲ୍ ଗେଟସ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ବିଶ୍ୱରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୃଜନଶୀଳ ବୈଷୟିକ କୌଶଳ ମାଧ୍ୟମରେ ଅସମାନତା ଦୂର କରିବା କ୍ଷେତ୍ରରେ ବିଲ୍ ଗେଟ୍‌ସ୍‌ଙ୍କ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବିଲ୍ ଗେଟସ୍‌ଙ୍କୁ କିସ୍ ହ୍ୟୁମାନଟାରିଆନ୍ ପୁରସ୍କାର ପ୍ରଦାନ କେବେଳ ତାଙ୍କର ଉଲ୍ଲେଖନୀୟ ଅବଦାନକୁ ସମ୍ମାନ ନୁହେଁ; ବରଂ ସ୍ୱୀକୃତିର ସମ୍ମାନ ବୃଦ୍ଧି କରିଛି। ତାଙ୍କର ଏହି ସମ୍ମାନ ଗ୍ରହଣ ବିଶ୍ୱରେ ମାନବିକ କାର୍ଯ୍ୟ କ୍ଷେତ୍ରରେ ଏକ ନୂତନ ମାନଦଣ୍ଡ ସ୍ଥିର କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଅନୁରୂପ ଭାବରେ ଏହି ସମ୍ମାନ ଗ୍ରହଣ କରି ବିଲ୍ ଗେଟ୍‌ସ କହିଛନ୍ତି ଯେ ମୋ କାର୍ଯ୍ୟକୁ କିସ୍ ସ୍ୱୀକୃତି ପ୍ରଦାନ କରିଥିବାରୁ ସମାଜସେବା କ୍ଷେତ୍ରରେ ଅଧିକ କାର୍ଯ୍ୟ କରିବା ପାଇଁ ଏହା ପ୍ରେରଣା ଯୋଗାଇବ। ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଦୂରଦୃଷ୍ଟି ଓ ତ୍ୟାଗ ପ୍ରଶଂସନୀୟ ବୋଲି ସେ କହିଛନ୍ତି।

# ସମ୍ବିତ ସାମଲଙ୍କୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ କାରଣ ଦର୍ଶାଅ ନୋଟିସ

**ଭୁବନେଶ୍ୱର, ୨୮ ।୨(ସମିସ):** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଆଇନଜୀବୀ ସମ୍ବିତ ସାମଲଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ପରିଷଦ ନିକଟରେ ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟକଳାପ ତଥା ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗକୁ ଆଧାର କରି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ପରିଷଦ ପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦିଆଯାଇଛି। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ପ୍ରେସ ବିବୃତିରେ କୁହାଯାଇଛି ଯେ ଶ୍ରୀ ସାମଲଙ୍କ ବିରୋଧରେ ରାଜ୍ୟ ଆଇନଜୀବୀ ପରିଷଦ ନିକଟରେ ଠକେଇ ଓ ଅନ୍ୟାନ୍ୟ ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ଅଭିଯୋଗକାରୀ ୧୭ଲକ୍ଷ ଟଙ୍କା ଠକେଇ ଓ ହତ୍ୟା ଧମକ ଅଭିଯୋଗ ଆଣିଥିଲେ। ଆଇନଜୀବୀ ପରିଷଦ ପକ୍ଷରୁ ଏହାର ଯାଞ୍ଚ କରାଯିବା ପରେ ସମ୍ବିତ ସାମଲ ଆଇନଜୀବୀ ଆଚରଣ ବିଧିର ସ୍ପଷ୍ଟ ଉଲ୍ଲଙ୍ଘନ କରିଥିବା ସୂଚନା ମିଳିଥିଲା। ତେଣୁ ପରିଷଦର ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ଆଚରଣ ବିଧି ଉଲ୍ଲଙ୍ଘନ ସମ୍ବନ୍ଧୀୟ କାର୍ଯ୍ୟକଳାପ ତଥା ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତି ଯୋଗୁଁ ଦୃଷ୍ଟାନ୍ତମୂଳକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନୋଟିସ୍ ଜାରି କରାଯାଇଛି।୧୫ଦିନ ଭିତରେ ଏହି ନୋଟିସ୍ ଉତ୍ତର ରଖିବା ପାଇଁ ତାଙ୍କୁ ମହଲତ ଦିଆଯାଇଛି ବୋଲି ରାଜ୍ୟ ଆଇନଜୀବୀ ପରିଷଦ ସାଧାରଣ ସମ୍ପାଦକ ପ୍ରେସ ବାର୍ତ୍ତାରେ ସୂଚନା ଦେଇଛନ୍ତି।

■ ଟ୍ରେନରୁ ପଡ଼ି ଯୁବକଙ୍କ ମୃତ୍ୟୁ ମାମଲା

# ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୮ ।୨(ସମିସ):** ଜଣେକା ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ଥିବା ଯୁବକ ପୁଲିସ ହେପାଜତରେ ଟ୍ରେନରେ ଆସୁଥିବା ବେଳେ ଟ୍ରେନରୁ ଖସିପଡ଼ି ତାଙ୍କର ମୃତ୍ୟୁ ହୋଇଥିବା ପ୍ରସଙ୍ଗରେ ରୁଜୁ ମାମଲାରେ ହାଇକୋର୍ଟ ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ପୂର୍ବରୁ ଶୁଣାଣି ଶେଷ କରି ରାୟକୁ ଅଦାଲତ ସଂରକ୍ଷିତ ରଖିଥିଲେ। ଏହି ସମ୍ବେଦନଶୀଳ ଘଟଣାରେ ଆବେଦନକାରୀଙ୍କୁ ୨ଲକ୍ଷଟଙ୍କା ଅନ୍ତରୀଣ କ୍ଷତିପୂରଣ ଆକାରରେ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବାସନ୍ତୀ ପୁହାଣଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଉପରୋକ୍ତ ଅନ୍ତରୀଣ କ୍ଷତିପୂରଣ ରାଶିକୁ ହାଇକୋର୍ଟରେ ଆସନ୍ତା ୧୦ସପ୍ତାହ ମଧ୍ୟରେ ଜମା କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଯେହେତୁ ମାମଲାରେ ସମ୍ପୂର୍ଣ୍ଣ ତଦନ୍ତ ଶେଷ ହୋଇନାହିଁ, ତେଣୁ ପୂର୍ଣ୍ଣ କ୍ଷତିପୂରଣ ପାଇବାକୁ ବର୍ତ୍ତମାନ ସ୍ଥିତିରେ ଆବେଦନକାରୀ ହକ୍‌ଦାର ନୁହଁନ୍ତି। ଅନ୍ୟପଟରେ ଏହି ଘଟଣା ଏକ ହାଜତ ମୃତ୍ୟୁ ଘଟଣା ଓ ବିଭାଗୀୟ କର୍ତ୍ତୃପକ୍ଷ ଏହି ମୃତ୍ୟୁ ଘଟଣାରେ ଉତ୍ତରଦାୟୀ ବୋଲି ମଧ୍ୟ ଅଦାଲତ କହିଛନ୍ତି।

ପ୍ରକାଶଥାଉକି, ଏହି ଘଟଣାରେ ପୂର୍ବରୁ ହାଇକୋର୍ଟରେ ଭଦ୍ରକ ଟାଉନ ଥାନାର ଏଏସଆଇ ତ୍ରିନାଥ ଭୋଇ, ଦୁଇ କନଷ୍ଟେବଳ ସନମୟ ପାତ୍ର ଓ ଜନ୍ମେଜୟ ବଳ ବ୍ୟକ୍ତିଗତ ଭାବେ ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ। ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ପୁଅ ଅମୃତ ଜଣେକା ନାବାଳିକାକୁ ପ୍ରେମ ଜାଲରେ ଫସାଇ ଅପହରଣ କରିଥିବା ନାବାଳିକା ପରିବାର ପକ୍ଷରୁ ଭଦ୍ରକ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ପୁଲିସ ସମ୍ପୃକ୍ତ ଯୁବତୀଙ୍କ ପରିବାର ସଦସ୍ୟଙ୍କ ସହିତ ମୁମ୍ବାଇ ଯାଇ ଯୁବତୀ ଓ ଅମୃତଙ୍କୁ ଉଦ୍ଧାର କରି ଟ୍ରେନରେ ଆଣୁଥିଲା। କିନ୍ତୁ ବାଟରେ ଅମୃତ ଟ୍ରେନରୁ ଡେଇଁ ପଡ଼ିବାରୁ ତାଙ୍କ ମୃତ୍ୟୁ ହୋଇଥିଲା। ପଶ୍ଚିମବଙ୍ଗର ବେଲଦାରେ ଟ୍ରେନ୍ ଲାଇନ ନିକଟରୁ ଅମୃତଙ୍କ ଶବ ମିଳିଥିଲା। ଅନ୍ୟପକ୍ଷରେ ଅମୃତଙ୍କୁ ଚଳନ୍ତା ଟ୍ରେନରୁ ଠେଲି ହତ୍ୟା କରାଯାଇଥିଲା ବୋଲି ଆବେଦନକାରୀ ଦେଇଥିବା ଏତଲା ଗ୍ରହଣ କରା ନଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ହେପାଜତରେ ଆସୁଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବାରୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ



୰ ଗିରିଧାରୀ ପଣ୍ଡା
ଆବିର୍ଭାବ: ୦୪.୦୩.୧୯୩୮ - ତିରୋଧାନ: ୧୮.୦୨.୨୦୨୪
ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଦେଇ ଆପଣ ଆରପାରିକୁ ଚାଲିଗଲେ। ଆପଣଙ୍କ ଅନୁପସ୍ଥିତି ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଚିରସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ : ଶାରଦା ପ୍ରସାଦ, ଶିବ ପ୍ରସାଦ, ବିଜୟଲକ୍ଷ୍ମୀ, କୈଳାସ ଚନ୍ଦ୍ର, ବିକାଶ, ବିଳାସ, ମୁନ୍‌ମୁନ୍, ଶାଶ୍ୱତୀ, କୌସ୍ତୁଭ, ଅଲିଭା, କସ୍ତୁରୀ, ମୌସୁମୀ, ମଳୟ ଏବଂ ବନ୍ଧୁ ଓ ପରିବାରବର୍ଗ

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

**ଅନୁଗୋଳ, ୨୮ ।୨(ସମିସ):** ଏକ ନାବାଳିକା ଦୁଷ୍କର୍ମ ମାମଲାରେ ବୁଧବାର ଆଡହକ ଫାଷ୍ଟ ଟ୍ରାକ କୋର୍ଟ ଜଜ୍ ଦୁଷ୍କର୍ମକାରୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୦୨୨ ମାର୍ଚ୍ଚରେ ଅନୁଗୋଳ ଥାନା ଅନ୍ତର୍ଗତ ସିପିପି ଟାଙ୍କି ହଟିଙ୍ଗର ସାଉନା ସୋରେନ (୨୦)ସେହି ଗ୍ରାମର ଜଣେକା ନାବାଳିକାକୁ ପ୍ରଲୋଭନ ଦେଖାଇ ଡାକି ନେଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ସମ୍ପୃକ୍ତା ନାବାଳିକା ଘରକୁ ନ ଫେରିବାରୁ ନାବାଳିକାର ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରିବାର ଲୋକେ ଝିଅକୁ ଖୋଜୁଥିବା ସମୟରେ ସିପିପି ରାସ୍ତାରେ ସାଉନା ସୋରେନ ଏକ ସାଇକଲରେ ତାଙ୍କ ନାବାଳିକା ଝିଅକୁ ବସାଇ ଫେରୁଥିଲା। ପରିବାର ଲୋକେ ପଚାରିବାରୁ ସାଉନା ବିସ୍କୁଟ ଖୁଆଇବା ପାଇଁ ନେଇଥିଲା କହି ନାବାଳିକାକୁ ସେଠାରେ ଛାଡ଼ି ପଳାଇଥିଲା। ଘରକୁ ଆସିବା ପରେ ପରିବାର ଲୋକେ ନାବାଳିକା ଝିଅକୁ ପଚାରିବାରୁ ସାଉନା ତା ସହିତ ଦୁଷ୍କର୍ମ କରିଥିଲା ବୋଲି ପ୍ରକାଶ କରିଥିଲା। ଫଳରେ ଏନେଇ ପରିବାର ଲୋକେ ନାଲକୋ ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସାଉନା ସୋରେନକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ସାଉନା ବିଚାରାଧୀନ କଏଦୀ ଭାବେ ସଜା କାଟୁଥିଲା। କିନ୍ତୁ ବୁଧବାର ଆଡହକ୍ ଫାଷ୍ଟ ଟ୍ରାକ୍ କୋର୍ଟ ଜଜ୍ ବିରଞ୍ଚି ନାରାୟଣ ମିଶ୍ର ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ସାଉନା ସୋରେନକୁ ୧୨ଜଣ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ ଜେଲଦଣ୍ଡ ଶୁଣାଣି କରିଛନ୍ତି। ତେବେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରଦୀପ ଭୁଡିଆ ମାମଲା ପରିଚାଳନା କରୁଥିଲେ।

# ବେଗୁନିଆ ସବ୍ ଡିଭିଜନ୍ ହସ୍ପିଟାଲ ପାଇଁ ୪୭.୫୦ କୋଟି

**ଭୁବନେଶ୍ୱର,୨୮।୨(ସମିସ):** ଖୋର୍ଦ୍ଧା ଜିଲ୍ଲା ବେଗୁନିଆରେ ସବ୍ ଡିଭିଜନ୍ ହସ୍ପିଟାଲ କୋଠା ନିର୍ମାଣ ପାଇଁ ରାଜ୍ୟ ସରକାର ୪୭ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ବେଗୁନିଆରେ ୧୦୦ ଶଯ୍ୟା ବିଶିଷ୍ଟ ସବ୍ ଡିଭିଜନ୍ ହସ୍ପିଟାଲ କୋଠା ନିର୍ମାଣ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ସିଭିଲ୍ କାମ ପାଇଁ ୨୫ କୋଟି ୩୭ ଲକ୍ଷ ୩୮ ହଜାର ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଜଳ ଯୋଗାଣ, ପରିମଳ, ସୌର ଆଲୋକ, ବର୍ଷା ଜଳ ଅମଳ ପ୍ରକଳ୍ପ ପାଇଁ ୩ କୋଟି ୩୨ ଲକ୍ଷ ଟଙ୍କା, ବିଦ୍ୟୁତ ସଂଯୋଗ, ଲିଫ୍ଟ, ଅଗ୍ନି ନିରାପତ୍ତା, ଏସି ଆଦି କାମ ପାଇଁ ୯ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସର୍ତ୍ତ ରଖାଯାଇଛି।






କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି।
-ବିଲ୍ ଗେଟ୍ସ



ସକାଳ
THE SAKALA

## ଭାରତରେ ଜୀବନଧାରଣ ମାନ ସର୍ବେକ୍ଷଣ

# ସର୍ବକାଳୀନ ନିମ୍ନସ୍ତରରେ ଦାରିଦ୍ର୍ୟ

ଗୋଟିଏ ଦେଶର ଆର୍ଥିକ ସ୍ୱାସ୍ଥ୍ୟ ତାହାର ନାଗରିକଙ୍କ ଜୀବନଚର୍ଯ୍ୟାରୁ ଜାଣିହୁଏ। ଲୋକଙ୍କ ଆୟ ବଢ଼ିଲେ ଦେଶର ଆୟ ବଢ଼େ। ଲୋକଙ୍କ ହାତକୁ ଅଧିକ ଅର୍ଥ ସହର-ଗ୍ରାମ ନିର୍ବିଶେଷରେ ଆସିଲେ ଧରି ନେବାକୁ ହୁଏ ଅର୍ଥନୈତିକ ବିକାଶ ଓ ସଶକ୍ତୀକରଣର ଲାଭ ସମାବେଶୀ ହୋଇଛି। ଏଥିରେ ସ୍ଥାନ, କ୍ଷେତ୍ର ଓ ଅଞ୍ଚଳ ଭିତ୍ତିରେ ବ୍ୟତିକ୍ରମ ବା ତାରତମ୍ୟ ବିଶେଷ ନାହିଁ। ଆୟ ହିଁ ଉତ୍ତମ ପନ୍ଥା, ଯାହା ବହୁମୁଖୀ ଦାରିଦ୍ର୍ୟର ସଫଳ ମୁକାବିଲା କରେ। ଲୋକଙ୍କ ରୋଜଗାର ବଢ଼ିଲେ ଦେଶର ଜିଡିପିରେ ଅଭିବୃଦ୍ଧି ଘଟେ। ଏବେ ଏକାଧିକ ସଂସ୍ଥା ଓ ସଂଗଠନ ତରଫରୁ ଭାରତର ଆର୍ଥିକ ସ୍ଥିତି ଓ ନାଗରିକଙ୍କ ଭଲ ମନ୍ଦ ସଂକ୍ରାନ୍ତ ସର୍ବେକ୍ଷଣର ରିପୋର୍ଟ ସାର୍ବଜନୀନ କରାଯାଇଛି। ଗତ ଶନିବାର ଭାରତ ସରକାର ଘରୋଇ ଖାଉଟି ସର୍ବେକ୍ଷଣ ରିପୋର୍ଟର ତଥ୍ୟ ପ୍ରକାଶ କରିଛନ୍ତି। ସେହିଭଳି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ଭାରତରେ ଦାରିଦ୍ର୍ୟ ହ୍ରାସ ସଂକ୍ରାନ୍ତ ସର୍ବେକ୍ଷଣ ରିପୋର୍ଟକୁ ସାର୍ବଜନୀନ କରାଯାଇଛି। ଏହି ଦୁଇଟି ରିପୋର୍ଟର ତଥ୍ୟାବଳୀ ଭାରତ ସରକାର ଓ ଆମ ଅର୍ଥନୀତିର ଉତ୍ତମ ଅନୁଭବ ଦେଉଛି। କାରଣ ଉଭୟରେ ସହର ଓ ଗ୍ରାମାଞ୍ଚଳ ଲୋକଙ୍କ ଖର୍ଚ୍ଚ ଏବଂ ଉପଭୋଗ ବଢ଼ିଥିବା ତଥା ଅର୍ଥନୈତିକ ତାରତମ୍ୟ ହ୍ରାସ ପାଇଥିବା ପ୍ରତିଫଳିତ ହୋଇଛି। ସବୁଠୁ ବଡ଼ କଥା ହେଉଛି ବହୁମୁଖୀ ଦାରିଦ୍ର୍ୟ ମଧ୍ୟ ଦେଶରେ ହ୍ରାସ ପାଉଛି।

ପ୍ରଥମେ ଷ୍ଟେଟ୍‌ବ୍ୟାଙ୍କ ସର୍ବେକ୍ଷଣ ତଥ୍ୟ ଉପରେ ଆଲୋକପାତ କରିବା। ଏଥିରେ ଦେଶରେ ଦାରିଦ୍ର୍ୟ ଦ୍ରୁତ ବେଗରେ ହ୍ରାସ ପାଉଥିବା ତଥ୍ୟ ପ୍ରମାଣଭିତ୍ତିକ ପରିସଂଖ୍ୟାନ ପ୍ରଦାନ କରାଯାଇଛି। ଆହୁରି ମଧ୍ୟ ଗ୍ରାମ ଓ ସହରାଞ୍ଚଳ ମଧ୍ୟରେ ଲୋକଙ୍କ ଆୟରେ ଯେଉଁ ବ୍ୟବଧାନ ଥିଲା, ତାହା ଦ୍ରୁତଗତିରେ ସଂକୁଚିତ ହେଉଛି। ଏହା ଷ୍ଟେଟ୍‌ବ୍ୟାଙ୍କର ଏକ ନିରୋଳା ସର୍ବେକ୍ଷଣ ନୁହେଁ, ବରଂ ଏଥିରେ ଖାଉଟିଙ୍କ ଖର୍ଚ୍ଚ ସର୍ବେକ୍ଷଣର ଏକ ଗବେଷଣାତ୍ମକ ଅନୁଶୀଳନ, ଯାହାର ତଥ୍ୟ ଗତ ମଙ୍ଗଳବାର ପ୍ରକାଶ ପାଇଛି। ଏହି ତଥ୍ୟ ଅନୁସାରେ ଦେଶର ଗ୍ରାମାଞ୍ଚଳରେ ୨୦୧୮-୧୯ରୁ ଏ ଯାଏଁ ଦାରିଦ୍ର୍ୟ ୪୪୦ ବେସିସ୍ ପଏଣ୍ଟ କମିଛି। ଗୋଟିଏ ବେସିସ୍ ପଏଣ୍ଟର ଅର୍ଥ ଏକ ଶତାଂଶର ଏକଶହ ଭାଗରୁ ଭାଗେ ବା ୦.୦୧%। ସେହିଭଳି ସହରାଞ୍ଚଳରେ କରୋନା ମହାମାରୀ ପରେ ଦାରିଦ୍ର୍ୟ ୧୭୦ ବେସିସ୍ ପଏଣ୍ଟ କମିଛି। ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ସମାଜର ତଳସ୍ତରରେ ଥିବା ଲୋକଙ୍କ କଲ୍ୟାଣ ପାଇଁ ଯେଉଁ ସବୁ ସରକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି, ତାହାର ସକାରାତ୍ମକ ପ୍ରଭାବ ଅନୁଭୂତ ହେଉଛି। କହିବା ବାହୁଲ୍ୟ ଯେ ସବୁ ସରକାର ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ଗଣତନ୍ତ୍ରରେ କାର୍ଯ୍ୟକାରୀ କରନ୍ତି। ତେବେ ଏହାର ଉତ୍ତମ ରୂପାୟନ ଧାର୍ଯ୍ୟ ଲକ୍ଷ୍ୟ ହାସଲରେ ସହାୟକ ହୋଇଥାଏ। ତେଣୁ ଏହା ପ୍ରମାଣିତ ହେଉଛି ଯେ ସରକାରୀ କଲ୍ୟାଣକାରୀ ଯୋଜନାର ଭଲ ପ୍ରଭାବ ଗ୍ରାମ୍ୟ ଜୀବନ ଜୀବିକା ଉପରେ ପଡ଼ିଛି।

ଏହି ତଥ୍ୟ ଅନୁସାରେ ଭାରତରେ ଏବେ ଗ୍ରାମାଞ୍ଚଳ ଦାରିଦ୍ର୍ୟ ହାର ୭.୨ ଶତାଂଶ। ୨୦୧୧-୧୨ରେ ଏହା ଥିଲା ୨୫.୭। ସେହିଭଳି ୨୦୧୧-୧୨ରେ ସହରାଞ୍ଚଳ ଦାରିଦ୍ର୍ୟ ହାର ୧୩.୭ ଶତାଂଶ ଥିବାବେଳେ ଏବେ ତାହା ୪.୬ କୁ ହ୍ରାସ ପାଇଛି। ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଏକ ସରକାରୀ ସଂସ୍ଥା ହୋଇଥିଲେ ମଧ୍ୟ ଏହାର ସର୍ବେକ୍ଷଣ ଓ ଅନୁଶୀଳନ ନିରପେକ୍ଷତା ସହିତ ବୁଝାମଣା କରିପାରିବ ନାହିଁ ଏବଂ ଏହା ପ୍ରମାଣ ସିଦ୍ଧ ହେବାକୁ ବାଧ୍ୟ। ତେଣୁ ଏହି ତଥ୍ୟାବଳୀକୁ ନେଇ ସନ୍ଦେହର ଅବକାଶ ନାହିଁ। ଏହି ରିପୋର୍ଟ ଅନୁସାରେ ଭାରତରେ ଲୋକଙ୍କ ଇଚ୍ଛାଧୀନ ଖର୍ଚ୍ଚ ହାର ବଢ଼ିଛି। ଲୋକେ ଅଧିକ ଆକାଂକ୍ଷୀ ହେଲେ ସେମାନଙ୍କ ମୌଳିକ ଖର୍ଚ୍ଚ ବାହାରେ ଇଚ୍ଛାଧୀନ ଖର୍ଚ୍ଚ ବଢ଼େ। ନିଶାପାଣି, ଆମୋଦ ପ୍ରମୋଦ, ମନୋରଞ୍ଜନ, ଘର କରଣା ସାମଗ୍ରୀ କ୍ରୟ ଆଦିରେ ସେମାନେ ପଇସା ଖର୍ଚ୍ଚ କରନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସର୍ବେକ୍ଷଣ ତଥ୍ୟ ଅନୁସାରେ ଦେଶର ଗ୍ରାମାଞ୍ଚଳ ଲୋକମାନେ ସହରୀ ଲୋକଙ୍କଠାରୁ ଦ୍ରୁତଗତିରେ ଆକାଂକ୍ଷୀ ହେଉଛନ୍ତି ଏବଂ ପାଖରେ ପଇସା ଥିବାରୁ ଇଚ୍ଛାଧୀନ ଖର୍ଚ୍ଚ ଅଧିକ କରୁଛନ୍ତି। ଏହା ଅସ୍ୱାଭାବିକ ନୁହେଁ, ଅର୍ଥନୀତିର ଏକ ରଚନାତ୍ମକ ଓ ଉତ୍ସାହଜନକ ସୂଚନା।

ଏସ୍‌ବିଆଇ ତଥ୍ୟରେ ଆହୁରି କୁହାଯାଇଛି ଭାରତରେ ସହର ଓ ଗ୍ରାମାଞ୍ଚଳର ମାସିକ ମୁଣ୍ଡପିଛା ଉପଭୋଗ ବ୍ୟୟରେ ଯେଉଁ ପାର୍ଥକ୍ୟ ଥିଲା ତାହା ହ୍ରାସ ପାଇ ୭୧.୨ ଶତାଂଶରେ ପହଞ୍ଚିଛି। ୨୦୦୯-୧୦ରେ ଏହା ୮୮.୨ ଶତାଂଶ ଥିଲା। ଗ୍ରାମାଞ୍ଚଳ ଲୋକଙ୍କ ଆୟ ଓ ବ୍ୟୟ ବଢ଼ିବାରେ ବିଭିନ୍ନ ସରକାରୀ ଯୋଜନାର ଯେ ପ୍ରତ୍ୟକ୍ଷ ସମ୍ପର୍କ ରହିଛି, ଏହାକୁ କ'ଣ ଅସ୍ୱୀକାର କରିହେବ। ମାଗଣା ଚାଉଳ, ସ୍ୱାସ୍ଥ୍ୟସେବା, ଅନ୍ୟାନ୍ୟ ରିହାତି, ଡିବିଟି ବ୍ୟବସ୍ଥାରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ସରକାରୀ ଅର୍ଥ ପହଞ୍ଚିବାର ପ୍ରଭାବ ତ ପଡ଼ିବ।

ଅନ୍ୟପକ୍ଷରେ ଶନିବାର ପ୍ରକାଶ ପାଇଥିବା ସରକାରୀ ସର୍ବେକ୍ଷଣ ରିପୋର୍ଟ ମୁଖ୍ୟତଃ ସହର ଓ ଗ୍ରାମାଞ୍ଚଳର ଉପଭୋଗବାଦ, ରୋଜଗାର ଓ ଖର୍ଚ୍ଚର ଯେଉଁ ତଥ୍ୟ ପ୍ରକାଶ କରିଛି, ତାହା ଏସ୍‌ବିଆଇ ସର୍ବେକ୍ଷଣ ସହିତ ପ୍ରାୟ ସମାନ। ସମାଲୋଚକ ଏହାକୁ ପରିସଂଖ୍ୟାନଗତ ପ୍ରହେଳି ବା ଅର୍ଦ୍ଧସତ୍ୟ କହିପାରନ୍ତି। ତେବେ ଦୁଇ ସର୍ବେକ୍ଷଣର ତଥ୍ୟାବଳୀରେ ସାମଞ୍ଜସ୍ୟ ଆସିବା ନିଶ୍ଚିତ ଏକ ବଡ଼ କଥା। ଦୁଇ ସର୍ବେକ୍ଷଣର ତଥ୍ୟ କହୁଛି ଲୋକଙ୍କ ଆୟ ଓ ଖର୍ଚ୍ଚ ବଢୁଛି। ଏହା ଭଲ। ସହର ଓ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ କମୁଥିବାବେଳେ ଉଭୟ ପକ୍ଷର ଲୋକେ ଖାଦ୍ୟ ଉପରେ ଅଧିକ ଖର୍ଚ୍ଚ ନ କରି ଅନ୍ୟ ବାବଦରେ ଅର୍ଥ ବ୍ୟୟ କରୁଛନ୍ତି। ସେମାନେ ଜୀବନକୁ ସରସସୁନ୍ଦର ଓ ପରିପୂର୍ଣ୍ଣ କରିବାକୁ ଚାହୁଁଛନ୍ତି। ତେବେ ଏ କ୍ଷେତ୍ରରେ ଗୋଟିଏ ବିଲକ୍ଷଣ ହେଲା ଉପଭୋକ୍ତାବାଦ (କନ୍‌ଜପସନ୍) ଅଭିବୃଦ୍ଧି ଜିଡିପି ଅଭିବୃଦ୍ଧିରେ ବିଶେଷ ସହାୟକ ହେଉନାହିଁ। ସୂଚନାଯୋଗ୍ୟ ଯେ ସବୁ ଉତ୍ପାଦନର ମୌଳିକ ଲକ୍ଷ୍ୟ ହେଲା ଉପଯୋଗ। ତାହା ଯଦି ଠିକ୍ ଭାବେ ନ ହେବ ଉତ୍ପାଦନର ଲକ୍ଷ୍ୟ ପୂରଣ ହେବ ନାହିଁ।

ଭାରତର ଅର୍ଥନୈତିକ ତଥ୍ୟାବଳୀର ବିଶେଷତ୍ୱ ହେଲା ଏହା ବିଭିନ୍ନ ମଡ୍ୟୁଲକୁ ନେଇ ପ୍ରସ୍ତୁତ ହୋଇଥାଏ। ତେଣୁ ମଡ୍ୟୁଲାର ଡିଜାଇନ୍ ଭିତ୍ତିକ ତଥ୍ୟାବଳୀରେ ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ସବିଶେଷ ଏବଂ ସୂକ୍ଷ୍ମ ତଥ୍ୟାବଳୀ ପାଇବାକୁ ଉଦ୍ୟମ ହୋଇଥାଏ। ଯେଉଁସବୁ ସଂସ୍ଥା ଏହିସର୍ବେକ୍ଷଣ କରୁଛନ୍ତି, ସେଥିରେ ଲୋକଙ୍କ ଆୟ, କନ୍‌ଜପସନ୍ ଧାରା, ଦାରିଦ୍ର୍ୟ ଦୂରୀକରଣ ଓ ସରକାରୀ ଯୋଜନାର ପ୍ରଭାବ ଆଦି ସମ୍ପର୍କରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ଏଥିରେ ଜିଡିପି ଓ ଖାଉଟି ମୂଲ୍ୟ ସୂଚୀ ମଧ୍ୟ ପ୍ରାଧାନ୍ୟ ପାଉଛି। ଭାରତ ସରକାର ବହୁ ବିଳମ୍ବରେ ହେଉ ପଛେ ଶେଷରେ ସାଧାରଣ ନିର୍ବାଚନ ପୂର୍ବରୁ ହାଉସ୍ ହୋଲ୍ଡ କଞ୍ଜ୍ୟୁମର ସର୍ଭେ ରିପୋର୍ଟ ୧୧ ବର୍ଷ ବ୍ୟବଧାନରେ ପ୍ରକାଶ କରିଛନ୍ତି। ଏହି ସର୍ଭେଟି ୨୦୨୨ ଅଗଷ୍ଟରୁ ୨୦୨୩ ଜୁଲାଇ ମଧ୍ୟରେ ହୋଇଥିଲା। ଏହି ତଥ୍ୟ ଆଧାରରେ ଜିଡିପି, ମୁଦ୍ରାସ୍ଫୀତି ଓ ଦାରିଦ୍ର୍ୟ ଦୂରୀକରଣ ତଥ୍ୟର ଅଦ୍ୟତନ (ଅପଡେଟ୍) କାମ ସହଜରେ ହୋଇପାରିବ। ନୂଆ ତଥ୍ୟ ଆଧାରରେ ଆମ ଦାରିଦ୍ର୍ୟ ଦୂରୀକରଣ ଓ ଜନକଲ୍ୟାଣ କାର୍ଯ୍ୟ ଦ୍ରୁତତର ହେବ।

# ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ



ପ୍ରହଲାଦ କୁମାର ସିଂହ
ଭୁବନେଶ୍ୱର, ମୋ: ୯୪୩୭୦୧୭୩୯୫

ସ୍ୱାଧୀନତା ପ୍ରାପ୍ତିଠାରୁ ଏଯାବତ୍ ୧୫ ଜଣ ନେତା ବିଭିନ୍ନ ସମୟରେ ଦେଶର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରି ଶାସନ କଳକୁ ନିୟନ୍ତ୍ରିତ କରିଆସିଛନ୍ତି। ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ବଡଲାଟ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଏକ୍‌ଜିକ୍ୟୁଟିଭ କାଉନ୍‌ସିଲରେ କଂଗ୍ରେସ, ମୁସଲିମ୍ ଲିଗ୍ ସମେତ ବିଭିନ୍ନ ବର୍ଗର ପ୍ରତିନିଧିତ୍ୱ ଥିଲା। ୧୯୪୭ ଅଗଷ୍ଟ ୧୫ରେ ଦେଶ ସ୍ୱାଧୀନ ହେଲା ଏବଂ ସେହି ମଧ୍ୟରାତ୍ରିରେ ବଡ଼ଲାଟ ଲର୍ଡ ମାଉଣ୍ଟବ୍ୟାଟେନ୍ ପଣ୍ଡିତ ଜବାହାରଲାଲ ନେହେରୁଙ୍କୁ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ। ସମ୍ବିଧାନ ଲାଗୁ ହେବାପରେ ନେହେରୁ ୧୯୫୨, ୧୯୫୭ ଓ ୧୯୬୨ର ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶର ଫୁଲପୁର ଆସନରୁ ବିଜୟୀ ହୋଇଆସୁଥିଲେ। ପ୍ରଧାନମନ୍ତ୍ରୀ ଥିବା ସମୟରେ ନେହେରୁଙ୍କର ୧୯୬୪ ମଇ ୨୭ ତାରିଖରେ ଦେହାନ୍ତ ହୋଇଥିଲା। ମୋଟାମୋଟି ଭାବେ ସ୍ୱାଧୀନ ଭାରତରେ ପଣ୍ଡିତ ନେହେରୁ ୧୬ ବର୍ଷ ୨୮୬ ଦିନ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

ନେହେରୁଙ୍କ ମୃତ୍ୟୁ ପରେ ବରିଷ୍ଠ କଂଗ୍ରେସ ନେତା ଗୁଲଜାରୀଲାଲ୍ ନନ୍ଦା ୧୯୬୪ ଜୁନ୍ ୯ ତାରିଖ ପର୍ଯ୍ୟନ୍ତ କାମଚଳା ପ୍ରଧାନମନ୍ତ୍ରୀ ଭାବେ ମାତ୍ର ୧୩ ଦିନ ପାଇଁ ଶାସନଡୋରି ସମ୍ଭାଳି ଥିଲେ। ଲାଲ୍ ବାହାଦୂର ଶାସ୍ତ୍ରୀ ୧୯୬୪ ଜୁନ୍ ୯ ତାରିଖରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଦେଶର ସବୁଠାରୁ ଲୋକପ୍ରିୟ, ସ୍ୱଚ୍ଛ, ନିର୍ଭୀକ ଓ ଦରଦୀ ପ୍ରଧାନମନ୍ତ୍ରୀ ଭାବେ ଏବେ ବି ଶାସ୍ତ୍ରୀଜୀ ଜନମାନସରେ ରହିଛନ୍ତି। ପ୍ରଧାନମନ୍ତ୍ରୀ ଥିବା ସମୟରେ ୧୯୬୬ ଜାନୁଆରୀ ୧୧ ତାରିଖରେ ସୋଭିଏତ୍ ରୁଷର ତାସକେଣ୍ଟଠାରେ ସନ୍ଦେହଜନକ ବାତାବରଣରେ ଶାସ୍ତ୍ରୀଜୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କ ପରେ ପୁଣି ଗୁଲ୍‌ଜାରୀଲାଲ୍ ନନ୍ଦାଙ୍କୁ ଆଉ ୧୩ ଦିନ ପାଇଁ କାମଚଳା ପ୍ରଧାନମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥିଲା। ସମ୍ପ୍ରତି ଅନେକ ନେତାଙ୍କ ପାଇଁ ରାଜନୀତି ଏକ ଲାଭଜନକ ବ୍ୟବସାୟ ଏବଂ ଧନ ଓ କ୍ଷମତା ଅର୍ଜନର କେନ୍ଦ୍ର ହୋଇଥିବାବେଳେ ଲାଲ ବାହାଦୂର ଶାସ୍ତ୍ରୀ ଓ ଗୁଲଜାରୀଲାଲ୍ ନନ୍ଦାଙ୍କ ଭଳି ସଂଗ୍ରାମୀ, ତ୍ୟାଗୀ, ସ୍ୱଚ୍ଛ ଓ ଦେଶପ୍ରେମୀମାନେ କିନ୍ତୁ ରାଜନୀତିକୁ ସେବାର କ୍ଷେତ୍ର ଭାବେ ଗ୍ରହଣ କରିଥିଲେ।

୧୯୬୬ ଜାନୁଆରୀ ୨୪ ତାରିଖ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ। ସେତେବେଳେ ସେ ଉତ୍ତର ପ୍ରଦେଶରୁ ରାଜ୍ୟସଭା ସଦସ୍ୟ ଥିଲେ। ପରେ ୧୯୬୭ ଓ ୧୯୭୧ରେ ଇନ୍ଦିରା ଉତ୍ତର ପ୍ରଦେଶର ରାଏବରେଲି ନିର୍ବାଚନମଣ୍ଡଳୀରୁ ଲୋକସଭାକୁ ନିର୍ବାଚିତ ହୋଇ ୧୯୭୭ ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ। ପୂର୍ବରୁ ରାଏବରେଲି ଆସନରୁ ଇନ୍ଦିରାଙ୍କ ସ୍ୱାମୀ ଫିରୋଜ୍ ଗାନ୍ଧୀ ନେହେରୁଙ୍କ ସମୟରେ ଲୋକସଭାକୁ ନିର୍ବାଚିତ ହୋଇ ଆସୁଥିଲେ ଏବଂ ଏହି ଆସନର ସାଂସଦ ଥିବାବେଳେ ତାଙ୍କର ଦେହାନ୍ତ ହୋଇଥିଲା। ଉଲ୍ଲେଖନୀୟ ଯେ ରାଏବରେଲିରୁ ଇନ୍ଦିରାଙ୍କ ନିର୍ବାଚନକୁ ଆହ୍ଲାବାଦ ହାଇକୋର୍ଟ ୧୯୭୫ ଜୁନ୍ ୧୨ ତାରିଖରେ ଅସିଦ୍ଧ ଘୋଷଣା କରିଥିଲେ ଏବଂ ପରେ ତାହା ସୁପ୍ରିମ୍‌କୋର୍ଟରେ କାଟ୍ ଖାଇ ଯାଇଥିଲା। ସେହି ମାସରେ ଦେଶରେ ଜାତୀୟ ଜରୁରୀ ପରିସ୍ଥିତି ଜାରି କରାଯିବା ସଙ୍ଗେ ସଙ୍ଗେ ବିରୋଧୀ ଦଳର ପ୍ରାୟ ସବୁ ନେତାଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। ଇନ୍ଦିରାଙ୍କ ଶାସନ ସମୟରେ ଲୋକସଭାର କାର୍ଯ୍ୟକାଳ ୧୯୭୬ ମସିହାରେ ଶେଷ ହେବାକୁ ଥିବା ବେଳେ ତାହାକୁ ବର୍ଷେ ମଧ୍ୟ ବଢ଼ାଇ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଇନ୍ଦିରା ଗାନ୍ଧୀ ୧୧ ବର୍ଷ ୫୯ ଦିନ ଦେଶର ପ୍ରଧାନମନ୍ତ୍ରୀ ଥିଲେ।



ପ୍ରାୟ ୩୦ ବର୍ଷର କଂଗ୍ରେସ ଶାସନର ଅନ୍ତ ଘଟାଇ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଦିଗ୍‌ଦର୍ଶନରେ ଗଠିତ ହୋଇଥିବା ଜନତା ପାର୍ଟି ୧୯୭୭ ମସିହାରେ କେନ୍ଦ୍ରରେ ସରକାର ଗଢ଼ିଲା। ମୋରାରଜୀ ଭାଇ ଦେଶାଇ ପ୍ରଥମ ଅଣକଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ୧୯୭୭ ମାର୍ଚ୍ଚ ୨୪ରେ ଦାୟିତ୍ୱ ଗ୍ରହଣ କରି ୨ ବର୍ଷ ୧୨୬ ଦିନ ଦେଶର ଶାସନ ଡୋରି ସମ୍ଭାଳିଥିଲେ। ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ତାଙ୍କ ସରକାରର ସ୍ୱରାଷ୍ଟ୍ର ମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ଉଦ୍ୟମ ସଫଳ ହେଲା ଏବଂ ଜନତା ପାର୍ଟିରୁ ବିଛିନ୍ନ ହୋଇ ଚରଣ ସିଂହ ଧର୍ମନିରପେକ୍ଷ ଜନତା ଦଳ ଗଢ଼ି କଂଗ୍ରେସ ସହାୟତାରେ ୧୯୭୯ ଜୁଲାଇ ୨୮ ତାରିଖରେ ଦେଶର ପ୍ରଧାନମନ୍ତ୍ରୀ ହେଲେ। କଂଗ୍ରେସ ସମର୍ଥନ ପ୍ରତ୍ୟାହାର କରିନେଇ ଚରଣ ସିଂହ ସରକାରକୁ ମଝି ଦରିଆରେ ବୁଡାଇ ଦେଲା। ୧୯୮୦ ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ୧୭୦ ଦିନ ଧରି ଚରଣ ସିଂହ ଦେଶର ପ୍ରଧାନମନ୍ତ୍ରୀ ରହି ତାଙ୍କ ଜୀବନର ଶେଷ ଅଭିଳାଷ ପୂରଣ କରିଥିଲେ। ସେତେବେଳେ ମୋରାରଜୀ ଭାଇ ଗୁଜରାଟର ସୁରଟ ଓ ଚରଣ ସିଂହ ଉତ୍ତରପ୍ରଦେଶର ବାଘପାତ୍ ଲୋକସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିଲେ।

ଦ୍ୱିତୀୟ ପାଳିରେ କଂଗ୍ରେସ ନେତ୍ରୀ ଇନ୍ଦିରା ଗାନ୍ଧୀ ପୁଣି ୧୯୮୦ ଜାନୁଆରୀ ୧୪ ତାରିଖରୁ ଭାରତର ପ୍ରଧାନମନ୍ତ୍ରୀ ହେଲେ। ସେତେବେଳେ ସେ ଆନ୍ଧ୍ରପ୍ରଦେଶ ମେଡାକ୍‌ର ସାଂସଦ ଥିଲେ। ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକ୍ରମରେ ୧୯୮୪ ଅକ୍ଟୋବର ୩୧ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ପରିସରରେ ଇନ୍ଦିରା ତାଙ୍କ ନିଜ ଅଙ୍ଗରକ୍ଷୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିଲେ। ଏହି ପାଳିରେ ଇନ୍ଦିରାଙ୍କ ଶାସନ ଅବଧି ଥିଲା ୪ ବର୍ଷ ୨୯୧ ଦିନ।

ଉତ୍ତରପ୍ରଦେଶର ଆମେଥି ସାଂସଦ ଥିବା ତାଙ୍କ ପୁଅ ରାଜୀବ ଗାନ୍ଧୀ ଇନ୍ଦିରାଙ୍କ ନିଧନ ପରେ ଦେଶର ପ୍ରଧାନମନ୍ତ୍ରୀ ହେଲେ। ୧୯୮୪ ଡିସେମ୍ବର ମାସରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ରାଜୀବଙ୍କ ନେତୃତ୍ୱରେ କଂଗ୍ରେସ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ରାଜୀବ ଗାନ୍ଧୀ ୧୯୮୯ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ୫ ବର୍ଷ ୩୨ ଦିନ ଧରି ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ।

ରାଜୀବ ଗାନ୍ଧୀଙ୍କ ସରକାରରେ କେନ୍ଦ୍ରମନ୍ତ୍ରୀ ଥିବା ବିଶ୍ୱନାଥ ପ୍ରତାପ ସିଂହ କଂଗ୍ରେସ ଦଳ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ବ୍ୟାପକ ଅଭିଯାନ ଚଳାଇଲେ। ଫଳସ୍ୱରୂପ ତାଙ୍କ ନେତୃତ୍ୱରେ ୧୯୮୯ ଡିସେମ୍ବର ୨ ତାରିଖରେ କେନ୍ଦ୍ରରେ ଜନତା ଦଳ ସରକାର ଗଠିତ ହେଲା। ଜନତା ଦଳ ସେତେବେଳେ ଜାତୀୟ ଫ୍ରଣ୍ଟର ପ୍ରମୁଖ ଅଂଶୀଦାର ଥିଲା। ତେବେ ମାତ୍ର ୩୪୩ ଦିନର ପ୍ରଧାନମନ୍ତ୍ରିତ୍ୱ ପରେ ଭି.ପି ସିଂହ ୧୯୯୦ ନଭେମ୍ବର ୧୦ ତାରିଖରେ ପଦତ୍ୟାଗ କଲେ। ସେତେବେଳେ ସେ ଉତ୍ତର ପ୍ରଦେଶର ଫତେପୁରର ସାଂସଦ ଥିଲେ।

ଭି.ପି ସିଂହଙ୍କ ପରେ ସମାଜବାଦୀ ଜନତା ପାର୍ଟି ନେତା ତଥା ଉତ୍ତର ପ୍ରଦେଶର ବାଲିଆର ଲୋକସଭା ସାଂସଦ ଚନ୍ଦ୍ରଶେଖର କଂଗ୍ରେସ ସହଯୋଗରେ ୧୯୯୦ ନଭେମ୍ବର ୧୦ ତାରିଖରେ ଦେଶର ପ୍ରଧାନମନ୍ତ୍ରୀ ହେଲେ। ପୁଣି କଂଗ୍ରେସ୍ ସମର୍ଥନ ପ୍ରତ୍ୟାହାର କରିନେବାରୁ ମାତ୍ର ୨୨୩ ଦିନ ପାଇଁ ଦେଶ ଶାସନ କରିବାର ସୌଭାଗ୍ୟ ପାଇଥିବା ଚନ୍ଦ୍ରଶେଖର ୧୯୯୧ ଜୁନ୍ ୨୧ ତାରିଖରେ କ୍ଷମତାରୁ ବିଦା ହୋଇଥିଲେ।

୧୯୯୧ ଜୁନ୍ ୨୧ ତାରିଖରେ ଦିଲ୍ଲୀରେ ପୁଣି କଂଗ୍ରେସ ସରକାର ଗଢ଼ିଲା। ପ୍ରଥମ ଥର ପାଇଁ ନେହେରୁ-ଇନ୍ଦିରା ପରିବାର ବାହାରର ଜଣେ ନେତା ଆନ୍ଧ୍ରପ୍ରଦେଶ ନନ୍ଦିଆଲ୍‌ର ସାଂସଦ ପି.ଭି ନରସିଂହ ରାଓ ପ୍ରଧାନମନ୍ତ୍ରୀ ହେଲେ। ପରେ ସେ ଓଡ଼ିଶାର ବ୍ରହ୍ମପୁର ଲୋକସଭା କ୍ଷେତ୍ରରୁ ବିଜୟୀ ହୋଇଥିଲେ। ନରସିଂହ ରାଓଙ୍କ ସରକାର ୧୯୯୬ ମେ' ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ସରକାରର ଅବଧି ଥିଲା ୪ ବର୍ଷ ୩୩୦ ଦିନ।

ପୁଣିଥରେ ୧୯୯୬ ମେ' ୧୬ ତାରିଖରେ କେନ୍ଦ୍ରରେ ଅଣକଂଗ୍ରେସ ସରକାର ଗଠିତ ହେଲା। ଲକ୍ଷ୍ନୌର ସାଂସଦ ତଥା ଭାରତୀୟ ଜନତା ପାର୍ଟିର ନେତା ଅଟଳ ବିହାରୀ ବାଜପେୟୀ ଏହି ସରକାରର ନେତୃତ୍ୱ ନେଲେ। ୧୬ ଦିନ ଧରି ପ୍ରଧାନମନ୍ତ୍ରୀ ରହିବା ପରେ ବାଜପେୟୀ ଇସ୍ତଫା ଦେଇଥିଲେ। ତାଙ୍କ ପ୍ରଥମ ପାଳିର ପ୍ରଧାନମନ୍ତ୍ରିତ୍ୱ ୧୯୯୬ ଜୁନ୍ ପହିଲା ପର୍ଯ୍ୟନ୍ତ ଥିଲା। ତାଙ୍କ ପରେ ଜନତା ଦଳ ନେତା ଏଚ୍.ଡି ଦେବଗୌଡ଼ା ଦେଶର ପ୍ରଧାନମନ୍ତ୍ରୀ ହୋଇ ୧୯୯୭ ଏପ୍ରିଲ୍ ୨୧ ତାରିଖରେ ଇସ୍ତଫା ଦେଇଥିଲେ। ୩୨୪ ଦିନ ଧରି ଦେଶର ପ୍ରଧାନମନ୍ତ୍ରୀ ହୋଇଥିବା ଦେବଗୌଡ଼ା ଥିଲେ କର୍ଣ୍ଣାଟକରୁ ନିର୍ବାଚିତ ରାଜ୍ୟସଭା ସଦସ୍ୟ। ତାଙ୍କ ଇସ୍ତଫା ପରେ ଜନତା ଦଳ ନେତା ଇନ୍ଦର କୁମାର ଗୁଜୁରାଲ୍ ୧୯୯୭ ଏପ୍ରିଲ୍ ୨୧ ତାରିଖରେ ଦେଶର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇ ୧୯୯୮ ମାର୍ଚ୍ଚ ୧୯ ପର୍ଯ୍ୟନ୍ତ କାର୍ଯ୍ୟ ତୁଲାଇଥିଲେ। ଗୁଜୁରାଲ୍‌ଙ୍କ ସରକାର ୩୩୨ ଦିନ ପାଇଁ ଚାଲିଥିଲା।

ଏହାପରେ ପୁଣିଥରେ ଅଟଳ ବିହାରୀ ବାଜପେୟୀ ଦ୍ୱିତୀୟ ଥର ପାଇଁ ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ ୧୯୯୮ ମାର୍ଚ୍ଚ ୧୯ ତାରିଖରେ। ତାଙ୍କର ଏହି ଦ୍ୱିତୀୟ ପାଳି ସରକାର ୧୯୯୯ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ପରେ ସେ ପୁଣି ତୃତୀୟ ବାର ଦେଶର ପ୍ରଧାନମନ୍ତ୍ରୀ ହୋଇ ୨୦୦୪ ମେ' ୨୨ ତାରିଖ ପର୍ଯ୍ୟନ୍ତ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ହିସାବରେ ଦେଶ ଶାସନ କରିଥିଲେ। ତିନୋଟି ପର୍ଯ୍ୟାୟରେ ବାଜପେୟୀ ୬ ବର୍ଷ ୮୦ ଦିନ ପାଇଁ ଦେଶର ପ୍ରଧାନମନ୍ତ୍ରୀ ଥିଲେ।

କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ୟୁପିଏ ୨୦୦୪ ଲୋକସଭା ନିର୍ବାଚନରେ ବିପୁଳ ବିଜୟ ହାସଲ କଲା। ଏଥର ସୋନିଆ ପ୍ରଧାନମନ୍ତ୍ରୀ ନ ହୋଇ ମନମୋହନ ସିଂହଙ୍କୁ ସେହି ଆସନରେ ବସାଇଥିଲେ। ଦୁଇଟି ପାଳିରେ ମନମୋହନ ସିଂହ ୨୦୦୪ ମେ' ୨୨ ତାରିଖରୁ ୨୦୧୪ ମେ' ୨୬ ତାରିଖ ପର୍ଯ୍ୟନ୍ତ ପ୍ରାୟ ୧୦ ବର୍ଷ ଧରି ଦେଶର ପ୍ରଧାନମନ୍ତ୍ରୀ ଥିଲେ। ସେତେବେଳେ ମନମୋହନ ଆସାମରୁ ରାଜ୍ୟସଭାକୁ ନିର୍ବାଚିତ ହୋଇ ଆସିଥିଲେ।

୨୦୧୪ ନିର୍ବାଚନରେ ବିଜେପି ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ବହୁମତ ହାସଲ କଲା। ୨୦୧୪ ମେ' ୨୬ ତାରିଖରେ ବିଜେପି ନେତା ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଉଥରେ କେନ୍ଦ୍ରରେ ଅଣକଂଗ୍ରେସ ସରକାର ଗଠିତ ହେଲା। ଏହି ସରକାର ପୂରା ୫ ବର୍ଷ କାର୍ଯ୍ୟକାଳ ପୂରଣ କରିବା ପରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୨୦୧୯ର ସାଧାରଣ ନିର୍ବାଚନରେ ପୂର୍ଣ୍ଣ ବହୁମତ ହାସଲ କରିଥିବାରୁ ଦେଶ ଶାସନର ଚାବିକାଠି ମୋଦୀଙ୍କ ହାତରେ ଆଉ ୫ ବର୍ଷ ପାଇଁ ପଡ଼ିଛି। ଏବେ ୨୦୨୪ର ସାଧାରଣ ନିର୍ବାଚନରେ ଦେଶର ପ୍ରାୟ ୯୬କୋଟି ୮୮ଲକ୍ଷ ସଚେତନ ମତଦାତା ନିଷ୍ପତ୍ତି ନେବେ କେଉଁ ଦଳ, ମେଣ୍ଟ ଓ ନେତାଙ୍କ ହାତରେ ଦେଶର ଶାସନ ଡୋରି ଛାଡିବେ ବୋଲି। ୧୯୪୭ରୁ ଏଯାବତ୍ ସ୍ୱାଧୀନ ଭାରତରେ ନେହେରୁଙ୍କ ଠାରୁ ନରେନ୍ଦ୍ର ମୋଦୀଙ୍କ ପର୍ଯ୍ୟନ୍ତ ଦେଶ ଶାସନ ଚଳାଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳର ଏହା ହେଉଛି ସଂକ୍ଷିପ୍ତ ଇତିହାସ।

# ଲୁପ୍ତପ୍ରାୟ ଲୋକକଳା ସଖୀନାଚ



ବିପିନ ମହାପାତ୍ର
ବ୍ରହ୍ମପୁର, ମୋ: ୯୮୫୩୭୫୧୩୨୨

ଓଡ଼ିଆ ଲୋକନାଟ୍ୟ ପରମ୍ପରାରେ ଅବିଭକ୍ତ ଗଞ୍ଜାମ ଜିଲ୍ଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଅଞ୍ଚଳ କେବଳ ଗବେଷକମାନଙ୍କ ପାଇଁ ସଂସ୍କୃତି ଗବେଷଣାର ଗନ୍ତାଘର ହୋଇ ରହିନାହିଁ, ବରଂ ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ଚର୍ଚ୍ଚିତ ଓ ଆଲୋଚିତ ହୋଇ ଭାରତର କଳା ଓ ସଂସ୍କୃତିକୁ ସମୃଦ୍ଧ କରିପାରିଛି। ଏହି ଆଲେଖ୍ୟରେ ଗଞ୍ଜାମର ବହୁପ୍ରଚଳିତ ଓ ବହୁଆଦୃତ ଏକାଧିକ ଲୋକନାଟ୍ୟ ମଧ୍ୟରୁ ଅନ୍ୟତମ 'ସଖୀନାଚ'ର ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ସଂକ୍ଷିପ୍ତରେ ଆଲୋଚନା କରାଯାଇଛି।

ପ୍ରମୁଖ ଲୀଳା ନାଟକ ଅର୍ଥାତ୍ ରାସଲୀଳା, ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମ ଲୀଳା ଓ ଭାରତ ଲୀଳାର କ୍ରମବିକାଶ ପଥରେ ଏକଦା ପ୍ରତିଭାତ ହୋଇଥିଲା ସଖୀନାଚ। ଅବିଭକ୍ତ ଗଞ୍ଜାମ ଅନ୍ତର୍ଗତ ପ୍ରମୁଖ ଗଡ଼ଜାତର ରାଜା, ଜମିଦାର ଓ ମଠାଧୀଶମାନଙ୍କ ସାହିତ୍ୟ, କଳା ଓ ସଂସ୍କୃତି ପ୍ରତି ବିଶେଷ ଆକର୍ଷଣ ଓ ଶ୍ରଦ୍ଧା ଯୋଗୁଁ ଏହା କେବଳ ସମ୍ଭବ ହେଇପାରିଥିଲା। ମୁଖ୍ୟତଃ ସାମନ୍ତବାଦୀ ସଭ୍ୟତା ସହ ସଖୀନାଚ ଯୋଡ଼ି ହୋଇଥିବାର ଅନେକ ଦୃଷ୍ଟାନ୍ତ ରହିଛି। ପୁରୁଷ ଓ ନାରୀ ସମେତ ଅନ୍ୟାନ୍ୟ ଲୋକନାଟ ପରି ସଖୀନାଚରେ ବହୁ କଳାକାରଙ୍କ ଅଭିନୟ, ଆକର୍ଷଣୀୟ ରଙ୍ଗମଞ୍ଚ ଓ ପ୍ରେକ୍ଷାଳୟ, ହାରମୋନିୟମ୍, ମର୍ଦ୍ଦଳ, ତବଲା ଓ ଛୋଟ ଗିନି ବ୍ୟତୀତ ଅନ୍ୟ କୌଣସି ସାଂଗୀତିକ ଉପକରଣର ଆବଶ୍ୟକତା ନଥିଲା କି ଏବେ ବି ନାହିଁ। ଆୟୋଜକମାନଙ୍କ ବଙ୍ଗଳାର ପ୍ରାଙ୍ଗଣରେ ଖୋଲା ଆକାଶ ତଳେ ଏହା ପରବେଷିତ ହେଉଥିଲା। କେବଳ ଅନ୍ତେବାସୀଙ୍କ ଛଡ଼ା ଅନ୍ୟମାନେ ଏହି ନାଚକୁ ଉପଭୋଗ କରିପାରୁନଥିଲେ। ମାତ୍ର ଦୁଇ ଜଣ ପୁଅ, ଝିଅ ବେଶରେ ସଜ୍ଜିତ ହୋଇ ନାଚ କରୁଥିଲେ। ଏଥିପାଇଁ ନିଯୁକ୍ତି ପାଇଥିବା ନାଟ୍ୟଗୁରୁଙ୍କ ନିର୍ଦ୍ଦେଶନାରେ ଏମାନେ ମାସ ମାସ ଧରି ନାଟ୍ୟାଭାସ କରୁଥିଲେ। ସମସ୍ତଙ୍କୁ ଉପଯୁକ୍ତ ପାରିଶ୍ରମିକର ବ୍ୟବସ୍ଥା ଥିଲା। ସ୍ୱଳ୍ପ ବ୍ୟୟରେ ଏହାର ପରିବେଷଣ ଶୈଳୀ ମନୋରଞ୍ଜନର ବେଶ୍ ଖୋରାକ୍ ଯୋଗାଇ ପାରୁଥିଲା।

ବିଂଶ ଶତାବ୍ଦୀର ମଧ୍ୟାନ୍ତରରେ ଜମିଦାରୀ ପ୍ରଥାର ଉଚ୍ଛେଦ ପରେ ପରେ ଏହି ନାଚ କ୍ରମଶଃ ଗ୍ରାମାଞ୍ଚଳ, ନଗର, ଜନପଦର ଜାନିଯାତ୍ରା, ମେଳା ମହୋତ୍ସବରେ ପ୍ରଦର୍ଶିତ ହୋଇ ଜନଜୀବନକୁ ଯଥେଷ୍ଟ ପ୍ରଭାବିତ କଲା। ସମ୍ପୃକ୍ତ କଳାକାରମାନେ ପେସାଦାର ହୋଇଥିବାରୁ ଏହାକୁ ଛାଡ଼ି ପାରିନଥିଲେ। ସେମାନଙ୍କର ମନମୁଗ୍ଧକର କଳାତ୍ମକ ପରିପ୍ରକାଶ ଆଧୁନିକ ସଭ୍ୟତାରୁ ବାଦ୍ ପଡ଼ିନଥିଲା। ଏଥିପାଇଁ ତଦାନୀନ୍ତନ ଅଗଣିତ ସଙ୍ଗୀତ ଓ ନାଟ୍ୟପ୍ରେମୀଙ୍କ ପ୍ରୋତ୍ସାହନ ବି କମ୍ ନଥିଲା।

ସଖୀନାଚର ଆଙ୍ଗିକତା, ଆତ୍ମିକତା ଏବଂ ଗୁଣାତ୍ମକ ଦୃଷ୍ଟିଭଙ୍ଗୀ ବିଷୟରେ ସଂକ୍ଷେପରେ ଗବେଷକମାନେ କହିଛନ୍ତି ଯେ, ଶିକ୍ଷାଗତ ଯୋଗ୍ୟତା ନଥିଲେ ବି ଦୁଇଜଣ ଯୁବକ ସଖୀ ବେଶରେ ଅବତୀର୍ଣ୍ଣ ହେଇ ସ୍ୱର, ତାଳ ଓ ଲୟ ସାଙ୍ଗକୁ ଅଭିନୟର ସମନ୍ୱୟତା ରକ୍ଷା କରନ୍ତି। ଏଥିପାଇଁ ଦରକାର ପଡ଼ିଥାଏ ସେ ଦୁହିଁଙ୍କ ସୁଲଳିତ କଣ୍ଠସ୍ୱର ଓ ଦୀର୍ଘ ସମୟ ଧରି ଜଣକ ପରେ ଜଣେ ଅଭିନୟ କରିବାର ଧୈର୍ଯ୍ୟ ଓ ଦକ୍ଷତା। ତା' ନ ହେଲେ ଏହାର ଗତିଶୀଳତା ବ୍ୟାହତ ହେଇଯାଏ।

ପ୍ରାରମ୍ଭରୁ ମଙ୍ଗଳାଚରଣ ପରେ ପରେ ମୁଖ୍ୟତଃ ଏହି ନାଚର ପ୍ରକୃତି ଓ ପୁରୁଷ ତଥା ରାଧା ଓ କୃଷ୍ଣଙ୍କ ମାନ, ଅଭିମାନ, ଅଭିସାର, ଶାଶ୍ୱତ ପ୍ରେମ ଓ ବିରହ ସମ୍ପର୍କିତ ପାରମ୍ପରିକ ସଙ୍ଗୀତ ଥିଲା ଉପଜୀବ୍ୟ ବସ୍ତୁ। ଏଗୁଡ଼ିକ ବିଭିନ୍ନ ରାଗ ରାଗିଣୀଯୁକ୍ତ ହୋଇଥାଏ। ଛାନ୍ଦ, ଚୌପଦୀ ବି ଏଥିରେ ଗାନ କରାଯାଏ। ଯଥା -

'ମଲ୍ଲୀମାଳ ଶ୍ୟାମକୁ ଦେବି ମନ ତୋଷିବି। ସେ ଯଦି କରିବେ ମାନ ଭାଙ୍ଗି ଭୁଞ୍ଜାଇବି ପାନ ଗଣ୍ଡେ ଦେଇଣ ଚୁମ୍ବନ ହରଷ କରାଇବି.../ ତୋରେ ଶରଣ ଗଲିରେ ମୁରଲୀ ଦିନେ ନ ଡାକିବୁ ରାଧିକା ବୋଲି... / ଶ୍ୟାମ ନାଗର ହେ ଏ ବେଶ ହୋଇବ ନାହିଁ। ଏ ବେଶ ହୋଇଲେ ପାଷାଣ ତରଳେ ଯୁବତୀ ବଞ୍ଚିବ ନାହିଁ ... / କି ଶୋଭା ଗୋକୁଞ୍ଜେ ମଦନ ମୋହନ ଚାହାଁରେ ପ୍ରାଣ ସଜନୀ.../ କାହିଁ ଗଲେ ମୁରଲୀ ଫୁଙ୍କା, ଯୁବତୀ ରସିଆ କାମିନୀ ରଙ୍କା / ଗଲାଣି ତ ଗଲା କଥାରେ ସଙ୍ଗାତ ଗଲାଣି ତ ଗଲା କଥା। ଗୁପତେ ସିନା ମୁଁ ତତେ ପଚାରୁଛି ବଳି ପଡ଼ିବାରୁ ବ୍ୟଥା... / ମୁଁ ତ କୁଳରୁ ହେଲି ବାହାର ଲୋ ଶ୍ୟାମପ୍ରୀତି କରି ଗଳାହାର... / ମୋର ନିଦ କେଣେ ଦେଲୁ ଭାଙ୍ଗିରେ ସ୍ୱପ୍ନେ ଦେଖୁଥିଲି ପ୍ରାଣସଙ୍ଗୀରେ.../ ଆଜି ଏ କି ଗୁମାନରେ ଚନ୍ଦ୍ରାନନା ଦେଖି ନାହିଁ ସପନ... / ଘନଶ୍ୟାମ ସୁନ୍ଦରରେ ସଜନୀ। ହେମ ବରନୀ ଶ୍ୟାମ ପ୍ରେମରେ ତୋର ନିତି ଜର ଜରରେ.../ ଯମୁନା କୂଳେ କିଏ ମୁରଲୀ ବଜାଏ ଲୋ ରାଧା ରାଧା ରାଧା ବୋଲି... / ବାଟ ଛାଡ଼ ସୁହଟ ନାଗର ଯମୁନାକୁ ଯିବି ନିର ଆଣିକି, ବନ୍ଧା ଦେବି ମୋର ମଥାମଣି କି... / କାନ୍ତ ବିନା ଦିବା ରଜନୀ ସଜନୀ... / ଏ ଘନ କାଳରେ କାନ୍ତ କରିଯା ଗଲେ ଏକାନ୍ତ.../ ଆହା ମୋ ଜୀବନ ଧନୀ ଜୀବନେ କି ଥିବରେ... ଇତ୍ୟାଦି। ଏହି ସଙ୍ଗୀତ ଓ ନୃତ୍ୟ ଘଣ୍ଟା ଘଣ୍ଟା ଧରି ଦର୍ଶକମାନଙ୍କୁ ଆମୋଦିତ କରିଥାଏ। କିନ୍ତୁ କେତୋଟି ଅନିବାର୍ଯ୍ୟ କାରଣରୁ ଆଜି ହୁଏତ ସଖୀନାଚ ଗବେଷଣାର ପରିସରଭୁକ୍ତ ହୋଇନପାରି ବିଲୁପ୍ତ ହେବାକୁ ବସିଲାଣି। ଅବଶ୍ୟ ଲୋକକଳା ଓ ଲୋକନାଟକର ଅଭିବୃଦ୍ଧି ସକାଶେ ସରକାରୀ ପ୍ରୋତ୍ସାହନ ରାଶି କମ୍ ନ ହେଲେ ବି ଏହାର ପରିପ୍ରସାର ଗତିରୋଧ ହେବା ଦୁର୍ଭାଗ୍ୟଜନକ। ତେଣୁ ଏହାର ପୁନରୁଦ୍ଧାର ନିମନ୍ତେ ଯଦି ଉଦ୍ୟମ କରାଯାଇପାରନ୍ତା ତାହା ହେଲେ ସାମ୍ପ୍ରତିକ ଲୋକ ନାଟକର ଭିଡ଼ ଭିତରେ ଏହା ପୂର୍ବାପେକ୍ଷା ଉନ୍ନତ ମାନର ପ୍ରଦର୍ଶନ ପୂର୍ବକ ଆହୁରି ଚିତ୍ତାକର୍ଷକ ଓ ଉପଭୋଗ୍ୟ ହୋଇପାରନ୍ତା। ଏଥିପାଇଁ ନାଟ୍ୟବିତ୍, ଗବେଷକ, ନାଟ୍ୟ ସଂଗଠନ ଓ ନୃତ୍ୟ ସଙ୍ଗୀତ ପ୍ରେମୀମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଲେଖା ଓ ଲୋକମତ ପାଇଁ: sakalaeditorial@gmail.com**

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଅପରାଧ ଇତିହାସର ଦୁଇଟି ଘଟଣାର ମୂକସାକ୍ଷୀ ହେଉଛି ଜଗତସିଂହପୁର ଜିଲ୍ଲା ବିରିଡ଼ିର ବିଲୁଆଖାଇ ନଦୀପଠା । ବହୁଚର୍ଚ୍ଚିତ ଛବିରାଣୀ ହତ୍ୟାକାଣ୍ଡ ଘଟଣାସ୍ଥଳଠାରୁ ଅନତି ଦୂରରେ ପ୍ଲାଷ୍ଟିକ ବସ୍ତାରୁ ଗତ ଦୁଇବର୍ଷ ତଳେ ନର୍ସ ନୀହାରିକା ପାତ୍ରଙ୍କ ହାତଗୋଡ଼ ବନ୍ଧା ମୃତଦେହ ମିଳିଥିଲା । ଯାହାକୁ ନେଇ କେବଳ ଜଗତସିଂହପୁର ନୁହେଁ, ସମଗ୍ର ରାଜ୍ୟରେ ସେତେବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ତେବେ କେମିତି, କାହିଁକି ଏବଂ କଭଳି ପ୍ଲାଷ୍ଟିକ୍ ବସ୍ତା ଭିତରକୁ ନୀହାରିକାଙ୍କ ମୃତଦେହ ଗଲା, ସେ ସମ୍ପର୍କରେ ଜଗତସିଂହପୁରରୁ ରଶ୍ମି ରଞ୍ଜନ ମହାପାତ୍ରଙ୍କ ରିପୋର୍ଟ ।

ଅଭୁଲା ଅପରାଧ



# ବସ୍ତା ଭିତରେ ନର୍ସ ନୀହାରିକା

## ଜୀବନର ଶେଷ ଯାତ୍ରା

୨୦୧୮ ମସିହା ସେପ୍ଟେମ୍ବର ୮, ସମୟ ଅପରାହ୍ଣ ୪.୫୬ ମିନିଟ୍। କଟକର ଏକ ନର୍ସିଂହୋମ୍‌ରୁ ବାହାରିଥିଲେ ନର୍ସ ନୀହାରିକା ପାତ୍ର। ଯାହା ନର୍ସିଂହୋମ୍‌ର ସିସିଟିଭିରେ କଏଦ ହୋଇଥିଲା। ଏହାପରେ ସେ କୁଆଡ଼େ ଗଲେ କାହାରି ପାଖରେ ଏହାର ଉତ୍ତର ନ ଥିଲା। ତେବେ ନର୍ସିଂହୋମ୍ ବାହାରେ ଲାଗିଥିବା ସିସିଟିଭିରେ ଜଣେ ହେଲ୍‌ମେଟ ପିନ୍ଧା ଯୁବକର ଛବି ରହିଥିଲା। ଅପରପକ୍ଷେ ଯିବାର ଦୀର୍ଘ ସମୟ ପରେ ମଧ୍ୟ ନର୍ସିଂହୋମ୍‌କୁ ନୀହାରିକା ନ ଫେରିବାରୁ କର୍ତ୍ତୃପକ୍ଷ ତାଙ୍କୁ ଫୋନ କରିଥିଲେ। ମାତ୍ର ତାଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ସେପ୍ଟେମ୍ବର ୯ ତାରିଖ ଅର୍ଥାତ୍ ନୀହାରିକା ଯିବାର ପରଦିନ ନର୍ସିଂହୋମ ମ୍ୟାନେଜର୍ କଟକର ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। ତେବେ ୧୦ ତାରିଖ ପର୍ଯ୍ୟନ୍ତ ଝିଅର କୌଣସି ଖୋଜ ଖବର ନ ମିଳିବାରୁ ଅଗଷ୍ଟ ୧୦ ତାରିଖରେ ନୀହାରିକାଙ୍କ ମାଆ ମାଧୁପାଟଣା ଥାନାରେ ଏକ ଏତଲା ଦେଇଥିଲେ।

## ୯ ଦିନ ପରେ ମିଳିଲା ମୃତଦେହ

ନୀହାରିକାଙ୍କ ନିଖୋଜ ନେଇ ପୁଲିସଠାରୁ ଆରମ୍ଭ କରି ନର୍ସିଂହୋମ୍ କର୍ତ୍ତୃପକ୍ଷ ଏବଂ ନୀହାରିକାଙ୍କ ସମ୍ପର୍କୀୟଙ୍କଠାରୁ ଆରମ୍ଭ କରି ପୂରା ପରିବାର ଲୋକ ସନ୍ଦେହରେ ଥିବା ବେଳେ ନିଖୋଜର ୯ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୧୭ ତାରିଖରେ ବିରିଡ଼ି ଥାନା ଅନ୍ତର୍ଗତ ହାଜିପୁର ନୂଆପାରୀ ନିକଟରେ ବିଲୁଆଖାଇ ନଦୀ ନିକଟରୁ ଏକ ପ୍ଲାଷ୍ଟିକ୍ ବସ୍ତାରୁ ଗଳିତ ମୃତଦେହ ଉଦ୍ଧାର କରାଯାଇଥିଲା। ତାହା ଉଦ୍ଧାର କରି ପୁଲିସ ଖୋଲିବା ପରେ ଭିତରେ ନୀହାରିକାଙ୍କ ମୃତଦେହ ବୋଲି ଜଣାପଡ଼ିଥିଲା। ଖବର ପାଇ ନୀହାରିକାଙ୍କ ମାଆ, ତାଙ୍କ ଭାଇ ଓ ନର୍ସିଂହୋମର କିଛି



କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ମିଳିଥିବା ମୃତଦେହର ମୁହଁ ସମ୍ପୂର୍ଣ୍ଣ ବିକୃତ ହୋଇଥିବାରୁ ମୃତଦେହର ଚୁଡ଼ିଦାର (ପୋଷାକ) ଓ ବାମ ହାତରେ ବନ୍ଧାଯାଇଥିବା ଏକ ସୂତାର ବ୍ୟାଣ୍ଡରୁ ଏହା ନର୍ସ ନୀହାରିକାଙ୍କ ମୃତଦେହ ବୋଲି ଚିହ୍ନଟ କରାଯାଇଥିଲା। ମୃତଦେହର ପରିଚୟ ସ୍ପଷ୍ଟ ପାଇଁ ବାପା-ମାଆଙ୍କ ଡିଏନ୍ଏ ପରୀକ୍ଷା କରାଯାଇଥିଲା। ସେଥିରୁ ପରିଚୟ ମିଳିବା ପରେ ଜଗତସିଂହପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଏକ ହତ୍ୟା ମାମାଲା ରୁଜୁ କରାଯିବା ସହିତ ଶବ ବ୍ୟବଚ୍ଛେଦ କରାଯାଇଥିଲା। ତେବେ ୮ ତାରିଖରେ ନୀହାରିକାଙ୍କୁ ନର୍ସିଂହୋମରୁ ସାଙ୍ଗରେ ନେଇଥିବା ଯୁବକ ହେଉଛନ୍ତି ତାଙ୍କ ପୁରୁଷ ବନ୍ଧୁ ରାଜକୁ ପରିବାର ଲୋକେ ପଚରାଉଚରା କରିଥିଲେ। କିନ୍ତୁ ସେ ସେହିଦିନ ନର୍ସିଂ ହୋମରେ ଛାଡ଼ିଦେଇଥିବା ସମ୍ପର୍କରେ ନୀହାରିକାଙ୍କ ପରିବାରକୁ କହିଥିଲା। କିନ୍ତୁ ପୁଲିସର ସନ୍ଦେହରୁ ବର୍ତ୍ତିପାରି ନ ଥିଲା ରାଜ। ସବୁଠାରୁ ବଡ଼ କଥା ହେଉଛି ମୃତହେଦ ଉଦ୍ଧାର ହେବା ଦିନଠାରୁ ରାଜ କେଉଁଆଡ଼େ ଫେରାର ହୋଇଯାଇଥିଲା। ଯାହା ପୁଲିସର ସନ୍ଦେହକୁ ଦୃଢ଼ୀଭୂତ କରିଥିଲା। ପରବର୍ତ୍ତୀ ସମୟରେ ପୁଲିସ ପଚରାଉଚରା ପରେ ରାଜ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ସ୍ପଷ୍ଟ ହୋଇଥିଲା।

## କେମିତି ହୋଇଥିଲା ହତ୍ୟା ଯୋଜନା

ପୁଲିସ କହିବାନୁଯାୟୀ ଅଭିଯୁକ୍ତ ରାଜ୍‌ର ନିଜ ମାମୁଘର ଗାଁର ସୁନିଲ ସାହୁଙ୍କ ସହିତ ବନ୍ଧୁତା ରହିଥିଲା। ସୁନିଲ ତାଙ୍କ ଭଉଣୀଙ୍କ ସହିତ କଟକସ୍ଥିତ ଚାଉଳିଆଗଞ୍ଜ ଠାରେ ଭଡ଼ାଘରେ ରହୁଥିଲେ। ରାଜ୍ ଜାଣିଥିଲା ଯେ, ଖୁଦୁରୁକୁଣୀ ଓଷା ପାଇଁ ସୁନିଲଙ୍କ ଭଉଣୀ ନିଜ ଘରକୁ ଯିବେ। ସେମାନେ ଯିବା ପୂର୍ବରୁ ରାଜ ଘରର ଚାବି ତାଙ୍କଠାରୁ ରଖିଥିଲା। ପୂର୍ବ ଯୋଜନା ମୁତାବକ ରାଜ ନୀହାରିକାକୁ ଘଟଣା ଦିନ ବାଇକ୍‌ରେ ସୁନିଲଙ୍କ ରୁମ୍‌କୁ ନେଇଥିଲା। ସେଠାରେ କିଛି ସମୟ କଟାଇବା ସମୟରେ ଉଭୟଙ୍କ ମଧ୍ୟରେ ବିବାହକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏହାପରେ ରାଜ୍ ନୀହାରିକାଙ୍କ ଗଳାକାଟି ହତ୍ୟା କରିଥିଲା। ପ୍ରମାଣ ନଷ୍ଟ ପାଇଁ ନୀହାରିକାଙ୍କ ମୋବାଇଲ ଫୋନକୁ ରାଜ ଫିଙ୍ଗି ଦେଇଥିଲା। ନୀହାରିକାଙ୍କ ମୃତଦେହକୁ ଏକ ପ୍ଲାଷ୍ଟିକ୍ ଅଖାରେ ପୂରାଇ ଏହାକୁ ମଟର ସାଇକଲ୍‌ରେ ବାନ୍ଧି ରାତି ପ୍ରାୟ ୮ଟାରେ ନିଜ ଗାଁ ଆଡ଼କୁ ନେଇଥିଲା। ନୂଆବଜାର ବ୍ରିଜ୍ ପାରିହେବା ପରେ ନିଛାଟିଆ କେନାଲ ରାସ୍ତାରେ ଯାଇ ବିଲୁଆଖାଇ ନଦୀରେ ନୀହାରିକାଙ୍କ ମୃତଦେହ ଫିଙ୍ଗି ଦେଇଥିଲା। ସକାଳେ ସୁନିଲଙ୍କୁ ତାଙ୍କ ଚାଉଳିଆଗଞ୍ଜ ଭଡ଼ାଘରର ଚାବି ଫେରାଇ ଦେଇଥିଲା। ସୁନିଲ ଓ ତାଙ୍କ ଭଉଣୀ ସେପ୍ଟେମ୍ବର ୧୪ ତାରିଖରେ ତାଙ୍କ ଭଡ଼ାଘରକୁ ଫେରିବାପରେ ଘରୁ ଏକ ବେଡ୍‌ସିଟ ନିଖୋଜ ହୋଇଥିବା ଜାଣିବାକୁ ପାଇଥିଲେ। ସେମାନେ ଘରୁ ଏକ କାନ-ରିଂ ପାଇଥିଲେ। ଯାହାକି ନୀହାରିକାଙ୍କର ଥିଲା। ରାଜ ନୀହାରିକାଙ୍କୁ ହତ୍ୟାକରିଥିବା ସମ୍ପର୍କରେ ରାଜାଙ୍କ ବାପା, ମାଆ, ଭାଇ ଓ କିଛି ଗ୍ରାମବାସୀ ମଧ ସୂରାକ ପାଇଥିଲେ। ରାଜ ସେପ୍ଟେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ନିଜ ମାମୁଘରେ ରହିବା ପରେ ସେଠାରୁ ଚେନ୍ନାଇ ପଳାଇ ଯାଇଥିଲା। ତା'ର ପୁରୁଣା ମୋବାଇଲ ଫୋନକୁ ଘରେ ଛାଡ଼ିଯାଇଥିବା ବେଳେ ନୂଆ ମୋବାଇଲ ଓ ଏକ ସିମ୍ କିଣିଥିଲା।



## କାଳ କୋଠରିରେ ପ୍ରେମିକ ରାଜ୍

ରାଜ୍ ଫେରାର ହେବାପରେ ପୁଲିସ ପ୍ରଥମେ ତା'ର ବାପା ଓ ଭାଇକୁ ଥାନାରେ ଅଟକ ରଖିଥିଲା। ସେମାନଙ୍କୁ ଗିରଫକରି କୋର୍ଟ ଚାଲାଣ ପାଇଁ ଧମକ ଦେବାପରେ ରାଜ ଏହି ଖବରପାଇ ବିଚଳିତ ହୋଇଥିଲା। ସେପ୍ଟେମ୍ବର ୨୦ ତାରିଖରେ ରାଜ ସାଲିମାର ଏକ୍ସପ୍ରେସ୍‌ରେ ଚେନ୍ନାଇରୁ ଫେରି ଭୁବନେଶ୍ୱରରୁ ନିଜ ଘରକୁ ଏକ କାରରେ ଫେରୁଥିବା ସମୟରେ ପୁଲିସ ହାଜିପୁର ଛକରୁ ତାକୁ ଗିରଫ କରିଥିଲା। ରାଜ ବିରୋଧରେ ଆଇପିସିର ଧାରା ୩୦୨ ଓ ୨୦୧ଅନୁସାରେ ମାମଲା ରୁଜୁହେବା ସହିତ ତାକୁ କୋର୍ଟଚାଲାଣ କରାଯାଇଥିଲା। ରାଜ ସେବେଠୁ ଜେଲରେ ରହିଆସୁଛି।

## ହତ୍ୟାର ପଛର ରହସ୍ୟ

ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ଅଞ୍ଚଳର ଗଗନ ପାତ୍ର ଓ ପ୍ରତିମା ପାତ୍ରଙ୍କ ଝିଅ ନୀହାରିକା ପାତ୍ର (୨୪) ଘଟଣାର ୫ ବର୍ଷ ପୂର୍ବରୁ ବିରିଡ଼ିରେ ରହୁଥିବା ସମୟରେ ହାଜିପୁର ଗ୍ରାମର କିଶୋର ଆଞ୍ଚଲ ଓରଫ୍ ରାଜଙ୍କୁ ଭଲପାଇ ବସିଥିଲେ। ଉଭୟ ବିରିଡ଼ିର ଗୋଟିଏ କମ୍ପ୍ୟୁଟର ସେଣ୍ଟରରେ ତାଲିମ ନେଉଥିଲେ। ଏପରିକି ସେମାନଙ୍କ ସମ୍ପର୍କକୁ ନେଇ ଉଭୟ ପରିବାର ଅବଗତ ଥିଲେ। ନୀହାରିକା ଏକ ଘରୋଇ ନର୍ସିଂ ହୋମ୍‌ରେ ସ୍ୱଳ୍ପ ବେତନରେ କାମ କରୁଥିଲେ। ତାଙ୍କ ପରିବାରର ଆର୍ଥିକ ଅବସ୍ଥା ଏତେ ଭଲ ନ ଥିବାରୁ ତାଙ୍କ ଉପରେ ନିଜ ଘରର ଦାୟିତ୍ୱ ରହିଥିବା ସମୟରେ ସେ ସାନଭାଇକୁ ପାଠ ପଢ଼ାଇ ମଣିଷ କରିବାକୁ ଚାହୁଁଥିଲେ। ଅନ୍ୟପକ୍ଷରେ ତାଙ୍କ ପ୍ରେମିକ ରାଜ ସେପର୍ଯ୍ୟନ୍ତ କୌଣସି କାମ କରୁ ନ ଥିଲା। ଏହି କାରଣରୁ ଉଭୟଙ୍କ ବିବାହ ହେବାରେ ବିଳମ୍ବ ହୋଇଥିଲା। ନୀହାରିକା ବିବାହ ପାଇଁ ଅରାଜି ହେବା ସମୟରେ ରାଜ ଶୀଘ୍ର ବିବାହ ପାଇଁ ଜିଦ ଧରିବା କାରଣରୁ ଉଭୟଙ୍କ ମଧ୍ୟରେ ମନୋମାଳିନ ଘଟିଥିଲା। ନୀହାରିକା ବିବାହ ପାଇଁ ରୋଜଗାର କରିବା ଉପରେ ଗୁରୁତ୍ୱ ଦେଉଥିବା ସମୟରେ ରାଜ ଏହି ବାସ୍ତବତାକୁ ବୁଝିବାକୁ ଅସମର୍ଥ ଥିଲା। ଏହି ଘଟଣାକୁ ନେଇ ରାଜ ନୀହାରିକାଙ୍କୁ ହତ୍ୟା କରିବାର ଯୋଜନା କରିଥିଲା। ଘଟଣା ଦିନ ରାଜଙ୍କ ଠାରୁ ଅପରାହ୍ଣ ୪. ୩୮ ରେ ଫୋନ୍‌କଲ ପାଇ ନୀହାରିକା ଏସମ୍ପର୍କରେ ଅନ୍ୟ କିଛି ବି ସନ୍ଦେହ ନ କରି ନର୍ସିଂ ହୋମ୍ ଛାଡ଼ିଥିଲେ। ଏହାପରେ ଖୁବଶୀଘ୍ର ଏହି ପ୍ରେମ ନାଟକରର କ୍ଲାଇମାକ୍ସ ଆସିବା ସହିତ ପ୍ରେମିକର ହାତରେ ପ୍ରେମିକାର ଜୀବନ ଯାଇଥିଲା।

## ଅଭିଯୁକ୍ତ ଆହୁରି ଅଛନ୍ତି!

ନର୍ସ ନିହାରିକାଙ୍କ ହତ୍ୟାରେ ଏକମାତ୍ର ରାଜ୍ ସମ୍ପୃକ୍ତ ବୋଲି ଏବେ ମଧ୍ୟ ତାଙ୍କ ପରିବାର ବିଶ୍ୱାସ କରିପାରୁ ନାହାଁନ୍ତି। ଏଥିରେ ରାଜ ସହିତ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ରହିଥିବା ନେଇ ନୀହାରିକାଙ୍କ ପରିବାର ଦାବି କରୁଥିବା ସମୟରେ ପୁଲିସ ଏହି ହତ୍ୟା ଘଟଣାର ଏକମାତ୍ର ହତ୍ୟାକାରୀ ଭାବରେ ରାଜକୁ ଗ୍ରହଣ କରିଛି। ଏବେ ରାଜ୍ ଜେଲର କାଳ କୋଠରିରେ ଜୀବନ ବିତାଉଛି। ତେବେ ଅଭିଯୁକ୍ତ ରାଜକୁ କିଭଳି ଦଣ୍ଡ ମିଳିବ ସେଥିପାଇଁ ଅଦାଲତଙ୍କ ରାୟକୁ ଅପେକ୍ଷା କରିଛନ୍ତି ପରିବାର ଲୋକେ।

ତଦନ୍ତ



# ମାଈଁ-ଭଣଜାଙ୍କ ଅବୈଧ ପ୍ରେମ

# ଦେଖିଦେଲେ ବୋଲି 'ଡବଲ ମର୍ଡର୍'

ପ୍ରେମ ଶାଶ୍ୱତ ଓ ଚିରନ୍ତନ । କିନ୍ତୁ ଅବୈଧ ପ୍ରେମ ମଣିଷକୁ ପାଗଳ କରିଦିଏ । ଆଉ ସେହି ପାଗଳାମିରେ ମଣିଷ ମଣିଷର ଜୀବନ ନେବାକୁ ପଛାଏ ନାହିଁ । ନିକଟରେ ଏଭଳି ଏକ ଘଟଣା ଘଟିଯାଇଛି ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ତଥା ଜରଡ଼ା ଥାନା ଅନ୍ତର୍ଗତ ସାମନ୍ତିଆପଲ୍ଲୀ ପଞ୍ଚାୟତର ଚୁଡ଼ିଆଲାଞ୍ଜି ଗ୍ରାମରେ । ଏହି ଗ୍ରାମର ଜଣେ ମହିଳା ଓ ଭଣଜାଙ୍କ ମଧ୍ୟରେ ଥିବା ପ୍ରେମ ଓ ଅନୈତିକ ସମ୍ପର୍କ ପ୍ରଘଟ ହେବା ଭୟରେ ଉଭୟେ ଯୋଜନାବଦ୍ଧ ଭାବେ ଦୁଇ ସମ୍ପର୍କୀୟଙ୍କ ଜୀବନ ନେବାକୁ ମଧ୍ୟ ପଛାଇ ନାହାନ୍ତି । ହତ୍ୟାକାଣ୍ଡର ଶିକାର ହୋଇଛନ୍ତି ଜଣେ ନାବାଳକ ସମେତ ତାଙ୍କ ମାଆ ।

ଶକ୍ତିଧର ରାଜଗୁରୁଙ୍କ ରିପୋର୍ଟ

ସବୁଦିନ ଭଳି ଗତ ୧୮ ତାରିଖ ରାତିରେ ଚୁଡ଼ିଆଲାଞ୍ଜି ଗ୍ରାମର ନୀଲାବେଣୀ ଓ ତାଙ୍କ ୮ ବର୍ଷର ପୁଅ ଘର ଭିତରେ ଶୋଇବାକୁ ଯାଇଥିଲେ। ପରଦିନ ସକାଳେ ଦୀର୍ଘ ସମୟ ଧରି ନୀଳବେଣୀଙ୍କ ଘରର କବାଟ ଖୋଲାଯାଇ ନ ଥିବାରୁ ତାଙ୍କ ଶାଶୂ ଉକ୍ତ କୋଠରି ଖୋଲିଥିଲେ। କୋଠରି ଭିତରେ ଉଭୟ ନୀଲାବେଣୀ ଓ ତାଙ୍କ ସାନପୁଅ ଶୋଇଥିବା ଦେଖିଥିଲେ। ବହୁ ଡାକିବା ପରେ ମଧ୍ୟ ସେମାନେ ନ ଉଠିବାରୁ ଘଟଣା ସମ୍ପର୍କରେ ଶାଶୂ ପଡ଼ୋଶୀ ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ଜରଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତାରେ ତଦନ୍ତ କରିଥିଲା। ମାଆ ଓ ପୁଅଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ବର୍ଗ ଓ ସମସ୍ତ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଥିଲେ। ଏହା ଏକ ଅପମୃତ୍ୟୁ ନୁହେଁ; ବରଂ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୃତ ନୀଲାବେଣୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ସେପଟେ ଏହା ଏକ ହତ୍ୟାକାଣ୍ଡ ଘଟଣା ଏବଂ ସ୍ଥାନୀୟ ଲୋକଙ୍କର ସମ୍ପୃକ୍ତି ସନ୍ଦେହରେ ପୁଲିସକୁ ସହାୟତା ଯୋଗାଇବା ପାଇଁ ଗ୍ରାମ୍ୟ କମିଟି ପକ୍ଷରୁ ୩ଦିନ ପର୍ଯ୍ୟନ୍ତ ଗାଁରୁ କେହି ବାହାରକୁ ନ ଯିବା ପାଇଁ କଟକଣା ଜାରି କରାଯାଇଥିଲା। ନୀଲାବେଣୀଙ୍କ ସ୍ୱାମୀ ଡି. ମୋହନ ବିଦେଶରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ବଡ଼ପୁଅ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଏକ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଉଭୟଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଗୁନ୍ନାମା ଓ ଦେବେନ୍ଦ୍ର ଏହି ଘଟଣା ଘଟାଇଥିବା ପୁଲିସ ପ୍ରଥମେ ସନ୍ଦେହ କରିଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ପୁଲିସ ତଦନ୍ତରୁ ଯାହା ଜଣାପଡ଼ିଥିଲା ଗୁନ୍ନାମା ହେଉଛନ୍ତି ଅଭିଯୋଗକାରୀ ତଥା ମୃତ ନୀଲାବେଣୀଙ୍କ ସ୍ୱାମୀ ଡି. ମୋହନ ରେଡ୍ଡୀଙ୍କ ଭାଇ ଡି. ଧନଞ୍ଜୟ ରେଡ୍ଡୀଙ୍କ ପତ୍ନୀ। କିନ୍ତୁ ଡି. ଗୁନ୍ନାମା (ମାଈଁ) ଓ ଜି. ଦେବେନ୍ଦ୍ର (ଭଣଜା)ଙ୍କ ମଧ୍ୟରେ ଥିବା ପ୍ରେମ ଓ ଅନୈତିକ ସମ୍ପର୍କ ବିଷୟରେ ଜାଣିଯାଇଥିଲେ ଡି. ନୀଲାବେଣୀ। ଏବଂ ଏହାକୁ ନେଇ ସେ ପ୍ରତିବାଦ କରିବା ସହ ପରିବାର ଲୋକଙ୍କୁ ଜଣାଇ ଦେବେ ବୋଲି ମଧ୍ୟ ତାଗିଦ କରିଥିଲେ। ଯାହାକୁ ନେଇ ନୀଲାବେଣୀଙ୍କ ସହ ଗୁନ୍ନାମା ଓ ଦେବେନ୍ଦ୍ରଙ୍କର ପାଟିତୁଣ୍ଡ ମଧ୍ୟ ହୋଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଥିବା ପ୍ରେମ ତଥା ଅନୈତିକ ସମ୍ପର୍କ କାଳେ ପ୍ରଘଟ ହୋଇଯିବ ଓ ସମାଜରେ ସେମାନଙ୍କ ମାନସମ୍ମାନ ଉପରେ ଆଞ୍ଚ୍ ଆସିବ ସେଥିପାଇଁ ନିଜ ଯାଆ ଡି. ନୀଳବେଣୀଙ୍କୁ ରାସ୍ତାରୁ ସବୁଦିନ ପାଇଁ ହଟାଇ ଦେବାକୁ ଯୋଜନା କରିଥିଲେ ଉଭୟେ ମାଈଁ ଓ ଭଣଜା। ହେଲେ ଯୋଜନା ମୁତାବକ ସବୁକିଛି ଠିକ୍‌ଠାକ ହୋଇ ନ ଥିଲା। ଶୋଇଥିବା ଅବସ୍ଥାରେ ଡି. ନୀଳବେଣିଙ୍କୁ ନିଜ ଯାଆ ଡି. ଗୁନ୍ନାମା ଓ ପ୍ରେମିକ ଭଣଜା ଦେବେନ୍ଦ୍ର ତଣ୍ଟିଚିପି ହତ୍ୟା କରିବା ବେଳେ ନିକଟରେ ଶୋଇଥିବା ନୀଳବେଣୀଙ୍କ ୭ବର୍ଷର ପୁଅ ଡି. ରଷିର ହଠାତ ନିଦ ଭାଙ୍ଗିଯାଇଥିଲା। ମାଆଙ୍କୁ ନିଜ ଖୁଡ଼ି ଓ ସମ୍ପର୍କୀୟ ଭାଇ ହତ୍ୟା କରୁଥିବାର ସମସ୍ତ ଘଟଣାବଳୀ ସବୁ ସ୍ୱଚକ୍ଷୁରେ ଦେଖିଦେଇଥିଲା ନାବାଳକ ରଷି। ଯାହାକୁ ନେଇ ଉଭୟେ ଦେବେନ୍ଦ୍ର ଓ ଗୁନ୍ନାମା ବିଚଳିତ ହୋଇପଡ଼ିଥିଲେ। ଅନ୍ୟ ଉପାୟ ନ ପାଇ ୭ବର୍ଷର କୋମଳମତି ଶିଶୁ ଡି.ରଷିକୁ ମଧ୍ୟ ତଣ୍ଟିଚିପି ସେମାନେ ନିର୍ଦ୍ଦୟ ଭାବେ ହତ୍ୟା କରିଥିଲେ। ଘଟଣା ଘଟିଥିଲା ଗତ ୧୮ତାରିଖ ବିଳମ୍ବିତ ରାତିରେ।

ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତକୁ ତ୍ୱରାନ୍ୱିତ କରିଥିଲା। ପରେ ଏହି ଜଘନ୍ୟ ଡବଲ ମର୍ଡର ଘଟଣାରେ ପୁଲିସ ଜି. ଦେବେନ୍ଦ୍ର ଓ ଡି. ଗୁନ୍ନାମାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗିରଫ ପରେ ଜେରା ସମୟରେ ଉଭୟେ ହତ୍ୟାକାଣ୍ଡର କାରଣ ଓ ସମସ୍ତ ଘଟଣାବଳୀ ସମ୍ପର୍କରେ ସବୁକିଛି ପୁଲିସ ନିକଟରେ ସ୍ୱୀକାର କରିଥିଲେ। ଗିରଫ ପ୍ରେମୀଯୁଗଳଙ୍କ ଠାରୁ ହତ୍ୟାକାଣ୍ଡ ଦିନ ସେମାନେ ପରିଧାନ କରିଥିବା ବସ୍ତ୍ର ସହିତ ମୋବାଇଲ ଫୋନକୁ ଜବତ କରାଯାଇ ଦୁହିଁଙ୍କୁ କୋର୍ଟଚାଲାଣ କରାଯାଇଛି। ମାଆ ଓ ପୁଅଙ୍କ ହତ୍ୟାକାଣ୍ଡ ଘଟଣାରେ ମାଈଁ-ଭଣଜାଙ୍କ ପ୍ରେମ ସମ୍ପର୍କ ସହିତ ଅନୈତିକ ସମ୍ପର୍କ ପଦାକୁ ଆସିବା ପରେ ଗ୍ରାମବାସୀ ଚକିତ ହୋଇଯାଇଛନ୍ତି। ନିଜର ଦୋଷ ଓ ପାପକର୍ମକୁ ଲୁଚାଇବାକୁ ଯାଇ ଯେ ଦୁଇ ଦୁଇଟି ନିରୀହ ଜୀବନକୁ ନେବାକୁ ଉଭୟେ ପଛାଇ ନାହାନ୍ତି, ତାହା ଅନ୍ୟମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।





# କିଶୋରୀ ମନର ଗୀତ
## ଓଡ଼ିଆ ପଦାବଳୀର ପ୍ରୟୋଗ





ସୂର୍ଯ୍ୟ ଦେଓ

'ନୂଆବୋଉ' ଚଳଚ୍ଚିତ୍ର ଗୀତରେ ହାସ୍ୟରସର ପରୀକ୍ଷାନିରୀକ୍ଷା ସହିତ ରଜଦୋଳି ଗୀତ ସ୍ୱରରେ ଛନ୍ଦା ଗୁରୁକୃଷ୍ଣ ଗୋସ୍ୱାମୀଙ୍କ 'ଯାରେ ମନ ଦୋଳି ଉଡ଼ିଯା', 'ଜୀବନର ଚଉକାଠ ଭିତରେ ଠିଆହୋଇ ଜୀବନର ବାସ୍ତବ କଥା କହିବା ପରାୟେ' ଲୋକଗୀତ ଶୈଳୀରେ ବନ୍ଧା ନରସିଂହ ମହାପାତ୍ରଙ୍କ ରଚିତ 'ଭୁଲାମନ ମନେ ତ କେବେ ରଖନା' ଓ କିଶୋରୀ ମନର କଥା 'ମନ ମାନେନା ମନ ମାନେନା/ ଯେତେ ନିରେଖିଲେ/ କିଛି ବୁଝି ମୁଁ ପାରେନା' ପରି ଗୀତ ଥିଲା ।

ପରବର୍ତ୍ତୀ ଚଳଚ୍ଚିତ୍ର 'ଲକ୍ଷ୍ମୀ'ରେ ମଧ୍ୟ କିଶୋରୀ ମନର କଥାକୁ ଗୀତରେ ସାରଦା ପ୍ରସନ୍ନ ନାୟକ ସଜାଇଥିଲେ, କିନ୍ତୁ ଏହି ଗୀତ ଓଡ଼ିଆ ଚଳଚ୍ଚିତ୍ର ଗୀତ ସଂଯୋଜନା ଶୈଳୀରେ ଏକ ବିଶେଷ ପରିବର୍ତ୍ତନ ଆଣିଲା । 'ଲକ୍ଷ୍ମୀ' ପୂର୍ବରୁ ଯେତିକି ଚଳଚ୍ଚିତ୍ରର ଗୀତ ସଂଯୋଜନା ହେଉଥିଲା, ତାହା ଥିଲା ନୂତନ ସଂଯୋଜନା । ଅର୍ଥାତ୍ କୌଣସି ପୂର୍ବ ସଂଯୋଜିତ ସ୍ୱରକୁ ଚଳଚ୍ଚିତ୍ରରେ ବ୍ୟବହାର କରାଯାଉ ନ ଥିଲା । କିନ୍ତୁ 'ଲକ୍ଷ୍ମୀ' ଚଳଚ୍ଚିତ୍ର ପାଇଁ ଆକାଶବାଣୀରେ ପୂର୍ବ ପ୍ରସାରିତ ଏକ ଲୋକପ୍ରିୟ ସ୍ୱରକୁ ବ୍ୟବହାର କରାଗଲା । ଓଡ଼ିଆ ଚଳଚ୍ଚିତ୍ର ଗୀତ ସଂଯୋଜନା କ୍ଷେତ୍ରରେ ଏଭଳି ଘଟଣା ଥିଲା ପ୍ରଥମ । ଆକାଶବାଣୀରେ ବାଳକୃଷ୍ଣ ଦାଶଙ୍କ ପୂର୍ବ ସଂଯୋଜନା 'ପଳାଶ ବନେ/ ନିଶି ବିଜନେ/ ଚହଲି ଯାଏ ଜୋଛନା ମାୟାଗୋ' ଗୀତ ସ୍ୱରରେ ସାରଦା ପ୍ରସନ୍ନ ନାୟକ 'ଲକ୍ଷ୍ମୀ' ଚଳଚ୍ଚିତ୍ର ପାଇଁ 'ବକୁଳ ବନେ କୁହୁକୁ ତାନେ/ ପୁଲକି ଉଠେ ପରାଣ ପସରା' ଗୀତ ରଚନା କଲେ । ପରେ ଏହି ପ୍ରକ୍ରିୟା ଅନ୍ୟ ଚଳଚ୍ଚିତ୍ର ଗୀତ ରଚନାକୁ ମଧ୍ୟ ପ୍ରଭାବିତ କଲା ।

'ଲକ୍ଷ୍ମୀ' ଚଳଚ୍ଚିତ୍ର ପାଇଁ ସବୁତକ ଗୀତ ଲେଖିଥିଲେ ସାରଦା ପ୍ରସନ୍ନ ନାୟକ । 'ଆଉ ଚାନ୍ଦ ଲାଗି କୁମୁଦ ଝୁରନା', 'ଝୁଲରେ ହାତୀ', 'ବାରିଦରେ ତୁ ଯା› ନା', 'ଚଢ଼େୟା ଚଢ଼େୟାଣୀ ଗୀତ' ଓ 'ଆରତ ସୁରେ ବାରେ କରେ ମିନତିରେ' ।

ଓଡ଼ିଆ ସାହିତ୍ୟରେ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରୁ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ସମୟକୁ 'ସଙ୍ଗୀତ ଯୁଗ' ନାମରେ ନାମିତ କରାଯାଇଛି । ଏହି ସମୟ ସୀମା ମଧ୍ୟରେ ଯଥାର୍ଥତଃ ଓଡ଼ିଆ ପଦାବଳୀ ସାହିତ୍ୟର ବିକାଶ ହୋଇଥିଲା । ନାନା ରୀତି, ରାଗ ଓ କଳ୍ପନା ବିଳାସରେ ଏହା ସମୃଦ୍ଧ ହୋଇଥିଲା । ଓଡ଼ିଆ ପଦାବଳୀ ଓଡ଼ିଶାର ପାରମ୍ପରିକ ସଙ୍ଗୀତ ବା ଚଉପଦୀର ଆଙ୍ଗିକ ଦ୍ୱାରା ବିଶେଷ ପ୍ରଭାବିତ । ଗୀତସବୁ ସାଧାରଣତଃ ଉକ୍ତିପ୍ରତ୍ୟୁକ୍ତି ମୂଳକ । ଓଡ଼ିଆ ପଦାବଳୀ ପ୍ରାୟ ପଚିଶଟି ପର୍ଯ୍ୟାୟଭୁକ୍ତ । ନବାନୁରାଗ, ଆକ୍ଷେପାନୁରାଗ, ମାନ, ବନ୍ଦନା ଆଦି ଏହି ଗୀତିକାମାନଙ୍କରେ ଅଭିବ୍ୟକ୍ତି ହୋଇ ପ୍ରକଟିତ ହୋଇଛି । ଅଷ୍ଟଦଶ ଶତକର କବି ବନମାଳୀଙ୍କଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ କାଳଖଣ୍ଡରେ ଗୋପାଳକୃଷ୍ଣ, କବିସୂର୍ଯ୍ୟ ବଳଦେବ ରଥ, ଗୌରଚରଣ ଅଧିକାରୀ, ପାର୍ବତୀ ଚରଣ ଦାସ, ଜଗବନ୍ଧୁ ସିଂହ, ମୋହନ ସୁନ୍ଦର ଦେବଗୋସ୍ୱାମୀ, କାଳୀଚରଣ ପଟ୍ଟନାୟକ, ଲୋକନାଥ ପଟ୍ଟନାୟକ ଏତାଦୃଶ ଗୀତି ରଚନାରେ ମନୋନିବେଶ କରିଥିଲେ ।


'ନୂଆବୋଉ'ରେ ଶରତ ଓ ପଦ୍ମା

ତେବେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ 'ଲଳିତା' ଚଳଚ୍ଚିତ୍ରରେ ଓଡ଼ିଆ ପଦାବଳୀ ଧାରାର ପ୍ରଥମ ପ୍ରୟୋଗ କରିଥିଲେ, ଦୃଷ୍ଟାନ୍ତ ସ୍ୱରୂପ 'ନୀଳମାଧବ ଲବେ ଦୟା ନାହିଁକି/ କରୁଣା ଊଣା ହେଲା କାହିଁକି'କୁ ନିଆଯାଇପାରେ । କିନ୍ତୁ ଏହାପରେ ଦୀର୍ଘବର୍ଷ ପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ରରେ ପଦାବଳୀର ଶୁଦ୍ଧ ବ୍ୟବହାର ହୋଇ ନ ଥିଲା । ସାରଦା ପ୍ରସନ୍ନ ନାୟକ 'ଲକ୍ଷ୍ମୀ' ଚଳଚ୍ଚିତ୍ରରେ ଓଡ଼ିଆ ପଦାବଳୀକୁ ସ୍ୱଚ୍ଛ ଓ ସ୍ୱଷ୍ଟ ଭାବରେ ବ୍ୟବହାର କଲେ । 'ଆରତ ସୁରେ ବାରେ କରେ ମିନତିରେ/ ଚକାନୟନ ଚାହାଁ ମାଗେ ମାଗୁଣିରେ' ଏହି ଗୀତରେ ଥିବା ଅଳଙ୍କାର ପରିମିତ ପ୍ରୟୋଗ ଓ ଉପମା, ରୂପକ, ଉତ୍ପ୍ରେକ୍ଷା ପ୍ରଭୃତି ଅର୍ଥାଳଙ୍କାରର ସୁକ୍ଷ୍ମ ପ୍ରୟୋଗ ବିଧି ଯାହା, ଓଡ଼ିଆ ଗୀତାବଳୀର ସୂକ୍ଷ୍ମ ପ୍ରୟୋଗ ବିଧି ମଧ୍ୟ ତାହା । ଉଦାହରଣ ସ୍ୱରୂପ ସ୍ୱରୂପ, ଉଭୟର ପଂକ୍ତିକୁ ନିଆଯାଇପାରେ । ପ୍ରଥମେ 'ଲକ୍ଷ୍ମୀ' ଚଳଚ୍ଚିତ୍ରର ଅନ୍ତରାକୁ ଲକ୍ଷ୍ୟ କରାଯାଉ: "ସବୁଜ ପତରେ ଧୀରେ/ ହାତ ତୁମେ ରଖିଲେ. ସବୁଜ ପଥରେ ଥରେ/ ପାଦ ତୁମେ ଥାପିଲେ/ ନଈନାଳ ତୋଟା ମାଳ ଫୁଲେ ଫୁଲି ହସରେ/ ଚକାନୟନ ଚାହାଁ ମାଗେ ମାଗୁଣିରେ ।" ଏହି ଅନ୍ତରାରେ ଯେଉଁ ଦୃଶ୍ୟସଜ୍ଜା ଓ ଆକୁଳ ନିବେଦନ ରହିଛି, ତାହା ପୂର୍ବ ଅନ୍ତରାରୁ କେମିତି ଆନୀତ ହୋଇଛି ଦେଖାଯାଉ:

"ନ ଦେଲେ ନ ଦିଅ ପଛେ/ ଆଖିରେ ମୋ ପରଶ/ ସବୁରି ପରାଣୁ ପ୍ରଭୁ ନ ନିଭାଅ ହରଷ/ ବିଲ ବନ ଗିରି ଶିରୀ/ କେତେ ରଙ୍ଗେ ଭରାରେ/ ଚକାନୟନ ଚାହାଁ ମାଗେ ମାଗୁଣିରେ ।"

ଅନ୍ଧ ଭକ୍ତର ନିବେଦନରେ ଯେଉଁ ଯୁକ୍ତିସିଦ୍ଧ ଉପାଦାନ ସାରଦା ପ୍ରସନ୍ନ ନାୟକ ରଚିଛନ୍ତି ତାହା ବାସ୍ତବରେ ପ୍ରାଚୀନ ଓଡ଼ିଆ ପଦାବଳୀ ଦ୍ୱାରା ପ୍ରଭାବିତ । ଅଷ୍ଟମ ଶତାବ୍ଦୀର କବି ନିତ୍ୟାନନ୍ଦଙ୍କ ଏକ ରଚନାକୁ ତୁଳନାତ୍ମକ ଭାବରେ ନିଆଯାଉ: "କରୁଣା ନାବିକ ନାବ ଥାଉଁ କୂଳେ/ ଖେଦ ଜଳଧିରେ ଗଲା ବୁଡ଼ି/ ତରଳ ତରଙ୍ଗ ଭଉଁରୀ ପ୍ରଖର/ ଏମନ୍ତ ନଦୀରେ ଦେଲେ ଛାଡ଼ି', ପୁନଶ୍ଚ ପୂର୍ବ ପଂକ୍ତିକୁ ଦେଖାଯାଉ: 'ଥାଉଁ ପ୍ରଭୁ ପଣ/ କରୁଣା କୃପଣ /ହେବାରୁ ନୀତି କି ନ ଆସଇ/ ବୁଡୁଥିଲେ ଭେଳା ତହିଁ କଲେ ହେଲା/ ଦାରୁଣ ପଣ କି ଏ ନୁହଇ" ।

ପୁରାତନୀ ଓ ଆଧୁନିକ ରଚନା ମଧ୍ୟରେ ବିଭାଜନର ରେଖା ଟାଣିଲାବେଳେ ହୁଏତ ଶବ୍ଦ ପ୍ରୟୋଗରେ ପରିବର୍ତ୍ତନକୁ ଲକ୍ଷ୍ୟ କରିହେବ କିନ୍ତୁ ଭାବ, ବିନ୍ୟାସ, ଉପମା, ରୂପକ ଓ ଉତ୍ପ୍ରେକ୍ଷା ଯେ ପୁରାତନୀ ଦ୍ୱାରା ପ୍ରଭାବିତ, ଏହା ସ୍ୱଷ୍ଟ ହୋଇଯିବ । 'ଲକ୍ଷ୍ମୀ' ପରବର୍ତ୍ତୀ ଚଳଚ୍ଚିତ୍ର 'ସୂର୍ଯ୍ୟମୁଖୀ'ରେ ମଧ୍ୟ ପ୍ରାଚୀନ ଓଡ଼ିଆ ପଦାବଳୀ ଶୈଳୀକୁ ଗୀତିକାର ଗୁରୁକୃଷ୍ଣ ଗୋସ୍ୱାମୀ ଚମତ୍କାର ଭାବରେ ଅନୁସରଣ କରିଛନ୍ତି । 'ନୀଳାଦ୍ରି ବିହାରୀ ହରି/ ଦୀନବନ୍ଧୁ ଦଇତାରି/ ଦୀନଜନେ ନାଥ ଦୟାକର/ ତୁମରି ଛାମୁରେ ଆଜି/ କରୁଛି ମୁଁ ଅରଜି/ ଦୟାକର ପ୍ରଭୁ ଦୟାକର' । ■


ପଙ୍କଜ ଉଧାସ

# ଗଜଲ ଗାୟକଙ୍କ ପ୍ରେମ

'ଚିଠି ଆଇ ହେ, ଆଇ ହେ...', 'ଚାନ୍ଦି ଜୈସା ରଙ୍ଗ ହେ ତେରା...', 'ନା କଜରେ କି ଧାର..' ଗୀତ ଭଳି ଅନେକ ସୁପରହିଟ୍ ଗୀତରେ ଶ୍ରୋତାଙ୍କୁ ମତୁଆଲା କରିଥିବା ଗଜଲ କିମ୍ବଦନ୍ତୀ ପଙ୍କଜ ଉଧାସ ଆଉ ନାହାନ୍ତି । ଫେବୃଆରୀ ୨୬ରେ ମୁମ୍ବାଇର ଏକ ହସ୍ପିଟାଲରେ ୭୨ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି । ପଙ୍କଜଙ୍କ ଗୀତଗୁଡ଼ିକ ଏମିତି ଥିଲା ଯେ, ଯାହାକୁ ସବୁ ବୟସ ବର୍ଗ ଶୁଣିବାକୁ ବେଶ୍ ପସନ୍ଦ କରୁଥିଲେ । ତେବେ ଗଜଲ ଦୁନିଆର ଏହି ମହାନାୟକଙ୍କ ପ୍ରେମ କାହାଣୀ ଥିଲା ଗଜଲ୍ ଭଳି ଖୁବ୍ ରୋମାଣ୍ଟିକ୍ । ପଙ୍କଜ ମୁସଲିମ୍ କନ୍ୟା ଫରିଦାଙ୍କୁ ପ୍ରେମ ବିବାହ କରିଥିଲେ । ୭୦ ଦଶକରେ ଆରମ୍ଭ ହୋଇଥିଲା ସେମାନଙ୍କ ପ୍ରେମ କାହାଣୀ । ସେତେବେଳେ ପଙ୍କଜ ଗ୍ରାଜୁଏସନ୍ କରୁଥିଲେ ଏବଂ ଫରିଦା ଏୟାର୍‌ହୋଷ୍ଟେସ୍ ଥିଲେ । ତେବେ ତାଙ୍କ ପ୍ରେମ କାହାଣୀରେ ମଧ୍ୟସ୍ଥତା ସାଜିଥିଲେ ପଙ୍କଜଙ୍କ ପଡ଼ିଶା ଘର । ସେ ନିଜ ପଡ଼ିଶା ଘରେ ପ୍ରଥମେ ଫରିଦାଙ୍କୁ ଦେଖିଥିଲେ । ପ୍ରଥମେ ଦେଖାରେ ହିଁ ସେ ନିଜ ମନ ଫରିଦାଙ୍କୁ ଦେଇ ବସିଲେ । ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଆରମ୍ଭ ହୋଇଥିଲା । ସେହିପରି ମିଳାମିଶା ତଥା ଦେଖାସାକ୍ଷାତ ବଢ଼ିବାରୁ ଦୁହେଁ ଦୁହିଁଙ୍କ ନିକଟତର ହୋଇଥିଲେ । ଶେଷରେ ପଙ୍କଜ ଓ ଫରିଦା ବିବାହ କରିବା ନିଷ୍ପତ୍ତି ନେଇଥିଲେ । ସେଇଠୁ ସେମାନେ ନିଜ ପ୍ରେମ କଥା ନିଜ ନିଜ ଘରେ କହିଥିଲେ । ଯଦିଓ ପଙ୍କଜଙ୍କ ପରିବାର ଏହି ବିବାହ ପାଇଁ ତୁରନ୍ତ ରାଜି ହୋଇଯାଇଥିଲେ, କିନ୍ତୁ ଫରିଦାଙ୍କ ପରିବାର ଅରାଜି ଥିଲେ । ଏପରିକି ଦୁହିଁଙ୍କ ଘରେ ଯେପର୍ଯ୍ୟନ୍ତ ରାଜି ନ ହେବେ, ସେପର୍ଯ୍ୟନ୍ତ ବିବାହ କରିବେ ନାହିଁ ବୋଲି ସେମାନେ ନିଷ୍ପତ୍ତି ନେଇଥିଲେ । ତେବେ ପଙ୍କଜଙ୍କ ପ୍ରେମରେ ପାଚେରି ହୋଇ ଛିଡ଼ା ହୋଇଥିଲା ଧର୍ମ । କାରଣ ପଙ୍କଜ ହିନ୍ଦୁ ହୋଇଥିବା ବେଳେ ଫରିଦା ଥିଲେ ମୁସଲିମ୍ । ଫରିଦାଙ୍କ ବାପା ଥିଲେ ଅବସରପ୍ରାପ୍ତ ପୋଲିସ୍ ଅଫିସର । ଏହି କାରଣ ଯୋଗୁଁ ପଙ୍କଜ ଖୁବ୍ ଭୟଭୀତ ଥିଲେ । ତେବେ ଫରିଦାଙ୍କୁ ନିଜ ଜୀବନସାଥୀ କରିବା ପାଇଁ ପଙ୍କଜ ସାହସ ଜୁଟାଇ ଫରିଦାଙ୍କ ବାପାଙ୍କ ସହ କଥା ହେବାକୁ ତାଙ୍କ ଘରେ ପହଞ୍ଚି ଯାଇ ଥିଲେ । ପଙ୍କଜଙ୍କ କଥା ହିଁ ଫରିଦାଙ୍କ ବାପାଙ୍କ ହୃଦୟ ଜିତିଥିଲା । ଶେଷରେ ୧୯୮୨ରେ ଦୁହିଁଙ୍କ ପରିବାର ସେମାନଙ୍କ ବାହାଘର ପାଇଁ ସହମତି ପ୍ରକାଶ କରିଥିଲେ । ■

# ପ୍ରେମ ସାଗରଙ୍କ 'ରାମାୟଣ'

## ନଜର ଆସିବେ ନୂଆ କଳାକାର



ବିଭିନ୍ନ ସମୟରେ ପୌରାଣିକ କାହାଣୀକୁ ନେଇ ଅନେକ ଧାରାବାହିକ ଆସିଛି । ତେବେ କୌଣସି ଧାରାବାହିକ କିନ୍ତୁ ରାମାନନ୍ଦ ସାଗରଙ୍କ 'ରାମାୟଣ'କୁ ପଛରେ ପକାଇବାରେ ସଫଳ ହୋଇ ନାହିଁ । ଅଶୀଦଶକରେ ନିର୍ମିତ ରାମାନନ୍ଦ ସାଗରଙ୍କ 'ରାମାୟଣ'ର ଲୋକପ୍ରିୟତା ସେମିତି ବଜାୟ ରହିଛି । ଏଥିରେ ଶ୍ରୀରାମଙ୍କ ଚରିତ୍ରରେ ଅରୁଣ ଗୋଭିଲ ଏବଂ ମାତା ସୀତାଙ୍କ ଭୂମିକାରେ ଦୀପିକା ଚିଖିଲିଆଙ୍କ ଜୀବନ୍ତ ତଥା ନିଖୁଣ ଅଭିନୟକୁ ଦର୍ଶକେ ଭୁଲି ନାହାନ୍ତି । ତେବେ ଏବେ ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ ସାଗର ନୂଆ ଏକ 'ରାମାୟଣ' ଭେଟି ଦେବେ । ଏଥିରେ ଶ୍ରୀରାମଙ୍କ ଅଜଣା କାହାଣୀ ଦେଖିବାକୁ ମିଳିବ । ତା'ସହ ଏହି ଶୋ' ପୁରୁଣା 'ରାମାୟଣ'ଠାରୁ ସମ୍ପୂର୍ଣ୍ଣ ଅଲଗା ହେବ ବୋଲି ଚର୍ଚ୍ଚା ହେଉଛି । ଏଥିରେ ଶ୍ରୀରାମ ଓ ସୀତାଙ୍କ ସହ ସବୁ ଚରିତ୍ରରେ ସମ୍ପୂର୍ଣ୍ଣ ନୂଆ କଳାକାର ନଜର ଆସିବେ । ଏଣୁ ଏହାର ଟିମ୍ ଶ୍ରୀରାମଙ୍କ ଚରିତ୍ର ପାଇଁ କଳାକାର ଖୋଜିବାରେ ଦିନରାତି ପରିଶ୍ରମ କରୁଛନ୍ତି । ତେବେ ଏହି ମୁଖ୍ୟ ଚରିତ୍ର ଲାଗି ନୂଆ ମୁହଁ ମିଳିଯିବା ପରେ ସବୁ କିଛି ଘୋଷଣା କରାଯିବ ବୋଲି ପ୍ରେମ ସାଗର କହିଛନ୍ତି । ଅନ୍ୟପଟେ ପ୍ରେମ ସାଗରଙ୍କ 'ରାମାୟଣ' ମଧ୍ୟ ଦୂରଦର୍ଶନରେ ପ୍ରସାରଣ କରାଯିବ । ■

# 'ମୁଁ ତିନି ଦିନ ପର୍ଯ୍ୟନ୍ତ ଲୁଚିଥିଲି'


ମଧୁ

ଫିଲ୍ମର ସଫଳତାକୁ ନେଇ ଏହାର ନିର୍ମାତାଙ୍କଠାରୁ ଆରମ୍ଭ କରି ଅଭିନେତା, ଅଭିନେତ୍ରୀ ଶଙ୍କାରେ ଥାନ୍ତି । ମୁଖ୍ୟତଃ ନୂଆ କଳାକାରଙ୍କ ପାଇଁ ଫିଲ୍ମର ସଫଳତା ସେମାନଙ୍କ କ୍ୟାରିୟର ପାଇଁ ଖୁବ୍ ଗୁରୁତ୍ୱ ବହନ କରେ । ତେବେ ଫିଲ୍ମ ସଫଳ ହେବ କି ନାହିଁ, ଏଭଳି ଦ୍ୱନ୍ଦ୍ୱରେ ରହି ଜଣେ ଅଭିନେତ୍ରୀ ଫିଲ୍ମ ରିଲିଜ୍‌ର ତିନି ପର୍ଯ୍ୟନ୍ତ ଘରୁ ପଦାକୁ ବାହାରି ନ ଥିଲେ । ଘଟଣାଟି ଏହିଭଳି - ୩୩ ବର୍ଷ ତଳେ ପ୍ରେକ୍ଷାଳୟକୁ ଆସିଥିଲା ସୁପରହିଟ୍ ସିନେମା 'ଫୁଲ୍ ଔର୍ କାଣ୍ଟେ' । ଏହି ଫିଲ୍ମର ମୁଖ୍ୟ ଚରିତ୍ରରେ ନଜର ଆସିଥିଲେ ଅଭିନେତ୍ରୀ ମଧୁ ଓ ଅଭିନେତା ଅଜୟ ଦେବଗନ । ଏହି ସିନେମାରୁ ହିଁ ସେମାନଙ୍କ ଫିଲ୍ମ କ୍ୟାରିୟର୍ ଆରମ୍ଭ ହୋଇଥିଲା । ତା'ସହ ସିନେମାରେ ଅଜୟଙ୍କ ସହ ତାଙ୍କ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଥିଲେ । ତେବେ ଏହି ସିନେମାଟି ଯଶ ଚୋପ୍ରାଙ୍କ ନିର୍ଦ୍ଦେଶିତ ସିନେମା 'ଲମ୍‌ହେ' ଫିଲ୍ମ ସହିତ ଏକସଙ୍ଗରେ ରିଲିଜ୍ ହୋଇଥିଲା । ଯେଉଁଥିରେ ଶ୍ରୀଦେବୀ ଓ ଅନିଲ କପୁର ଥିଲେ । 'ଲମ୍‌ହେ' ସହିତ ଏହି ଫିଲ୍ମ କେତେ ଦୂର ଟକ୍କର ଦେଇ ସଫଳ ହେବ, ତାହାକୁ ନେଇ ମଧୁ ବେଶ୍ ଭୟରେ ଥିଲେ । ଏପରିକି ସେ ସିନେମାର ସଫଳତାକୁ ନେଇ ଏତେ ବ୍ୟତିବ୍ୟସ୍ତ ହୋଇପଡ଼ି ଥିଲେ ଯେ, କେହି ତାଙ୍କ ସହ କୌଣସି ପ୍ରକାର ଦେଖାସାକ୍ଷାତ କରି ଅଲୋଚନା ନ କରୁ, ସେଥିପାଇଁ ତିନି ଦିନ ପର୍ଯ୍ୟନ୍ତ ସେ ତାଙ୍କର ଜଣେ ସାଙ୍ଗଙ୍କ ଘରେ ଲୁଚି ରହିଲେ । ତିନି ଦିନ ପରେ ମଧୁଙ୍କ ସଚିବ ତାଙ୍କୁ ଫୋନ୍ କରି କହିଥିଲେ, 'ଝିଅ ଘରୁ ବାହାରକୁ ଆସ । ଫିଲ୍ମ ହିଟ୍ ହୋଇଛି । ସମସ୍ତେ ତୁମ ଅଭିନୟକୁ ବେଶ୍ ପସନ୍ଦ କରିଛନ୍ତି ।' ତା'ପରେ ମଧୁ ପଦାକୁ ବାହାରିଥିଲେ । ■



## ପରଦା ପଛର କାହାଣୀ

# 'ଦେବଦାସ' ସେଟ୍‌ରେ ଲାଗିଥିଲା ୪୨ ଜେନେରେଟର୍

ବଲିଉଡ୍‌ର ଖ୍ୟାତନାମା ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀ ଅନେକ କାଳଜୟୀ ଚଳଚ୍ଚିତ୍ର ବଲିଉଡ୍‌କୁ ଭେଟି ଦେଇଛନ୍ତି । ସେହି ଫିଲ୍ମଗୁଡ଼ିକ ମଧ୍ୟରୁ ସବୁଠୁ ଅଧିକ ଯେଉଁ ଫିଲ୍ମ ପାଇଁ ସେ ଚର୍ଚ୍ଚାରେ ରହିଛନ୍ତି, ତାହା ହେଉଛି 'ଦେବଦାସ' । ୨୦୦୨ରେ ଏହା ପରଦାକୁ ଆସିଥିଲା । ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହେବା ସହ ଏହା ନାମରେ ଅନେକ ରେକର୍ଡ ମଧ୍ୟ ରହିଛି । ଫିଲ୍ମରେ ଶାହାରୁଖ୍ ଖାନ୍, ମାଧୁରୀ ଦୀକ୍ଷିତ ଓ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଲିଡ୍ ରୋଲରେ ଦେଖାଯାଇଥିଲେ । ଏଥିରେ କଳାକାରଙ୍କ ବେଶଭୂଷା,ଅଭିନୟ, ସୁଦୃଶ୍ୟ ସେଟ୍ ସବୁକିଛି ଚର୍ଚ୍ଚାରେ ରହିଥିଲା । 'ଦେବଦାସ୍'ର ଆକର୍ଷଣୀୟ ସେଟ୍‌ରେ ମଧ୍ୟ ସଞ୍ଜୟ ପାଣି ଭଳି ଟଙ୍କା ଖର୍ଚ୍ଚ କରିଥିଲେ । ଏହି ସେଟ୍‌ରେ ୨୫୦୦ ଲାଇଟ୍, ୭୦୦ ଲାଇଟ୍‌ମ୍ୟାନ୍‌ଙ୍କୁ ଲଗାଯାଇଥିଲା । ସାଧାରଣତଃ ସୁଟିଂସେଟ୍‌ରେ ୨ରୁ ୩ଟି ଜେନେରେଟର୍ ବ୍ୟବହାର କରାଯାଏ । ମାତ୍ର ଏହି ଫିଲ୍ମରେ ୪୨ଟି ଜେନେରେଟର୍ ଲାଗିଥିଲା । ସଞ୍ଜୟ ଜେନେରେଟର୍‌ଗୁଡ଼ିକ ଭଡ଼ାରେ ନେଇ ଆସିଥିବାରୁ ସେତେବେଳେ ମୁମ୍ବାଇରେ ବିବାହ ଆୟୋଜନ କରୁଥିବା ଲୋକଙ୍କ ପାଇଁ ଏକ ସମସ୍ୟା ପାଲଟି ଯାଇଥିଲା । ଏହି ଫିଲ୍ମଟି ଆୟ ମାମଲାରେ ଏକ ରେକର୍ଡ ସୃଷ୍ଟି କରିଥିଲା । ଏହାକୁ ୫ ଟି ଜାତୀୟ ପୁରସ୍କାର ଓ ୧୦ଟି ଫିଲ୍ମଫେୟାର୍ ପୁରସ୍କାର ମିଳିଥିଲା । ସବୁଠୁ ବଡ଼ କଥା ହେଉଛି, ଫିଲ୍ମର ଏକ ଗୀତ 'କାହେ ଛୋଡ଼େ ମୋହେ' ଗୀତରେ ମାଧୁରୀ ୩୦ କେଜିର ଏକ ଲେହେଙ୍ଗା ପିନ୍ଧି ଚର୍ଚ୍ଚାରେ ରହିଥିଲେ । ସେହିଭଳି ଐଶ୍ୱର୍ଯ୍ୟାଙ୍କ ପାଇଁ ୬୦୦ ଶାଢ଼ି କିଣାଯାଇଥିଲା । ପ୍ରତ୍ୟେକ ଶାଢ଼ିର ଲମ୍ବ ୯ ମିଟର ଥିଲା । କେବଳ ଚନ୍ଦ୍ରମୁଖୀର କୋଠା ନିର୍ମାଣ ପାଇଁ ସଞ୍ଜୟ ୧୨ କୋଟି ଖର୍ଚ୍ଚ କରିଥିଲେ । ■



ଓଡ଼ିଆ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ସେ ବେଶ୍ ଜଣାଶୁଣା । ସ୍ୱଳ୍ପ ସମୟ ମଧ୍ୟରେ ଦମଦାର ଅଭିନୟ କରି ସେ ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି । ସେ କେବଳ ଜଣେ ଦକ୍ଷ କଳାକାର ନୁହଁନ୍ତି, ସହକାରୀ ନିର୍ଦ୍ଦେଶକ ଭାବେ ମଧ୍ୟ କାମ କରିଛନ୍ତି । ଛୋଟ ପରଦାରେ ତାଙ୍କୁ 'ଚକୋଲେଟ୍ ବୟ'ର ଆଖ୍ୟା ମିଳିଛି । ହିନ୍ଦୀ ୱେବ୍ ସିରିଜ୍ 'ଗେମ୍ସ ଅଫ୍ କର୍ମା'ରେ ସହକାରୀ ନିର୍ଦ୍ଦେଶକ ଭାବେ କାମ କରି ସେ ଖ୍ୟାତି ଅର୍ଜନ କରିଛନ୍ତି । ରିଆଲିଟି ଶୋ'ରୁ ଆଙ୍କର୍ ଭାବେ କ୍ୟାରିୟର୍ ଆରମ୍ଭ କରିଥିବା ଏହି ଯୁବ କଳାକାର ଜଣକ ହେଉଛନ୍ତି କଟକର ଶ୍ରୀଜିତ୍ ମହାପାତ୍ର । 'ନୂଆବୋହୂ', 'ପୁଣି ଗଡ଼ବଡ଼', 'ସିଂହଦ୍ୱାର', 'କିଏ ପର କିଏ ଆପଣାର' 'ସୁହାଗ ସିନ୍ଦୂର' ଆଦି ଧାରାବାହିକରେ ସେ ଅଭିନୟ କରିସାରିଛନ୍ତି । ବର୍ତ୍ତମାନ ସେ 'ତୁ ମୋର ସାଥିରେ' ଧାରାବାହିକରେ ଜୟ ଓ ଅମ୍ବର ଦୁଇଟି ଚରିତ୍ରରେ ଅଭିନୟ କରି ଲୋକପ୍ରିୟତା ସାଉଁଟୁଛନ୍ତି । ଓଡ଼ିଆ ଟେଲିଭିଜନ ଦୁନିଆରେ ତାଙ୍କ ଯାତ୍ରା କିଭଳି ରହିଛି ଜାଣିବା ତାଙ୍କ ମୁହଁରୁ... ।



## ସାକ୍ଷାତକାର

# "ଅଭିନୟ ମୋ ଜୀବନ"

**ଶ୍ରୀଜିତ୍, ଅଭିନେତା**



**କର୍ପୋରେଟ୍ ଏଚ୍‌ଆର୍‌ରୁ ଅଭିନୟର ଯାତ୍ରା କେମିତି ଥିଲା?**

- ସୌଭାଗ୍ୟବଶତଃ ଏକ ରିଆଲିଟି ଶୋ'ରେ ଉପସ୍ଥାପକ ଭାବେ ମୋତେ ସୁଯୋଗ ମିଳିଥିଲା । ପରେ କର୍ପୋରେଟ୍ ସଂସ୍ଥାରେ ଏଚ୍‌ଆର୍ ଭାବେ କାମ କରୁଥିଲି । ହେଲେ ପୁନର୍ବାର ଚାକିରିରେ ମନ ନ ଲାଗିବାରୁ ମୁଁ ମୁମ୍ବାଇରେ ଫିଲ୍ମ ମେକିଂ ପଢ଼ିଲି । ବାଲାଜୀରେ ଆସିଷ୍ଟାଣ୍ଟ ନିର୍ଦ୍ଦେଶକ ଓ ଆସୋସିଏଟ କ୍ରିଏଟିଭ ହେଡ୍ ଭାବେ କାମ ତୁଲାଇଥିଲି । ଏହି ସମୟରେ 'ନୂଆବୋହୂ'ରେ କାମ କରିବାକୁ ମୋତେ ପ୍ରସ୍ତାବ ମିଳିଥିଲା । ସେବେଠୁ ଧାରାବାହିକରେ ମୋର ଯାତ୍ରା ଆଗକୁ ଆଗକୁ ବଢ଼ି ଚାଲିଛି ।

**କ୍ୟାମେରାକୁ ସାମ୍ନା କରିବାର ପ୍ରଥମ ଅନୁଭୂତି?**

- କ୍ୟାମେରା ପଛରେ କାମ କରିବା ଓ କ୍ୟାମେରା ସାମ୍ନାରେ ଅଭିନୟ କରିବା ଦୁଇଟି ଯାକ ଭିନ୍ନ କଥା । କ୍ୟାମେରା ପଛରେ କାମ କରିବା ମୋତେ ସହଜ ହେଉଥିଲା, ଯେତେବେଳେ କ୍ୟାମେରା ସାମ୍ନାରେ ଏକ୍ସପ୍ରେସନ ସହିତ ସଂଳାପ କହିବା ଆରମ୍ଭ କରିଲି, ମୋତେ ସମସ୍ୟା ହୋଇଥିଲା । ଯେହେତୁ ମୁଁ ପିଲାଟି ଦିନରୁ ବାହାରେ ରହି ପାଠ ପଢ଼ିଥିଲି, ତେଣୁ କ୍ୟାମେରା ସାମ୍ନାରେ ଓଡ଼ିଆର ଅନେକ ଶବ୍ଦ ତଥା ଓଡ଼ିଆ ସଂଳାପ କହିବା କଷ୍ଟ ହେଉଥିଲା । 'ନୂଆବୋହୂ' ଧାରାବାହିକ ପରେ ଖବରକାଗଜ ପଢ଼ି ମୋ ଭାଷାରେ ପରିବର୍ତ୍ତନ ଆଣିଥିଲି । ପରେ 'ପୁଣି ଗଡ଼ବଡ଼', 'ସିଂହଦ୍ୱାର', 'କିଏ ପର କିଏ ଆପଣାର' 'ସୁହାଗ ସିନ୍ଦୂର'ରେ କାମ କରିପାରିଲି ।

**ମ୍ୟୁଜିକ୍ ଭିଡିଓରେ ଆଉ ଆପଣଙ୍କୁ ଦେଖିବାକୁ ମିଳୁନି କାହିଁକି?**

- ୯/୧୦ବର୍ଷ ତଳେ ଅଳ୍ପ ଭିଡିଓ କରିଥିଲି । ଏବେ କିନ୍ତୁ ସମସ୍ତେ ମ୍ୟୁଜିକ୍ ଭିଡିଓ କରୁଛନ୍ତି, ଏହା ଦ୍ୱାରା ଗୀତର ମାନ ରହୁନି କି ଲୋକେ ଏତେ ଗ୍ରହଣ କରୁନାହାନ୍ତି, ତେଣୁ ଏକ ଭଲ ପ୍ରୋଜେକ୍ଟ ବା ଭଲ ଗୀତ ମିଳିଲେ, ମୁଁ ନିଶ୍ଚିତ କାମ କରିବି ।

**ଜଣେ ଭଲ ଅଭିନେତା ହେବା ପାଇଁ ପରିଶ୍ରମ କେତେ ଜରୁରି?**

- ପରିଶ୍ରମ କରିବାରେ ପ୍ରକୃତ ଆନନ୍ଦ ମିଳେ । ସବୁବେଳେ ମୁଁ ଅଭିନୟରେ ବୁଡ଼ି ରୁହେ । କାମରେ କେବେ ବି ବିରକ୍ତି ପ୍ରକାଶ କରେନି । ଅଭିନୟ ମୋ ଜୀବନ । ଅଭିନୟ ସହିତ ମୁଁ ଏପରି ଯୋଡ଼ି ହୋଇଯାଇଛି ଯେ, ସତେଯେମିତି ବିନା ଅଭିନୟରେ ମୁଁ ଆଦୌ ବଞ୍ଚି ପାରିବିନି । ଏହାକୁ ଦୃଷ୍ଟି ଦେଲେ ଯେଉଁ ଧାରାବାହିକରେ ଅଭିନୟ କରିଛି, ଏହାକୁ ହିଟ୍ ତାଲିକାରେ ରଖିବାକୁ ଚେଷ୍ଟା କରିଛି । ଆଉ ସେଥିରେ ସଫଳ ହୋଇଛି ମଧ୍ୟ ।

**ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଇଚ୍ଛା ରହିଛି କି?**

- ନିଶ୍ଚିତ । ଯେହେତୁ ଏବେ ମୁଁ ଏକ ଧାରାବାହିକରେ କାମ କରୁଛି ତେଣୁ ବଡ଼ ପ୍ରୋଜେକ୍ଟରେ କାମ ମିଳିଲେ ବି ନିଜ ସ୍ୱାର୍ଥ ପାଇଁ କାହାକୁ ହଇରାଣ କରିବିନି । ବରଂ ଭଲ ସ୍କ୍ରିପ୍ଟ ଓ ନିଜର ସମୟ ସୁବିଧାକୁ ଦୃଷ୍ଟି ଦେଇ ମୁଁ କାମ କରିବାକୁ ଚିନ୍ତା କରିବି ।

**ଧାରାବାହିକର କେଉଁ ଚରିତ୍ର ଆପଣଙ୍କୁ ବେଶି ଭଲ ଲାଗିଛି?**

- 'ତୁ ମୋର ସାଥିରେ' ଜୟ ଚରିତ୍ର ଏବେ ବେଶି ଆତ୍ମସନ୍ତୋଷ ଦେଉଛି ।

**ସୁଟିଂ ନ ଥିଲେ କ'ଣ କରନ୍ତି?**

- ନୀହାରିକାଙ୍କ ସହିତ ବୁଲାବୁଲି କରେ । ମୋ ଅଭିନୟକୁ ସେ ପ୍ରଶଂସା ଓ ବେଳେବେଳେ ସମାଲୋଚନା କରନ୍ତି । ଏହାଦ୍ୱାରା ମୁଁ ଭଲ ଅଭିନୟ କରିବାକୁ ଖୋରାକ ପାଏ ।

**ଶ୍ରୀଜିତ୍ ଏତେ ଫିଟ୍ କେମିତି?**

- ଡାଏଟ୍ ମେଣ୍ଟେନ କରିବା ସହିତ ଖାଦ୍ୟକୁ ଗୁରୁତ୍ୱ ଦିଏ । ୱାର୍କଆଉଟ୍ କରେ । ମୋ ମତରେ ସକାରାତ୍ମକ ଚିନ୍ତାଧାରା ରଖିଲେ ହିଁ ଜଣେ ବ୍ୟକ୍ତି ସର୍ବଦା ସୁସ୍ଥ ଓ ଫିଟ୍ ରହିପାରିବେ ।

**ଶ୍ରୀଜିତ୍ ସାମାଜିକ ଗଣମାଧ୍ୟମରେ ସକ୍ରିୟ ରୁହନ୍ତିନି କାହିଁକି?**

- ମୋ ମତରେ ସୋସିଆଲ୍ ମିଡିଆ ଫଲୋର୍ସଙ୍କଠାରୁ ରିଅଲ୍ ଫଲୋର୍ସ ଅଧିକ ଅନୁକରଣ କରନ୍ତି । ସୋସିଆଲ୍ ମିଡିଆ ଫଲୋର୍ସ କ୍ଷଣିକ ପାଇଁ । ସେମାନଙ୍କୁ ପ୍ରତିଦିନ ଖୋରାକ ଦରକାର ହୁଏ । ତେଣୁ ବାସ୍ତବ ଅଭିନୟରେ ରିଅଲ୍ ଫଲୋର୍ସକୁ ଖୁସି ରଖିବାକୁ ଗୁରୁତ୍ୱ ଦିଏ ।

**ଅଭିନୟ ପ୍ରତି ରୁଚି ରଖୁଥିବା ପିଲାଙ୍କୁ କ'ଣ କହିବେ?**

- ଯେଉଁମାନେ ଅଭିନୟ କ୍ଷେତ୍ରରେ ଯୋଗ ଦେବାକୁ ଚାହୁଁଛନ୍ତି, ସେମାନେ ଅଭିନୟକୁ ପଢ଼, ଅଭିନୟକୁ ଜାଣ ଓ ଶିଖ, ତାପରେ ଅନ୍ୟାନ୍ୟ କଥାକୁ ଗୁରୁତ୍ୱ ଦେଲେ ହିଁ ଜଣେ ଭଲ କଳାକାର ହୋଇପାରିବ ।




# ମତୁଆଲା କରୁଛି ପ୍ରତିଯୋଗୀଙ୍କ ଗୀତ

ତରଙ୍ଗରେ ପ୍ରସାରିତ ଲୋକପ୍ରିୟ ମ୍ୟୁଜିକାଲ୍ ରିଆଲିଟି ଶୋ' 'ଭଏସ୍ ଅଫ୍ ଓଡ଼ିଶା ସିଜନ୍-୫'କୁ ଦର୍ଶକେ ଖୁବ୍ ପସନ୍ଦ କରୁଛନ୍ତି । ପ୍ରତିଯୋଗୀଙ୍କ ସୁନ୍ଦର ଗୀତ ବିଚାରପତି ତଥା ଦର୍ଶକଙ୍କ ମନ ଜିଣିପାରିଛି । ସେହିପରି ଆଗାମୀ ଷ୍ଟୁଡିଓ ରାଉଣ୍ଡରେ ପ୍ରତିଯୋଗୀମାନେ ସେମାନଙ୍କ ଗୀତରେ ଶ୍ରୋତାଙ୍କୁ ମତୁଆଲା କରିବେ । ତେବେ ଏହି ଶୋ'ରେ ତିନି ବିଚାରକ-ଦୀପ୍ତି, ଶଶାଙ୍କ, ଅଭିଷେକଙ୍କୁ ନେଇ ତିନିଟି ଦଳ କରାଯାଇଛି । ପ୍ରତ୍ୟେକ ଦଳର ପ୍ରତିଯୋଗୀଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳୁଛି । ତା'ସହ ସେମାନଙ୍କୁ ପରଖୁଛନ୍ତି ମୁଖ୍ୟ ବିଚାରକ ପ୍ରେମ ଆନନ୍ଦ ଏବଂ ଗୁଡ୍‌ଲି ରଥ । ଅନ୍ୟପଟେ ବିଭିନ୍ନ ଶୋ'ର କଳାକାରମାନେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବାକୁ ବିଭିନ୍ନ ସମୟରେ ଶୋ'ରେ ଆସି ପହଞ୍ଚୁଛନ୍ତି । ତେବେ ଶୋ'କୁ ଖୁବ୍ ସୁନ୍ଦର ଭାବେ ସଞ୍ଚାଳନ କରୁଛନ୍ତି ଶୁଭମ୍ ।




# ପ୍ରେକ୍ଷାଳୟରେ 'ଭୋଟ'

ଫେବୃଆରୀ ୨୩ରେ ରତ୍ନପ୍ରିୟା ପ୍ରଡକ୍‌ସନ୍ ବ୍ୟାନର୍‌ରେ ମୁକ୍ତିଲାଭ କରିଥିବା 'ଭୋଟ' ସିନେମାକୁ ଦର୍ଶକୀୟ ଆଦୃତି ମିଳିଛି । ଦୀର୍ଘଦୀନ ଧରି ଏହି ସିନେମାକୁ ନେଇ ଖୁବ୍ ଚର୍ଚ୍ଚା ହେଉଥିଲା । ତେବେ ମୌଳିକ କାହାଣୀ ସାଙ୍ଗକୁ ଗଣତନ୍ତ୍ରର ସତ୍ୟ ଉପରେ ଆଧାରିତ ଏହି ସିନେମାକୁ ଦର୍ଶକେ ବେଶ୍ ପସନ୍ଦ କରିଥିବା ଦେଖାଯାଇଛି । ଅବଶ୍ୟ ଭୋଟ ସମୟ ପାଖେଇ ଆସିଥିବା ବେଳେ ଏହି ଭୋଟ୍ ଯୋଗୁଁ କିଭଳି ଅନେକ ସମ୍ପର୍କ ଭାଙ୍ଗିଯାଏ ଏବଂ ପରିବାର ମଧ୍ୟରେ ତିକ୍ତତା ଦେଖାଦିଏ , ତାହାକୁ ଖୁବ୍ ସୁନ୍ଦର ଭାବେ ଏଥିରେ ଦର୍ଶାଯାଇଛି । ତା'ସହ ଗୋଟିଏ ଭୋଟ ଦ୍ୱାରା ଜୀବନ କେମିତି ପରିବର୍ତ୍ତନ ହୁଏ, ସେକଥା ମଧ୍ୟ ସିନେମା ଦେଖିଲେ ବୁଝାପଡ଼େ । ଅତୀଶ କୁମାର ରାଉତଙ୍କ ପ୍ରଯୋଜିତ ଏହି ସିନେମାରେ ମଞ୍ଚ କଳାକାରମାନଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି । ସିନେମା କାହାଣୀ ଅଜୟ ମହାପାତ୍ର ଲେଖିଥିବା ବେଳେ ସଂଳାପ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନାରେ ଅଛନ୍ତି ଦେବାଶିଷ ମହାପାତ୍ର । ଏଥିରେ ସୁଶାନ୍ତ, ହର ରଥ, ଉଷସୀ ମିଶ୍ର, ରାନୁ ପାଢ଼ୀ, ହାଡୁ, ରଞ୍ଜନ ରାଉତ ପ୍ରମୁଖ କଳାକାର ଅଭିନୟ କରିଛନ୍ତି । ସେହିପରି ସିନେମାର ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ଦୀପ୍ତିରେଖା, ହ୍ୟୁମାନ ସାଗର, ବିଷ୍ଣୁ ମୋହନ, ଶିବାଶିଷ, ଲିପ୍ସା ଓ ସତ୍ୟଜିତ ।




# 'ଚନ୍ଦ୍ରବଂଶୀ'ର ମହୁରତ



ନିକଟରେ ଅନସ୍‌ମିସ୍ ପ୍ରଡକ୍ସନ ନିବେଦିତ 'ଚନ୍ଦ୍ରବଂଶୀ' ସିନେମାର ଶୁଭ ମହରୁତ ହୋଇଯାଇଛି । ସିନେମାରେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ ଏବଂ ଆକାଶ ଦାସ ନାୟକଙ୍କୁ ଏକାଠି ଦେଖିବାକୁ ମିଳିବ । ଏହାର ନିର୍ଦ୍ଦେଶନାରେ ଯଶ୍ ସୁନୀଲ ଥିବା ବେଳେ ସଂଗୀତରେ ଅଛନ୍ତି ଅସଦ୍ ନିଜାମ୍ । ଭିନ୍ନ ଧରଣର କାହାଣୀ ପୃଷ୍ଠଭୂମି ଉପରେ ଆଧାରିତ ଏହି ସିନେମାର ଟାଇଟଲ୍ ଟ୍ରାକ୍‌କୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରିଛନ୍ତି । ତେବେ ଟାଇଟଲ୍ ଗୀତରେ ର୍‌ୟାପ୍‌ର ଛିଟା ରହିଛି । ଯାହାକି ଗୀତଟିକୁ ସମ୍ପୂର୍ଣ୍ଣ ଭିନ୍ନଧରଣର କରିଛି । ସିନେମାର ବିଭିନ୍ନ ଚରିତ୍ରରେ ଉଷସୀ ମିଶ୍ର, ବ୍ରଜ, ସ୍ମିତା, ସମରେଶ ରାଉତରାୟ, ଦେବୁ ବ୍ରହ୍ମା, ରାଜ ରାଜେଶ, ଶକ୍ତି ବରାଳ, ପୁନମ୍, ଲିପ୍ସା, ଦୈତାରୀ ପଣ୍ଡା ପ୍ରମୁଖ ନଜର ଆସିବେ । ଏହି ସିନେମାଟି ରଜ ଅବସରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଉଛି ।



# 'କଣ୍ହେଇ ସାଜିକି ଆସିଲୁ...'

ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପ୍ରେକ୍ଷାଳୟକୁ ଆସିବ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ନୂଆ ଓଡ଼ିଆ ସିନେମା 'ତ୍ରିକନ୍ୟା' । ସିନେମାର ଗୀତଗୁଡ଼ିକ ଇତିମଧ୍ୟରେ ରିଲିଜ୍ ହୋଇଥିବା ବେଳେ 'କଣ୍ହେଇ ସାଜିକି ଆସିଲୁ...' ଗୀତଟିକୁ ମଧ୍ୟ ଲୋକେ ଖୁବ୍ ପସନ୍ଦ କରିଛନ୍ତି । ଗୀତଟି ସୁକାନ୍ତ ରଥ ଓ ନିଭିଙ୍କ ଉପରେ ଦୃଶ୍ୟାୟିତ ହୋଇଛି । ସେହିପରି ଗୀତଟିରେ କୁଲଦୀପ ପଟ୍ଟନାୟକ ଏବଂ ଡି.ଅଭିଷେକ କଣ୍ଠଦାନ କରିଛନ୍ତି । ନିଭି ଏଥିରେ କଣ୍ହେଇ ଚରିତ୍ରରେ ଥିବା ବେଳେ କିଭଳି ସୁକାନ୍ତ ତାଙ୍କ ପ୍ରେମରେ ପଡୁଛନ୍ତି, ତାହା ଏଥିରେ ଦେଖିବାକୁ ମିଳିଛି । ତେବେ ଭିନ୍ନ ଭିନ୍ନ ସାମାଜିକ ଓ ଭୌଗୋଳିକ ପ୍ରେକ୍ଷାପଟରୁ ଆସିଥିବା ତିନିଜଣ ମହିଳାଙ୍କ କାହାଣୀକୁ ନେଇ ଏହି ସିନେମା ଆଧାରିତ । ଏହାର ପ୍ରଯୋଜନାରେ ଅନୁପମ ପଟ୍ଟନାୟକ ଓ ବର୍ଷା ପଟ୍ଟନାୟକ ଥିବା ବେଳେ ସଂଳାପ ରଚନା କରିଛନ୍ତି ମାନସ ପଢ଼ିଆରୀ । ଚଳଚ୍ଚିତ୍ରର ବିଭିନ୍ନ ମୁଖ୍ୟ ଚରିତ୍ରରେ ଅଛନ୍ତି ମନୋଜ ମିଶ୍ର, ପାର୍ଥସାରଥୀ, ବର୍ଷା ପଟ୍ଟନାୟକ, ଶ୍ରଦ୍ଧା, ସୁକାନ୍ତ, ନିଭି ପ୍ରମୁଖ । ସେହିପରି ସିନେମାଟିକୁ ଦର୍ଶକେ ଖୁବ୍ ପସନ୍ଦ କରିବେ ବୋଲି ଏହାର ଟିମ୍ ବେଶ୍ ଆଶାବାଦୀ ଅଛି ।



## ମହାମାରୀ ପାଲଟିଲାଣି କର୍କଟ

# ମିନିଟରେ ଯାଉଛି ୧୭ ଜୀବନ



ବିଶ୍ୱରେ କର୍କଟ ରୋଗୀସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହି ରୋଗ ମହାମାରୀ ପାଲଟି ଗଲାଣି। କରୋନାଠାରୁ ଏହା ଢ଼େର ଅଧିକ ଜୀବନ ନେଉଛି। ଏଥିଯୋଗୁଁ ପ୍ରତି ମିନିଟରେ ୧୭ ଜଣଙ୍କ ଜୀବନ ଯାଉଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ କୁହାଯାଇଛି। 'ଇଣ୍ଟରନ୍ୟାସନାଲ ଏଜେନ୍ସି ଫର ରିସର୍ଚ୍ଚ ଅନ କ୍ୟାନସର' ଅନୁଯାୟୀ ୨୦୨୦ରେ ୧.୯୩ କୋଟି କର୍କଟ ମାମଲା ସାମ୍ନାକୁ ଆସିଥିଲା। ଏମାନଙ୍କ ମଧ୍ୟରୁ କୋଟିଏ ଲୋକଙ୍କ ମୃତ୍ୟୁ ହୋଇଥିଲା। ଭାରତ ମଧ୍ୟ କର୍କଟ କବଳରୁ ବାଦ ପଡ଼ିନାହିଁ। ଦେଶରେ ପୁରୁଷଙ୍କ ଅପେକ୍ଷା ଅଧିକ ମହିଳା କର୍କଟରେ ସଂକ୍ରମିତ ହେଉଛନ୍ତି। ୨୦୨୨ରେ ୧୪.୧୩ ଲକ୍ଷ ନୂଆ କର୍କଟ ରୋଗୀ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରେ ୭.୨୨ ଲକ୍ଷ ମହିଳା ଏବଂ ୬.୯୧ ଲକ୍ଷ ପୁରୁଷ ସାମିଲ ଥିଲେ। ଏହି ରୋଗୀଙ୍କ ମଧ୍ୟରୁ ୯.୧୬ ଲକ୍ଷ ପ୍ରାଣ ହରାଇ ଥିଲେ। ଏନସିଆରପି ରିପୋର୍ଟ ଅନୁଯାୟୀ ଭାରତରେ ୨୦୧୭ରେ ୧୨, ୯୨, ୫୩୪ (୬, ୬୦ ୪୯୨ ମହିଳା ଏବଂ ୬, ୩୨, ୦୪୨ ପୁରୁଷ, ୨୦୧୮ରେ ୧୩, ୨୫, ୨୩୨ (୬, ୭୭, ୬୨୭ ମହିଳା ଏବଂ ୬, ୪୭, ୬୦୫ ପୁରୁଷ), ୨୦୧୯ରେ ୧୩, ୫୮, ୪୧୫ (୬, ୯୫, ୦୭୨ ମହିଳା ଏବଂ ୬, ୬୩, ୩୪୩ ପୁରୁଷ) ଏବଂ ୨୦୨୦ରେ ୧୩, ୯୨, ୧୭୯ (୮, ୦୬, ୨୧୮ ମହିଳା ଏବଂ ୭, ୬୩, ୫୭୫ ପୁରୁଷ) କର୍କଟ ରୋଗୀ ଚିହ୍ନଟ ହୋଇଥିଲେ। ଏକ ଆକଳନ ଅନୁଯାୟୀ ୨୦୨୫ ସୁଦ୍ଧା ଦେଶରୁ ୧୫, ୬୯ ୭୯୩ କର୍କଟ ରୋଗୀ ଚିହ୍ନଟ ହେବେ ବୋଲି ଆକଳନ କରାଯାଇଛି। ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମଆର)ର ଆକଳନ ଅନୁଯାୟୀ ଆଗାମୀ ୫ ବର୍ଷରେ ଦେଶରେ କର୍କଟ ରୋଗୀସଂଖ୍ୟା ୧୨ ପ୍ରତିଶତ ବୃଦ୍ଧି ପାଇବ। ତେବେ

### ବର୍ଷକରେ କୋଟିଏ ଲୋକଙ୍କ ମୃତ୍ୟୁ

### ଭାରତରେ ମହିଳା ରୋଗୀ ଅଧିକ

### କର୍କଟ ଟିକା ଆଣୁଛି ରୁଷ୍

କମ୍ ବୟସରେ କର୍କଟର ଶିକାର ହେବା ସବୁଠାରୁ ଆହ୍ୱାନ ପାଲଟିଛି। ଜୀବନ ଶୈଳୀ ଯୋଗୁଁ କମ୍ ବୟସରେ କର୍କଟ ହେଉଛି ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ଗ୍ଲୋବାଲ କ୍ୟାନସର ଅବଜରଭେଟୋରୀର ତଥ୍ୟ ଅନୁଯାୟୀ ୫୦ ବର୍ଷ ବୟସ ପୂର୍ବରୁ ସ୍ତନ କର୍କଟ ଏବଂ ଥାଇରଏଡ କର୍କଟ ମାମଲା ସବୁଠାରୁ ଅଧିକ ଆସୁଛି। ଭାରତରେ ସ୍ତନ, ମୁହଁ, ଗର୍ଭାଶୟ ଏବଂ ଫୁସଫୁସ କର୍କଟ ମାମଲା ଅଧିକ ଆସୁଛି।

ରିପୋର୍ଟ ଅନୁଯାୟୀ ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଚେନ୍ନଇ ଭଳି ସହରରେ ସ୍ତନ କର୍କଟ ରୋଗୀସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ଭାରତରେ ପ୍ରତି ୧୦ କର୍କଟ ରୋଗୀଙ୍କ ମଧ୍ୟରୁ ୭ ଜଣଙ୍କ ମୃତ୍ୟୁ ହେଉଛି। ମାତ୍ର ବିକଶିତ ଦେଶରେ ଏହି ସଂଖ୍ୟା ୩ କିମ୍ବା ଚାରି ରହିଛି। ଡାକ୍ତର ଅଭାବ ଯୋଗୁଁ ଏପରି ହେଉଛି ବୋଲି କୁହାଯାଇଛି। ଭାରତରେ କର୍କଟ ମୃତ୍ୟୁହାର ବିକଶିତ ରାଷ୍ଟ୍ରଠାରୁ ଦୁଇ ଗୁଣ ରହିଛି। ଜର୍ଣ୍ଣାଲ ଅଫ ଗ୍ଲୋବାଲ ଅଙ୍କୋଲୋଜି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଭାରତରେ ୨୦୦୦ କର୍କଟ ରୋଗୀରେ ଜଣେ ମାତ୍ର ଡାକ୍ତର ଅଛନ୍ତି। ଆମେରିକାରେ ଏହା ଶହେ ଅନୁପାତ ୧ ରହିଛି।

ବିଶ୍ୱରେ କର୍କଟ ରୋଗ ସଂଖ୍ୟାବଢୁଥିବାବେଳେ ରୁଷରୁ ଏକ ଆଶ୍ୱସ୍ତିକର ଖବର ଆସିଛି। ରୁଷ୍ ବୈଜ୍ଞାନିକ କର୍କଟ ଟିକା ପ୍ରସ୍ତୁତ କରିବାକୁ ଯାଉଛନ୍ତି ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଘୋଷଣା କରିଛନ୍ତି। ସେ ଦାବି କରିଥିଲେ ଯେ ଖୁବଶୀଘ୍ର ଏହି ଟିକା ରୋଗୀଙ୍କ ପାଇଁ ଉପଲବ୍ଧ ହେବ। ତେବେ ଏହା କେବେଠାରୁ ମିଳିବ, କେଉଁ ପ୍ରକାରର କର୍କଟ ରୋକିବାରେ ସହାୟକ ହେବ, ଲୋକଙ୍କୁ କେମିତି ଦିଆଯିବ ସେ ସମ୍ପର୍କରେ ପୁତିନ କୌଣସି ସୂଚନା ଦେଇନାହାନ୍ତି। ରୁଷ୍ ବ୍ୟତୀତ ଅନେକ ଦେଶ କର୍କଟ ଟିକା ପ୍ରସ୍ତୁତ କରିବାକୁ ଉଦ୍ୟମ କରୁଛନ୍ତି। ବ୍ରିଟିଶ ସରକାର ଜର୍ମାନୀ କମ୍ପାନୀ ବାୟୋନଟେକ ସହ ଚୁକ୍ତି କରିଛନ୍ତି। ୨୦୩୦ ସୁଦ୍ଧା ୧୦ ହଜାର କର୍କଟ ରୋଗୀଙ୍କ ଚିକିତ୍ସା କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଆମେରିକାର ମୋଡେର୍ଣ୍ଣା ଏବଂ ମର୍କ କମ୍ପାନୀ ଚର୍ମ କର୍କଟ ପାଇଁ ଟିକା ବନାଉଛନ୍ତି।

## ଗର୍ଭାଶୟ କର୍କଟରେ ଦିନକୁ ୨୧୧ ମହିଳାଙ୍କ ମୃତ୍ୟୁ

ଗର୍ଭାଶୟ କର୍କଟ ଏକ ଭୟଙ୍କର ରୋଗ ଭାବେ ଉଭା ହୋଇଛି। ଏହା ଏତେ ଭୟଙ୍କର ଯେ ରୋଗର ଲକ୍ଷଣ ସହଜରେ ଜଣାପଡ଼େ ନାହିଁ। କେବଳ ଯାଞ୍ଚରୁ ଏହା ଜଣାପଡ଼ିଥାଏ। ବିଶ୍ୱର ଅନେକ ଦେଶ ଏହି ରୋଗରୁ ବର୍ତ୍ତିବା ଲାଗି ମାଗଣା ଟିକା ଦେଉଛନ୍ତି। ଭାରତ ପକ୍ଷରୁ ମଧ୍ୟ ଗତ ବଜେଟ ଅଧିବେଶନରେ ଏ ନେଇ ଘୋଷଣା କରାଯାଇଛି। ଗର୍ଭାଶୟ କର୍କଟକୁ ନିୟନ୍ତ୍ରଣ କରିବା ପାଇଁ ସାରା ଦେଶରେ ଟିକାକରଣ ଅଭିଯାନ ଚଲାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଘୋଷଣା କରିଛନ୍ତି। ମହିଳାଙ୍କଠାରେ ଦେଖାଦେଉଥିବା ଏହା ଦ୍ୱିତୀୟ ସର୍ବାଧିକ ରୋଗ। ପ୍ରତି ବର୍ଷ ଗର୍ଭାଶୟ କର୍କଟର ପ୍ରାୟ ଲକ୍ଷେ ୨୦ ହଜାର ନୂଆ ମାମଲା ସାମ୍ନାକୁ ଆସିଥାଏ। ଏମାନଙ୍କ ମଧ୍ୟରୁ ୭୭ ହଜାରରୁ ଅଧିକ ମହିଳାଙ୍କ ମୃତ୍ୟୁ ହୋଇଥାଏ। ଅର୍ଥାତ ପ୍ରତି ଦିନ ୨୧୧ ମହିଳା ଜୀବନ ହରାଇଥାଆନ୍ତି। କିନ୍ତୁ ଚିନ୍ତାର ବିଷୟ ଏହି କି ଯେ ଦେଶର ମାତ୍ର ୧ ପ୍ରତିଶତ ମହିଳା ଗର୍ଭାଶୟ କର୍କଟର ଯାଞ୍ଚ କରାଇଥାଆନ୍ତି। ମାତ୍ର ୭୦ ପ୍ରତିଶତ ମହିଳା ଏହାର ଯାଞ୍ଚ କରାଇବା ଉଚିତ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହୁଛି।

# ଯକୃତକୁ କ୍ଷତି ପହଞ୍ଚାଇପାରେ ପାରାସିଟାମଲ୍



ଯନ୍ତ୍ରଣା ଉପଶମ ଓ ହ୍ରାସ ପାଇଁ ପାରାସିଟାମଲ ହେଉଛି ଏକ ବିଶ୍ୱସନୀୟ ଔଷଧ। ବହୁ ଦଶନ୍ଧି ଧରି ଏହାର ବହୁଳ ବ୍ୟବହାର ଚାଲିଆସୁଛି। ପାରାସିଟାମଲ ଟାବଲେଟ ସେବନର ଖୁବ୍ କମ୍ ସମୟ ମଧ୍ୟରେ ଯନ୍ତ୍ରଣାରୁ ଉପଶମ ଦେଇଥାଏ। ତେବେ ନିୟମିତ ଭାବେ ବା ଦୀର୍ଘକାଳ ଧରି ଏହି ଯନ୍ତ୍ରଣା ନିବାରକ ଟାବଲେଟ୍ ଖାଇବା ଦ୍ୱାରା ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ ବୋଲି ବିଶେଷଜ୍ଞ ଓ ଗବେଷକମାନେ ସତର୍କ କରାଇଛନ୍ତି। ଏଡିନବର୍ଗ ଓ ଓସଲୋ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଏକ ଟିମ୍ ମୂଷାଙ୍କ ଶରୀରରେ ପାରାସିଟାମଲ'ର ପ୍ରଭାବ ସମ୍ପର୍କରେ ପରୀକ୍ଷାନିରୀକ୍ଷା କରି ଜାଣିବାକୁ ପାଇଛନ୍ତି ଯେ ଏହି ଡ୍ରଗ ଯକୃତକୁ କ୍ଷତି ପହଞ୍ଚାଉଛି। ମାତ୍ରାଧିକ ପାରାସିଟାମଲ୍ ସେବନ ଯକୃତର କୋଷିକାଗୁଡ଼ିକୁ ତଥା ଦୁଇ କୋଷିକା ମଧ୍ୟସ୍ଥ ପ୍ରାଚୀରକୁ ନଷ୍ଟ କରିଦେଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ସାଧାରଣତଃ ହେପାଟିଟିସ, ସିରୋସିସ ଓ କ୍ୟାନସର କ୍ଷେତ୍ରରେ ଯକୃତର କୋଷିକା ଯେପରି କ୍ଷତିଗ୍ରସ୍ତ ହୋଇଥାଏ, ମାତ୍ରାଧିକ ପାରାସିଟାମଲ୍ ସେବନ ମଧ୍ୟ ଅନୁରୂପ କ୍ଷତି ଘଟାଇବାକୁ ସକ୍ଷମ ବୋଲି ଗବେଷକମାନେ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯାହା ସାଇଣ୍ଟିଫିକ୍ ରିପୋର୍ଟସ ନାମକ ଜର୍ଣ୍ଣାଲରେ ପ୍ରକାଶିତ ହୋଇଛି।

## ରହସ୍ୟ ଘେରରେ

# ୨୫୦୦ ଭାରତୀୟ ବୈଜ୍ଞାନିକଙ୍କ ମୃତ୍ୟୁ







କୌଣସି ଦେଶର ବିକାଶରେ ବୈଜ୍ଞାନିକଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ। ନୂଆ ନୂଆ ଜ୍ଞାନକୌଶଳର ବିକାଶ କରି ଦେଶକୁ ବିକଶିତ କରିବାରେ ଏହି ବୈଜ୍ଞାନିକମାନେ ପ୍ରମୁଖ ଭୂମିକା ନିର୍ବାହ କରିଥାନ୍ତି। ଲୋକମାନଙ୍କର ଜୀବନଧାରଣ ମାନକୁ ଉନ୍ନତ କରିବାରେ ସହାୟକ ହୋଇଥାନ୍ତି। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ହେଉ କି କୃଷି ସବୁଠି ବୈଜ୍ଞାନିକଙ୍କ ଲୋଡ଼ା ହୋଇଥାଏ। ଏମାନଙ୍କୁ ସୁରକ୍ଷା ଦେବା ପ୍ରତ୍ୟେକ ଦେଶର କର୍ତ୍ତବ୍ୟ ଏବଂ ଧର୍ମ ହେବା ଆବଶ୍ୟକ। ମାତ୍ର ଭାରତରେ ଏହାର ବିପରୀତ ସ୍ଥିତି ଦେଖିବାକୁ ମିଳିଛି। ଅନେକ ବୈଜ୍ଞାନିକ ରହସ୍ୟଜନକ ଭାବେ ପ୍ରାଣ ହରାଇଛନ୍ତି। ସ୍ୱାଧୀନତା ପରଠାରୁ ୨୦୧୪ ପର୍ଯ୍ୟନ୍ତ ସନ୍ଦେହଜନକ ସ୍ଥିତିରେ ପ୍ରାୟ ୨୫୦୦ ବୈଜ୍ଞାନିକ ଜୀବନ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ଇସ୍ରୋ ଏବଂ ପରମାଣୁ ବୈଜ୍ଞାନିକ ସାମିଲ ଅଛନ୍ତି। ଏକ ଚ୍ୟାନେଲ ସାମାଜିକ ଗଣମାଧ୍ୟରେ ପୋଷ୍ଟ କରି ଏହି ଦାବି କରିଛି। ଦେଶର ଏଭଳି ଅନେକ ବୈଜ୍ଞାନିକ ଅଛନ୍ତି ଯେଉଁମାନଙ୍କ ମୃତ୍ୟୁ ଅସ୍ୱାଭାବିକ ଭାବେ ହୋଇଛି। କାହାର ମୃତଦେହ ରେଳଧାରଣାରୁ ତ ଆଉ କାହାର ଶରୀରରୁ ବିଷ ମିଳିଛି। କିଏ ଆତ୍ମହତ୍ୟା ତ ଆଉ

### ୧୯୯୫-୨୦୧୦ ମଧ୍ୟରେ ଇସ୍ରୋର ୬୮୪ କର୍ମଚାରୀଙ୍କ ମୃତ୍ୟୁ

କିଏ ପୋଡ଼ି ହୋଇ, ପୁଣି କାହାର ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏହି ବୈଜ୍ଞାନିକଙ୍କ ମୃତ୍ୟୁର ଯାଞ୍ଚରୁ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ।

ବୈଜ୍ଞାନିକଙ୍କ ମୃତ୍ୟୁକୁ ନେଇ ଭାରତୀୟ ମହାକାଶ ଏବଂ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ ଦିଆଯାଇଥିବା ସୂଚନା ମଧ୍ୟ ଏହି ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଉଛି। ୨୦୧୧ରେ ଏକ ସୂଚନା ଅଧିକାର (ଆରଟିଆଇ)ର ଉତ୍ତରରେ ଇସ୍ରୋ ପକ୍ଷରୁ କୁହାଯାଇଥିଲା ଯେ ୧୯୯୫ରୁ ୨୦୧୦ ମଧ୍ୟରେ ସଂଗଠନର ୬୮୪ କର୍ମଚାରୀଙ୍କ ମୃତ୍ୟୁ ହେଉଛି। ମାତ୍ର ଏଜେନ୍ସି ପକ୍ଷରୁ ଏହି କର୍ମଚାରୀଙ୍କ ମୃତ୍ୟୁର କାରଣ ଦର୍ଶାଯାଇ ନ ଥିଲା। ସେହିପରି କେବଳ ୨୦୦୯-୧୩ ମଧ୍ୟରେ ୧୧ ପରମାଣୁ ବୈଜ୍ଞାନିକଙ୍କ ସନ୍ଦେହଜନକ ସ୍ଥିତିରେ ମୃତ୍ୟୁ ହୋଇଥିଲା। ବିସ୍ଫୋରଣରେ, ସମୁଦ୍ରରେ ବୁଡ଼ି କିମ୍ବା ଫାଶୀ ଲଗାଇ ପରମାଣୁ ବିଭାଗର ପରୀକ୍ଷାଗାର ଏବଂ ଅନୁସନ୍ଧାନ କେନ୍ଦ୍ରରେ କାର୍ଯ୍ୟରତ ୮ ବୈଜ୍ଞାନିକ ଏବଂ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଥିଲା।

ସନ୍ଦେହଜନକ ପରିସ୍ଥିତିରେ ପ୍ରାଣ ହରାଇଥିବା ଭାରତୀୟ ବୈଜ୍ଞାନିକଙ୍କ ମଧ୍ୟରେ ହୋମି ଜାହାଙ୍ଗୀର ଭାବା, ବିକ୍ରମ ସାରା ଭାଇ, କେକେ ଯୋଶୀ, ଆଶିଷ ଅଶ୍ୱିନୀ, ଲୋକନାଥନ ମହାଲିଙ୍ଗମ, ଏମ ପଦ୍ମନାଭନ ଆୟର, ଉମଙ୍ଗ ସିଂହ, ପାର୍ଥ ପ୍ରତିମ, ତିତସ ପାଲ, ଉମା ରାଓ, ଡଲିଆ ନାୟକ, ତିରୁମାଲା ପ୍ରସାଦ ଟେଙ୍କା, ମହମ୍ମଦ ମୁସ୍ତଫା, ଆଦି ବଡ଼ ବୈଜ୍ଞାନିକ ସାମିଲ ଅଛନ୍ତି। କେଉଁ ପରିସ୍ଥିତିରେ ଏବଂ କାହିଁକି ଏହି ବୈଜ୍ଞାନିକଙ୍କ ମୃତ୍ୟୁ ହୋଇଥିଲା ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କିଛି ରିପୋର୍ଟରେ ଏହି ବୈଜ୍ଞାନିକଙ୍କ ମୃତ୍ୟୁ ପଛରେ ବିଦେଶୀ ଶକ୍ତିଙ୍କ ହାତ ଥିବା କୁହାଯାଉଛି। କାରଣ ବିଦେଶୀ ରାଷ୍ଟ୍ର ଭାରତର ଉନ୍ନତି ଦେଖିପାରୁ ନାହାନ୍ତି। ପ୍ରାଣ ହରାଇଥିବା ବୈଜ୍ଞାନିକମାନେ ବହୁ ବଡ଼ ବଡ଼ ପଦବୀରେ କାର୍ଯ୍ୟରତ ଥିଲେ। ଦେଶକୁ ମହାଶକ୍ତି ଭାବେ ଗଢ଼ି ତୋଳିବା ପାଇଁ ଅହରହ କାର୍ଯ୍ୟ ଜାରି ରଖିଥିଲେ। ଏହି କ୍ଷେତ୍ରରେ ଶେଷ ସୋପାନରେ ମଧ୍ୟ ପହଞ୍ଚି ସାରିଥିଲେ। ମାତ୍ର ଠିକ୍ ବେଳକୁ ହତ୍ୟାର ଶିକାର ହୋଇଥିଲେ। ନିକଟରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର 'ରକେଟ୍ରି:ଦ ନମ୍ବି ଇଫେକ୍ଟ' ଜଣେ ପ୍ରସିଦ୍ଧ ବୈଜ୍ଞାନିକ ଡ. ନମ୍ବି ନାରାୟଣନଙ୍କ ଉପରେ ପର୍ଯ୍ୟବେସିତ। ସେ ଦେଶର କ୍ରାୟୋଜନିକ ଇଞ୍ଜିନର ନେତୃତ୍ୱ ନେଉଥିଲେ। ମାତ୍ର ଏହି ସମୟରେ ତାଙ୍କୁ ମିଥ୍ୟା ମାମଲାରେ ଫସାଇ ଦିଆଗଲା। ତାଙ୍କୁ ଦେଶଦ୍ରୋହୀ ସଜାଇ ଦିଆଗଲା। ଅନେକ ଦିନ ପର୍ଯ୍ୟନ୍ତ ଜେଲ୍‌ରେ ରଖି ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ନମ୍ବି ନାରାୟଣନଙ୍କୁ ଷଡ଼ଯନ୍ତ୍ର କରି ଫସାଇ ଦିଆଯାଇଥିଲା। ଏଥିଯୋଗୁଁ ଭାରତ ମହାକାଶ କ୍ଷେତ୍ରରେ ୨୦ ବର୍ଷ ପଛକୁ ଚାଲି ଯାଇଥିଲା। ଯଦି ଭାରତୀୟ ବୈଜ୍ଞାନିକଙ୍କ ମୃତ୍ୟୁ ହୋଇ ନଥାନ୍ତା ତେବେ ଆଜି ଦେଶ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ହୋଇଥାନ୍ତି ବୋଲି କୁହାଯାଉଛି।

କିଛି ବର୍ଷ ତଳେ ଇସ୍ରୋର ବରିଷ୍ଠ ବୈଜ୍ଞାନିକ ଡ. ତପନ ମିଶ୍ରା ବଡ଼ ଅଭିଯୋଗ ଲଗାଇ ଥିଲେ। ତାଙ୍କୁ ବିଷ ଦେଇ ମାରିବାକୁ ପ୍ରୟାସ କରାଯାଇଥିଲା ବୋଲି କହିଥିଲେ। ୩ ବର୍ଷରେ ତାଙ୍କୁ ତିନି ଥର ବିଷ ଦେବାକୁ ଉଦ୍ୟମ ହୋଇଥିଲା। ସେ ଏହି ମାମଲାର ଯାଞ୍ଚ ପାଇଁ ଭାରତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ଏହା ପଛରେ ବଡ଼ ଷଡ଼ଯନ୍ତ୍ର ଥିବା ଆଶଙ୍କା କରିଥିଲେ।

# ପାକିସ୍ତାନର ଆର୍ଥିକ ଦୁର୍ଗତି ପଛରେ ରାଜନୈତିକ ଅସ୍ଥିରତା

ବିଗତ କିଛି ବର୍ଷ ଧରି ଘୋର ଆର୍ଥିକ ଦୁର୍ଦ୍ଦିନରେ ଗତି କରୁଥିବା ପାକିସ୍ତାନ ଏବେ ଉତ୍କଟ ରାଜନୈତିକ ସଙ୍କଟରେ ପଡ଼ିଛି। ଏଠାରେ ଗତ ୮ ତାରିଖରେ ସାଧାରଣ ନିର୍ବାଚନ ଶେଷ ହେବା ସହ ଫଳାଫଳ ପ୍ରକାଶ ପାଇଥିଲା। କିନ୍ତୁ ଇତିମଧ୍ୟରେ ୧୨ ଦିନ ବିତିଥିଲେ ବି ସରକାର ଗଠନ କରିବା ସମ୍ଭବ ହୋଇପାରି ନାହିଁ। ଏହି ନିର୍ବାଚନରେ କୌଣସି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରି ନଥିବା ବେଳେ ଇମ୍ରାନ ଖାନଙ୍କ ପିଟିଆଇ ଦଳ ସମର୍ଥନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସ୍ୱାଧୀନ ପ୍ରାର୍ଥୀ ସର୍ବାଧିକ ସଂଖ୍ୟାରେ ବିଜୟୀ ହୋଇଛନ୍ତି। ତେଣୁ ଇମ୍ରାନଙ୍କ ଦଳ ହିଁ ସରକାର ଗଢିବା ଦରକାର ବୋଲି ପିଟିଆଇ ଦାବି କରୁଛି। ହେଲେ ଦ୍ୱିତୀୟ ଏବଂ ତୃତୀୟ ବୃହତ ଦଳ ଭାବେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ସରିଫଙ୍କ ପିଏମଏଲ-ଏନ ଏବଂ ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ପିପିପି ମେଣ୍ଟ କରି ସରକାର ଗଠନ କରିବାକୁ ଉଦ୍ୟମ ଚଳାଇଛନ୍ତି। ଏହାମଧ୍ୟରେ ପୁଣି ପାକିସ୍ତାନ ସେନାର କର୍ତ୍ତୃତ୍ୱକୁ ବି ବାଦ୍ ଦିଆଯାଇନି। ସେନା ଯାହା ମୁଣ୍ଡରେ କଳସ ଢାଳିବ, ସେହି ଦଳ ହିଁ ସରକାର ଗଠନ କରିବା ସମ୍ଭବ ହେବ ବୋଲି କୁହାଯାଉଛି। ପାକିସ୍ତାନ ରାଜନୀତିରେ ସେନାର ହସ୍ତକ୍ଷେପ କିଛି ନୂଆ କଥା ନୁହେଁ। ପାକିସ୍ତାନର ସମ୍ବିଧାନ ଅନୁସାରେ ଏଠାରେ ଗଣତନ୍ତ୍ର ବ୍ୟବସ୍ଥା ରହିଥିଲେ ହେଁ ପ୍ରକୃତରେ ସେନା ହିଁ ସବୁକିଛି ନିୟନ୍ତ୍ରଣ କରିଥାଏ – ଏ କଥା କାହାକୁ ଅଛପା ନାହିଁ। ସେନାର ଏକଚାଟିଆ ଏବଂ ମନୋମୁଖୀ ଆଭିମୁଖ୍ୟକୁ ନେଇ ଏଠାରେ ସରକାର ଗଠନ ହୁଏ ଏବଂ ପତନ ବି ହୁଏ। ଯାହାର ଉଦାହରଣ ଚଳିତ ନିର୍ବାଚନରେ ମଧ୍ୟ ପ୍ରତିଫଳିତ ହୋଇଛି। କାରଣ ଚଳିତ ନିର୍ବାଚନରେ ସେନା ପ୍ରରୋଚନାରେ ପିଟିଆଇ ଦଳର ଭୋଟକୁ ଚଞ୍ଚକତା କରାଯାଇ ଅନ୍ୟ ଦଳ ସପକ୍ଷରେ ନିଆଯାଇଛି ବୋଲି ଇମ୍ରାନ କହିଛନ୍ତି। କେବଳ ସେତିକି ନୁହେଁ, ନିର୍ବାଚନ ଫଳାଫଳରେ ସ୍ୱଚ୍ଛତା ରକ୍ଷା କିମ୍ବା ସରକାର ଗଠନ ପାଇଁ ଏକ ସକାରାତ୍ମକ ନୀତି ପ୍ରଣୟନ କରିବା କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟ ଓ ନିର୍ବାଚନ ଆୟୋଗ ଭଳି ସାମ୍ବିଧାନିକ ଅନୁଷ୍ଠାନଗୁଡିକର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ପାକିସ୍ତାନର ଏଭଳି ଦୁର୍ବଳ ଆଭିମୁଖ୍ୟ ଯୋଗୁଁ କେବଳ ଚଳିତ ନିର୍ବାଚନ ନୁହେଁ, ୧୯୪୭ରେ ଏହି ରାଷ୍ଟ୍ର ଭାରତ ଠାରୁ ଅଲଗା ହୋଇ ସ୍ୱତନ୍ତ୍ର ରାଷ୍ଟ୍ରେ ଭାବେ ପ୍ରତିଷ୍ଠାଲାଭ କରିବା ଦିନ ଠାରୁ ଏହି ଏଭଳି ସ୍ଥିତି ଜାରି ରହିଛି। ପାକିସ୍ତାନ ଗଠନ ହେବା ପ୍ରାୟ ୭୭ ବର୍ଷ ଅତିକ୍ରମ କରିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୨୩ ଜଣ ପ୍ରଧାନମନ୍ତ୍ରୀ ହୋଇସାରିଛନ୍ତି। କିନ୍ତୁ କୌଣସି ସରକାର କିମ୍ବା ପ୍ରଧାନମନ୍ତ୍ରୀ ୫ ବର୍ଷ ଅବଧି ପୂରଣ କରିବାକୁ ସକ୍ଷମ ହୋଇନାହାନ୍ତି। ଅନ୍ୟପକ୍ଷରେ ୧୯୪୭ରେ ସ୍ୱାଧୀନ ହୋଇଥିବା ଭାରତରେ ଏବେ ସୁଦ୍ଧା କେବଳ ୧୫ ଜଣ ପ୍ରଧାନମନ୍ତ୍ରୀ ହେବା ସହିତ ବହୁ ରାଜନୈତିକ ଦଳ ଦୁଇ ପର୍ଯ୍ୟାୟ ଅବଧିରେ ସରକାର ଚଳାଇବାକୁ ସକ୍ଷମ ହୋଇଛନ୍ତି। ପାକିସ୍ତାନର ଏଭଳି ସ୍ଥିତି ଆଗକୁ ଘୋର ବିପଦ ସୃଷ୍ଟି କରିବାର ଆଶଙ୍କା ବଢାଇଛି। ଗୋଟିଏ ପକ୍ଷରେ ଦେଶର ଅର୍ଥ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା ବେଳେ ରାଜନୈତିକ ଅସ୍ଥିରତାକୁ ନେଇ ବିଶ୍ୱର କୌଣସି ରାଷ୍ଟ୍ର ପାକିସ୍ତାନକୁ ସହାୟତା ପାଇଁ ଆଗେଇ ଆସିବ ନାହିଁ। ଏପରିକି ଚୀନ୍ ଏବଂ ସାଉଦି ଆରବ ଭଳି ସହଯୋଗୀ ରାଷ୍ଟ୍ର ମଧ୍ୟ ଆଉ ଆଗକୁ ଆସିବେ ନାହିଁ ବୋଲି କୁହାଯାଉଛି। ପାକିସ୍ତାନର ସାଂପ୍ରତିକ ଅର୍ଥ ବ୍ୟବସ୍ଥାର ସ୍ଥିତି ଯାହା, ଯଦି ବାହ୍ୟ ଋଣ ନ ମିଳେ ତେବେ ଆଗକୁ ପାକିସ୍ତାନ ଗୃହଯୁଦ୍ଧର ସମ୍ମୁଖୀନ ହେବାର ଆଶଙ୍କା ଯଥେଷ୍ଟ ବୋଲି ରାଜନୀତିକ ବିଶାରଦମାନେ ଏବେ ଠାରୁ ଆକଳନ କରିବା ଆରମ୍ଭ କରିଛନ୍ତି। କେବଳ ସେତିକି ନୁହେଁ, ସ୍ଥିତି ନ ବଦଳିଲେ ପାକିସ୍ତାନକୁ ଦେବାଳିଆ ଘୋଷଣା କରିବାକୁ ବେଶୀ ସମୟ ଲାଗିବନି ବୋଲି ଆନ୍ତର୍ଜାତିକ ମୁଦ୍ରାପାଣ୍ଠି(ଆଇଏମଏଫ) ଚେତାବନୀ ଦେଇଛି।



ଆଇଏମ୍ଏଫ୍‌ର ଚେତାବନୀ : ଦେବାଳିଆ ଘୋଷିତ ହେବାକୁ ବେଶି ସମୟ ଲାଗିବନି

### ଜିଡିପି ୬% ହ୍ରାସ ,ମୁଣ୍ଡପିଛା ଋଣ ୩୬% ବୃଦ୍ଧି

ପାକିସ୍ତାନରେ ନିର୍ବାଚନ ଶେଷ ହେବା ଏବଂ ପରେ ପରେ ଏକ ସ୍ଥିର ସରକାର ଗଠନ ହେବା ପରେ ବିଦେଶୀ ଋଣ ଯୋଗାଡ ପାଇଁ ସୁଯୋଗ ମିଳିବ ବୋଲି ଆଶା କରାଯାଉଥିଲା। ବିଶେଷତଃ ଆଇଏମଏଫ ହିଁ ସର୍ତ୍ତମୂଳକ ଋଣ ଦେଇ ଏହି ରାଷ୍ଟ୍ରକୁ ଦୁର୍ଗତିରୁ ରକ୍ଷା କରିପାରିବ ବୋଲି କୁହାଯାଉଥିଲା। କିନ୍ତୁ ସାଂପ୍ରତିକ ସ୍ଥିତିକୁ ନେଇ ଆଇଏମଏଫ ମଧ୍ୟ ହାତ ଟେକି ଦେବାକୁ ବସିଛି। ପାକିସ୍ତାନର ଆର୍ଥିକ ଦୁର୍ଗତିକୁ ନେଇ ପୂର୍ବରୁ ରପ୍ତାନି, ଆମଦାନୀ, ଶିଳ୍ପ ଉତ୍ପାଦନ ହ୍ରାସ ପାଇବା ସହିତ ସାମୂହିକ ଘରୋଇ ଉତ୍ପାଦ ମଧ୍ୟ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି। ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ଏକପ୍ରକାର ଶୂନ୍ୟ ହୋଇପଡ଼ିଥିବା ବେଳେ ବିଦେଶରୁ ଆମଦାନୀ କରିବା ସମ୍ଭବ ହୋଇପାରୁ ନାହିଁ। ଏବେ ରାଜନୈତିକ ଅସ୍ଥିରତାକୁ ନେଇ ଏଠାକାର ଷ୍ଟକ୍ ବଜାର ମଧ୍ୟ ଅତ୍ୟନ୍ତ ନକରାତ୍ମକ ସ୍ଥିତିରେ ପହଞ୍ଚିଛି। ଯାହାକୁ ନେଇ ପାକିସ୍ତାନରେ ଆଗାମୀ ଦିନରେ କେହି ବି ପୁଞ୍ଜି ବିନିଯୋଗ କରିବାକୁ ପସନ୍ଦ କରିବେ ନାହିଁ ବୋଲି କୁହାଯାଉଛି। ସେପଟେ ପାକିସ୍ତାନ ଜିଡିପି ଦିନକୁ ଦିନ ତଳମୁହାଁ ହୋଇ ଚାଲିଥିବା ବେଳେ ମୁଣ୍ଡପିଛା ଋଣ ବୋଝ ମଧ୍ୟ ବଢି ଚାଲିଛି। ଆଇଏମଏଫର ଆକଳନ ଅନୁସାରେ ୨୦୧୧ରେ ପାକିସ୍ତାନର ମୁଣ୍ଡପିଛା ଋଣ ୮୨୩ ଡଲାର ରହିଥିଲା। ହେଲେ ୨୦୨୩ରେ ଏହି ପରିମାଣ ୩୬ ପ୍ରତିଶତ ବୃଦ୍ଧିରେ ୧୧୨୨ ଡଲାରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଦେଶର ଜିଡିପି ୬ ପ୍ରତଶତ ହ୍ରାସ ପାଇଛି। ୨୦୧୧ରେ ପାକିସ୍ତାନର ମୁଣ୍ଡପିଛା ଜିଡିପି ହାର ୧୨୯୫ ଡଲାର ରହିଥିଲା ବେଳେ ୨୦୨୩ ଶେଷ ସୁଦ୍ଧା ଏହା ୧୨୨୩ ଡଲାରକୁ ହ୍ରାସ ପାଇଛି। ୨୦୧୧ରେ ପାକିସ୍ତାନରେ ଏକ ନବଜାତକ ମୁଣ୍ଡରେ ୭୦,୭୭୮ ଟଙ୍କା(ପାକିସ୍ତାନୀ)ର ବୋଝ ରହିଥିଲା ବେଳେ ୨୦୨୩ରେ ଏହି ପରିମାଣ ୪.୫ ପ୍ରତିଶତ ବୃଦ୍ଧିରେ ୩ ଲକ୍ଷ ୨୧ ହଜାର ଟଙ୍କାରେ ପହଞ୍ଚିଛି। ୨୦୧୧ ପରଠାରୁ ବର୍ତ୍ତମାନ ସୁଦ୍ଧା ପାକିସ୍ତାନର ବାହ୍ୟ ଋଣ ଭାର ଦ୍ୱିଗୁଣିତ ହେବା ସହିତ ଘରୋଇଋଣ ଭାର ମଧ୍ୟ ୬ ଗୁଣ ବୃଦ୍ଧି ପାଇଛି। ଆଇଏମଏଫ ଋଣକୁ ବାଦ୍ ଦେଇ ପାକିସ୍ତାନ ୨୦୨୪ ଆର୍ଥିକ ବର୍ଷ ସୁଦ୍ଧା ପରିଶୋଧ କରିବାକୁ ଥିବା ଋଣ ରାଶି ପରିମାଣ ୪୯.୫ ବିଲିୟନ ଡଲାର ରହିଛି। ଏଥିମଧ୍ୟରୁ ୩୦ ପ୍ରତିଶତ ରାଶି କେବଳ ସୁଧ ବାବଦ ଦେୟ ରହିଥିବା ଆଇଏମଏଫ କହିଛି।

ବର୍ଷ ଧରି ରାଜନୈତିକ ଅସ୍ଥିରତା ଏବଂ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ଅଭାବରୁ ପାକିସ୍ତାନରେ ପୁଞ୍ଜି ନିବେଶରେ ଅଭାବ ଯୋଗୁଁ ଏଠାକାର ଶିଳ୍ପ ଏବଂ ଉତ୍ପାଦନ କ୍ଷେତ୍ର ବାଧାପ୍ରାପ୍ତ ହୋଇ ଚାଲିଛି। କେବଳ ଋଣ କରି ଏଠାକାର ସରକାର ଦେଶ ଚଳାଉଥିବା ବେଳେ ଅଧିକାଂଶ ଅର୍ଥ ସୁଧ ବାବଦରେ ଯାଉଛି। ବିଶେଷକରି ଚୀନ୍‌ରୁ ଋଣ ଆଣି ପାକିସ୍ତାନ ସରକାର ସର୍ବାଧିକ ଅର୍ଥ ସୁଧ ବାବଦ ପଇଠ କରିଥିବା ଆଇଏମଏଫ କହିଛି। କିନ୍ତୁ ସାଂପ୍ରତିକ ସ୍ଥିତିକୁ ନେଇ ଏବେ ଚୀନ୍ ମଧ୍ୟ ପାକିସ୍ତାନକୁ ଆଉ ଋଣ ଦେବାକୁ ପ୍ରସ୍ତୁତ ନୁହେଁ। ସେହିପରି ଇସଲାମିକ ରାଷ୍ଟ୍ରସମୂହ ମୁଖିଆ ବୋଲି କୁହାଯାଉଥିବା ସାଉଦି ଆରବ ଏବଂ ମିଳିତ ଆରବ ଆମିରାତ୍ ଭଳି ବହୁ ଇସଲାମିକ ରାଷ୍ଟ୍ର ମଧ୍ୟ ପାକିସ୍ତାନ ଠାରୁ ମୁହଁ ଫେରାଇବାରେ ଲାଗିଛନ୍ତି। ରାଜନୈତିକ ଅସ୍ଥିରତା ସହ ଦେଶର ଆଭ୍ୟନ୍ତରୀଣ ବିପନ୍ନ ସୁରକ୍ଷା ଏବଂ ଆତଙ୍କବାଦ ମଧ୍ୟ ପାକିସ୍ତାନ ପାଇଁ ଏବେ କାଳ ହୋଇଛି। ଆତଙ୍କବାଦକୁ ନେଇ ପାକିସ୍ତାନର ଦୁଇ ପଡୋଶୀ ଦେଶ ଆଫଗାନିସ୍ତାନ ଏବଂ ଇରାନ ମଧ୍ୟ ଏବେ ପାକିସ୍ତାନକୁ ଆଡ ଆଖିରେ ଦେଖିବା ଆରମ୍ଭ କରିଛନ୍ତି। ଏଭଳି ସ୍ଥିତିରେ ସାଧାରଣ ଲୋକଙ୍କ ଅବସ୍ଥା ଯେଉଁ ସ୍ତରକୁ ଚାଲିଯିବ ତଦ୍ୱାରା ଆଗାମୀ ଦିନରେ ଏଠାରେ ଗୃହଯୁଦ୍ଧ ସ୍ଥିତି ଉପୁଜିବା ଏକ ପ୍ରକାର ନିଶ୍ଚିତ ବୋଲି ଆକଳନ କରାଯାଉଛି।

## ଉଚ୍ଚ ଶିକ୍ଷାନୁଷ୍ଠାନରେ ମତଦାନ ପାଇଁ କ୍ୟାମ୍ପେନ୍

**ଭୁବନେଶ୍ୱର, ୨୮ ।୨(ସମିସ):** ଯୁବ ଗୋଷ୍ଠିଙ୍କ ମଧ୍ୟରେ ଭୋଟ୍ ଦେବାପାଇଁ ସଚେତନତା ସୃଷ୍ଟି କରିବାକୁ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ 'ମେରା ପେହେଲା ଭୋଟ୍ ଦେଶ୍ କେ ଲିଏ' କ୍ୟାମ୍ପେନ୍ କରାଯିବ । ଶିକ୍ଷା ଏବଂ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ପକ୍ଷରୁ କରାଯାଉଥିବା ଏହି ସଚେତନତା କାର୍ଯ୍ୟକ୍ରମ ବୁଧବାର ଠାରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ରାଷ୍ଟ୍ରୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ସଂଯୋଜକଙ୍କୁ ଅବଗତ କରାଯାଇଛି । ସୂଚନା ଅନୁଯାୟୀ, ସଚେତନତା ସୃଷ୍ଟି କରିବା ପାଇଁ ସେଲଫି ପଏଣ୍ଟ ସହ ବ୍ୟାନର, ଭିଡ଼ିଓ ଆଦି ପ୍ରଦର୍ଶିତ କରାଯିବ । ସମସ୍ତ କାର୍ଯ୍ୟକ୍ରମକୁ ସାମାଜିକ ଗଣମାଧ୍ୟମରେ ସେୟାର କରି ସଚେତନତାକୁ ବ୍ୟାପକ କରିବାକୁ କୁହାଯାଇଛି । ଏହାସହ ଯେଉଁମାନେ ପଞ୍ଜିକରଣ କରିନାହାନ୍ତି ସେମାନଙ୍କୁ ମୋବାଇଲ୍‌ରେ ଭୋଟର ହେଲ୍ପ ଲାଇନ୍ ଆପ୍ ଡାଉନ୍‌ଲୋଡ କରି ପଞ୍ଜିକରଣ କରିବାକୁ ସଚେତନ କରାଯିବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ନେଇ ବିଭିନ୍ନ ପ୍ରତିଯୋଗିତା କରିବାକୁ ମଧ୍ୟ କୁହାଯାଇଛି ।

**ମାର୍ଚ୍ଚ ୬ ପର୍ଯ୍ୟନ୍ତ ହେବ କାର୍ଯ୍ୟକ୍ରମ**

## ତରବରିଆ ଖର୍ଚ୍ଚ ଉପରେ ରୋକ୍ ଲଗାଇବାକୁ ପ୍ରସ୍ତୁତି

**ଭୁବନେଶ୍ୱର, ୨୮ ।୨(ସମିସ):** ଆସନ୍ତା ମାର୍ଚ୍ଚ ମାସ ୩୧ରେ ୨୦୨୩-୨୪ ଆର୍ଥିକ ବର୍ଷ ଶେଷ ହେଉଛି । ତେବେ ଆର୍ଥିକ ବର୍ଷ ଶେଷ ପୂର୍ବରୁ ଯେପରି ତରବରିଆ ଖର୍ଚ୍ଚ ଉପରେ ରୋକ୍ ଲଗାଯାଇପାରିବ ସେନେଇ ଅର୍ଥ ବିଭାଗ ସମସ୍ତ ବିଭାଗ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରିଛି । ନିର୍ଦ୍ଦେଶ ଅନୁଯାୟୀ ବିଭାଗ ଗୁଡ଼ିକ କୌଣସି ପ୍ରକଳ୍ପ କିମ୍ବା ଅନ୍ୟ କାରଣ ପାଇଁ ବିଭାଗ ଗୁଡ଼ିକ ପକ୍ଷରୁ ଜାରି ହେଉଥିବା ଅର୍ଥ ରାଶି ସମ୍ପର୍କିତ ମଞ୍ଜୁରୀ ଆଦେଶ ପ୍ରଦାନ ସମୟସୀମା ଶେଷ ହୋଇଛି । ଗତ ୨୬ ତାରିଖରେ ସମୟସୀମା ଶେଷ ହୋଇଥିବା ବେଳେ ଏହାପରେ କୌଣସି ବିଭାଗ ନୂଆ ମଞ୍ଜୁରୀ ଆଦେଶ ଜାରି କରିପାରିବେ ନାହିଁ । ସେହିପରି ବିଭାଗ ପକ୍ଷରୁ ଆବଣ୍ଟିତ କୌଣସି ପାଣ୍ଠିର ପୁନଃ ବିନିଯୋଗର ସମୟ ସୀମା ମଧ୍ୟ ଗତ ୨୬ ତାରିଖରୁ ଶେଷ ହୋଇଛି । ଅପରପକ୍ଷେ ଯେଉଁ ପାଣ୍ଠିର ବ୍ୟବହାର ଏଯାବତ୍ ହୋଇପାରିନାହିଁ, ଉପରୋକ୍ତ ପାଣ୍ଠି ଅର୍ଥକୁ ଆସନ୍ତା ୨୯ ତାରିଖ ସୁଦ୍ଧା ଅର୍ଥ ବିଭାଗ ପାଖରେ ସମର୍ପଣ/ଦାଖଲ କରିବାକୁ ସଂଶୋଧିତ ନିର୍ଦ୍ଦେଶନାମା ଜାରି କରାଯାଇଛି । ଯେଉଁ ବିଭାଗ ଗୁଡ଼ିକ ଟ୍ରେଜେରୀ କାର୍ଯ୍ୟାଳୟରୁ ପାଣ୍ଠି ଉଠାଣ ପାଇଁ ଇଚ୍ଛୁକ ଅଛନ୍ତି, ସେମାନେ ଆସନ୍ତା ୧୫ ତାରିଖ ସୁଦ୍ଧା ନିଜ ନିଜର ବିଲ୍ ଦାଖଲ କରିବେ । ଏହାପରେ ବିଲ୍ ପେଠ କଲେ ତାହାକୁ ବିଚାରକୁ ନିଆଯିବ ନାହିଁ । ସୂଚନାଯୋଗ୍ୟ ଯେ ଆର୍ଥିକ ବର୍ଷର ଶେଷ ତ୍ରୟମାସିକରେ ବିଭିନ୍ନ ବିଭାଗ ବଜେଟ ଆବଣ୍ଟିତ ଅର୍ଥ ତରବରିଆ ଭାବେ ଖର୍ଚ୍ଚ କରିଥାନ୍ତି । ତେଣୁ ଏହି ଅନବଶ୍ୟକ ଖର୍ଚ୍ଚକୁ ଏଡ଼ାଇବା ପାଇଁ ଅର୍ଥ ବିଭାଗ ଉପରୋକ୍ତ ନିର୍ଦ୍ଦେଶ ସହ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଥିବା ଜଣାପଡ଼ିଛି ।

- ଅର୍ଥ ବିଭାଗର ନିର୍ଦ୍ଦେଶ
- ୨୯ ତାରିଖ ସୁଦ୍ଧା ଖର୍ଚ୍ଚ ହୋଇନଥିବା ପାଣ୍ଠି ଫେରାଅ

## ରେଙ୍ଗାଲି ଠାରେ ରହଣି କରିବ ସମଲେଶ୍ୱରୀ ଏକ୍ସପ୍ରେସ

### ପୁରୀ-ଦୁର୍ଗ ଏକ୍ସପ୍ରେସ ଲୋଇସିଙ୍ଗା ଏବଂ ମୁରିବାହାଲ ଠାରେ ରହିବ

**ଭୁବନେଶ୍ୱର, ୨୮।୨(ସମିସ):** ହାୱଡ଼ା-ଜଗଦଳପୁର-ହାୱଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ପରୀକ୍ଷାମୂଳକ ଭିତ୍ତିରେ ରେଙ୍ଗାଲି ଷ୍ଟେସନ ଠାରେ ରହଣି କରିବ । ଟ୍ରେନ୍ ନଂ-୧୮୦୦୫ ହାୱଡ଼ା-ଜଗଦଳପୁର ସମଲେଶ୍ୱରୀ ଏକ୍ସପ୍ରେସ ହାୱଡ଼ା ଠାରୁ ୨୮ ତାରିଖ ଏବଂ ୧୮୦୦୬ ଜଗଦଳପୁର-ହାୱଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ଜଗଦଳପୁର ଠାରୁ ୨୯ ତାରିଖରୁ ରେଙ୍ଗାଲି ଷ୍ଟେସନରେ ରହଣି କରିବ । ହାୱଡ଼ାରୁ ଛାଡୁଥିବା ସମଲେଶ୍ୱରୀ ଏକ୍ସପ୍ରେସ ରେଙ୍ଗଲିରେ ସକାଳ ୦୮ଘ.୩୬ମି.ରେ ପହଞ୍ଚି ଦୁଇ ମିନିଟ୍ ପରେ ଜଗଦଳପୁର ଅଭିମୁଖେ ଯାତ୍ରା କରିବ । ସେହିଭଳି ଜଗଦଳପୁରରୁ ଏହି ଟ୍ରେନ୍ ରେଙ୍ଗାଲିରେ ସନ୍ଧ୍ୟା ୦୬ଘ.୫୫ମି.ରେ ପହଞ୍ଚି ଦୁଇ ମିନିଟ୍ ପରେ ହାୱଡ଼ା ଅଭିମୁଖେ ଯାତ୍ରା କରିବ । ୧୮୪୨୫/୧୮୪୨୬ ପୁରୀ-ଦୁର୍ଗ-ପୁରୀ ଏକ୍ସପ୍ରେସ ପୁରୀରୁ ମାର୍ଚ୍ଚ ୧ ଠାରୁ ଏବଂ ଦୁର୍ଗରୁ ମାର୍ଚ୍ଚ ୨ ଠାରୁ ଛାଡୁଥିବା ଟ୍ରେନ ଲୋଇସିଙ୍ଗା ଏବଂ ମୁରିବାହାଲ ଷ୍ଟେସନ ମାନଙ୍କରେ ରହଣି କରିବ । ପୁରୀରୁ ଛାଡୁଥିବା ୧୮୪୨୫ ପୁରୀ- ଦୁର୍ଗ ଏକ୍ସପ୍ରେସ ଲୋଇସିଙ୍ଗାରେ ଭୋର ୦୩ଘ.୫୮ମି.ରେ ପହଞ୍ଚି ଭୋର ୦୪ ଘଟିକାରେ ଛାଡିବ । ଏହି ଟ୍ରେନ୍ ମଧ୍ୟ ମୁରିବାହାଲରେ ଭୋର ୬ଘ.୧୦ମି.ରେ ପହଞ୍ଚି ଭୋର ୬ଘ.୧୨ମି.ରେ ଦୁର୍ଗ ଆଡକୁ ଯାତ୍ରା କରିବ । ଫେରିବା ମାର୍ଗରେ ଦୁର୍ଗରୁ ଛାଡୁଥିବା ୧୮୪୨୬ ଦୁର୍ଗ-ପୁରୀ ଏକ୍ସପ୍ରେସ ସନ୍ଧ୍ୟା ୮ଘ.୨୫ମି.ରେ ମୁରିବାହାଲରେ ପହଞ୍ଚି ସନ୍ଧ୍ୟା ୮ଘ.୨୭ମି.ରେ ଛାଡିବ । ଏହି ଟ୍ରେନ୍ ରାତ୍ରି ୧୦ଘ.୨୫ମି.ରେ ଲୋଇସିଙ୍ଗା ଠାରେ ପହଞ୍ଚି ୨ ମିନିଟ୍ ପରେ ପୁରୀ ଅଭିମୁଖେ ଯାତ୍ରା କରିବ । ଉପରୋକ୍ତ ଟ୍ରେନ ମାନଙ୍କ ପାଇଁ ଅନ୍ୟ ସ୍ଥିରୀକୃତ ଷ୍ଟେସନ ଓ ସମୟ ସାରଣୀ ଅପରିବର୍ତ୍ତିତ ରହିବ ।

## ସକରାତ୍ମକ ଭାବନା ବୃଦ୍ଧି କରୁଛି 'କ୍ରୀଡ଼ାଙ୍ଗନ କ୍ଲବ'

**ଭୁବନେଶ୍ୱର, ୨୮ ।୨(ସମିସ):** ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ନେବାର ଦକ୍ଷତା ଓ ସକରାତ୍ମକ ଭାବନା ବୃଦ୍ଧି ପାଉଛି । ଖେଳ ମାଧ୍ୟମରେ ସଚେତନତା, ସହଯୋଗୀତା, ସମୟ ପରିଚାଳନା, ସମସ୍ୟା ସମାଧାନ ପାଇଁ ଶିକ୍ଷା ଗ୍ରହଣ କରୁଛନ୍ତି । ଏହି ଶିକ୍ଷାର ପ୍ରମୁଖ ଆଧାର ପାଲଟିଛି 'କ୍ରୀଡାଙ୍ଗନ କ୍ଲବ' । ଏହାର ସଫଳତା ଆଗାମୀ ଶିକ୍ଷାବର୍ଷରେ ବଜାୟ ରଖିବାକୁ ଏବଂ ଅଧିକ ଶିକ୍ଷକ ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବା ପାଇଁ 'ମୋ ସ୍କୁଲ ଅଭିଯାନ' ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଯୋଜନା ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଯାଇଛି । 'ମୋ ସ୍କୁଲ' ଅଧ୍ୟକ୍ଷା ସୁସ୍ମିତା ବାଗଚୀ ଏହି ବୈଠକରେ ଯୋଗଦେଇ, ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ଗଠନରେ ଛାତ୍ରଛାତ୍ରୀମାନଙ୍କୁ ଏହି କ୍ଲବ କିପରି ସହାୟକ ହେବ ସେନେଇ ମତବ୍ୟକ୍ତ କରିଛନ୍ତି । 'ମୋ ସ୍କୁଲ ଅଭିଯାନ' ସହ ସହଭାଗିତାରେ କାର୍ଯ୍ୟ କରୁଥିବା ମ୍ୟାଜିକ୍ ବସ୍ ଇଣ୍ଡିଆ ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ଓ ଅଧିକାରୀଙ୍କ ସହ ସେ ଆଲୋଚନା କରିଛନ୍ତି । କ୍ରୀଡାଙ୍ଗନ କ୍ଲବର ଉପଯୁକ୍ତ ଏବଂ ସଠିକ୍ ପର୍ଯ୍ୟବେକ୍ଷଣ ପାଇଁ ମ୍ୟାଜିକ୍ ବସ୍ ଏକ ଚାର୍ଟବୋର୍ଡ ବିକଶିତ କରିଥିବାବେଳେ ହ୍ୱାଟସ୍‌ଆପରେ ସମସ୍ତ ବିଦ୍ୟାଳୟ ଏହାକୁ ଉପଯୋଗ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

# ଅବଶିଷ୍ଟାଂଶ...

## ଚଢ଼ିଗଲା ଟ୍ରେନ୍...

ଲୋକ ଆହତ ହୋଇଛନ୍ତି ବୋଲି କୁହାଯାଉଛି । ଏହାର ସୂଚନା ମିଳିବା ପରେ ରେଳବାଇ ଏବଂ ସ୍ଥାନୀୟ ପ୍ରଶାସନ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀଙ୍କୁ ଉଦ୍ଧାର କରିଥିଲା । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଟ୍ରେନ୍‌ରେ ନିଆଁ ଲାଗିଥିବାର ଖବରକୁ ରେଳୱେ ପ୍ରଶାସନ ପକ୍ଷରୁ ଖଣ୍ଡନ କରିଦିଆଯାଇଛି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ଏହି ଦୁର୍ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଜାମତାରା ଡେପୁଟି କମିଶନର କହିଛନ୍ତି ଯେ ଏ ପର୍ଯ୍ୟନ୍ତ କେତେ ଜଣ ଲୋକଙ୍କ ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ମେଡିକାଲ ଟିମ୍ ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛି । ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ କ'ଣ ଜଣାପଡ଼ିବ ବୋଲି କହିଛନ୍ତି । ସେହିପରି ପୂର୍ବ ରେଳବାଇର ସିପିଆରଓ କୌଶିକ ମିତ୍ରା କହିଛନ୍ତି ଯେ ଟ୍ରାକରେ ଯାଉଥିବା ୨ ବ୍ୟକ୍ତି ଟ୍ରେନ ସଂସ୍ପର୍ଶରେ ଆସିଥିବା ଜଣାପଡ଼ିଛି । ଟ୍ରେନରେ ନିଆଁ ଲାଗି ନ ଥିଲା । ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତି ଯାତ୍ରୀ ନୁହଁନ୍ତି । ସେମାନେ ସ୍ଥାନୀୟ ଲୋକ । ଟ୍ରାକ୍‌ରେ ଚାଲୁଥିଲେ । ପ୍ରଶାସନ ଏହି ମାମଲାର ଯାଞ୍ଚ ପାଇଁ ୩ ଜଣିଆ କମିଟି ଗଠନ କରିଛି ।

## ପ୍ରତି ଜିଲ୍ଲାରେ...

ଟଙ୍କା, ପ୍ଲାନେଟାରିୟମ ପାଇଁ ୧୫ କୋଟି ଟଙ୍କା ବ୍ୟୟ କରାଯାଇଛି । ଏକତ୍ର ସ୍ଥାପନ ହୋଇଥିବା ବିଜ୍ଞାନ କେନ୍ଦ୍ର ତଥା ପ୍ଲାନେଟାରିୟମ ପାଇଁ ୨୧.୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି । '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରି ବିଜ୍ଞାନର ଉପଯୋଗ କରି ସଫଳତାର ଶୀର୍ଷରେ ପହଞ୍ଚିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ପିଲାମାନଙ୍କ ସହିତ ଆଲୋଚନା କରିବା ସମୟରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ବିଜ୍ଞାନ ଶିକ୍ଷା ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ସହିତ ସମାଜକୁ ମଧ୍ୟ ପରିବର୍ତ୍ତନ କରିଥାଏ । ରାଜ୍ୟ ସରକାର '୫-ଟି' କାର୍ଯ୍ୟକ୍ରମରେ କରୁଥିବା ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ, ନୂଆ-ଓ କାର୍ଯ୍ୟକ୍ରମ ଆଦି ଶିକ୍ଷା କ୍ଷେତ୍ରରେ ପିଲାଙ୍କ ପାଇଁ ଭଲ ପ୍ଲାଟଫର୍ମ ତିଆରି କରିଛି । ପିଲାମାନେ କଠିନ ପରିଶ୍ରମ କରି ଜୀବନରେ ସଫଳ ହେବାକୁ ସେ ପରାମର୍ଶ ଦେଇଛନ୍ତି ।

କାର୍ଯ୍ୟକ୍ରମରେ ରାଜ୍ୟ ବିଜ୍ଞାନ ଓ ବୈଷୟିକ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଜୟପୁରରେ ଯୋଗଦେଇ କହିଛନ୍ତି ଯେ ବିଜ୍ଞାନକୁ ଲୋକପ୍ରିୟ କରିବା ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଏହି ଉଦ୍ୟମ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ପାଇଁ ବହୁ ଉପାଦେୟ ସାବ୍ୟସ୍ତ ହେବ । ଏହି ସମୟୋପଯୋଗୀ ପଦକ୍ଷେପ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି । ଭବାନୀପାଟଣାଠାରେ ସାଂସଦ ସୁଜିତ କୁମାର, ରାୟଗଡ଼ାଠାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଘଟଗାଁଠାରେ ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ଯୁଗପୋଯୋଗୀ ପଦକ୍ଷେପ ପାଇଁ ଧନ୍ୟବାଦ ଦେଇଛନ୍ତି । କାର୍ଯ୍ୟକ୍ରମରେ ବିଜ୍ଞାନ ଓ ବୈଷୟିକ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କଳାହାଣ୍ଡି ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଘର ଦୁଆରେ...

ପ୍ରାଣୀମାନଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହୋଇପାରୁଛି । ପୂର୍ବରୁ ଏହି ମୋବାଇଲ ୟୁନିଟ୍‌ଗୁଡ଼ିକ ଭଡ଼ାଗାଡ଼ି ମାଧ୍ୟମରେ କରାଯାଉଥିଲା । ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ୧୮୧ ଗୋଟି ମୋବାଇଲ ଭେଟେରେନାରୀ ୟୁନିଟ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଗତ ସେପ୍ଟେମ୍ବର ୮ ତାରିଖରେ ଲୋକାର୍ପିତ ହୋଇଥିଲା । ରାଜ୍ୟ ତଥା ଦେଶର ଅର୍ଥନୀତିରେ ପ୍ରାଣୀ ସମ୍ପଦର ପ୍ରମୁଖ ଯୋଗଦାନ ସର୍ବଦା ରହିଆସିଛି । ସେହିପରି କୃଷକମାନଙ୍କ ଆୟବୃଦ୍ଧି ଦିଗରେ ପ୍ରାଣୀପାଳନ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ରାଜ୍ୟ ସରକାର କୃଷକମାନଙ୍କ ଆୟବୃଦ୍ଧି କରି ସେମାନଙ୍କର ଜୀବନଧାରଣ ମାନରେ ଉନ୍ନତି ଆଣିବା ଦିଗରେ ନିଜ ପ୍ରତିବଦ୍ଧତା ସ୍ୱରୂପ ଏ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ପ୍ରାଣୀ ସମ୍ପଦ କ୍ଷେତ୍ରକୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉଦ୍ୟୋଗୀ ମାନଙ୍କର ପ୍ରଗତିର କ୍ଷେତ୍ର ଭାବରେ ଚିହ୍ନଟ କରିଛନ୍ତି । ପ୍ରାଣୀ ସମ୍ପଦର ସୁରକ୍ଷା ଓ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଅନେକ ଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିସହିତ ପ୍ରାଣୀ ସମ୍ପଦର କଲ୍ୟାଣ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ସ୍ୱରୂପ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବାର ପ୍ରଚଳନ କରାଯାଇଛି । ଏହା ମାଧ୍ୟମରେ ପ୍ରାଣୀ ଚିକିତ୍ସା ସୁବିଧା ନ ଥିବା ଅଞ୍ଚଳରେ ମୋବାଇଲ ଭେଟେରିନାରୀ ୟୁନିଟ୍ ମାଧ୍ୟମରେ ପୀଡ଼ିତ ପ୍ରାଣୀମାନଙ୍କ ନିକଟରେ ତୁରନ୍ତ ପହଞ୍ଚାଯାଇ ପ୍ରାଣୀ ଚିକିତ୍ସା କରାଯାଇପାରୁଛି । ଏହାଦ୍ୱାରା ପ୍ରାଣୀ ଚିକିତ୍ସା ସେବା ଲୋକଙ୍କ ଦୁଆର ମୁହଁରେ ପହଞ୍ଚି ପାରିଛି । ଏହି ମୋବାଇଲ ୟୁନିଟ୍‌ରେ ଅସ୍ତ୍ରୋପଚାରର ସୁବିଧା ମଧ୍ୟ ରହିଛି । ଏହା ମାଧ୍ୟମରେ ପ୍ରାଣୀମାନଙ୍କର ଟୀକାକରଣ ଓ ରୋଗ ନିର୍ଣ୍ଣୟ ସେବା ମଧ୍ୟ ଉପଲବ୍ଧ କରାଯାଇଛି ଏବଂ ଚାଷୀମାନଙ୍କ ମଧ୍ୟରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇ ପାରିଛି । ପୂର୍ବରୁ ସ୍ଥିର କରାଯାଇଥିବା କାର୍ଯ୍ୟକ୍ରମ ଅନୁଯାୟୀ ଏହି ମୋବାଇଲ ୟୁନିଟ୍ ବ୍ଲକ୍‌ର ବିଭିନ୍ନ ଗ୍ରାମକୁ ଯାଇ ପ୍ରାଣୀ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି । '୫-ଟି' ଉପକ୍ରମରେ ଏଥିରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯିବା ସହିତ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ଜି.ପି.ଏସ୍. ମାଧ୍ୟମରେ ଭ୍ରାମ୍ୟମାଣ ଯାନଗୁଡ଼ିକର ଅବସ୍ଥାନ ଟ୍ରାକିଂ କରାଯାଇ ପାରୁଛି । ଏହି ଅବସରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ପ୍ରମୁଖ ଉପସ୍ଥିତ ଥିଲେ ।

## ଆସାମ ବୈଜ୍ଞାନିକଙ୍କ...

ଏଫଡିଏ ପକ୍ଷରୁ କୁହାଯାଇଛି ଯେ ଏନମେଟାଜୋବାକ୍ଟାମ ଏବେ ବଜାରରେ ଏକ୍ସବ୍ଲିପେଫ ନାମରେ ମିଳିବ । ୟୁଟିଆଇ ଚିକିତ୍ସାରେ ଏହି ଔଷଧକୁ ବ୍ୟବହାର କରାଯିବ । ସେହିପରି ୟୁରୋପୀୟ ମେଡିସିନ ଏଜେନ୍ସି (ଇଏମଏ) ମଧ୍ୟ ଏହି ଆଣ୍ଟିବାୟୋଟିକ୍‌କୁ ୟୁଟିଆଇ ଏବଂ ନିମୋନିଆ ଚିକିତ୍ସାରେ ବ୍ୟବହାର ଲାଗି ଅନୁମତି ଦେଇଛି । ଏହି ଯୌଗିକର ଉଦ୍ଭାବନା ପରେ ଗତ ୧୬ ବର୍ଷ ଧରି ଏହା ଉପରେ କ୍ଲିନିକାଲ ଟ୍ରାଏଲ ଚାଲିଥିଲା । ଏହି ଔଷଧ ୭୯.୧ ପ୍ରତିଶତ ପ୍ରଭାବୀ । ଏହା ପୂର୍ବରୁ ବଜାରରେ ଉପଲବ୍ଧ ଥିବା କୌଣସି ଆଣ୍ଟିବାୟୋଟିକ ଏତେ ପ୍ରଭାବୀ ନ ଥିଲା ବୋଲି ଡ. ଗୋହାଇନ କହିଛନ୍ତି ।

## ମୁଁ ସର୍ବଦା ଜଣେ...

ଆମ ଭବିଷ୍ୟତ ପିଢି ପାଇଁ ମଧ୍ୟ ଆପଣ ପ୍ରେରଣା ହୋଇ ରହିବେ । ଏପରିସ୍ଥଳେ ବର୍ତ୍ତମାନ ଏବଂ ଆଗାମୀ ପିଢି ପାଇଁ ଆପଣଙ୍କ ବାର୍ତ୍ତା କ'ଣ ରହିବ ବୋଲି ଶ୍ରୀ ପାଣ୍ଡିଆନ୍ ବିଲ୍ ଗେଟ୍ସଙ୍କୁ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ବିଲ୍ ଗେଟ୍ସ କହିଥିଲେ ଯେ ଜଣେ ଛାତ୍ର ହୋଇ ରହିବାକୁ ଜିଜ୍ଞାସା ମୋତେ ସଫଳତା ଆଣି ଦେଇଛି । ଏହି ଦୁନିଆରେ ବହୁତ କିଛି ଶିଖିବା ପାଇଁ ରହିଛି । ପ୍ରତି ମୁହୂର୍ତ୍ତରେ ଆମକୁ କିଛି ନା କିଛି ଶିକ୍ଷା ମିଳେ । ଜଣେ ଛାତ୍ର କିମ୍ବା ଛାତ୍ରୀ ମଧ୍ୟରେ ଜିଜ୍ଞାସା ଭରି ରହିଥାଏ । ସେ ବିଜ୍ଞାନ, ଗଣିତ କିମ୍ବା ଇତିହାସ ପାଠ୍ୟକ୍ରମ ହେଉ, ସବୁଠାରୁ ଅନେକ କିଛି ଶିକ୍ଷା ମିଳିଥାଏ । ତେବେ ନିଜ ମଧ୍ୟରେ ଥିବା ଜିଜ୍ଞାସା ହିଁ ଜ୍ଞାନ ଆହରଣ ପାଇଁ ପ୍ରେରଣା ଦେଇଥାଏ । ଆଉ ଏହି ଜ୍ଞାନ ଦେଶ ଓ ସମାଜର ବିକାଶରେ ବହୁତ ଉପାଦେୟ ହୋଇଥାଏ । ତେଣୁ ସର୍ବଦା ଆମେ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ମୋର ସଫଳତା ପଛରେ ଏହି ଜିଜ୍ଞାସାର ବଡ଼ ଭୂମିକା ରହିଛି ବୋଲି ସେ କହିଛନ୍ତି ।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**


**LOST**

By Virtue of an affidavit dated 27.02.2024, I, Prafulla Kumar Panda, At-Plot No. 4210, Talasabarsahi, Gadakana, Bhubaneswar solemnly affirm and state that I have lost my son Parijat Panda's Original B.Tech Pass Certificate having Regd. No. 08012942391 issued to him from Rajdhani Engineering College (BPUT) has been lost somewhere near Railway Market, Mancheswar, Bhubaneswar, which has not yet been traced out.

Prafulla Kumar Panda

**AFFIDAVIT**

I, Kandal Rao, S/o- Mancham Enkaraju, resident of At- Padhanpali, Raotikira, Ps-Barapali, Dist- Baragarh, Pin-768029, Odisha declare by this affidavit No.382, dated- 28/02/2024 that now onwards I shall be known as **MANCHAM KANDAL RAO** for all future purposes.

**AFFIDAVIT**

By virtue of an affidavit sworn before the Notary keonjhar. I Dhusasan Juanga, S/O-Kanda Juanga, At-Pandadar, p. O- Banspal, PS-Sadar, Dist- Keonjhar, Odisha.I am a Permanent Resident of above address. That in my ROR Khata No-49,mouza-pandadar, RI/Tahasil-Banspal, my name has been entered as Dhusa Juanga.but in other ROR khata No-51,mouza-Pandadar, RI/Tahasil-Banspal, my name has been enterd as Dhusasn Juanga. In my Voter ID No. OR/21/144/380134 & Aadhar No. 4576 0315 1963 both Name has been entered as Dhusasan Juanga s/o Kanda Juanga. Thats the Dhusasan Juanga & Dhusa Juanga is Same and one Person. Henceforth I shall be known as Dhusasan Juanga in all Future Purposes.

**COLLECTORATE, RAYAGADA** F-213

**(ELECTION SECTION)**

**TENDER/ QUOTATION CALL NOTICE**

Sealed Tender/quotation is invited from the intending Suppliers/Dealers/Manufacturers/ Sellers/ Firms/Company/ Authorised agencies/ Printing Agencies for supply of goods and services as per "Annexure-I" through tender call notice No-460 dated. 26.02.2024 on or before 10.03.2024 by 05.00P.M. For specification details please visit our official website: www.rayagada.nic.in

Sd/-

OIPR-24169/11/0035/2324 Addl. DEO & ADM, RAYAGADA

**PANCHAYAT SAMITI OFFICE: LEPHRIPARA** i-643

**DIST: SUNDARGARH**

**No. 644/ Date 26.02.2024**

**Tender Call Notice No. 03/2023-24**

Sealed Tenders are invited from the interested bidder for the civil work under BDO, Lephripara of Sundargarh district. The detail of **works, eligibility, estimated cost and cost of tender paper** has been uploaded in the district website www.sundergarh.nic.in. The bidder should be **C & B class contractor.** They have to submit the bid document to the undersign in the address of **office of the B.D.O., Lephripara, At./P.O. Lephripara, Pin-770012, Dist- Sundargarh (Odisha)** through Registered Post / Speed Post only on or before **07/03/2024,04:00 PM.** The sale of tender paper will be from dated **27.02.2024** to **dated 06.03.2024** in the district website **www.sundergarh.nic.in.** The authority reserves the right to cancel or reject the entire process without assigning any reason thereof. The tender will be opened on **dated 11.03.2024 at 11.00 AM** in the office of the undersigned in the presence of the bidders or his/her representatives.

**Sd/- Block Development Officer**
**Lephripara**

OIPR-19339/11/0004/2324

email: serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

O-2686

**e- Procurement Notice for Buildings works**

1. Name of the work : Construction of PHC Building for the year 2023-24 (2 Nos).
3. Class of contractor : "B & "A", Class of (Odisha PWD) or relevant class of other licensing authority.
3. Estimated Cost : **Rs.200.43 Lakhs (Approximately)**
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online– 66//2023-24 | 07.03.2024 at 11.00 A.M. | 21.03.2024 up to 5.00 P.M. | 20.03.2024 up to 1.00 P.M. | 22.03.2024 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

Chief Engineer,
Rural Works Circle, Sunabeda.

OIPR-25182/11/0070/2324

**BHUBANESWAR DEVELOPMENT AUTHORITY** CAD-4378

**Akash Sova Building, Pandit Jawaharlal Nehru Marg, Bhubaneswar, Odisha- 751001**
**Visit us at:http://www.bda.gov.in**

**'e' Procurement Notice BID IDENTIFICATION NO. /SE-II/BDA/2023-24**

**No. 225/SE-II/BDA/2023-24** **Dated: 28/02/2024**

Superintending Engineer, Division No.II, BDA on behalf of Bhubaneswar Development Authority invites Percentage Rate bid in ***SINGLE COVER SYSTEM*** to be received in online mode only for the work detailed below.

| | | |
|---|---|---|
| 1. | Name of the work | **Fixing of M.S Grills over Brick work of compound wall of OFDC Nursery in front of Abdul Kalam Park at Kalinga Nagar, Zone K-8, Bhubaneswar.** |
| 2. | Estimated Cost | **₹22.88 Lakh (Approx.)** |
| 3. | Period of Completion | **03 (Three) Calendar Months** |
| 4. | Tender Cost | **₹6,000.00 + 18% GST= ₹7,080.00** |
| 5. | Date and time of availability of Bid | **From 02/03/2024 to 5.30 PM of 12/03/2024 in the website** |
| 6. | Class of Contractor | **'C' & 'B' Class.** |

The Bidders have to participate in online bidding only. Further details can be seen from the website: http://tendersodisha.gov.in

**NB: The quoted rate should be all inclusive but excluding GST applicable under works contract.**

**Superintending Engineer,**
**Division No.II, BDA, BBSR**

OIPR-13033/11/0696/2324

**OFFICE OF THE DIVISIONAL FOREST OFFICER,**

**BERHAMPUR DIVISION AT-COURTPETA, BRAHMAPUR-760004**
***Phone/Fax- 0680-2281354, Mob- +91 7653908594,***
*Email-dfo.berhampur@odisha.gov.in*

**Short Tender Call Notice No. 62 /2024/IF Dated 27[nd] February 2024.**

**TENDER FOR CONSTRUCTION OF ECO RESORT IN DIGAPAHANDI RANGE OF BERHAMPUR FOREST DIVISION**

The Divisional Forest Officer, Brahmapur Forest Division on behalf of Governor of Odisha invites percentage rate bid in OFF-LINE mode from eligible contractors with valid licenses for execution of Building & other work as detailed in DTCN

| | | | |
|---|---|---|---|
| 1. | Nature of Works | :- | Construction of Eco- Retreat Tent at Sonapur Beach of Bramhapur Range of Brahmapur Forest Division |
| 2. | No. of Work | :- | 2 Nos Eco – Retreat Tent at Sonapur Beach |
| 3. | Tender Form Cost | :- | Rs.12,000/- (Rs 6000/- for each one) |
| 4 | Estimate Cost | | Rs. 30, 000, 00 Lakh /-(Thirty Lakh Including GST) only. |
| 5. | Class of Contractor | :- | "B" & "C" Class Contractor |
| 6. | Availability of bid document in the Office of the Divisional Forest Officer, Brahampur Division. | :- | **From Dt. 28.02.2024 10.00 A.M. to Dt. 06.03.2024. 5.00 P.M.** |
| 7. | Last date and time of submission of bids in tender box of office | | **06.03.2024. at 5.00 PM** |
| 8. | Date of opening of Bid | :- | **Dt. 07.03.2024 at 11.00 AM** |
| 9. | The bidders have to participate in OFF-LINE bidding only. | | |

Divisional Forest Office
Brahmapur Division

OIPR-08038/11/0030/2324 MM-485

Housing & Urban Development Department, Govt. of Odisha

**OFFICE OF THE PARADEEP MUNICIPALITY, PARADEEP**

AT/po- Paradeep, Dist.- Jagatsinghpur (Odisha), Pin-754142 C-3260

**e-Procurement Notice**

| | |
|---|---|
| Tender Call Notice No. | : 764/ dt. 21.02.2024 |
| Bid Identification No. | : EO/PDPM/W_07/2023-24 |
| Tender ID | : 2024_ORULB_101850 |
| Nature of Works | : Civil Works |
| Number of Works | : 37 |
| Tender Value | : ₹3.97 Lakh to ₹16.94 Lakh |
| Available Period | : dt. 28.02.2024 from 17:00 hrs to dt. 11.03.2024 17:00 hrs |
| Tender Opening Date | : dt. 12.03.2024 at 11:00 AM |

Bidders are requested to read the NIT & DTCN at www.tendersodisha.gov.in carefully and participate with their Class-II or Class-III DSC before the closing date.

Executive Officer
Paradeep Municipality

OIPR-13120/11/0054/2324

O-2680

*By E Mail/e-Despatch*
*E MailID :serw_balasore@yahoo.in*
*Ph-No-06782/260318*
*Balia,Balasore*

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
***"e" Procurement Notice for Road Work***

**Identification No.- Online Tender- Road N.C.B. No. 86 for 2023-24**

**Letter No. 1172/We** **Date 26.02.2024**

1. Name of the work :- **Road under MMSY-TRIP**
2. Total No. of work :- **2 Nos. of Roads with Bridge.**
3. Estimated Cost :- From **Rs. 999.94** lakhs & **Rs. 1318.04** lakhs (Approximately)
4. Eligible Class of Contractor : - "A" & "Special" Class(of Odisha P.W.D.) or relevant Class of other Licensing authorities (as per annexure).
5. Period of Completion :- 15 (Fifteen) Calendar months for the work.
6. Other details

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| **Chief Construction Engineer, Rural Works Circle,Balasore** | **NCB No.-86** | **01.03.2024 at 10.00 A.M** | **13.03.2024 Up to 5.00 P.M.** | **12.03.2024 Up to 5.00 P.M.** | **14.03.2024 at 10.00 P.M.** | **Will be intimated later** |

- **Further details can be seen from the website: www.tendersodisha.gov.in**

Sd/- N.V HariharRao
Chief Engineer,
R.W. Circle, Balasore.

OIPR-25105/11/0112/2324

**GOVERNMENT OF ODISHA** O-2682
**OFFICE OF THE SUPERINTENDINGENGINEER**
**RURAL WORKS DIVISION: GUNUPUR**

Lr.No. 1256, Dated.27.02.2024 e-mail id: **eerwgunupur@gmail.com**

**"e" Procurement Notice for Building Works**
**(Tender SERWGNP-Online-12/2023-24)**

1. Name of the Work : Building Works
2. Total No. of Works : 01 No. (Percentage rate tender)
3. Estimated Cost : As mentioned in Col. 3 of TCN Annexure
4. Class of Contractor : As mentioned in Col. 5 of TCN Annexure
5. Period of Completion : As mentioned in Col. 4 of TCN Annexure
6. EMD : As mentioned in Col. 6 of TCN Annexure
7. Paper Cost : As mentioned in Col. 7 of TCN Annexure
8. Other details:

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Gunupur | SERWGNP Online-12/ 2023-24 | 02.03.2024 at 10.00 A.M. | 11.03.2024 up to 5.00 P.M. | 12.03.2024 at 11.00 A.M |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersodisha.gov.in Any subsequent addendum or corrigendum will be made available in the above website.

SuperintendingEngineer,
Rural Works Division, Gunupur

OIPR-25170/11/0015/2324

A-1615

**GOVERNMENT OF ODISHA**
**Office of the Superintending Engineer**
**U.K.Irrigation Division,Borigumma**
**Dist: Koraput (ODISHA),PIN. - 764 056**
**Email id seukidborigumma@gmail.com**

**QUOTATION CALL NOTICE NO 01/2023-24 Dated: 27.02.2024**

Sealed quotations/tenders are invited from interested reputed Travel Agencies/Tour Operators or private individuals for providing **4 (Four)** nos of Diesel driven vehicle having sitting capacity not more than ten including driver. which shall conform to the Terms and conditions (Annexure - A) for official use in the office of the **Superintending Engineer, Upper Kolab Irrigation Division, Borigumma, Dist:Koraput** on monthly rent basis.

| Sl No | Type of vehicle | Minimum Average Mileage |
|---|---|---|
| 1 | Hiring of Private Vehicle (TUV300/Bolero/Sumo Gold/Ertiga) for U.K.Irrigation Division, Borigumma for the year 2024-25. | 10 Kmpl |
| 2 | Hiring of Private Vehicle (TUV300/Bolero/Sumo Gold/Ertiga) for U.K.Irrigation Sub-Division-I, Borigumma for the year 2024-25. | 10 Kmpl |
| 3 | Hiring of Private Vehicle (TUV300/Bolero/Sumo Gold/Ertiga) for U.K.Irrigation Sub- Division- II. Kusumi for the year 2024-25. | 10 Kmpl |
| 4 | Hiring of Private Vehicle (TUV300/Bolero/Sumo Gold/Ertiga) for U.K. Irrigation Sub-Division-III, Kotpad for the year 2024-25. | 10 Kmpl |

1. The vehicle must be in road worthy condition, shall not be more than **3 (Three)** years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up to date tax payment etc. which are mandatory for playing of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of **Rs 5000/-** shall be deposited by the intending bidders in shape NSC / Postal Pass Book and duly pledged in favour of the **Superintending Engineer Upper Kolab Irrigation Division, Borigumma,** and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge is quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of **10.00 kms per litre.**
7. The details of the make and year of manufacture of the vehicle, registration no, mileage (kms. Covered per litre) and name of the driver with driving license No. and period of validity should be specifically, Provided in the general bid information to be furnished with the Quotation/Tender(Annexure-A)
8. The quotation completed in all respect should reach the undersigned on or before **11.03.2024** by **11.00 Hour** and shall be opened on the same day at **12.00 Hour** in presence of the bidders or their authorized representatives.
9. The application form of quotation/tender containing General Bid Information & Terms and conditions for hiring of vehicles etc, will be available in the office of the **Superintending Engineer Upper Kolab Irrigation Division, Borigumma, Dist: Koraput** on payment of **Rs.100/- (One hundred) only from date 01.03.2024 to 11.03.2024 up to 11.00 Hour** or can be downloaded from Odisha Govt. Website www.odisha.gov.in from Date **01.03.2024 to 11.03.2024 up to 11.00 Hour.** In case the application form is downloaded from Govt. website the applicant shall furnish a demand draft for an amount Rs.100/- (Rupees one hundred) only towards the cost of application. The Demand Draft issued from any Nationalized bank payable at S.B.I., Main Branch, Jeypore, Dist: Koraput drawn in favour of the **Superintending Engineer Upper Kolab Irrigation Division, Borigumma, Dist:Koraput (Odisha)** along with the application.
10. The authority reserves all rights to reject any or all quotations without assigning any reason thereof.

**Er. Hemant Kumar Hota**
**Superintending Engineer,**
**U.K. Irrigation Division,**
**Borigumma**

OIPR-32015/11/0022/2324



# କଟକ ସିଟି

# ଆଜି ଲୋକାର୍ପିତ ହେବ 'ବକ୍ସ ଡ୍ରେନ'

କଟକ,୨୮ ।୨(ସମିସ)

ଜଳବନ୍ଦୀ ସମସ୍ୟାରୁ ସମ୍ପୂର୍ଣ୍ଣ ତ୍ରାହି ମିଳିବ। କଟକବାସୀଙ୍କ ସମ୍ମୁଖରେ ଉଭା ହେଉଥିବା ଏହି ସମସ୍ୟା ସବୁଦିନ ପାଇଁ ଦୂର ହେବ। ଏହାଛଡ଼ା ବିଭିନ୍ନ ଅଞ୍ଚଳରେ ଟ୍ରାଫିକ ସମସ୍ୟା ବି ଆଉ ଦେଖିବାକୁ ମିଳିବ ନାହିଁ। ୪୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଦୀର୍ଘ ପ୍ରାୟ ୩

## ଆଭାସୀ ଜରିଆରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

କିଲୋମିଟରର ବକ୍ସଡ୍ରେନ୍ ଗୁରୁବାର ଲୋକାର୍ପିତ ହେବ। ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ବକ୍ସ ଡ୍ରେନର ଲୋକାର୍ପଣ କରିବେ।

ବର୍ଷା ଦିନେ କଟକ ସହରବାସୀଙ୍କ ପାଇଁ ଜଳବନ୍ଦୀ ଏକ ପ୍ରମୁଖ ସମସ୍ୟା। ରାସ୍ତାଘାଟରେ ଆଣ୍ଠୁଏ ଉଚ୍ଚର ପାଣି ଜମା ରହିବା ସହ ଲୋକଙ୍କ ସ୍ୱାଭାବିକ ଜୀବନଶୈଳୀରେ ମଧ୍ୟ ବାଧା ସୃଷ୍ଟି ହୁଏ। ଜାଇକା ପ୍ରକଳ୍ପ ଜରିଆରେ କଟକରେ ବକ୍ସ ଡ୍ରେନ ନିର୍ମାଣ କରାଯାଇଛି। ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟର ଭିତ୍ତିଭୂମି





ପ୍ରଥମେ ୨୦୧୩ରେ ପଡ଼ିଥିଲା। ଡ୍ରେନ୍ କାର୍ଯ୍ୟ ଚାଲିଥିଲେ ମଧ୍ୟ ବକ୍ସଡ୍ରେନ୍ ନିର୍ମାଣ କାର୍ଯ୍ୟ ଜାଇକା ପରେ ଦାୟିତ୍ୱ ନେଇଥିବା ୱାଟ୍‌କୋ ପାଇଁ ବଡ଼ ଚ୍ୟାଲେଞ୍ଜ୍ ସୃଷ୍ଟି କରିଥିଲା। ପଟାପୋଲଠାରୁ ଆରମ୍ଭ ହୋଇଥିବା ବକ୍ସଡ୍ରେନ୍ କାର୍ଯ୍ୟ ଛତ୍ରବଜାର ପର୍ଯ୍ୟନ୍ତ ଆସିଲା ବେଳେ ଅନେକ ଘର ଏହି ଡ୍ରେନ୍ ପାର୍ଶ୍ୱରେ ରହିଥିଲା। ଡ୍ରେନ୍ ପାଇଁ ଖନନ କାର୍ଯ୍ୟ ବେଳେ ଅନେକ ଘର ପ୍ରତି ଏହା ବିପଦ ସୃଷ୍ଟି କରିଥିଲା। ଘର ପ୍ରତି ବିପଦ ସୃଷ୍ଟି ନହୋଇ ଯେପରି କାର୍ଯ୍ୟ କରାଯିବ ସେଥିପାଇଁ ଜାପାନରୁ ଏକ ସ୍ୱତନ୍ତ୍ର ମେସିନ୍ ମଧ୍ୟ ଅଣାଯାଇଥିଲା। ୱାଟ୍‌କୋର ଡ୍ରେନେଜ୍ ଡିଭିଜନ୍ ମ୍ୟାନେଜର୍ ବିଜୟ କୁମାର ପଣ୍ଡା କହିଛନ୍ତି ଯେ, ଇତିମଧ୍ୟରେ ବକ୍ସଡ୍ରେନ୍‌ର ୨୮୦୦ ମିଟର କାର୍ଯ୍ୟ ଅର୍ଥାତ ପଟାପୋଲଠାରୁ ପ୍ରଫେସରପଡ଼ା ପର୍ଯ୍ୟନ୍ତ ଶେଷ ହୋଇଯାଇଛି। ଆଉ ୧୯୪ ମିଟର କାର୍ଯ୍ୟ ବାକି ରହିଛି। ମାର୍ଚ୍ଚ ୩୧ ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ ବୋଲି ସେ ଜଣାଇଛନ୍ତି। କେବଳ ଯେ ଜଳବନ୍ଦୀ ସମସ୍ୟା ତୁଟିବ ତାହା ନୁହେଁ, ଏହାର ନିର୍ମାଣ ଦ୍ୱାରା ସହରର ଅନେକ ସ୍ଥାନରେ ଉପୁଜୁଥିବା ଟ୍ରାଫିକ ସମସ୍ୟା ମଧ୍ୟ ଦୂର ହେବ।

# ଜୁଡିସିଆଲ୍ ଏକାଡେମୀରେ ଶ୍ରଦ୍ଧାଞ୍ଜଳି ସଭା

## ଫଲି ସାମ ନରିମାନଙ୍କ ବିୟୋଗ ଭାରତର ନ୍ୟାୟିକ ବ୍ୟବସ୍ଥାରେ ଏକ ଅପୂରଣୀୟ କ୍ଷତି




**କଟକ,୨୮ ।୨(ସମିସ):** ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ ଆଇନ ବିଶାରଦ ଫଲି ସାମ୍ ନରିମାନଙ୍କ ବିୟୋଗ ଭାରତର ନ୍ୟାୟିକ ବ୍ୟବସ୍ଥା ପାଇଁ ଏକ ଅପୂରଣୀୟ କ୍ଷତି। ଆଇନ କ୍ଷେତ୍ରରେ ସେ ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଥିଲେ ବୋଲି କହିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ। ଜୁଡିସିଆଲ ଏକାଡେମୀ ପକ୍ଷରୁ ସ୍ୱର୍ଗତ ଫଲି ସାମ ନରିମାନଙ୍କ ବିୟୋଗରେ ଏକ ସ୍ମୃତି ସଭାରେ ଉଦବୋଧନ ଦେଇ ମୁଖ୍ୟ ବିଚାରପତି ଏହା କହିଛନ୍ତି। ଏଥିରେ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡଙ୍ଗୀ, ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ, ଜଷ୍ଟିସ ଦେବବ୍ରତ ଦାଶ, ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, ହାଇକୋର୍ଟ ବାର୍ ଆସୋସିଏସନ୍ ସଭାପତି ଧରଣୀଧର ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଫଲି ଏସ୍ ନରିମାନଙ୍କ ପ୍ରତିଭା ସମ୍ପର୍କରେ ଆଲୋକପାତ କହିଥିଲେ। ଏହି ଅବସରରେ ଦୁଇ ମିନିଟ ନୀରବ ପ୍ରାର୍ଥନା ହୋଇଥିଲା। ଅତିରିକ୍ତ ନିର୍ଦ୍ଦେଶକ ବଦ୍ରି ନାରାୟଣ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପ ନିର୍ଦ୍ଦେଶିକା ସ୍ୱପ୍ନା ସାଗରିକା ମିଶ୍ର ଏବଂ ସହକାରୀ ନିର୍ଦ୍ଦେଶକ ମାନସ ରଞ୍ଜନ ପ୍ରଧାନ ଏବଂ ଓଡିଶା ଜୁଡିସିଆଲ୍ ଏକାଡେମୀର କର୍ମଚାରୀମାନେ ସହଯୋଗ କରିଥିଲେ। ପ୍ରକାଶଥାଉ କି ବରିଷ୍ଠ ଆଇନଜୀବୀ ଫଲି ଏସ.ନରିମାନଙ୍କ ୯୫ବର୍ଷ ବୟସରେ ଗତ ୨୧ତାରିଖରେ ପରଲୋକ ଘଟିଥିଲା।

# ନୂତନ ରାସ୍ତା ଓ ଅଙ୍ଗନବାଡ଼ି ଗୃହ ଉଦ୍‌ଘାଟନ କଲେ ମେୟର



**କଟକ,୨୮ ।୨(ସମିସ):** ୱାର୍ଡ ନଂ ୬ରେ ନୂତନ ରାସ୍ତା ଓ ଅଙ୍ଗନବାଡି ଗୃହ ଉଦଘାଟନ କରିଛନ୍ତି ମେୟର ସୁବାସ ସିଂ। ମେୟର ଶ୍ରୀ ସିଂ ୱାର୍ଡ ନମ୍ବର ୬ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ପ୍ରାୟ ୮ ଲକ୍ଷ ଟଙ୍କାରେ ନୂତନ ଭାବେ ନିର୍ମାଣ କରିଯାଇଥିବା କଂକ୍ରିଟ ରାସ୍ତା ଓ କୃଷକ ବଜାର ଠାରେ ନିର୍ମିତ ଅଙ୍ଗନବାଡି ଗୃହର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ମେୟରଙ୍କ ସହିତ ସ୍ଥାନୀୟ ୱାର୍ଡ ନମ୍ବର ୬ର କର୍ପୋରେଟର ରିତାଞ୍ଜଳି ବେହେରା, ୱାର୍ଡ ସଭାପତି ପ୍ରଭାତ ଦାସ, ୱାର୍ଡ ମହିଳା ସଭାପତି ନିରୁପମା ପାଢ଼ୀ, ଅର୍ଦ୍ଧେନ୍ଦୁ ଶେଖର ମାଝୀ, ଅନ୍ନପୂର୍ଣ୍ଣା ମହାପାତ୍ର, ସରୋଜିନୀ ଦାସ, ଜ୍ୟୋସ୍ନାମୟୀ କର, ଡାନିଏଲ ନାୟକ, ମାନସ ରଞ୍ଜନ ବେହେରା, କୃଷକ ବଜାର କମିଟି କର୍ମକର୍ତ୍ତା, ସାହି କମିଟି କର୍ମକର୍ତ୍ତା ଓ ସ୍ଥାନୀୟ ସାହି ବାସିନ୍ଦାମାନେ ଉପସ୍ଥିତ ଥିଲେ।

● ଅନନ୍ତେଶ୍ୱର ମନ୍ଦିର ପରିସୀମା ଚିହ୍ନଟ ପ୍ରସଙ୍ଗରେ ଅଦାଲତ ଅବମାନନା ମାମଲା

# ପ୍ରତିପକ୍ଷଙ୍କୁ ହାଇକୋର୍ଟଙ୍କ କାରଣଦର୍ଶାଅ ନୋଟିସ

କଟକ,୨୮ ।୨(ସମିସ)

କେନ୍ଦ୍ରୀୟ ସଂରକ୍ଷିତ କୀର୍ତ୍ତିରାଜି ଭାବେ ଘୋଷିତ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଭଗବାନପୁର ଅଞ୍ଚଳର ଅନନ୍ତଶ୍ୱର ମନ୍ଦିରର ପରିସୀମା ଚିହ୍ନଟ ପ୍ରସଙ୍ଗରେ ରହିଥିବା ପୂର୍ବ ନିର୍ଦ୍ଦେଶ ଅନୁପାଳନ ହୋଇ ନ ଥିବା ନେଇ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ ହୋଇଛି। ଅଦାଲତଙ୍କ ନିର୍ଦ୍ଦେଶକୁ କାହିଁକି କାର୍ଯ୍ୟକାରୀ କରାଯାଇନାହିଁ ଓ କାହିଁକି ଏହାକୁ ଅଦାଲତ ଅବମାନନା ବୋଲି ବିବେଚନା କରା ନ ଯିବ ସେ ନେଇ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ଧରଣୀଧର ନନ୍ଦଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୪ସପ୍ତାହ ଭିତରେ ଜବାବ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଗତ କେନ୍ଦ୍ର ସରକାରଙ୍କ ୨୦୧୫ ସେପ୍ଟେମ୍ବର୨୫ର ଗେଜେଟ୍ ବିଜ୍ଞପ୍ତି ଅନୁସାରେ ଅନନ୍ତଶ୍ୱର ମହାଦେବ ମନ୍ଦିରକୁ କେନ୍ଦ୍ରୀୟ ସଂରକ୍ଷିତ କୀର୍ତ୍ତିରାଜି ଭାବରେ ଘୋଷିତ କରାଯାଇଥିଲା। ତେଣୁ ୨୦୧୬ଜୁନ ୩୦, ୨୦୧୭ ଅଗଷ୍ଟ ୮ ଓ ୨୦୨୮ ଜୁନ ୨୯ରେ ଏହି ମନ୍ଦିରର ମିଳିତ ଯାଞ୍ଚ ଓ ସୀମା ଚିହ୍ନଟ ପାଇଁ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ଏଏସଆଇ ପକ୍ଷରୁ ଚିଠି କରାଯାଇଥିଲା। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଏଏସଆଇ ଅଧୀକ୍ଷକ ପୁନର୍ବାର ୨୦୧୮ ନଭେମ୍ବର୨୮ରେ ଚିଠି କରିଥିଲେ। କିଛି ପଦକ୍ଷେପ ନିଆ ନ ଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟ ଗତ ୨୦୨୦ ଡିସେମ୍ବର ୮ରେ ଉପରୋକ୍ତ ମନ୍ଦିର ସୀମାଙ୍କନ କାର୍ଯ୍ୟ କରିବା ପାଇଁ କଟକ ଜିଲ୍ଲାପାଳ ଓ ନିଶ୍ଚିନ୍ତକୋଇଲି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ବର୍ଷାଧିକ କାଳ ଅତିକ୍ରାନ୍ତ ପରେ କିଛି ପଦକ୍ଷେପ ନିଆ ନ ଯିବା ତଥା ମନ୍ଦିର ଜାଗା ଜବରଦଖଲ ବଢ଼ିବା ନେଇ ଆବେଦନକାରୀ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଆସନ୍ତା ଏପ୍ରିଲ ୯ରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।

# ପାୱାରଟିଲର୍ କିଣିବା ନାମରେ ଠକେଇ, ୨ ଗିରଫ

ସାଲେପୁର,୨୮ ।୨(ସମିସ)

ଜନୈକ ବ୍ୟକ୍ତିଙ୍କ ଘରୁ ପାୱାରଟିଲର କିଣିବାରେ ଠକେଇ ଅଭିଯୋଗରେ ସାଲେପୁର ପୁଲିସ ଯାଜପୁର ଅଞ୍ଚଳର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ଜିଗ୍ନୀପୁର ଛୁଆଳିଆ ଗ୍ରାମର ବୈରାଗୀ ସ୍ୱାଇଁଙ୍କ ଏକ ପାୱାରଟିଲର କିଣିବା ପାଇଁ ଯାଜପୁର ଜିଲ୍ଲା ଗଜେନ୍ଦ୍ରପୁର ଗ୍ରାମର ରଞ୍ଜନ ଦାସ ଓ ମୁଣ୍ଡମାଳ ଗ୍ରାମର ସରୋଜ ଦାସ ଗତକାଲି ତାଙ୍କ ଘରେ ପହଞ୍ଚି ପାୱାରଟିଲର କିଣିବା ପାଇଁ ମୂଲଚାଲ କରିବା ସହ ପାୱାର ଟିଲର ଏକ ଟାଟା ଏସିରେ ଲଦି ତୁମ ପୁଅକୁ ଆମ ସହିତ ପଠାଅ, ଏଟିଏମ୍‌ରୁ ଟଙ୍କା ଉଠାଇ ପୁଅ ହାତରେ ଦେବୁ କହି ପୁଅକୁ ଗାଡ଼ିରେ ବସାଇ କିଛି ବାଟ ନେଲାପରେ ବୈରାଗୀଙ୍କ ପୁଅକୁ ଭୟଭୀତ କରି ଗାଡ଼ିରୁ ଓହ୍ଲାଇଦେଇ ପାୱାରଟିଲର ନେଇ ଚମ୍ପଟ ମାରିଥିଲେ। ଏହାନେଇ ବୈରାଗୀ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ପାୱାରଟିଲର କ୍ରୟ କରିବା ନାମରେ ଠକେଇ କରିଥିବା ରଞ୍ଜନ ଓ ସରୋଜଙ୍କୁ ଯାଜପୁର ଜିଲ୍ଲାରୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ପାୱାରଟିଲର ଜବତ କରିଛି।

# କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର

କଟକ,୨୮ ।୨(ସମିସ)




କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତିରେ ଉତ୍କଳପୀଠର ରଜତ ଜୟନ୍ତୀ ଉତ୍ସବ ଅବସରରେ ଶ୍ରୀଜଗନ୍ନାଥ ମନ୍ଦିରର ଇତିହାସ ସଂସ୍କୃତି ଏବଂ ବିଭିନ୍ନ ୫୦ଟି ପ୍ରସଙ୍ଗ ଉପରେ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ଭାରତର ବିଭିନ୍ନ ପ୍ରଦେଶରୁ ତତ୍ତ୍ୱଜ୍ଞ ଗବେଷକମାନେ ପୃଥକ୍ ପୃଥକ୍ ଚର୍ଚ୍ଚାସତ୍ରରେ ଆଲୋଚନା କରିଥିଲେ। ମହାମହୋପାଧ୍ୟାୟ ଭଦ୍ରେଶ ଦାସ ସ୍ୱାମୀ ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ସାରସ୍ୱତ ମହୋତ୍ସବରେ ଦିଲ୍ଲୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବରଖେଡ଼ୀ, ତିରୁପତି ଓ କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, କୁଳପତି ପ୍ରଫେସର ଜି.ଏସ୍.ଆର୍ କୃଷ୍ଣମୂର୍ତ୍ତି, ଇସ୍କନ୍‌ର ରେବତୀ ରମଣ ଦାସ ମହାରାଜ ପ୍ରତ୍ୟକ୍ଷ ଆଲୋଚନା କରିଥିବା ବେଳେ କେନ୍ଦ୍ର ଦକ୍ଷତା ବିକାଶ ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଭାସୀ ମାଧ୍ୟମରେ ମନ୍ତବ୍ୟ ଉପସ୍ଥାପନ କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରତିଷ୍ଠିତ ସଂସ୍କୃତ ବିଦ୍ୱାନ୍ ଓ ଗବେଷକମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ତିରୁପତି ଉତ୍କଳପୀଠର ନିର୍ଦ୍ଦେଶକ ଡ. ଜ୍ଞାନରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦର କାର୍ଯ୍ୟାଧିକାରୀ ପ୍ରଫେସର ହରିହର ପଣ୍ଡାଙ୍କ ସହଯୋଗରେ ଏହି ଆଲୋଚନାଚକ୍ରରେ ୧୫୦ ଜଣ ପ୍ରତିନିଧି ଯୋଗଦେଇଥିଲେ। ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ସହଯୋଗୀ ପ୍ରଫେସର ଭାରତ ଭୂଷଣ ରଥ, ଡ. ସୋମନାଥ ଦାଶ, ପ୍ରଫେସର ଭାଗିରଥି ନନ୍ଦ ବିଭିନ୍ନ ସତ୍ର ପରିଚାଳନା କରିଥିଲେ। ଓଡ଼ିଶାରୁ ଶ୍ରୀମନ୍ଦିରର ପ୍ରଶାସକ ଡ. ଭାସ୍କର ମିଶ୍ର, ଡ. ଅସିତ ମହାନ୍ତି, ଡ. କରୁଣାକର ପ୍ରଧାନ, ପ୍ରଦ୍ୟୁମ୍ନ ସାହୁ, ପ୍ରଫେସର ସୁବାସ ଚନ୍ଦ୍ର ଦାଶ, ପ୍ରଫେସର ସୁଶାନ୍ତ ରାଜ, ଡ. ଜ୍ୟୋସ୍ନା ପାତ୍ର, ଲୋକକବି ଡ.କାଳୀପ୍ରସନ୍ନ ଶତପଥୀ, ଲୋକଭାଷା ପ୍ରଚାର ସମିତି ଓଡ଼ିଶାର ଅଧ୍ୟକ୍ଷ ଡ. ବିପିନ ବିହାରୀ ଶତପଥୀ, ବିରଜା ସଂସ୍କୃତି ଗବେଷକ ଡ. ଜ୍ଞାନରଞ୍ଜନ ପତି, ସଂସ୍କୃତ ଭାରତୀର ବିଦ୍ୱତ୍ ପରିଷଦ ଅଧ୍ୟକ୍ଷ ପଣ୍ଡିତ ନୃସିଂହ ଚରଣ ପଣ୍ଡା ଓ ଡ. ଦଉହରି ବେହେରା ପ୍ରମୁଖ ସାରଗର୍ଭକ ଭାଷଣ ପ୍ରଦାନ କରି ଏଥିରେ ସମ୍ମାନିତ ହୋଇଛନ୍ତି।

# ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କ ଉପରୁ ହଟିଲା ନିଲମ୍ବନ

**ମାହାଙ୍ଗା,୨୮ ।୨(ସମିସ):** ମାହାଙ୍ଗା ବ୍ଲକ ଗୋକନ ପଞ୍ଚାୟତର ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ହୋଇଥିବା ନେଇ କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଚିଠି ମାଧ୍ୟମରେ ଜଣାଇଛନ୍ତି। ସୂଚନା ମୁତାବକ ଗତ ଅଗଷ୍ଟ ମାସରେ ବ୍ଲକ ଅଧ୍ୟକ୍ଷ ଶ୍ରୀ ନାୟକଙ୍କୁ ବିଜେଡି ଦଳରୁ ନିଲମ୍ବନ କରାଯାଇଥିଲା। କିନ୍ତୁ ଆଜି ତା.୨୮.୦୨.୨୦୨୪ ଚିଠି ନଂ ୧୩୨/୨୪ରେ ନିଲମ୍ବନ ପ୍ରତ୍ୟାହାର ହୋଇଥିବା କଟକ ଜିଲ୍ଲା ବିଜେଡି ସଭାପତି ଶ୍ରୀ ସାମନ୍ତରାୟ ଚିଠି ଦ୍ୱାରା ଘୋଷଣା କରିଛନ୍ତି। ଶ୍ରୀ ନାୟକଙ୍କୁ ନିଲମ୍ବନ ପ୍ରତ୍ୟାହାର କରାଯାଇଥିବାରୁ ମାହାଙ୍ଗା ବିଜେଡି ଦଳ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି। ନିଲମ୍ବନ ପ୍ରତ୍ୟାହର ପରେ ଶ୍ରୀ ନାୟକଙ୍କୁ ଯୋଗାଯୋଗ କରିବାରୁ ଦଳ ମୋତେ ଯେତେବେଳେ ଯେଉଁ ଦାୟିତ୍ୱ ଦେଇଛି ମୁଁ ସଠିକ୍ ଭାବେ ତୁଲାଇଛି। ମୋ ଉପରେ ନିଲମ୍ବନ ପ୍ରତ୍ୟାହାର କରାଯାଇଥିବାରୁ କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ଏବଂ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବାଲୁବଜାର ପ୍ରିମିୟର୍ ଲିଗ୍ ଉଦ୍‌ଯାପିତ




କଟକ,୨୮ ।୨(ସମିସ)

ବାଲୁବଜାର ଯୁବକ ସଂଘ ପକ୍ଷରୁ ବାଲୁବଜାର ଛକରେ ଆୟୋଜିତ ବାଲୁବଜାର ପ୍ରିମିୟର ଲିଗର ୫ମ ସଂସ୍କରଣ ଉଦଯାପିତ ହୋଇଯାଇଛି। ଦୁଇଦିନ ଧରି ଚାଲିଥିବା ଏହି ପ୍ରିମିୟର ଲିଗରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବୁଲ୍ ଫାଇଟର ଓ ରୟାଲ ଟାଇଗର ମଧ୍ୟରେ ଫାଇନାଲ୍ ମ୍ୟାଚ ଖେଳାଯାଇଥିବା ବେଳେ ରୟାଲ ଟାଇଗର ବିଜେତା ହୋଇଥିଲା। ଶେଷରେ ସାହିର ମୁରବୀଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଉଦଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ୍, କଟକ ମେୟର ସୁବାସ ଚନ୍ଦ୍ର ସିଂହ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଅଭିନେତା ଅରନ୍ଦମ ରଏ, ହିନ୍ଦୁସେନା ସଭାପତି ଦେବାଶିଷ ରାଉତ, କର୍ପୋରେଟର ସତ୍ୟରଞ୍ଜନ ତ୍ରିପାଠୀ, କର୍ପୋରେଟର ବସନ୍ତ ବେହେରା, କର୍ପୋରେଟର ଲକ୍ଷ୍ମଣ ବେହେରା, ବିନୋଦବିହାରୀ ବାଲୁବଜାର ପୂଜା କମିଟିର ସଭାପତି ପୃଥ୍ୱୀରାଜ ସାହୁ ଓ ସଂପାଦକ ଈଶ୍ୱର ଚନ୍ଦ୍ର ବେହେରା ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବାଲୁବଜାର ଯୁବକ ସଂଘର ସମସ୍ତେ ସଭ୍ୟମାନେ ସହଯୋଗ କରିଥିଲେ।


## ଏକାଦଶାହ ଉପଲକ୍ଷେ



ସ୍ୱ ପୂର୍ଣ୍ଣଶଶୀ ମହାନ୍ତି

ବୋଉ,
ତୁ ଥିଲୁ ଆମ ଯୌଥ ପରିବାରର ମଙ୍ଗ। ତୋ' ସ୍ନେହ, ମମତା, ଆନ୍ତରିକତା, ପରୋପକାରିତା ଓ ଧର୍ମପରାୟଣତା ଆମ ସ୍ମୃତିରେ ସବୁବେଳେ ରହିବ। ସେ ପୁରରୁ ଆମମାନଙ୍କୁ ଆଶିଷ ଦେବୁ - ତୋ'ଆଦର୍ଶ, ତ୍ୟାଗ ଓ ମହନୀୟତାରେ ଅନୁପ୍ରାଣିତ ହେବାପାଇଁ। ତୋ ଶେଷ ଜୀବନର କଷ୍ଟ ଆମମାନଙ୍କୁ ବ୍ୟଥିତ କରିଥିଲା ସତ, ହେଲେ ତାହା ବୋଧେ ଥିଲା ବିଧିନିର୍ଦ୍ଦିଷ୍ଟ। ତୋ' ପରି ମାଆ ଟିଏ ପାଇ ଆମେ ସମସ୍ତେ ଧନ୍ୟ। ତୋ'ଆତ୍ମାର ମୋକ୍ଷ ଓ ସଦଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।

**ଶୋକସନ୍ତପ୍ତ:**
ପୁଅ, ବୋହୂ, ଝିଅ, ଜ୍ୱାଇଁ, ପୁତୁରା, ଝିଆରୀ, ନାତି, ନାତୁଣୀ, ନାତୁଣୀବୋହୂ, ନାତୁଣୀଜ୍ୱାଇଁ, ଅଣନାତି, ଅଣ ନାତୁଣୀ ଓ ଆତ୍ମୀୟ ସ୍ୱଜନ


● ଏଲ୍‌ଏଲ୍‌ଏମ୍ ସେମିଷ୍ଟର ପରୀକ୍ଷାରୁ ବଞ୍ଚିତ ପ୍ରସଙ୍ଗ

# ଆବେଦନକାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନିମନ୍ତେ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୮ ।୨(ସମିସ)

ଏଲଏଲଏମ୍ ଅଧ୍ୟୟନ କରୁଥିବା ବେଳେ ବିଚାରବିଭାଗ ସେବାରେ ଯୋଗ ଦେଇଥିବା ଆବେଦନକାରୀଙ୍କୁ ଚତୁର୍ଥ ସେମିଷ୍ଟର ପରୀକ୍ଷା ପାଇଁ ଅନୁମତି ଦିଆ ନ ଯିବା ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ପକ୍ଷରୁ ୨୦୨୩, ଏପ୍ରିଲ ୨୭ରେ ଗ୍ରହଣ କରିଥିବା ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଅନ୍ୟପଟରେ ଏଲଏଲଏମ ପାଠ୍ୟକ୍ରମର ଚତୁର୍ଥ ତଥା ଚୂଡାନ୍ତ ସେମିଷ୍ଟର ପରୀକ୍ଷା ଦେବା ପାଇଁ ଆବେଦନକାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବ୍ୟୋମକେଶ ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଚତୁର୍ଥ ତଥା ଚୂଡାନ୍ତ ବ୍ୟାକ୍ ପେପର ପରୀକ୍ଷାର ଫଳ ଯଥାଶୀଘ୍ର ପ୍ରକାଶ କରାଯିବ। ଯଦି ପରୀକ୍ଷାରେ ଆବେଦନକାରୀ କୃତକାର୍ଯ୍ୟ ହୁଅନ୍ତି ତେବେ ତାଙ୍କୁ ୨୦୧୦-୨୦୧୨ ବର୍ଷ ପାଇଁ ଏଲଏଲଏମ ପାସ୍ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଲଏଲଏମ ପାଠ୍ୟକ୍ରମ ୫ ବର୍ଷ ଭିତରେ ସଂପୂର୍ଣ୍ଣ ପାଇଁ ରହିଥିବା ନିୟମ ମଧ୍ୟ ଆବେଦନକାରୀଙ୍କ କ୍ଷେତ୍ରରେ ଲାଗୁ ହେବ ନାହିଁ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ମାମଲାରୁ ପ୍ରକାଶ ଯେ ୨୦୧୦-୧୨ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଆଇନ ବିଭାଗରେ ଆବେଦନକାରୀ ନାମ ଲେଖାଇଥିଲେ। ଏକାଡେମିକ୍ ସେସନ୍ ୨୦୧୦ ଜୁନ ବଦଳରେ ୬ ମାସ ବିଳମ୍ବରେ ଡିସେମ୍ବର ମାସରୁ ଆରମ୍ଭ ହୋଇଥିଲା। ଏଲଏଲଏମ ପଢୁଥିବା ବେଳେ ଆବେଦନକାରୀ ଓଡ଼ିଶା ବିଚରବିଭାଗୀୟ ସେବା (ଓଜେଏସ), ୨୦୧୧ ପରୀକ୍ଷାରେ କୃତିତ୍ୱ ହାସଲ କରି ୨୦୧୨, ଜାନୁଆରି ୯ରେ ବିଚାର ବିଭାଗୀୟ ଅଧିକାରୀ ଭାବେ ଯୋଗଦେଇଥିଲେ। ତୃତୀୟ ସେମିଷ୍ଟର ପରୀକ୍ଷା ଦେଇ ନ ପାରି ଆବେଦନକାରୀ ହାଇକୋର୍ଟଙ୍କ ନିକଟରେ ଦରଖାସ୍ତ ଦାଖଲ କରିଥିଲେ। ସମୟ ଭିତରେ ଅନୁମତି ନ ମିଳିବାରୁ ଆବେଦନକାରୀ ତୃତୀୟ ସେମିଷ୍ଟର ପରୀକ୍ଷା ଦେଇ ପାରି ନଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତୃତୀୟ ଓ ଚତୁର୍ଥ ସେମିଷ୍ଟର ପରୀକ୍ଷା ଦେବା ପାଇଁ ଆବେଦନକାରୀଙ୍କୁ ହାଇକୋର୍ଟରୁ ଅନୁମତି ମିଳିଥିଲା। ଅନୁମତି ଅନୁସାରେ ଆବେଦନକାରୀ ତୃତୀୟ ସେମିଷ୍ଟର ବ୍ୟାକ୍ ପେପର ପରୀକ୍ଷା ଦେଇଥିଲେ କିନ୍ତୁ ଚତୁର୍ଥ ସେମିଷ୍ଟର ପାଇଁ ଫର୍ମ ପୂରଣ ପାଇଁ ତାଙ୍କୁ ବାରଣ କରାଯାଇଥିଲା। ଉପସ୍ଥାନ ଅଭାବ କାରଣରୁ ଏପରି କରାଯାଇଥିବା ଦର୍ଶାଯାଇଥିଲା। ତେବେ ଆବେଦନକାରୀ ବିଚାର ବିଭାଗୀୟ ସେବାରେ ଯୋଗଦେଇଥିବା କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା। ଏହି ପ୍ରସଙ୍ଗ ନେଇ ଆବେଦନକାରୀ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିଲେ। ଏହାପରେ ଏହି ପ୍ରସଙ୍ଗରେ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବିଚାର କରି ନିଷ୍ପତ୍ତି ଗ୍ରହଣ କରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ଦରଖାସ୍ତ କିନ୍ତୁ ସିଣ୍ଡିକେଟ ଖାରଜ କରିବାରୁ ସେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବୀରେନ ଶଙ୍କର ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

# ଭଉଣୀ ଘରେ କଳାକନା ବୁଲାଇଲା ସଂପର୍କୀୟ ଭାଇ

**ସାଲେପୁର,୨୮ ।୨(ସମିସ):** ମାଉସୀ ଝିଅ ଭଉଣୀ ଘରକୁ ଆସି ଗଡରେଜ୍ ଭାଙ୍ଗି ସୁନାରୂପା ଅଳଙ୍କାର ଓ ନଗଦ ଟଙ୍କା ମାଉସୀ ପୁଅ ଚୋରି କରିଥିବା ନେଇ ସାଲେପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ରଚିତା ରାଉତ(୪୦)ଙ୍କ ଘରକୁ ଜଗତ୍‌ସିଂପୁର ଜିଲ୍ଲାର ତାଙ୍କ ସଂପର୍କୀୟ ମାଉସୀ ପୁଅ ଶକ୍ତିରଞ୍ଜନ ଦାସ ଆସିଥିଲେ। ଘରକୁ ଗଲାବେଳେ ମାଉସୀ ଝିଅ ଭଉଣୀ ଘରେ ଗଡ୍‌ରେଜ୍‌ରେ ଝିଅ ବିଭାଘର ପାଇଁ ରହିଥିବା ସୁନାରୂପା ଅଳଙ୍କାର ଓ ନଗଦ ଟଙ୍କା ଚୋରି କରିନେଇଥିବା ନେଇ ରଚିତା ରାଉତ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।






## ନିରାମୟ ଉପଦେଷ୍ଟାଙ୍କ ଶିଶୁଭବନ ପରିଦର୍ଶନ



କଟକ, ୨୮ ।୨(ସମିସ): ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ କଟକ ସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସ୍ନାତକୋତ୍ତର ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନ (ଶିଶୁ ଭବନ) ପରିଦର୍ଶନ କରିବା ସହ ନିର୍ମାଣାଧୀନ ନୂତନ ଗୃହ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପରେ ହସ୍ପିଟାଲ ଅଧକ୍ଷ ଡା. ପ୍ରଦୀପ ଜେନାଙ୍କ ସହ ଆଲୋଚନା କରିଥିଲେ। ନିରାମୟ କେନ୍ଦ୍ରକୁ ପ୍ରତିଦିନ ଆସୁଥିବା ରୋଗୀଙ୍କୁ ଅଧିକ ସୁବିଧା ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ନିରାମୟ କେନ୍ଦ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ବହୁ ଗୁରୁତ୍ୱପୂର୍ଣ୍ଣ ଔଷଧ ମିଳୁଥିବାରୁ ଏବଂ ସର୍ବୋତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିବାରୁ ଉପସ୍ଥିତ ରୋଗୀଙ୍କ ସମ୍ପର୍କୀୟମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଏବଂ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ସାଂସଦ ଦେବାଶିଷଙ୍କୁ ସମ୍ବର୍ଦ୍ଧନା



କଟକ, ୨୮ ।୨(ସମିସ): ବକ୍ସିବଜାର ସ୍ଥିତ କ୍ଲବ ଆଣ୍ଡ କ୍ଲବ ପକ୍ଷରୁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ଡଃ ରଞ୍ଜନ ବିଶ୍ୱାଳ, ବରିଷ୍ଠ କ୍ରୀଡ଼ା ସଙ୍ଗଠକ ଭକ୍ତବଲ୍ଲଭ ଦାସ ଉପସ୍ଥିତ ଥିଲେ। କ୍ଲବର ସଭାପତି ମଧୁସୂଦନ ସାହୁ ଏବଂ ସମ୍ପାଦକ ରାଜେନ୍ଦ୍ର କୁମାର ପରିଡ଼ା ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସାଂସଦ ଶ୍ରୀ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ତଦାରଖ କରିବେ ଡଃ ଅଭୟ



କଟକ, ୨୮ ।୨(ସମିସ): ରାଜ୍ୟ ସରକାରଙ୍କ ଉଦ୍ୟମରେ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ଘଟୁଛି। ବିଭିନ୍ନ ସରକାରୀ ହସ୍ପିଟାଲର ରୂପାନ୍ତରୀକରଣ ହେଉଛି। ଏପରିସ୍ଥଳେ ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। କଟକ ବଡ ମେଡିକାଲକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖାଯାଇଛି। ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ତଦାରଖ କରୁଛନ୍ତି। ତେବେ ବିଧାୟକ ଶ୍ରୀ ବିଶ୍ୱାଳଙ୍କ ପ୍ରତିନିଧି ଭାବେ କଟକର ବରିଷ୍ଠ ସାମାଜିକ କର୍ମୀ ଡଃ ଅଭୟ ରଞ୍ଜନ ପଟ୍ଟନାୟକଙ୍କୁ ବୁଧବାର ଦାୟିତ୍ୱ ଦିଆଯାଇଛି। ସେ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟର ତଦାରଖ ଦାୟିତ୍ୱ ତୁଲାଇବେ। ଦାୟିତ୍ୱ ଗ୍ରହଣ ପରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଓ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉଦ୍ୟମରେ ଅନେକ ବିକାଶମୂଳକ କାର୍ଯ୍ୟ ହେଉଛି। ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଶେଷ ହେଲେ ରାଜ୍ୟର ପ୍ରତ୍ୟେକ ରୋଗୀଙ୍କୁ ଉନ୍ନତ ଚିକିତ୍ସା ମିଳିବ। ନିର୍ମାଣ କାର୍ଯ୍ୟର ତଦାରଖ ଦାୟିତ୍ୱ ସୁଚାରୁରୂପେ ତୁଲାଇବି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି।

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର




କଟକ, ୨୮ ।୨(ସମିସ): ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ 'ବୌଦ୍ଧିକ ସମ୍ପତ୍ତିର ଅଧିକାର' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋହତକ୍ ଏମ୍.ଡି ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର କେ.ପି.ଏସ୍. ମାହାଲୱାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୌଦ୍ଧିକ ସମ୍ପତ୍ତିର ଅଧିକାର ଓ ଏହାର ଆବଶ୍ୟକତା ତଥା କୃତ୍ରିମ ବୁଦ୍ଧିମତା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର କମଲଜିତ୍ ସିଂ ସ୍ୱତ୍ୱାଧିକାର ଓ ପେଟେଣ୍ଟ ଆଦି ବିଷୟରେ ଆଲୋଚନା କରିଥିବା ବେଳେ କୁଳସଚିବ ନିରୂପମା ସ୍ୱାଇଁ ସ୍ୱତ୍ୱାଧିକାରର ଭୂମିକା ଓ ଜି.ଆଇ. ଟ୍ୟାଗ୍ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ରରେ ରିସର୍ଚ୍ଚ ପର୍ସନ ଭାବରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପିକା ଡକ୍ଟର ପ୍ରିୟଙ୍କା ଆନନ୍ଦ ଓ ନିକିତା ପଟ୍ଟଯୋଶୀ ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ଛାତ୍ରକଲ୍ୟାଣ ନିର୍ଦ୍ଦେଶିକା ଡକ୍ଟର ନିଧି ଚୌହ୍ୱାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିଥି ଅଧ୍ୟାପିକା ସ୍ମୃତିପଦ୍ମା ମହାନ୍ତି ଆଲୋଚନାଚକ୍ରର ସାରାଂଶ ପାଠ କରିଥିଲେ। ଶେଷରେ ତିନି ବର୍ଷିଆ ଆଇନ ପାଠ୍ୟକ୍ରମର ମୁଖ୍ୟ ହିରଣ୍ମୟୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ପ୍ରସ୍ତୁତି ଜୋର୍‌ଦାର୍

କଟକ, ୨୮ ।୨(ସମିସ)



ମାର୍ଚ୍ଚ ୧ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଟକ ଆସିବେ। ଏଥିପାଇଁ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ଦ୍ଧାରିତ ଗସ୍ତସୂଚୀ ଅନୁସାରେ, ରାଷ୍ଟ୍ରପତି ରାଜଭବନରୁ କାର ଯୋଗେ ସେ କଟକ ଆସିବେ। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସ ପକ୍ଷରୁ ବୁଧବାର ଅପରାହ୍ନରେ କାରକେଡ ଅଭ୍ୟାସ କରାଯାଇଥିଲା। ମୁଖ୍ୟତଃ ରାଜଭବନରୁ ବାହାରି କଟକରେ ପହଞ୍ଚିବା ଏବଂ ଏଠାରୁ ପୁଣି ସୁରକ୍ଷିତ ଫେରିବା ନେଇ ଅଭ୍ୟାସ ହୋଇଥିଲା। ଭୁବନେଶ୍ୱର କମିଶନରେଟ ପୁଲିସ ପକ୍ଷରୁ କାରକେଡ ରାଜଭବନରୁ ୩ଟା ୩୦ରେ ବାହାରିଥିଲା। ଫୁଲନଖରାରେ ଅପରାହ୍ନ ପ୍ରାୟ ୪ଟା ୨୦ରେ କାରକେଡ ପହଞ୍ଚିଥିଲା। ସେଠାରୁ କଟକ କମିଶନରେଟ ପୁଲିସର ଅତିରିକ୍ତ କାରକେଡ ଶିଖରପୁର ଫିଂବନ୍ଧ ଦେଇ ଇନଡୋର ଷ୍ଟାଡିୟମ ଯାଏ ଆସିଥିଲା। ଗସ୍ତ ସମୟରେ ଅନୁରୂପ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କାରକେଡରେ ୩୫ଟି ଗାଡି ରହିବ। ଏହି ଗାଡିରେ ରାଷ୍ଟ୍ରପତି ଭବନ ଅଧିକାରୀ ଏବଂ ସୁରକ୍ଷା ଅଧିକାରୀ ରହିବେ। କାରକେଡ ଅଭ୍ୟାସ ପରେ ପୁଲିସ ପକ୍ଷରୁ ଇଣ୍ଡୋର ଷ୍ଟାଡିୟମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୁଲିସ କମିଶନର ସଞ୍ଜୀବ ପଣ୍ଡା ଏବଂ ଡିସିପି ତଥା ଡିଆଇଜି କନୱର ବିଶାଲ ସିଂହ ଉପସ୍ଥିତ ରହି ପୁଲିସ ଅଧିକାରୀଙ୍କୁ ସୁରକ୍ଷା ଦାୟିତ୍ୱ ବୁଝାଇଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ଦିନ ମୋଟ ୨୫ ପ୍ଲାଟୁନ ଫୋର୍ସ ନିୟୋଜିତ ରହିବେ। ଏହାସହ ଅତିରିକ୍ତ ଏସିପି ର୍‌ୟାଙ୍କର ୪ ଜଣ, ଡିଏସପି ର୍‌ୟାଙ୍କର ୧୧ଜଣ, ଇନିସପେକ୍ଟର ର୍‌ୟାଙ୍କର ୨୪ ଜଣ ଏବଂ ଏସଆଇ ର୍‌ୟାଙ୍କର ୭୯ ଜଣ ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ। ଅତିରିକ୍ତ ୮ ପ୍ଲାଟୁନ ରିଜର୍ଭ ଫୋର୍ସକୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥା ଜରୁରିକାଳିନ ଦାୟିତ୍ୱରେ ରଖାଯିବ। ଡଗ୍‌ସ୍କ୍ୱାଡ, ବମ୍‌ସ୍କ୍ୱାଡ ଓ ସ୍ପେଶାଲ ଟାକଟିକାଲ ୟୁନିଟ ମଧ୍ୟ ରହିବେ। ଏସଓଜି(ସ୍ପେଶାଲ ଅପରେସନ ଗ୍ରୁପ)ର ୨ଟି ୟୁନିଟର ୨୪ ଜଣ ସଶସ୍ତ୍ର କମାଣ୍ଡୋ ମଧ୍ୟ କାରକେଡରେ ରହିବେ। ସୁରକ୍ଷା ବ୍ୟବସ୍ଥାକୁ ୩ଟି ଶ୍ରେଣୀରେ ଭାଗ କରାଯାଇଛି। ରାଷ୍ଟ୍ରପତିଙ୍କ କାରକେଡ, କାର୍ଯ୍ୟକ୍ରମ ସ୍ଥଳ, ରୁଟ ଲାଇନିଂରେ ଫୋର୍ସ ସହ ପୁଲିସ ଅଧିକାରୀ ଡ୍ୟୁଟି କରିବେ। ଖୋଦ ଡିସିପି ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ଏହାବାଦ ଅଗ୍ନିଶମ ବିଭାଗର ଏକ ସ୍ୱତନ୍ତ୍ର ୟୁନିଟ ସହ ଦୁଇଟି ଦମକଳ ଗାଡି କାର୍ଯ୍ୟକ୍ରମ ସ୍ଥଳ ପରିସରରେ ରହିବ। କାର୍ଯ୍ୟକ୍ରମ ସ୍ଥଳରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରି ଆୟୋଜକଙ୍କୁ ପ୍ରମାଣପତ୍ର ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟାବସ୍ଥାରେ ଯଦି କୌଣସି ସମସ୍ୟା ଦେଖାଦିଏ ତାହେଲେ ରାଷ୍ଟ୍ରପତିଙ୍କୁ ଚିକିତ୍ସା ପାଇଁ ଏସସିବି ମେଡିକାଲକୁ ନିଆଯିବ। ଏସ୍‌ସିବି ମେଡିକାଲ ସମେତ ଅନ୍ୟ ଏକ ଘରୋଇ ହସ୍ପିଟାଲରେ ଆବଶ୍ୟକ ବ୍ୟବସ୍ଥା ସହ ବେଡ ସଂରକ୍ଷିତ ରହିଛି। ଆବଶ୍ୟକ ସ୍ଥଳେ ଏହି ଦୁଇ ରୁଟକୁ ଗ୍ରୀନ କରିଡର ଭାବେ ବ୍ୟବହାର କରାଯିବ। ବୈଠକରେ ପୁଲିସ ମୁଖ୍ୟାଳୟ ଏଆଇଜି ଅମରେଶ ପଣ୍ଡାଙ୍କ ସମେତ ଏଡିସିପି ଅନିଲ ମିଶ୍ର, ସମସ୍ତ ଜୋନ ଏସିପି ଓ ଆଇଆଇସିମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଫୁଲନଖରାରୁ ଇଣ୍ଡୋର ଷ୍ଟାଡିୟମ ରାସ୍ତାରେ ଯେଭଳି ଟ୍ରାଫିକ ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ପୁଲିସ ଅଧିକାରୀମାନଙ୍କୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଛଡ଼ା ଆଇନ ଶୃଙ୍ଖଳା ସ୍ଥିତି ଯେଭଳି ନିୟନ୍ତ୍ରଣରେ ରୁହେ, ସେନେଇ ମଧ୍ୟ ତାଗିଦ କରାଯାଇଛି।

### ଗଠନ ହେଲା ଏସ୍‌ସିବିର ୭ଜଣିଆ ଟିମ୍

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏକ ୭ଜଣିଆ ଟିମ୍ ଗଠନ କରିଛନ୍ତି। ଆନେସ୍ଥେସିଓଲୋଜି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଆଲୋକ କୁମାର ସାହୁ, ଭେଷଜ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଶ୍ରୀଧର ପଣ୍ଡା, ସର୍ଜରୀ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ସୁଜିତ କୁମାର ମହାନ୍ତି, ଫାର୍ମାସିଷ୍ଟ ତାପସ କୁମାର ନାୟକଙ୍କ ସମେତ ଦୁଇଜଣ ଆଟେଣ୍ଡାଣ୍ଟ ଏବଂ ଜଣେ ଡ୍ରାଇଭର ରହିଛନ୍ତି। ଆଡଭାନ୍ସ ଲାଇଫ ସପୋର୍ଟ(ଏଏଲ୍‌ଏସ୍) ଗାଡି ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି। ଆଇସିୟୁ ଏବଂ ଅପରେସନ ଥିଏଟର ପ୍ରସ୍ତୁତ କରି ରଖିବାକୁ ଆନେସ୍ଥେସିଓଲୋଜି ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମ ସ୍ଥଳରେ ସମସ୍ତ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିବାକୁ ଏସ୍‌ସିବି କର୍ତ୍ତୃପକ୍ଷ ଷ୍ଟୋର ମେଡିକାଲ ଅଫିସରଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।





## ଦାବି ପୂରଣ ନ ହେଲେ ଆଶାକର୍ମୀଙ୍କ ଆନ୍ଦୋଳନ ଚେତାବନୀ




କଟକ, ୨୮ ।୨(ସମିସ)

ରାଜ୍ୟରେ ମାତୃ ଓ ଶିଶୁ ମୃତ୍ୟୁହାରକୁ ରୋକିବା ଦିଗରେ ଆଶାକର୍ମୀଙ୍କ ଭୂମିକା ସଦାସର୍ବଦା ଗରୁତ୍ୱପୂର୍ଣ୍ଣ ରହିଆସିଛି। ରାଜ୍ୟରେ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଆଶାକର୍ମୀମାନେ ବିଭିନ୍ନ ସମୟରେ ମା' ଓ ଶିଶୁମାନଙ୍କୁ ସେବା ଯତ୍ନ ଯୋଗାଇ ଦେଇଆସୁଛନ୍ତି। ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ଆଶାକର୍ମୀମାନେ ମା' ଓ ଶିଶୁମାନଙ୍କର ଯତ୍ନ ନେଇଆସୁଥିଲା ବେଳେ ଏମାନଙ୍କୁ କୌଣସି ପ୍ରକାରର ସରକାରୀ ସୁବିଧା ପ୍ରଦାନ କରାଯାଉନାହିଁ ବୋଲି ଅଭିଯୋଗ କରିଛନ୍ତି। ଏମାନଙ୍କୁ ମାସିକ ୪ ହଜାର ୫ଶହ ଟଙ୍କା ପାରିଶ୍ରମିକ ଭତ୍ତା ଆକାରରେ ପ୍ରଦାନ କରାଯାଉଛି ବୋଲି ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ଆଜି ସିଡିଏ ସେକ୍ଟର ୮ନଂ ସ୍ଥିତ ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ସଂଘର ରାଜ୍ୟ ସଭାନେତ୍ରୀ ମମତା ମହାନ୍ତି, କାର୍ଯ୍ୟକାରୀ ସଭାପତି ଶକୁନ୍ତଳା ଗୋଛାୟତ, ସହସମ୍ପାଦିକା ଧରିତ୍ରୀ ବାରିକ, ମୀନା ମହାନ୍ତି, ପ୍ରମିଳା ମହାନ୍ତି, ଭାରତୀୟ ମଜଦୁର ସଂଘର ରାଜ୍ୟ ସଂଗଠନ ସମ୍ପାଦକ ଲକ୍ଷ୍ମଣ ବାରିକ, କଟକ ଜିଲ୍ଲା ସହ-ସମ୍ପାଦିକା ଜ୍ୟୋସ୍ନାରାଣୀ ସିଂହ ଏବଂ ଭାରତୀୟ ମଜଦୁର ସଂଘର ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୪କୁ ଘୁଞ୍ଚିଲା ରାଜ୍ୟସ୍ତରୀୟ କନ୍‌ଭେନ୍‌ସନ୍

କଟକ, ୨୮ ।୨(ସମିସ)

ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ପକ୍ଷରୁ ସ୍ୱାସ୍ଥ୍ୟ ସେବା ଯୋଜନା ଓ ସାଧାରଣ ଅଭିଯୋଗ ଏବଂ ପେନସନ ପ୍ରଶାସନ ବିଭାଗର ପୁନଃ ସ୍ଥାପନ କରିବା ଦାବିରେ ଆସନ୍ତା ୨୯ ଫେବୃଆରୀ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଗାନ୍ଧୀ ମାର୍ଗଠାରେ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ଖୋଲା କନ୍‌ଭେନସନ୍‌କୁ ଘୁଞ୍ଚାଇ ଦିଆଯାଇଛି। ରାଷ୍ଟ୍ରପତ ଦ୍ରୌପଦୀ ମୁର୍ମୁଙ୍କ ଭୁବନେଶ୍ୱର ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପୁଲିସ ପ୍ରଶାସନ ପକ୍ଷରୁ ଅନୁମତି ନମିଳିବା ଯୋଗୁ ମହାସଂଘର ଜରୁରୀ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇ ଉକ୍ତ କନ୍‌ଭେନ୍‌ସନ୍‌କୁ ମାର୍ଚ୍ଚ ୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ମହାସଂଘର ଅଧକ୍ଷ ପ୍ରତାପ ଚନ୍ଦ୍ର ଦାସ ଓ ମହାସଚିବ ଗୋକୁଳାନନ୍ଦ ବେହେରା ପ୍ରକାଶ କରିଛନ୍ତି। ମହାସଂଘର ବରିଷ୍ଠ ନେତୃତ୍ୱ ନିର୍ମଳ ଚନ୍ଦ୍ର ଦାସ, ଦ୍ୱାରିକାନାଥ ମହାନ୍ତି, ସୁଦର୍ଶନ ପ୍ରଧାନ, ବେଣୁଧର ଦାସ, ସୁବୋଧ କୁମାର ରାୟ, ବିଭୁତି ଭୂଷଣ ମହାନ୍ତି, ଡ. ପ୍ରଫୁଲ୍ଲ ନାୟକ, ବିଜୟ କୁମାର ପଣ୍ଡା, ରଜନୀକାନ୍ତ ଚୌଧୁରୀ, ଧୀରେନ୍ଦ୍ର କୁମାର ନାୟକ, ଗୋପୀନାଥ କର, ମଦନ ମହୋନ ସିଂହ, ଶରତ ଚନ୍ଦ୍ର ପରିଡ଼ା ପ୍ରମୁଖ ନେତୃତ୍ୱମାନେ ମହାସଂଘର ଏହି ପରିବର୍ତ୍ତିତ ନିଷ୍ପତ୍ତିକୁ ରାଜ୍ୟର ପେନ୍‌ସନ୍‌ରମାନଙ୍କ ନିକଟରେ ପହଞ୍ଚାଇବାକୁ ରାଜ୍ୟର ଶାଖା ସଂଘ ଓ ଜୋନାଲ କମିଟିଗୁଡ଼ିକର ନେତୃତ୍ୱମାନଙ୍କୁ ନିବେଦନ କରିଛନ୍ତି।

## କାନ୍ତକବିଙ୍କ ସ୍ମୃତିରେ କବିତା ପାଠ



କଟକ, ୨୮ ।୨(ସମିସ): ଚୌଧୁରୀ ବଜାରସ୍ଥିତ ଟାଉନହଲରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଜାଗୃତ ଓଡ଼ିଶା ସାହିତ୍ୟ ସଂସଦ' ଓ 'ଏକବିଂଶ ଶତାବ୍ଦୀର ଯୁବ ଉତ୍କଳ ସମ୍ମିଳନୀ'ର ମିଳିତ ଆନୁକୂଲ୍ୟରେ ଏକ ଦେଶାତ୍ମବୋଧକ କବିତାପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ଓଡ଼ିଆ ପ୍ରଫେସର ନଟବର ଶତପଥି, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଭୁକଲ୍ୟାଣ ମହାପାତ୍ର, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ଜ୍ଞାନୀ ଦେବାଶିଷ ମିଶ୍ର, ସାରସ୍ୱତ ସଂଗଠକ ତଥା କବି ଡ. ସଂଗ୍ରାମ କେଶରୀ ସାମନ୍ତରାୟ କାନ୍ତକବି କଷ୍ଟମୟ ଜୀବନରେ ବି ଯେଉଁ ହାସ୍ୟରସାତ୍ମକ ସାହିତ୍ୟ ସାଧନା କରିପାରିଥିଲେ ତାହା ଆଜିବି ପ୍ରେରଣାଦାୟୀ ବୋଲି ମତବ୍ୟକ୍ତ କରିଥିଲେ। ଉପନ୍ୟାସ, କାବ୍ୟ କବିତା ଓ ଛାନ୍ଦଚମ୍ପୁ ସହ ସାହିତ୍ୟର ସବୁ ବର୍ଗରେ ସେ ଦକ୍ଷତା ହାସଲ କରିଥିଲେ ବୋଲି ସମସ୍ତ ଅତିଥିବୃନ୍ଦ ଏକମତ ହେବା ସହ ତାଙ୍କ ରଚିତ 'କଣାମାମୁଁ' ପଢ଼ିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। କବିତାପାଠୋତ୍ସବକୁ ଶରଳାଦେବୀ ଭାଗୀରଥି ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ସମାଜସେବୀ ଲକ୍ଷ୍ମୀପ୍ରକାଶ ମହାପାତ୍ର ଓ ଲକ୍ଷ୍ମୀକାନ୍ତ ମହାପାତ୍ର ସ୍ମୃତି ସଂସଦ ଆବାହକ କିରଣବାଳା ମହାନ୍ତି ଉଦ୍‌ଘାଟନ କରିବା ପରେ ନିମନ୍ତ୍ରିତ କବି ଓ କବୟତ୍ରୀବୃନ୍ଦ ଆକର୍ଷଣୀୟ ଶୈଳୀରେ କବିତା ଆବୃତି କରିଥିଲେ। କାନ୍ତକବି ସ୍ମୃତି ସଂସଦ ପକ୍ଷରୁ ଶିଳ୍ପା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନ ପକ୍ଷରୁ ଅସିତ୍ କୁମାର ଜେନା, ଶ୍ରୀକାନ୍ତ ବେଜ, ଦେବୀପ୍ରସାଦ ସେଠୀ, ଜଗନ୍ନାଥ ମହାନ୍ତି, ସସ୍ମିତା ପଟ୍ଟନାୟକ, ଆଶୁତୋଷ ହୋତା ଓ ବ୍ରଜସୁନ୍ଦର ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ ଓ ମୁରୁଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଫ୍ରେଣ୍ଡସ୍ ୟୁନିଅନ କ୍ଲବ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

କଟକ, ୨୮ ।୨(ସମିସ): ଆଜି ପୂର୍ବାହ୍ନରେ ୱାର୍ଡ ନଂ-୨୯ ଅନ୍ତର୍ଗତ ପିଠାପୁର ଖୁଣ୍ଟିଆ ଲେନସ୍ଥିତ ଫ୍ରେଣ୍ଡ୍ସ ୟୁନିଅନ କ୍ଲବ କାର୍ଯ୍ୟର ବାରବାଟୀ-କଟକ ବିଧାୟକ ଇଂ.ମହମ୍ମଦ ମୋକିମ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ସହାୟତାରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଅବସରରେ ସାହି ମୁରବିମାନେ ବିଧାୟକ ମୋକିମଙ୍କୁ ସମ୍ବର୍ଦ୍ଧନା ଦେବା ସହ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ସାହି ଅଧିକାରୀ ଫଗୁମଣି ରାଉତ, ମହନ୍ତ କାଳନ୍ଦି ଖୁଣ୍ଟିଆ, ସମ୍ପାଦକ ନିରଞ୍ଜନ ଖୁଣ୍ଟିଆ, ଦୀପକ ରାଉତ, ରାଜେନ୍ଦ୍ର ଖୁଣ୍ଟିଆ, ବାଳକୃଷ୍ଣ ବେହେରା, ପ୍ରଶାନ୍ତ ରାଉତ, ବିହିତ ଲେଙ୍କା, ପଦ୍ମଲୋଚନ ମିଶ୍ର, ସନ୍ତୋଷ ରାଉତ, ନଗେନ ମହାପାତ୍ର, ବଳରାମ ଖୁଣ୍ଟିଆ, ସୁକୁଟା ରାଉତ, ପ୍ରଦୀପ ଖୁଣ୍ଟିଆ, ଚନ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ସିଏମସିର ନୂଆ କମିସନର ବିଜୟ କୁମାର ଦାଶ

କଟକ, ୨୮ ।୨(ସମିସ)

କଟକ ମହାନଗର ନିଗମ(ସିଏମସି)ର ନୂତନ କମିଶନର ଭାବେ ବିଜୟ କୁମାର ଦାଶଙ୍କୁ ନିଯୁକ୍ତ କରାଯାଇଛି। ବର୍ତ୍ତମାନ ସେ ପୁରୀ ଜିଲ୍ଲାପାଳ ଦାୟିତ୍ୱରେ ଅଛନ୍ତି। ଖୁବଶୀଘ୍ର ସିଏମସି କମିଶନର ଭାବେ ଅବସ୍ଥାପିତ ହେବେ। ଅନ୍ୟପକ୍ଷରେ ଏଠାରେ କମିଶନର ଥିବା ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ପୁରୀ ଜିଲ୍ଲାପାଳ ଭାବେ ବଦଳି ନିର୍ଦ୍ଦେଶ ଆସିଛି। ପ୍ରକାଶଯୋଗ୍ୟ, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଗତ ୩୧ତାରିଖରେ ସିଏମ୍‌ସି କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସହରର ପରିମଳ ବ୍ୟବସ୍ଥାକୁ ସୁଧାରିବା ଓ ୱାର୍ଡ ଅଫିସ୍ କାର୍ଯ୍ୟକ୍ଷମ କରିବା ଆଦି ଦିଗରେ ଗୁରୁତ୍ୱ ଦେଇଥିଲେ। ତେବେ କାର୍ଯ୍ୟକାଳକୁ ୨୮ ଦିନ ପୂରି ନଥିବା ବେଳେ ତାଙ୍କର ବଦଳି ଆଦେଶ ଆସିଛି।

# ଅବ୍ୟବସ୍ଥାରେ ଆଦର୍ଶ ବିଦ୍ୟାଳୟ | ୪ ବର୍ଷ ପରେ ବି ସରୁନି ଗୃହ ନିର୍ମାଣ

**ନିଶ୍ଚିନ୍ତକୋଇଲି,୨୮ ।୨(ସମିସ):** ନିଶ୍ଚିନ୍ତକୋଇଲି ଆଦର୍ଶ ବିଦ୍ୟାଳୟରେ ପାଠପଢାରେ ଘୋର ଅବ୍ୟବସ୍ଥା ଦେଖାଦେଇଛି। ଗତ ୧୫ଦିନ ହେବ ଛାତ୍ର ଛାତ୍ରୀମାନେ ଅଧ୍ୟୟନ ନିମନ୍ତେ ବସିବା ପାଇଁ ବାରମ୍ବାର ଶୁଣ୍ଟିପିଣ୍ଟା ହେଉଛନ୍ତି। ବିଦ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେଉ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଜଣାଯାଇଛି। ଶିକ୍ଷାଦାନରେ ବ୍ୟତିକ୍ରମ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଭଳି ଅଭିଯୋଗ ପାଇବା ପରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଆଦର୍ଶ ବିଦ୍ୟାଳୟକୁ ଯାଇ ଏହାର କାର୍ଯ୍ୟ କେବେ ଶେଷ ହେବ ସେ ନେଇ ଏକ ସମୀକ୍ଷା କରିଛନ୍ତି। ବର୍ତ୍ତମାନ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ଧୀମାରେ ଚାଲିଥିବାରୁ ଏହା ଶେଷ ହେବା ପାଇଁ ୨ ବର୍ଷ ଲାଗିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସମୀକ୍ଷାରୁ ଜଣାଯାଇଛି। କାରଣ ବିଦ୍ୟାଳୟର ଶ୍ରେଣୀଗୃହ, ପରିମଳ ବ୍ୟବସ୍ଥା, ଆଲୋକୀକରଣ, କାର୍ଯ୍ୟ ଶେଷ ହୋଇ ନ ଥିବା ବେଳେ ଏହାର ପାରିପାର୍ଶ୍ୱିକ ବାଉଣ୍ଡରୀ, ଖେଳପଡ଼ିଆ, ରୋଷେଇଘର ଏବଂ ଅନ୍ୟାନ୍ୟ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ ହୋଇନାହିଁ। ବର୍ତ୍ତମାନ ଏହି ବିଦ୍ୟାଳୟଟି ଅସୁରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲୁଥିବାରୁ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଗ୍ରହଣରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। ବର୍ତ୍ତମାନ ମାଟ୍ରିକ ପରୀକ୍ଷା ଚାଲିଥିବା ବେଳେ ଅସୁରେଶ୍ୱର ହାଇସ୍କୁଲକୁ ପରୀକ୍ଷା କେନ୍ଦ୍ର କରାଯାଇଛି। ଯାହାଦ୍ୱାରା ଶ୍ରେଣୀଗୃହର ଅଭାବ ହେବାରୁ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅପରିତ୍ୟକ୍ତ ପ୍ରାଥମିକ ବିଦ୍ୟାଳୟ, କେତେବେଳେ ଅର୍ଦ୍ଧନିର୍ମିତ କ୍ଲବ ଘରେ ତଳେ ବସାଯାଇ ଶିକ୍ଷକମାନେ ପାଠ ପଢାଉଛନ୍ତି। ଏଭଳି ହେବା ଦ୍ୱାରା ଏହି ବିଦ୍ୟାଳୟଟି ସମ୍ପୂର୍ଣ୍ଣ ସରକାରୀ ନୀତିନିୟମ ଉଦ୍ଧର୍ରେ ଚାଲୁଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି। ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁସାରେ ବିଦ୍ୟାଳୟରେ ପ୍ରତ୍ୟେକ ଦିନ ୬ ଘଣ୍ଟା ପାଠ ପଢାଯିବା କଥା, ହେଲେ ଏଠାରେ ମାତ୍ର ଦିନକୁ ୨ଘଣ୍ଟା ପାଠ ପଢାଯାଉଛି। ଏହାଛଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ, ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ଶାରିରୀକ ଶିକ୍ଷା, ସହଶୈକ୍ଷିକ ଦିଗରେ ବ୍ୟବହାରିକ ଜ୍ଞାନ ଓ ବୁଦ୍ଧିର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା ସଠିକ୍ ଭାବେ ହେଉ ନ ଥିବା ବେଳେ ନିୟମିତ ଅଭିଭାବକ ବୈଠକ ମଧ୍ୟ ହେଉନାହିଁ। ଅପରପକ୍ଷରେ ସ୍କୁଲଗୃହ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଓ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଏବଂ ଅଧିକାରୀମାନେ ଏକ ସରଳରେଖାରେ ଗତି କରୁଥିବାରୁ ୪ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଶେଷ ହେଉନି। ମାର୍ଚ୍ଚ ୫ ତାରିଖ ମଧ୍ୟରେ ବିଦ୍ୟାଳୟ ଚାଲିବା ପାଇଁ ଆବଶ୍ୟକ ଥିବା ୬ଟି ଶ୍ରେଣୀଗୃହ, ଗୋଟିଏ ଅଫିସ ଗୃହ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ବ୍ୟବସ୍ଥା ଶେଷ କରିବା ପାଇଁ ବିଧାୟକ ଶ୍ରୀ ଜେନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଠିକା ସଂସ୍ଥା ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ୫ ତାରିଖ ଦିନ ହସ୍ତାନ୍ତର କଲେ ୬ ତାରିଖ ଠାରୁ ଏଠାରେ ପାଠପଢା ହେବ ବୋଲି ଜଣାଯାଇଛି। ବିଧାୟକଙ୍କ ସମୀକ୍ଷା ପରେ ତାଙ୍କର ନିର୍ଦ୍ଦେଶକୁ ଠିକା ସଂସ୍ଥା ଓ କାର୍ଯ୍ୟ ତଦାରଖ ଅଧିକାରୀମାନେ କେତେଦୂର କାର୍ଯ୍ୟକାରୀ କରିବେ ସେ ନେଇ ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ଚଳିତ ବର୍ଷ ଯଦି ଏହି ନୂତନ ଗୃହରେ ପାଠ ପଢା ନ ହୁଏ ତା'ହେଲେ ନୂତନ ପିଲା ନାମ ଲେଖାଇବା କଷ୍ଟକର ହୋଇପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।




- ବସିବା ପାଇଁ ବାରମ୍ବାର ଶୁଣ୍ଟିପିଣ୍ଟା ହେଉଛନ୍ତି ଛାତ୍ରଛାତ୍ରୀ
- ଅଭିଯୋଗ ପାଇ ସ୍କୁଲରେ ପହଞ୍ଚିଲେ ବିଧାୟକ

# ମଶାବତିରୁ ଅଗ୍ନିକାଣ୍ଡ; ଜଳିଗଲା ଲକ୍ଷାଧିକ ଟଙ୍କାର ଆସବାବପତ୍ର

**ସାଲେପୁର,୨୮ ।୨(ସମିସ):** ମଶାବତୀରୁ ଅଗ୍ନିକାଣ୍ଡ ଘଟି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହେବା ସହ ନଗଦ ୧୨ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିଥିବା ଖବରପାଇ ଗ୍ରାମବାସୀ ତତ୍କାଳ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଅଗ୍ନିକାଣ୍ଡରୁ ୨ଟି ଛୋଟ ଛୋଟ ପିଲା ଅଳ୍ପକେ ବର୍ତ୍ତିଯାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ, ସାଲେପୁର ବ୍ଲକ୍ ଚନ୍ଦ୍ରାଦେଇପୁର ଗ୍ରାମର ପଞ୍ଚୁ ଭୋଇଙ୍କ ପରିବାର ଲୋକେ ଗତକାଲି ରାତିରେ ଖାଇପିଇ ଶୋଇବା ସମୟରେ ଘରେ ମଶା ଦାଉରୁ ରକ୍ଷା ପାଇବା ପାଇଁ ମଶାବତୀ ଲଗାଇଥିଲେ। ଏହି ମଶାବତୀରୁ ନିଆଁ ଲାଗି ଘର ମଧ୍ୟରେ ଥିବା ବହୁ ଆସବାବପତ୍ର ଓ ନଗଦ ୧୨ହଜାର ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ସାଲେପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।



# ସାଲେପୁରରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର



**ସାଲେପୁର,୨୮ ।୨(ସମିସ)** ସାଲେପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଜଳ ଗୁଣବତ୍ତା ପରୀକ୍ଷା ଓ ପରିମଳ ସର୍ଭେକ୍ଷଣ ସମ୍ବନ୍ଧୀୟ ବ୍ଲକ୍ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ପାନୀୟ ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ସମରେଶ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରକୁ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର, କନିଷ୍ଠ ଯନ୍ତ୍ରୀ ତପନକାନ୍ତ ବରାଳ, ପ୍ରମୁଖ ଉପସ୍ଥିତ ରହି ଜଳ ପରୀକ୍ଷା ସଂପର୍କରେ ଏମ୍‌ବିକେ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସାଲେପୁର ବ୍ଲକ୍‌ର ସମସ୍ତ ଏମ୍‌ବିକେ ମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

# ଯୋଗାଣ ଅଧିକାରୀଙ୍କ ଅଫିସରେ ଭଙ୍ଗାରୁଜା

**ବଡମ୍ବା,୨୮ ।୨(ସମିସ)** ଦୀର୍ଘ ୧ ମାସ ଧରି ବନ୍ଦ ରହିବା ତଥା ଯୋଗାଣ ଅଧିକାରୀଙ୍କ ଅନୁପସ୍ଥିତିରେ ଡାଟା ଏଣ୍ଟ୍ରି କର୍ମଚାରୀଙ୍କ ଦ୍ୱାରା ଅନୈତିକ ଉପାୟରେ ଅର୍ଥ ଉପାର୍ଜନ କରୁଥିବାର ଅଭିଯୋଗକୁ କେନ୍ଦ୍ର କରି ମଙ୍ଗଳବାର ବଡମ୍ବା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଛି। ସୂଚନା ମୁତାବକ ବଡମ୍ବା ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ଜନସାଧାରଣ ଆଜି ଯୋଗାଣ ବିଭାଗ ସଂକ୍ରାନ୍ତୀୟ ଅଭିଯୋଗ ନେଇ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ସେ ସମୟରେ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପଡିଥିବାରୁ ଜନସାଧାରଣ ଏଥିନେଇ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ହେଁ ସେଠାରେ ବିଡିଓ ଅନୁପସ୍ଥିତ ଥିବାର ଦେଖି ଲୋକମାନେ ପୁନଃ ଯୋଗାଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ। ମାତ୍ର ସନ୍ଧ୍ୟା ପର୍ଯ୍ୟନ୍ତ ଉଭୟ ବିଡିଓ ଓ ଯୋଗାଣ ଅଧିକାରୀ କାର୍ଯ୍ୟାଳୟକୁ ନ ଆସିବାରୁ ଏଥିନେଇ ଲୋକମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଉତ୍ତ୍ୟକ୍ତ ଲୋକମାନେ ଯୋଗାଣ ବିଭାଗର ମୁଖ୍ୟ କବାଟ ଭାଙ୍ଗିବା ସହ କାର୍ଯ୍ୟାଳୟ ମଧ୍ୟରେ ଥିବା ଆସବାବପତ୍ରକୁ ଭଙ୍ଗାରୁଜା କରିଥଲେ। ଏଥିନେଇ ବଡମ୍ବା ବିଡିଓଙ୍କ ସହ ଯୋଗାଯୋଗ କରାଯାଇଥିଲେ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

# ୧୦୬୮ ଏସଏଚଜିଙ୍କୁ ସୁଧ ଛାଡ଼

**ମାହାଙ୍ଗା,୨୮ ।୨(ସମିସ):** ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସୁଧ ଫେରସ୍ତର ଶୁଭାରମ୍ଭ କରିଛନ୍ତି। ସିଡିପିଓ ପ୍ରମୋଦିନୀ ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ଦୀପା ମଲିକ, ସମ୍ମାନୀତ ଅତିଥିଭାବେ ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ବିଡିଓ ଅମୀୟ ପଣ୍ଡା, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ମହିଳା ଫେଡେରେସନ ସଂପାଦିକା ମମତା ରାଉତ, ବିପିସି ସୁଜାତା ମହାନନ୍ଦିଆ ପ୍ରମୁଖ ଯୋଗଦେଇ ୧୦୬୮ ଏସଏଚଜିଙ୍କୁ ସୁଧ ଛାଡ କରାଯିବା ସହ ସମସ୍ତ ସଦସ୍ୟାମାନଙ୍କୁ ୟୁନିଫର୍ମ ପାଇଁ ଟଙ୍କା ମିଳିବ ବୋଲି କହିଥିଲେ। ଏହି ଅବସରରେ ୧୦୬୮ ଏସଏଚଜିକୁ ୬୯ ଲକ୍ଷ ୫୫ ହଜାର ୮୪୧ ଟଙ୍କା ସୁଧ ଛାଡ ଚେକ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଜାଲିନ ଦାସ, ତପନ ବେହେରା, ସୁଶାନ୍ତ ରାଉତଙ୍କ ସମେତ ବହୁ ମିଶନ ଶକ୍ତି ମହିଳାମାନେ ଉପସ୍ଥିତ ଥିଲେ।




### ଶ୍ରୀ ଶ୍ରୀ ବିଷ୍ଣୁ ମହାଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ

# ରାଧାକାନ୍ତ ମହୋତ୍ସବ ଉଦ୍‌ଯାପିତ

**ସାଲେପୁର,୨୮ ।୨(ସମିସ):** ତିନିଦିନ ବ୍ୟାପୀ ପାଟପୁର ଗ୍ରାମ ଶ୍ରୀ ଶ୍ରୀ ରାଧାକାନ୍ତଜୀଉ ପୀଠରେ ଚାଲିଥିବା ବିଷ୍ଣୁ ମହାଯଜ୍ଞର ଆଜି ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଯାଇଛି। ଏହି ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ସହସ୍ରାଧିକ ମହିଳା ଓ ପୁରୁଷମାନେ ଏକତ୍ରିତ ହୋଇ ପ୍ରଭୁକୃପା ଲାଭ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସମାଜସେବୀ ତଥା ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଉଦ୍‌ଘାଟନ କରିଥିଲେ। କଟକ ରେଡ୍‌କ୍ରସ୍ ପକ୍ଷରୁ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ୫୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ବିଷ୍ଣୁ ମହାଯଜ୍ଞ ଅବସରରେ ଦିଲ୍ଲୀପ ଦାଶଙ୍କ ନେତୃତ୍ୱରେ ଏଠାରେ ଚାଲିଥିବା ରାଧାକାନ୍ତଜୀଉ ମହୋତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମେଲୋଡି କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକମାନଙ୍କ ମନୋରଞ୍ଜନ କରାଯାଇଥିବା ବେଳେ ମେଲୋଡିରେ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀମାନେ ସଂଗୀତ ଗାନ କରିଥିଲେ। ମେଲୋଡି କାର୍ଯ୍ୟକ୍ରମରେ ଏହା ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୩ ଦିନ ଧରି ଚାଲିଥିବା ଏହି ରାଧାକାନ୍ତଜୀଉ ମହୋତ୍ସବର ବିଭିନ୍ନ ସନ୍ଧ୍ୟାରେ ଜିଲ୍ଲା ଓ ଜିଲ୍ଲାବାହାରର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଏହି ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ଓ ଟେଲିଭିଜନ୍ ଜଗତର ବହୁ ତାରକା ଯୋଗଦେଇ ଦର୍ଶକମାନଙ୍କର ମନୋରଞ୍ଜନ କରିଥିଲେ। ଉଦ୍‌ଘାଟନୀ ଦିବସରେ ସୁରତାଲ୍ କ୍ରିଏଟିଭ୍ ମେଲୋଡିର କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସଂଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁବାସ ଦାଶ, ବିଜୟ ଦାଶ, ମଦନମୋହନ ଦାଶ, ଜୟନ୍ତ ଦାଶ, ଜଗମୋହନ ଦାଶ, ଯୁବ ବିଜେଡି ସଭାପତି ସଂଜିତ୍ ଦାଶ, ସମିତିସଭ୍ୟା ହିମାଂଶୁ ଦାଶ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

**ଦର୍ଶକଙ୍କ ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ**

### ସମିତିସଭ୍ୟାଙ୍କ ପାଣ୍ଠି ଅର୍ଥକୁ କାର୍ଯ୍ୟ କରାଯାଉ ନ ଥିବା ଅଭିଯୋଗ

# ବିଡିଓଙ୍କ ନିକଟରେ ଫେରାଦ ହେଲେ ସମିତିସଭ୍ୟା

**ସାଲେପୁର,୨୮ ।୨(ସମିସ):** ପିକୋଳ ପଞ୍ଚାୟତର ବିଭିନ୍ନ ସମସ୍ୟା ରହିଥିବାବେଳେ ସମସ୍ୟାର ସମାଧାନ କରିବା ପାଇଁ ପଞ୍ଚାୟତର ମହିଳା ସମିତିସଭ୍ୟା ବାରମ୍ବାର ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ ବ୍ଲକ୍ କର୍ମଚାରୀ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଏନେଇ ସମିତିସଭ୍ୟା ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ପିକୋଳ ପଞ୍ଚାୟତ ସାଲେପୁର ବ୍ଲକ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ଅଟେ। ଏହି ପଞ୍ଚାୟତର ବହୁ ସମସ୍ୟା ରହିଛି। ବହୁ ଯୋଜନା ଏହି ପଞ୍ଚାୟତରେ ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଲୋକମାନେ ରାଜ୍ୟସରକାରଙ୍କ ଜନହିତକର ଯୋଜନାହ ସଠିକ୍ ଭାବେ ସୁଫଳ ପାଇପାରୁନାହାଁନ୍ତି। ସେହିପରି ଏହି ପଞ୍ଚାୟତର ୫ ଏସ୍‌ଏଫ୍‌ସିର ୨୧ନଂ ୱାର୍ଡ ଛୁଆ ନନା ଘରଠାରୁ ଭରତ ଦାସ ଘର ପର୍ଯ୍ୟନ୍ତ, ୧୨ନଂ ୱାର୍ଡର ଓଉମୂଳ ଠାରୁ ହରିଜନ ସାହି ରାସ୍ତା, ୧୫ ସିଏଫ୍‌ସି ୧୧ନଂ ୱାର୍ଡର ମକର ରାଉତ ଘରଠାରୁ ନୃସିଂହ ରାଉତ ଘର, ୯ନଂ ୱାର୍ଡର ଗୋପାଳ ସାହିଠାରୁ ମହାଦେବ ମନ୍ଦିର ପର୍ଯ୍ୟନ୍ତ ରାସ୍ତା, ୧୯ନଂ ୱାର୍ଡର ମାଣିତ୍ରୀ ସମିତି ରାସ୍ତା ଠାରୁ ମଶାଣୀ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ କରାଯାଉନାହିଁ ବୋଲି ସମିତିସଭ୍ୟା ସୁଲୋଚନା ସାହୁ ଅଭିଯୋଗ କରିବା ସହ ସେ ଜଣେ ମହିଳା ହୋଇଥିବାରୁ ବାରମ୍ବାର ସେ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଲେ ମଧ୍ୟ ତାଙ୍କ ପାଣ୍ଠିର ଏହିସବୁ କାର୍ଯ୍ୟ ଅଦ୍ୟାବଧି କରାଯାଉନାହିଁ। ସେ ଏ ସଂପର୍କରେ ବ୍ଲକ୍ ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ପାଇପାରୁନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। କଟକ ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେଇ ପିକୋଳ ପଞ୍ଚାୟତ ସମିତିସଭ୍ୟା ପାଣ୍ଠିରେ ମଞ୍ଜୁର କରାଯାଇଥିବା କାର୍ଯ୍ୟ ଗୁଡିକୁ ଶେଷ କରିବାକୁ ସେ ଦାବି କରିଛନ୍ତି।



### ମା' ହରଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ହାଇଡ଼ା ଦଳକୁ ହରାଇ ମଧୁଶାସନ ଚାମ୍ପିଅନ

**ନିଶ୍ଚିନ୍ତକୋଇଲି,୨୮ ।୨(ସମିସ):** କେରିଲୋ ପଞ୍ଚାୟତ ଛପଟିକଣାର ମା' ହରଚଣ୍ଡୀ କ୍ରିକେଟ ଆସୋସିଏସନ ପକ୍ଷରୁ ୧୧ ଦିନ ଧରି ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଦିନ ଉଦଯାପିତ ହୋଇଯାଇଛି। ଫାଇନାଲ ମୁକାବିଲାରେ ମଧୁଶାସନ କ୍ରିକେଟ ଟିମ୍ ହାଇଡ଼ା ଦଳକୁ ୨୨ରନରେ ହରାଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ସରପଞ୍ଚ ଶୁଭ୍ରା ମହାନ୍ତି, ବୈକୁଣ୍ଠ ନାଥ ସିଂହଙ୍କ ସମେତ ବହୁ ନେତୃବୃନ୍ଦ ଯୋଗଦେଇଥିଲେ। ସରୋଜ ପଣ୍ଡା, ସୁଶାନ୍ତ ନାୟକ, ପ୍ରେମାନନ୍ଦ ଦାସ କ୍ରୀଡ଼ା ପରିଚାଳନା କରିଥିଲେ। କ୍ଲବର ସଭାପତି ସଂଗ୍ରାମୀ କେଶରୀ ରାଉତରାୟ, ସମ୍ପାଦକ ଦୀପକ କର, ପ୍ରମୋଦ ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ଦେବଦତ୍ତ ପଣ୍ଡା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



# କୃଷିମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ





**ଟିଗିରିଆ,୨୮ ।୨(ସମିସ)** ଆଠଗଡ-ଟିଗିରିଆ ବିଧାୟକ ତଥା ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଟିଗିରିଆ ବ୍ଲକର ୨ଟି ପ୍ରକଳ୍ପ ଲୋକାର୍ପିତ ହୋଇଛି। ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ନିର୍ମିତ ୩୦ ଶଯ୍ୟା ବିଶିଷ୍ଟ ମାତୃତ୍ୱ ଓ ଶିଶୁ ବିଭାଗର ନୂତନ ଗୃହ ଓ ନୂତନ ଅସ୍ତ୍ରୋପଚାର ଗୃହ ସହିତ ଟିଗିରିଆ ଠାରେ ଥିବା ରାଜ୍ୟର ଏକମାତ୍ର ଶାରିରୀକ ଶିକ୍ଷା ଯୋଗ ମହାବିଦ୍ୟାଳୟର ଆଡମିନିଷ୍ଟ୍ରେଟିଭ ବ୍ଲକର ନୂତନ ଗୃହକୁ ଶ୍ରୀ ସ୍ୱାଇଁ ଲୋକାର୍ପିତ କରିଛନ୍ତି। ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ. ଅଭିସ୍ମା ବିଶୋୟୀଙ୍କ ପୌରହିତ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ କୃଷିମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସମେତ ସମ୍ମାନୀତ ଅତିଥିରୂପେ ଟିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ନିଜିଗଡ ସରପଞ୍ଚ ସଂଯୁକ୍ତା ମହାନ୍ତି, ସମିତିସଭ୍ୟ ବସିରନ ବିବି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟିଗିରିଆ ନିଜିଗଡସ୍ଥିତ ପ୍ରସନ୍ନମଣୀ ଶାରିରୀକ ଯୋଗ ମହାବିଦ୍ୟାଳୟର ନବନିର୍ମିତ ଅଡମିନିଷ୍ଟ୍ରେଟିଭ ବ୍ଲକ ଆଜି କୃଷିମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରେନ୍ଦ୍ର ଦଳେଇଙ୍କ ପୌରହିତ୍ୟରେ ଆୟୋଜିତ ଏକ ନିରାଡମ୍ବର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କୃଷିମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ରାଉତ, ନିଜିଗଡ ସରପଞ୍ଚ ସଂଯୁକ୍ତା ମହାନ୍ତି, ସମିତିସଭ୍ୟା ବସିରନ ବିବି, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ପରିଚାଳନା କମିଟି ସଦସ୍ୟ ସଞ୍ଜିବ ଦାସ, ସୁରେଶ ସାହୁ, ସବିତା କୁଣ୍ଡୁ, ଶର୍ମିଳା ନାୟକ, ସମସୁରା ବେଗମ, ଗଣେଶ୍ୱର ନାଏକ, ଡ. ସୁବିତ୍ ପଟ୍ଟନାୟକ, ସାବିତ୍ରୀ ଦେଇ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୮୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ବାଙ୍କୀ, ୨୮।୨(ସମିସ): ବାଙ୍କୀର ଶତାୟୁ ହାଇସ୍କୁଲ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ ୧୯୮୨ ମସିହା ମାଟ୍ରିକ୍ ଛାତ୍ର ସମାବେଶ ବେଦପୁରସ୍ଥ ଷଷ୍ଠିଦେବୀଙ୍କ ପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ କୁମୁଦ ରଞ୍ଜନ ମହାରଣା, ଭକ୍ତପ୍ରସାଦ ମହାପାତ୍ର, ଡକ୍ଟର ଶଶିଭୂଷଣ ମହାପାତ୍ର, ପ୍ରଫୁଲ୍ଲ ସାହୁ, ପ୍ରମୋଦ ସାହୁ, ଶୁଭେନ୍ଦୁ ଦେଓ, ପ୍ରବୋଧ ପାଟରା, ବୁଦ୍ଧେଶ୍ୱର ବେହେରାଙ୍କ ସମେତ ବହୁ ଛାତ୍ର ଯୋଗଦାନ କରି ସେମାନଙ୍କ ମଧ୍ୟରେ ମତବିନିମୟ କରିବା ସହିତ ବିଦ୍ୟାଳୟ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ।

## ମା'ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



ବାଙ୍କୀ, ୨୮।୨(ସମିସ): ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗିପୁର ଗ୍ରାମରେ ଆଜି ଭାଗବତ ଗୋସାଇଁ ପୀଠସ୍ଥିତ ମା'ମଙ୍ଗଳାଙ୍କ ନୂତନ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶହ ଶହ ମହିଳା ମହାନଦୀରୁ କଳସ ଆଣି ମନ୍ଦିର ପରିସରରେ ସ୍ଥାପନ କରିଥିଲେ। ଗୁରୁବାର ସୂର୍ଯ୍ୟପୂଜା, ଗୋପୂଜା, ଠାକୁରାଣୀ ମହାସ୍ନାନ, ଜୀବନ୍ୟାସ, ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ଏହି ପ୍ରତିଷ୍ଠା ଉତ୍ସବରେ ଭଗିପୁର ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ହାଟଶିଶୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଟାଙ୍ଗୀ, ୨୮।୨(ସମିସ): ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାର ବିଦ୍ୟାଳୟ ରୂପାନ୍ତରୀକରଣକୁ ଗୁରୁତ୍ୱ ଦେଇଛନ୍ତି। '୫-ଟି' ଯୋଜନାରେ ଭିତ୍ତିଭୂମି ଠାରୁ ଆରମ୍ଭ କରି ଲାବୋରେଟୋରୀ, କମ୍ପ୍ୟୁଟର, କ୍ରୀଡ଼ା ସାମଗ୍ରୀ ଓ ଇ-ଲାଇବ୍ରେରୀ ବ୍ୟବସ୍ଥା କରାଯାଇଛି। ସ୍ୱଚ୍ଛ ପାନୀୟ ଜଳ ଓ ଶୌଚାଳୟ ସାଙ୍ଗକୁ ଛୋଟ ବଗିଚା ଅଧିକାଂଶ ସ୍ଥାନରେ ଦେଖିବାକୁ ମିଳିଥିଲା ବେଳେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ବିଦ୍ୟାଳୟଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଉଛି। ଏହି କ୍ରମରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ନପଙ୍ଗ ପଞ୍ଚାୟତ ଅନ୍ତର୍ଗତ ହାଟଶିଶୁଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଏଥିପାଇଁ ମାନପତ୍ର ସହ ବିଦ୍ୟାଳୟର ସାମଗ୍ରିକ ନିମନ୍ତେ ୨ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ଉକ୍ତ ଘଟଣା ପ୍ରକାଶିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ ଲେଙ୍କା, ଶିକ୍ଷା କମିଟି ସଭାପତି ମୋହନ ସାମଲ, ଶିକ୍ଷାବିତ ଉତ୍ତମ ସାମଲ, ପଲ୍ଲବୀ ବରାଳ, ହେମନ୍ତ ଜେନା, ନମିତା ସାହୁ ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ସ୍ଥାନୀୟ ନେତା ଓ ବିଧାୟକଙ୍କ ସମେତ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷଙ୍କ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ମିଶନ ଶକ୍ତି ମହିଳାଙ୍କୁ ଋଣ ସହାୟତା ଓ ଲାପଟପ୍ ବଣ୍ଟନ

ଟାଙ୍ଗୀ, ୨୮।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ମିଶନ ଶକ୍ତି ମହିଳା ଗୋଷ୍ଠୀଙ୍କୁ ବିନା ସୁଧରେ ଋଣ ସହାୟତା ଓ କର୍ମକର୍ତ୍ତାଙ୍କୁ ଲାପଟପ୍ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜିକା ଗଙ୍ଗୋତ୍ରୀ ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ସଂଗଠକ କୃଷ୍ଣଚନ୍ଦ୍ର ଦାସ, ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ଆମ୍ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଗୋପାଳ ଲେଙ୍କା, ଚୌଦ୍ୱାର ପୌରପାଳିକା କାଉନସିଲର ଶୁଭେନ୍ଦୁ ସାମଲ ଓ ଆଶୁତୋଷ ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ପଞ୍ଚାୟତର ମହିଳା ସଂଘ ନେତ୍ରୀ, ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର ଓ ପ୍ରାଣୀମିତ୍ର ମାନେ ବୈଠକରେ ଉପସ୍ଥିତ ଥିଲେ।



### ସିଂହନାଥ ପୀଠରେ ଶିବରାତ୍ରି ପ୍ରସ୍ତୁତି ବୈଠକ

# ୧୦ଟା ୪୫ରେ ଉଠିବ ମହାଦୀପ

ବଡମ୍ବା, ୨୮।୨(ସମିସ)





କଟକ ଜିଲ୍ଲାର ସର୍ବ ପୁରାତନ ଶୈବପୀଠ ରୂପେ ପରିଚିତ ବାବା ସିଂହନାଥଙ୍କ ପୀଠରେ ଚଳିତ ବର୍ଷ ଆୟୋଜିତ ହେବାକୁ ଥିବା ମହାଶିବରାତ୍ରି ଓ ପବିତ୍ର ଜାଗର ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଓଟିଡିସି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ତହସିଲଦାର ତଥା ଦେବୋତ୍ତର ବିଭାଗ ଅଧିକାରୀ ଶାଶ୍ୱତ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସିଂହନାଥ ଦେବ ଉନ୍ନୟନ ପରିଷଦର କର୍ମକର୍ତ୍ତା ତଥା ବହୁ ଶିବଭକ୍ତ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବଡମ୍ବା ଥାନା ଆଇଆଇସି ଶିବ ପ୍ରସାଦ ଭଦ୍ର, ଅଗ୍ନିଶମ ଅଧିକାରୀ ନବଘନ ମଲ୍ଲିକ, ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ଅଧିକାରୀ ଡ. ସରୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପାଦନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକର ପ୍ରାରମ୍ଭରେ ଉନ୍ନୟନ ପରିଷଦର ସମ୍ପାଦକ ଡ. ନିରଞ୍ଜନ ଶତପଥି ପୂର୍ବ ବର୍ଷର ଜାଗର ଯାତ୍ରା ପରିଚାଳନା ସମ୍ପର୍କିତ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ଚଳିତ ବର୍ଷ ରାତ୍ର ୧୦.୪୫ରେ ମହାଦୀପ ଉଠିବା, ଜାଗର ଦିନ ସକାଳ ୬ଟା ଠାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଟି-ସେତୁ ଉପରେ ସମସ୍ତ ପ୍ରକାର ଯାନବାହନ ଚଳାଚଳ ବନ୍ଦ, ଭକ୍ତମାନଙ୍କ ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱର ସେତୁ ଆରମ୍ଭ ସ୍ଥାନରୁ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସୁଉଚ୍ଚ ବ୍ୟାରିକେଡ ନିର୍ମାଣ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ଜାଗର ଦିନ ସିଂହନାଥ ଦେବଙ୍କ ପାରମ୍ପରିକ ନୀତିକାନ୍ତିକୁ ସୂଚାରୁ ରୂପେ ସମ୍ପାଦନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପିନାଥପୁର ସରପଞ୍ଚ ଯଯାତି କେଶରୀ ନାୟକ, ସମିତିସଭ୍ୟ ଜିତେନ୍ଦ୍ର ମଲ୍ଲିକ, ଉନ୍ନୟନ ପରିଷଦ ସଭାପତି ପବିତ୍ର ସୁବୁଦ୍ଧି, ପ୍ରସନ୍ନ ନାୟକ, ସୁଧାଂଶୁ ସୁବୁଦ୍ଧି, ନୀଳମଣୀ ଦାସ, ମାନସ ଦାସ, ରାଜ ସେଠୀ, ସନ୍ୟାସୀ ବେହେରା, ସତ୍ୟ ସାହୁ, ବିନୟ ସ୍ୱାଇଁ, ବିକ୍ରମ ସାହୁ, ହାଡିବନ୍ଧୁ ସାହୁ, ଉନ୍ନୟନ ପରିଷଦର ସଦସ୍ୟମାନେ ଉପସ୍ଥିତ ଥିଲେ।

**ଟି-ସେତୁ ଉପରେ ବନ୍ଦ ରହିବ ଗାଡ଼ି ଚଳାଚଳ**

## ୯୬୬ ଜଣଙ୍କୁ ନୂତନ ଭତ୍ତା, ୧୧୬ଙ୍କୁ ସିକିମ୍ ରୟତ ପଟ୍ଟା ବଣ୍ଟନ

ଟାଙ୍ଗୀ, ୨୮।୨(ସମିସ)



ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ୧୩ଟି ପଞ୍ଚାୟତର ୯୬୬ ଜଣଙ୍କୁ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ୍ ଯୋଜନାରେ ନୂତନ ଭତ୍ତା ପ୍ରଦାନ କରାଯାଇଛି। ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ ଓ ୩୫ ବର୍ଷରୁ ଉର୍ଦ୍ଧ୍ୱ ଅବିବାହିତ ଝିଅଙ୍କ ସହ ଚଳିତ ଥର ସ୍ୱାମୀ ପରିତ୍ୟକ୍ତା ମହିଳା ସାମିଲ ହେବା ଚର୍ଚ୍ଚାକୁ ଆସିଛି। ଏଥିସହ ଦୀର୍ଘବର୍ଷ ଧରି ସିକିମ୍ ପ୍ରଜା ଭାବେ ଜମି ଭୋଗ ଦଖଲ କରୁଥିବା ୧୧୬ ଜଣଙ୍କୁ ସିକିମ୍ ରୟତ ପଟ୍ଟା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଏକ ବଣ୍ଟନ ମେଳା ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ହେମନ୍ତ ମହନ୍ତଙ୍କ ପୌରୋହିତ୍ୟରେ ଆୟୋଜିତ ମେଳାରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ଆମ୍ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଆଶିଷ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ତପସ୍ୱୀ ନାରାୟଣ ସାହୁ, ରଶ୍ମୀ ରଞ୍ଜନ ରାଉତ, ଭରତ ବେହେରା, ବିଜେଡି ସଂଗଠକ ସୁବୋଧ କୁମାର ସାମଲ ଓ ଦିପ୍ତିମୟୀ ବେହେରା ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ତହସିଲଦାର ରଞ୍ଜନ ନାୟକ, ରାଜସ୍ୱ ସୁପରଭାଇଜର ପୂର୍ଣ୍ଣିମା ପ୍ରଧାନ, ସେକ୍ସନ ଅଫିସର ଗୋକୁଳାନନ୍ଦ ବେହେରା, ରାଜସ୍ୱ ନିରୀକ୍ଷକ ହେମନ୍ତ ରାଉଳ ଓ ଅଶୋକ ଜେନାଙ୍କ ତତ୍ତ୍ୱାବଧାନରେ ସିକିମ୍ ରୟତ ପଟ୍ଟା ଆବଣ୍ଟିତ ହୋଇଥିଲା। ଯୁବ ବିଜେଡ଼ି ନେତା ଗୋପାଳ ଲେଙ୍କା, ସାଗର କର, ପରମଜିତ ମହାନ୍ତି, ଲୋକନାଥ ବେହେରା ଓ ସଞ୍ଜୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅତିରିକ୍ତ ବିଡିଓ ଶାଶ୍ୱତ ଜେନା ଧନ୍ୟବାଦ ଅର୍ପଣ କରିଥିବାବେଳେ ୧୩ଟି ପଞ୍ଚାୟତର ବହୁ ସମିତିସଭ୍ୟ ଓ ବିଜେଡି ସଭାପତି ମେଳାରେ ଉପସ୍ଥିତ ଥିଲେ।

## ଗରୁଡ଼େଶ୍ୱର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଟାଙ୍ଗୀ, ୨୮।୨(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ ଗାଁ ପଞ୍ଚାୟତ ମୁଖ୍ୟାଳୟ ଗରୁଡ଼ଗାଁରେ ଗରୁଡେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଗତ ୨୬ରୁ ଆରମ୍ଭ ହୋଇଥିବା ଉକ୍ତ ତ୍ରିଦିବସୀୟ ଉତ୍ସବ ଉପଲକ୍ଷେ ଅଙ୍କୁରାରୋପଣ, ଘଟସ୍ଥାପନ, ସୂର୍ଯ୍ୟପୂଜା, ଗୋ-ପୂଜା, ପଞ୍ଚକର୍ମ, ଯଜ୍ଞକର୍ମ, ବେଦପାଠ, ବ୍ରହ୍ମ ସ୍ଥାପନ, ନ୍ୟାସ ପ୍ରାଣପ୍ରତିଷ୍ଠା, ମନ୍ଦିର ପ୍ରବେଶ, ଉପଚାର ପୂଜା, ନବଯୌବନ ଦର୍ଶନ ଓ ପୂର୍ଣ୍ଣାହୂତି ଆଦି ଯଥାରୀତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ପରିବେଶକୁ ଭକ୍ତିମୟ କରିଥିଲା। ଗ୍ରାମର ଅନନ୍ତ ଚରଣ ଦାସ ଓ ପତ୍ନୀ ସସ୍ମିତା ଦାସ କର୍ତ୍ତାକର୍ତ୍ତି ଦାୟିତ୍ୱ ନିର୍ବାହ କରିଥିଲେ। ଟାଙ୍ଗୀ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ଗ୍ରାମର ଶତାଧିକ ଭକ୍ତମାନଙ୍କ ସମାଗମ ଦେଖିବାକୁ ମିଳିଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ସମେତ ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗଦାନ କରିଥିବାବେଳେ ଗ୍ରାମର ସାଧୁଚରଣ ବେହେରା, ହେମନ୍ତ ସାହୁ, ମଧୁସୂଦନ ବେହେରା, ପ୍ରସନ୍ନ ସାହୁ, ହରେକୃଷ୍ଣ ସାହୁ, ନାରାୟଣ ସାହୁ, ମଳୟ ଦାସ, ହରେକୃଷ୍ଣ ବେହେରା, ସନ୍ତୋଷ ସାହୁ, ନାରାୟଣ ପାଣ୍ଡବ, ବିଶ୍ୱନାଥ ଓଝାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।



## ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନା ଚକ୍ର





ବାଙ୍କୀ, ୨୮।୨(ସମିସ)

ଆଜି ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଦୃଶ୍ୟଶ୍ରାବ ଗୃହରେ ଦୁଇଟି ଆଲୋଚନାଚକ୍ର ପୃଥକ ପୃଥକ ଭାବେ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଏହି ଆଲୋଚନାଚକ୍ରରେ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ବିଜ୍ଞାନ ବିଭାଗର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସ୍ନାତକୋତ୍ତର ବିଭାଗ ସମୂହର ସଂଯୋଜକ ଡ. ଶଶିଭୂଷଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜିତ ଏହି ଆଲୋଚନା ଚକ୍ର ସ୍ନାତକୋତ୍ତର ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜୀବ ବିଜ୍ଞାନ ପ୍ରତିଷ୍ଠାନ, ଭୁବନେଶ୍ୱରର ବରିଷ୍ଠ ବୈଜ୍ଞାନିକ ତଥା ସ୍ତନକର୍କଟ ରୋଗର ବିଶେଷଜ୍ଞ ଡ. ସନ୍ଦୀପ ମିଶ୍ର, ମୁଖ୍ୟବକ୍ତା ଭାବେ ରାଜ୍ୟ ମୁଖ୍ୟ ବନ ସଂରକ୍ଷକ ପ୍ରଶିକ୍ଷଣ ଓ ଉନ୍ନୟନ ବିଭାଗର ଡକ୍ଟର ଅକ୍ଷୟ କୁମାର ପଟ୍ଟନାୟକ, ସମ୍ମାନୀତ ବକ୍ତା ଭାବେ ଜୀବ ବିଜ୍ଞାନ ପ୍ରତିଷ୍ଠାନ ଭୁବନେଶ୍ୱରର ପ୍ରଜ୍ଞା ପରମିତା ସଂରଣ ଯୋଗଦେଇ କର୍କଟ ରୋଗର ନିରାକରଣ ଉପରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଶ୍ୟାମଲାଲ ଭୋଏ ପରିଚାଳନା କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣରେ ସାହାଯ୍ୟ କରିଥିଲେ। ପ୍ରାଧ୍ୟାପକ ନିରଞ୍ଜନ ରାଉତରାୟ, ପ୍ରାଧ୍ୟାପକ ପ୍ରମୋଦ ପଣ୍ଡା, ଅଧ୍ୟାପକ ମୁକ୍ତିପଦ ପଣ୍ଡା, ପ୍ରୀତିଶ ସାମଲ, ରାକେଶ ପ୍ରଧାନ, ଜି.କୁମାରୀ, ସୋନାଲିକା ସାହୁ, ନୀଳପଲ୍ଲବୀ ଗୋଛି, ଶୁଭସ୍ମିତା ମହାରଣା, ବିଶ୍ୱମୋହିନୀ ଧଳ ଓ ଲିମାରାଣୀ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ। ଶେଷରେ ଅଧ୍ୟାପିକା ସଂଘମିତ୍ରା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଇତିହାସ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଙ୍କୀ, ୨୮।୨(ସମିସ): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ତରଫରୁ କଲେଜ ଦୃଶ୍ୟଶ୍ରାବ ଗୃହଠାରେ ଶେଷବର୍ଷର ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଯୋଗୀନାଥ ମଲ୍ଲିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ମୁଖ୍ୟବକ୍ତା ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅତିଥିଭାବେ ଅଧ୍ୟାପକ ପ୍ରଶାନ୍ତ ବେହେରା, ଅଧ୍ୟାପିକା ସୋନାଲି ଦାଶ ମହାପାତ୍ର, ଅଧ୍ୟାପିକା ବିନୋଦିନୀ ପରିଡ଼ା, ଅଧ୍ୟାପିକା ଡ. ସଂଘମିତ୍ରା ଭୂତିଆ ଓ ଅଧ୍ୟାପିକା ଲିଜା ନାୟକ ପ୍ରମୁଖ ଯୋଗଦାନ କରି ବିଦାୟ ନେଉଥିବା ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାକୁ ନମିତା ଗୋଛି ପରିଚାଳନା କରିଥିଲେ।





## ଦେଶୀ ବିହନ ପ୍ରଦର୍ଶନୀରେ ସ୍ଥାନ ପାଇଲା ଦେଶୀ ପିଠା

ନିଆଳି ୨୮।୨(ସମିସ)



ନିଆଳି ସ୍ଥିତ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରରେ ଚାଲିଥିବା ଦୁଇଦିନିଆ ଦେଶୀ ବିହନ ପ୍ରଦର୍ଶନୀ ବୁଧବାର ଉଦ୍‌ଯାପିତ ହୋଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ଦେଶୀ ବିହନ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ଦେଶୀ ପିଠା ସ୍ଥାନ ପାଇଥିବା ଦେଖିବାକୁ ମିଳିଥିଲା।

ନାବାର୍ଡ଼ ସହାୟତାରେ ଫାର୍ମ ସେକ୍ଟର ଫଣ୍ଡ ପ୍ରକଳ୍ପ ଆୟୋଜନରେ ପ୍ରଦର୍ଶନର ଦ୍ୱିତୀୟ ଦିନରେ ଅନୁଷ୍ଠିତ ଆଲୋଚନା ଚକ୍ରକୁ ଦେଶୀ ଚାଷ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ତଥା ଜୈବ କୃଷି ବିଶାରଦ ନଟବର ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିବା ବେଳେ ସମାଜସେବୀ ରାଜେନ୍ଦ୍ର ପ୍ରସାଦ ସାହୁ, ବଂଶିଧର ଷଡ଼ଙ୍ଗୀ, ସୁଶିକ୍ଷିତା ଷଡ଼ଙ୍ଗୀ, ଦିପ୍ତି ପ୍ରତିହାରୀ, କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ଚାଷୀ ଧର୍ମରାଜ ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ଲିଟୁ ନାୟକ ପ୍ରମୁଖ ଯୋଗଦେଇ 'ଜୈବ ବିଭିଧତା ସୁରକ୍ଷା ଓ ବିଷ ମୁକ୍ତ ଖାଦ୍ୟ ପାଇଁ ଦେଶୀ ଚାଷ ବା ପ୍ରାକୃତିକ କୃଷି' ଶୀର୍ଷକ ଆଲୋଚନା କରି ବିଷ ମୁକ୍ତ ଖାଦ୍ୟ ପାଇଁ ଜୈବିକ ଉପାୟରେ ପ୍ରତ୍ୟେକ ଚାଷୀ ଦେଶୀ ବିହନକୁ ଆପଣେଇବାର ସମୟ ଆସିଛି ବୋଲି କହିଥିଲେ।

ଏହି ଅବସରରେ ଗ୍ରାମାଞ୍ଚଳର କେତେକ ମହିଳା ଚାଷୀ ତାଙ୍କ ହାତ ତିଆରି ମଣ୍ଡା, ଆରିସା, କାକରା, ପୋଡ଼ପିଠା, ଚକୁଳି ପିଠା, ଚିତଉ ପିଠା, ଇଟିଲି ପିଠା, ଏଣ୍ଡୁରି ପିଠା, ଗଇଁଠା ପିଠା, ପୂରଦିଆ ତେଲ ପିଠା ଇତ୍ୟାଦି ବିଭିନ୍ନ ପ୍ରକାରର ଦେଶୀ ପିଠା ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ଦେଶୀ ଚାଷ ଗବେଷଣା କେନ୍ଦ୍ରର ଚିତ୍ତ ରଞ୍ଜନ ପଟ୍ଟାୟତ, ଶିଖା ଭୋଇ, ଜ୍ୟୋସ୍ନାରାଣୀ ଶତପଥୀ, ଅର୍ପିତା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ କେନ୍ଦ୍ରର ପରିଚାଳକ ଯୁବରାଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବାଙ୍କୀ ଉପଖଣ୍ଡ ଗୃହ ନିର୍ମାଣ ସମବାୟ ସମିତିର ବୈଠକ

ବାଙ୍କୀ, ୨୮।୨(ସମିସ)

ଆଜି ବାଙ୍କୀ ଉପଖଣ୍ଡ ଗୃହ ନିର୍ମାଣ ସମବାୟ ସମିତି କାର୍ଯ୍ୟାଳୟ ଠାରେ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ସମିତି ସଭାପତି ଆଇନଜୀବୀ ସନ୍ତୋଷ କୁମାର ରଣା ଏଥିରେ ଅଧ୍ୟକ୍ଷତା କରି ସଭା ପରିଚାଳନା କରିଥିଲେ। ସମ୍ପାଦକ ପ୍ରଫୁଲ୍ଲ କୁମାର ଗୋଛି ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ। ଏହି ବୈଠକରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ ସଭାପତି ତଥା ନିର୍ଦ୍ଦେଶକ ସମରେନ୍ଦ୍ର ମହାପାତ୍ର, ବାଙ୍କୀ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ତଥା ନିର୍ଦ୍ଦେଶକ ସଞ୍ଜୟ କୁମାର ପୃଷ୍ଟି, ନିର୍ଦ୍ଦେଶକ କବିତା ଲେଙ୍କା, ଦିଲ୍ଲୀପ୍ ରାଉତ, ପ୍ରଦୀପ ପ୍ରଧାନ, ମନୋଜ ପୃଷ୍ଟି, ଧୋବା ମଲ୍ଲିକ, ରତ୍ନା ମହାପାତ୍ର, ବନୁଚରଣ ଦାସ, ପୂର୍ବତନ ନଗରପାଳ ଶିରୋମଣି ରାଉତ, ପୂର୍ବତନ ନିର୍ଦ୍ଦେଶକ ଅନୀଲ ଲେଙ୍କା, ଗୋପବନ୍ଧୁ ସାହୁ, ଲକ୍ଷ୍ମୀଧର ମହାପାତ୍ର, ନାରାୟଣ ଦାସ, ନିର୍ଦ୍ଦେଶକ ବଲ୍ଲଭ ସାମଲ ଓ ବହୁ ସଭ୍ୟ ଯୋଗଦେଇ ଅନୁଷ୍ଠାନର ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରସ୍ତାବ ଆଗତ କରିଥିଲେ। ବିଶେଷ କରି ରାଜ୍ୟ ଗୃହ ନିର୍ମାଣ ସେବା ସମବାୟ ସମିତି ପକ୍ଷରୁ ୫୪ଜଣ ଋଣ ଖିଲାପକାରୀ ସଭ୍ୟଙ୍କ ଏକକାଳୀନ ଋଣ ଆଦାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମିତିର ଅଂଶଧନରୁ ଋଣ ଖିଲାପକାରୀ ସଭ୍ୟଙ୍କର ଆଲୋଚନା କରାଯାଇ ସମିତିର ଲାଭକୁ ଅନୁଧ୍ୟାନ କରି ସମିତି ସଭାପତି ନିଷ୍ପତି ନେବେ ବୋଲି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। ସମ୍ପାଦକ ପ୍ରଫୁଲ୍ଲ କୁମାର ଗୋଛି ସମିତିର ବାର୍ଷିକ ଆୟ ବ୍ୟୟର ବିବରଣୀ ପ୍ରଦାନ କରିବା ପରେ ଆଲୋଚନା କରାଯାଇ ମଞ୍ଜୁର କରାଯାଇଛି। ସଭାପତି ଶ୍ରୀ ରଣା ଧନ୍ୟବାଦ ଅର୍ପଣ କରି ସମିତିର ଉନ୍ନତି ପାଇଁ ସମସ୍ତ ସଭ୍ୟଙ୍କର ସହଯୋଗ କାମନା କରିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୨.୮୯ ● ପାଉଣ୍ଡ ୧୦୪.୯୪
- ୟୁରୋ ୮୯.୮୪ ● ୟେନ୍ ୦.୫୫

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୫୯୦ (ନୂଆଦିଲ୍ଲୀ)
- ରୁପା : ୭୫,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୨,୩୦୪.୦୦
- ନିଫ୍ଟି ୨୧,୯୫୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



### ସୁପ୍ରିମକୋର୍ଟଙ୍କ ଗୋଟିଏ ନିଷ୍ପତ୍ତିରେ ରାମଦେବଙ୍କ କମ୍ପାନୀ ଘାଇଲା

# ୧୦୦ ମିନିଟ୍‌ରେ ଡୁବିଲା ୨,୩୦୦ କୋଟି

ମୁମ୍ବାଇ,୨୮ ।୨(ଏଜେନ୍ସି)

ସୁପ୍ରିମକୋର୍ଟଙ୍କ ଗୋଟିଏ ଟିପ୍ପଣୀ ବାବା ରାମଦେବଙ୍କ କମ୍ପାନୀ ପତଞ୍ଜଳି ପାଇଁ ମହଙ୍ଗା ପଡ଼ିଛି। ପତଞ୍ଜଳି କମ୍ପାନୀ ପ୍ରତି ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ଟିପ୍ପଣୀକୁ ୨୪ ଘଣ୍ଟା ନ ପୂରୁଣୁ କମ୍ପାନୀର ଶହ ଶହ କୋଟି ଟଙ୍କା ଡୁବିଛି। ମଙ୍ଗଳବାର କୋର୍ଟଙ୍କ ରାୟ ପରେ ବୁଧବାର ସକାଳେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)କାରବାର ଆରମ୍ଭ ହେବାର କିଛି ସମୟ ପରେ ପତଞ୍ଜଳି ଫୁଡସ୍ ଶେୟାର ମୂଲ୍ୟରେ ୪ ପ୍ରତିଶତ ହ୍ରାସ ଦେଖାଯାଇଛି। ଫଳରେ ମାତ୍ର ୧୦୫ ମିନିଟ୍‌ରେ ଏହି କମ୍ପାନୀକୁ ପ୍ରାୟ ୨୩୦୦ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ବିଏସଇରେ ତାଲିକାଭୁକ୍ତ ରହିଥିବା ପତଞ୍ଜଳି ଫୁଡସ୍‌ର ଶେୟାର ମୂଲ୍ୟ ମଙ୍ଗଳବାର ୧୬୨୦.୨୦ ଟଙ୍କା ରହିଥିଲା। କିନ୍ତୁ ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ ବୁଧବାର ଏହି ଶେୟାର ମୂଲ୍ୟ ୧୫୫୬ ଟଙ୍କାକୁ ହ୍ରାସ ପାଇଥିଲା। ଯାହାକୁ ନେଇ ମାତ୍ର କିଛି ମୁହୂର୍ତ୍ତ ମଧ୍ୟରେ କମ୍ପାନୀର ଶହ ଶହ କୋଟି



ଟଙ୍କା କ୍ଷତି ଘଟିଥିବା ଜଣାପଡ଼ିଛି। ଶେୟାର କାରବାର ଶେଷ ସୁଦ୍ଧା ପ୍ରତି ଶେୟାର ମୂଲ୍ୟ ୧୫୬୫,୯୫ ଟଙ୍କାରେ କାରବାର ହୋଇଥିବା କୁହାଯାଇଛି। ଶେୟାର ମୂଲ୍ୟରେ ୪ ପ୍ରତିଶତ ହ୍ରାସ ଯୋଗୁଁ ପତଞ୍ଜଳି ଫୁଡସ୍‌ର ବଜାର ମୂଲ୍ୟ ମଧ୍ୟ ଯଥେଷ୍ଟ ଭାବେ ହ୍ରାସ ପାଇଛି। ଗତକାଲି କମ୍ପାନୀର ବଜାର ମୂଲ୍ୟ ୫୮,୬୫୦ କୋଟି ଟଙ୍କା ରହିଥିଲା। କିନ୍ତୁ ବୁଧବାର ସକାଳେ ଏହି ମୂଲ୍ୟ ୫୬,୩୫୫ କୋଟି ଟଙ୍କାକୁ ଖସି ଆସିଛି। ଉଲ୍ଲେଖଯୋଗ୍ୟ ଯେ, ବାବା ରାମଦେବଙ୍କ ଆୟୁର୍ବେଦ କମ୍ପାନୀ ପତଞ୍ଜଳି ବିଭିନ୍ନ ରୋଗ ଉପଶମ କିମ୍ବା ଶରୀର ଅସୁସ୍ଥତାକୁ ନେଇ ନିଜର ବିଜ୍ଞାପନରେ ଭ୍ରମାତ୍ମକ ଦାବି କରୁଥିବା ଗତକାଲି ସୁପ୍ରିମକୋର୍ଟ ଭର୍ତ୍ସନା କରି କହିଥିଲେ। ଏହାଦ୍ୱାରା ଏହି କମ୍ପାନୀ ଦେଶବାସୀଙ୍କୁ ନିଜ ବିଜ୍ଞାପନ ମାଧ୍ୟମରେ ଦେଶବାସୀଙ୍କୁ ଭୂଆଁ ବୁଲାଉଛି ବୋଲି ସୁପ୍ରିମକୋର୍ଟ କହିଥିଲେ। ତେଣୁ କୌଣସି ରୋଗ କିମ୍ବା ଅସୁସ୍ଥତାକୁ ଯୋଡ଼ି କମ୍ପାନୀ ନିଜର ଉତ୍ପାଦ ସମ୍ପର୍କରେ କୌଣସି ବିଜ୍ଞାପନ କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ରୋକ୍ ଠୋକ୍ କହିଥିଲେ। କେବଳ ସେତିକି ନୁହେଁ, କମ୍ପାନୀର ମୁଖ୍ୟ ଆଚାର୍ଯ୍ୟ ବାଳକୃଷ୍ଣନଙ୍କ ବିରୋଧରେ କୋର୍ଟ ଅବମାନନା ନୋଟିସ୍ ପଠାଇ ୩ ସପ୍ତାହ ଭିତରେ ଏହାର ଉତ୍ତର ରଖିବାକୁ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଭ୍ରମାତ୍ମକ ବିଜ୍ଞାପନ ଦେଇ ପତଞ୍ଜଳି ଆୟୁର୍ବେଦ ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରି ଇଣ୍ଡିଆନ ମେଡିକାଲ ଆସୋସିଏସନ୍ ପକ୍ଷରୁ କମ୍ପାନୀ ବିରୋଧରେ ପିଟିସନ ଦାଏର କରାଯାଇଥିଲା। ମଙ୍ଗଳବାର ସୁପ୍ରିମକୋର୍ଟ ଏହି ଆବେଦନର ଶୁଣାଣି କରି ପତଞ୍ଜଳି କମ୍ପାନୀ ଉପରେ ବର୍ଷିଥିଲେ।କମ୍ପାନୀ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଜଷ୍ଟିସ ହିମା କୋହଲି ଓ ଏ. ଅମନୁଲ୍ଲାହଙ୍କ ଦୁଇ ଜଣିଆ ଖଣ୍ଡପୀଠ କହିଥିଲେ ଯେ, କମ୍ପାନୀର ଭ୍ରମାତ୍ମକ ବିଜ୍ଞାପନକୁ ନେଇ ଗତବର୍ଷ କୋର୍ଟ ତାଗିଦ୍ କରିଥିଲେ। ଏହାସତ୍ତ୍ୱେ ବି କମ୍ପାନୀ ବାରମ୍ବାର ମିଥ୍ୟା ବିଜ୍ଞାପନ ଦେବାରୁ ବିରତ ହୋଇ ନାହିଁ। ଯଦି କୌଣସି ରୋଗ ଉପଶମ ପାଇଁ କମ୍ପାନୀ ନିଜର ଉତ୍ପାଦକୁ ନେଇ ମିଥ୍ୟା ବିଜ୍ଞାପନ ଦିଅନ୍ତି ତେବେ କମ୍ପାନୀକୁ ଏକ କୋଟି ଟଙ୍କା ଜୋରିମାନା ଦେବାକୁ ପଡ଼ିବ ବୋଲି ମଧ୍ୟ କୋର୍ଟ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ବି ପତଞ୍ଜଳି ଭ୍ରମାତ୍ମକ ବିଜ୍ଞାପନ ଦେବାରୁ ବର୍ତ୍ତି ନ ଥିବାରୁ କୋର୍ଟ କଡ଼ାବାଣୀ ଶୁଣାଇଥିଲେ। ଯାହାକୁ ନେଇ ଶେୟାର ବଜାରରେ କମ୍ପାନୀର ନକାରାତ୍ମକ ପ୍ରଭାବ ପଡ଼ିଥିଲା ଏବଂ ଏହାର ଶେୟାର ମୂଲ୍ୟରେ ହ୍ରାସ ଘଟିଥିଲା।

**ଶେୟାର ମୂଲ୍ୟରେ ୪ ପ୍ରତିଶତ ହ୍ରାସ**

## କୃଷି ଉଦ୍ୟୋଗୀଙ୍କ ପାଇଁ ପ୍ରବେଶ ପଥ ହୋଇଛି ବେଦାନ୍ତର 'ଜୀବିକା ସମୃଦ୍ଧି ପ୍ରକଳ୍ପ'

**ଭୁବନେଶ୍ୱର,୨୮ ।୨(ସମିସ):** ବେଦାନ୍ତ ଆଲୁମିନିୟମର କୃଷିଭିତ୍ତିକ ସ୍ଥାୟୀ ଜୀବିକା ଅଭିଯାନ "ଜୀବିକା ସମୃଦ୍ଧି ପ୍ରକଳ୍ପ' ଝାରସୁଗୁଡ଼ା ଜିଲ୍ଲା କୃଷକମାନଙ୍କ ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି ।"ଜଳବାୟୁ ସ୍ମାର୍ଟ କୃଷି ଅଭ୍ୟାସ' ଏବଂ ଆନୁଷଙ୍ଗିକ ହସ୍ତକ୍ଷେପ ପ୍ରଚଳନ କରି ବେଦାନ୍ତ ଆଲୁମିନିୟମର ଏହି ପ୍ରକଳ୍ପ ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ୪୦୦ରୁ ଅଧିକ କୃଷକ ପରିବାରର ଜୀବନରେ ଉନ୍ନତି ଆଣିପାରିଛି ବୋଲି କହିଛି ।ଏବେ ଏହି ଅଭିଯାନର ତୃତୀୟ ପର୍ଯ୍ୟାୟ କାର୍ଯ୍ୟ ଚାଲିଥିବା ବେଳେ ଝାରସୁଗୁଡ଼ା ଜିଲ୍ଲାର ପରମାଣପୁର, କୁମୁଡାପାଲି ଓ ଡାଲକି ଗ୍ରାମରେ ଅତିରିକ୍ତ ୫୦୦ କୃଷକ ପରିବାରକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଧାନ ଚାଷର "ସିଷ୍ଟମ ଅଫ୍ ରାଇସ୍ ଇନଟେନସନ (ଏସଆରଆଇ)' ପଦ୍ଧତିର କାର୍ଯ୍ୟକାରିତାକୁ ନେଇ ଏକ ପରିବର୍ତ୍ତନଶୀଳ ଯାତ୍ରା ବିଷୟରେ ପରମାଣପୁର ଗ୍ରାମର ମନବୋଧ ପ୍ରଧାନ କୁହନ୍ତି ଯେ, ଏହି ବ୍ୟବସ୍ଥା ଚାଷର ପ୍ରାଥମିକ୍ ଖର୍ଚ୍ଚ ହ୍ରାସ କରିଛି ଏବଂ ଉତ୍ପାଦକତା ବୃଦ୍ଧି କରିଛି। ବର୍ତ୍ତମାନ ସେ ୨ ଏକରରୁ ୫୧ କ୍ୱିଣ୍ଟାଲ ଧାନ ଅମଳ କରୁଥିବା କହିଛନ୍ତି। ସେହିପରି ପ୍ରାକୃତିକ କୀଟ ପରିଚାଳନା ଏବଂ ଜୈବିକ ଚାଷ ପଦ୍ଧତି ଦ୍ୱାରା ଅଦା, ଲଙ୍କା, ଧନିଆ, ଲାଉ ଭଳି ବହୁ ଅର୍ଥକାରୀ ଫସଲ ଚାଷ ସୁନିଶ୍ଚିତ ହୋଇଛି। ଯାହା



ବହୁତ ଭଲ ଲାଭ ଦେଉଛି ବୋଲି ଗୁଡିଗାଁ ଗ୍ରାମର ଚାଷୀ ନରେଶ ପଟେଲ କହିଛନ୍ତି। ଏହିକ୍ରମରେ ଜିଲ୍ଲା ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ମନୋରଞ୍ଜନ ନନ୍ଦ କହିଛନ୍ତି ଯେ, ଏଠାକାର କୃଷକ ପରିବାରଙ୍କୁ ଉନ୍ନତ କୃଷି ପଦ୍ଧତି ସହିତ ଜମି ଓ ଜଳ ପରିଚାଳନାରେ ସର୍ବୋତ୍ତମ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରାଯାଇଛି।



ଶିଳ୍ପପତି ମୁକେଶ ଅମ୍ବାନୀ ପରିବାରର ଅନ୍ୟତମ ସଦସ୍ୟ ଅନନ୍ତ ଅମ୍ବାନୀଙ୍କ ବିବାହ ଉତ୍ସବ ପୂର୍ବରୁ ମୁମ୍ବାଇଠାରେ ୫୦,୦୦୦ରୁ ଅଧିକ ସ୍ଥାନୀୟ ବାସିନ୍ଦାଙ୍କୁ ଭୋଜନରେ ଆପ୍ୟାୟିତ କରାଯାଉଛି।

## ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସମନ୍ୱିତ ହ୍ୟାଣ୍ଡଲୁମ ୟୁନିଟ୍‌ର ଶୁଭାରମ୍ଭ

**ସୋନପୁର,୨୮ ।୨(ସମିସ):** ରାଜ୍ୟର ଅନ୍ୟତମ ପ୍ରମୁଖ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ସୋନପୁର ଠାରେ ଅତ୍ୟାଧୁନିକ ସମନ୍ୱିତ ହ୍ୟାଣ୍ଡଲୁମ ୟୁନିଟ୍‌ର ଶୁଭାରମ୍ଭ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ଉପସ୍ଥିତିରେ ଏହି ୟୁନିଟ୍‌ର ଉଦ୍‌ଘାଟନ ହୋଇଛି।ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲାପାଳ ମସ୍ ଅନ୍ୟା ଦାସ ଏବଂ ଏସପି ୟସପ୍ରତାପ ଶ୍ରୀମଲ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ଉନ୍ନତିମୂଳକ କାର୍ଯ୍ୟକୁ ଉତ୍ସାହିତ କରିଥିଲେ। ସୋନପୁର ଓଡିଶାର ପ୍ରାଚୀନ ସଂସ୍କୃତି ଏବଂ ପରମ୍ପରାକୁ ନେଇ ବହୁ ଗୁରୁତ୍ୱ ବହନ କରୁଥିବା ବେଳେ



ରାଜ୍ୟର ପ୍ରସିଦ୍ଧ ବାନ୍ଧକଳା ପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେଣୁ ସ୍ଥାନୀୟ ବୁଣାକାର, କାରିଗରଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ଆଗାମୀ ପିଢିର କାରିଗରମାନଙ୍କୁ ବାନ୍ଧକଳା ଓ ହସ୍ତତନ୍ତ ପାଇଁ ପ୍ରୋତ୍ସାହିତ କରିବାକୁ ଏହି ୟୁନିଟ୍ ମାଧ୍ୟମରେ ଉଦ୍ୟମ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ କୁହାଯାଇଛି।

## ମିଳିତ ଉଦ୍ୟୋଗ ପ୍ରତିଷ୍ଠା କରିବେ ରିଲାଏନ୍ସ, ୱାଲ୍ଟ ଡିଜନି

- ୧୧,୫୦୦ କୋଟି ଟଙ୍କା ବିନିଯୋଗ କରିବ ରିଲାଏନ୍ସ
- କଣ୍ଟେଣ୍ଟ ପାଇଁ ଲାଇସେନ୍ସ ଦେବ ଡିଜ୍‌ନି

ମୁମ୍ବାଇ,୨୮ ।୨(ଏଜେନ୍ସି): ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ,ଭାୟାକମ ୧୮ ମିଡ଼ିଆ ପ୍ରାଇଭେଟ ଲିମିଟେଡ଼ ଏବଂ ୱାଲ୍ଟ ଡିଜନି ମିଳିତ ଭାବେ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଏଥିନେଇ ଏହି କମ୍ପାନୀଙ୍କ ମଧ୍ୟରେ ବୁଝାମଣା ହୋଇଥିବା ବେଳେ ଭାୟାକମ ୧୮ ଓ ଷ୍ଟାର ଇଣ୍ଡିଆ ବ୍ୟବସାୟକୁ ଏହି ମିଳିତ ଉଦ୍ୟୋଗ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ ବୋଲି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି କାରବାରର ଏକ ଅଂଶ ଭାବେ ଭାୟାକମ ୧୮ ର ମିଡିଆ ସଂସ୍ଥା ଷ୍ଟାର ଇଣ୍ଡିଆ କୋର୍ଟ ଅନୁମୋଦିତ ଯୋଜନା ଜରିଆରେ ମିଶ୍ରିତ ହେବ ।ଏଥିସହ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଏହି ମିଳିତ ଉଦ୍ୟୋଗର ଅଭିବୃଦ୍ଧି ପାଇଁ ୧୧୫୦୦ କୋଟି ଟଙ୍କା ନିବେଶ କରାଯିବାକୁ ନିଷ୍ପତ୍ତି କରାଯାଇଛି । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଏହି ମିଳିତ ଉଦ୍ୟୋଗ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ନିୟନ୍ତ୍ରଣରେ ରହିବ। ଯେଉଁଥିରେ ଏହି କମ୍ପାନୀର ୧୬.୩୪ ପ୍ରତିଶତ , ଭାୟାକମ୧୮ ର ୪୬.୮୨ ପ୍ରତିଶତ ଓ ଡିଜନିର ୩୬.୮୪ ପ୍ରତିଶତ ମାଲିକାନା ରହିବ । ଆବଶ୍ୟକୀୟ ନିୟାମକ ଓ ତୃତୀୟ ପକ୍ଷ ଅନୁମୋଦନ ଅନୁଯାୟୀ ଡିଜନି ମଧ୍ୟ ଏହି ମିଳିତ ଉଦ୍ୟୋଗରେ ନିର୍ଦ୍ଦିଷ୍ଟ ଅତିରିକ୍ତ ମିଡ଼ିଆ ଆସେଟ ଯୋଗଦାନ କରିପାରେ । ନୀତା ଏମ ଅମ୍ବାନୀ ଏହି ମିଳିତ ଉଦ୍ୟୋଗର ଅଧ୍ୟକ୍ଷା ହେବେ ଏବଂ ଉଦୟ ଶଙ୍କର ଉପାଧ୍ୟକ୍ଷ ଭାବରେ ଏହି ମିଳିତ ଉଦ୍ୟୋଗକୁ ରଣନୀତିକ ମାର୍ଗଦର୍ଶନ କରିବେ ।ଭାରତରେ ମନୋରଞ୍ଜନ ଏବଂ କ୍ରୀଡା ବିଷୟବସ୍ତୁ ପାଇଁ ଏହି ମିଳିତ ଉଦ୍ୟୋଗ ଏକ ଅଗ୍ରଣୀ ଟିଭି ଏବଂ ଡିଜିଟାଲ୍ ଷ୍ଟ୍ରିମିଂ ପ୍ଲାଟଫର୍ମ ମଧ୍ୟରୁ ଅନ୍ୟତମ ହେବ। ଯେଉଁଥିରେ ମନୋରଞ୍ଜନ ପାଇଁ କଲର୍ସ, ଷ୍ଟାରପ୍ଲସ୍, ଷ୍ଟାରଗୋଲ୍ଡ ଏବଂ କ୍ରୀଡାରେ ଷ୍ଟାର୍ ସ୍ପୋର୍ଟସ୍ ଏବଂ ସ୍ପୋର୍ଟସ୍ ୧୮ ଭଳି ଆଇକନିକ୍ ମିଡିଆ ସମ୍ପତ୍ତି ଏକତ୍ର ହେବା ସହିତ ଜିଓ ସିନେମା ଏବଂ ହଟଷ୍ଟାର ମାଧ୍ୟମରେ ଟେଲିଭିଜନ୍ ଓ ଡିଜିଟାଲ୍ ପ୍ଲାଟଫର୍ମରେ ପ୍ରମୁଖ ଇଭେଣ୍ଟ ଏକତ୍ରିତ ହେବ । ଏହି ମିଳିତ ଉଦ୍ୟୋଗରେ ସମଗ୍ର ଭାରତରେ ୭୫୦ ନିୟୁତରୁ ଉର୍ଦ୍ଧ୍ୱ ଦର୍ଶକ ରହିବେ ଏବଂ ଏହା ସମଗ୍ର ବିଶ୍ୱରେ ପ୍ରବାସୀ ଭାରତୀୟମାନଙ୍କ ଚାହିଦା ମଧ୍ୟ ପୂରଣ କରିବ ।ଭାରତରେ ଡିଜନିର ଚଳଚ୍ଚିତ୍ର ଏବଂ ପ୍ରଡକ୍ସନ୍ ବିତରଣ ପାଇଁ ଏହି ମିଳିତ ଉଦ୍ୟୋଗକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯିବ ଏବଂ ୩୦୦୦୦ରୁ ଅଧିକ ଡିଜନି ବିଷୟବସ୍ତୁକୁ ଲାଇସେନ୍ସ ସହିତ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ମନୋରଞ୍ଜନ ସମ୍ଭାର ବିକଳ୍ପ ପ୍ରଦାନ କରାଯିବ। ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ଯାହା ଭାରତୀୟ ମନୋରଞ୍ଜନ ଶିଳ୍ପରେ ଏକ ନୂତନ ଯୁଗ ଆଣିବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି ଅମ୍ବାନୀ କହିଛନ୍ତି।

## ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ଭୁବନେଶ୍ୱର,୨୮ ।୨(ଏଜେନ୍ସି):** ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଏବଂ ଶ୍ରୀମନ୍ଦି ପ୍ରଶାସନର ମିଳିତ ସହଯୋଗରେ ପୁରୀଠାରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି।



ନୀଳାଦ୍ରୀ ଭକ୍ତ ନିବାସଠାରେ ଆୟୋଜିତ ଏହି ଶିବିରରେ ଶ୍ରୀମନ୍ଦିର କର୍ମଚାରୀ,ସେବାୟତ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମାଗଣାରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଇଜିକେସି ମଲ୍ଟି ସ୍ପେଶାଲିଟି ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ, କିଡନୀ, ପେଟ ଓ ଯକୃତ ବିଶେଷଜ୍ଞଙ୍କ ସମେତ ଇଏନଟି ଡାକ୍ତରମାନେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ବ୍ୟାବସାୟିକ ସୁଗମତା ପାଇଁ ଓଡ଼ିଶା ଅନ୍ୟତମ ସର୍ବୋତ୍ତମ ରାଜ୍ୟ

### ଆସୋଚାମ୍ ପକ୍ଷରୁ 'ଓଡିଶା ମାନୁଫ୍ୟାକ୍‌ଚରିଂ କନ୍‌କ୍ଲେଭ ୨୦୨୪' ଆୟୋଜିତ




**ଭୁବନେଶ୍ୱର,୨୮ ।୨(ସମିସ):** ବ୍ୟାବସାୟିକ ସୁଗମତାକୁ ନେଇ ଓଡ଼ିଶା ଦେଶର ଅନ୍ୟତମ ସର୍ବୋତ୍ତମ ରାଜ୍ୟ ବୋଲି ଇପିକଲ ଓ ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ କହିଛନ୍ତି।ଏଠାରେ ଆସୋଚାମ ଦ୍ୱାରା ଆୟୋଜିତ ମାନୁଫ୍ୟାକ୍‌ଚରିଂ କନ୍‌କ୍ଲେଭରେ ନିଜର ମତବ୍ୟକ୍ତ କରି ଶ୍ରୀ ପୁନିଆ କହିଛନ୍ତି ଯେ,ଓଡିଶାକୁ ପାରମ୍ପରିକ ଭାବେ ଖଣି ଓ ଧାତୁ ଆଧାରିତ ଶିଳ୍ପ ରାଜ୍ୟ ଭାବେ ବିବେଚନା କରାଯାଇଥାଏ। କିନ୍ତୁ ଏବେ ଏହାର ସ୍ଥିତି ବଦଳିଛି।ବର୍ତ୍ତମାନ ପୋଷାକ ପ୍ରସ୍ତୁତି, ଖାଦ୍ୟ ପ୍ରକ୍ରିୟାକରଣ ଭଳି ଅନ୍ୟାନ୍ୟ କ୍ଷେତ୍ରଗୁଡିକରେ ନିବେଶ ସହିତ ଶିଳ୍ପ ବଢିଛି। ଓଡ଼ିଶା ଆଇଟି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରିଛି।ଏଠାରେ ଶ୍ରମ ମୂଲ୍ୟ ପ୍ରତିଯୋଗୀପୂର୍ଣ୍ଣ ରହିବା ସହିତ ଦକ୍ଷତା ଓ ପୁନଃଦକ୍ଷତାକୁ ନେଇ ରାଜ୍ୟ ସରକାର ଅଧିକ ଗୁରୁତ୍ୱ ଦେଉଥିବାରୁ ଆମେ ବିଭିନ୍ନ ଶିଳ୍ପଗୁଡିକୁ ପ୍ରୋତ୍ସାହିତ କରାଯାଇପାରୁଛି ବୋଲି ସେ କହିଛନ୍ତି।ଆସୋଚାମ୍ ଓଡିଶା ରାଜ୍ୟ ବିକାଶ ପରିଷଦର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି କହିଥିଲେ ଯେ,ଓଡ଼ିଶା ଜାତୀୟ ହାରକୁ ଅତିକ୍ରମ କରି ୭.୮୨% ଅଭିବୃଦ୍ଧି ହାସଲ କରିଥିଲା ବେଳେ ରାଜ୍ୟ ଜିଡିପିରେ ୧୪.୪୨%ର ଯୋଗଦାନ ଦେଉଥିବା ଓଡିଶାର ମାନୁଫ୍ୟାକ୍‌ଚରିଂ କ୍ଷେତ୍ର ଏଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରାଜ୍ୟରେ ୨୦୧୫ରୁ ୨୦୨୨ ମଧ୍ୟରେ ୪.୭୪ ଲକ୍ଷ କୋଟି ଟଙ୍କାର ନିବେଶ କରାଯାଇଛି ବୋଲି ସେ କହିଥିଲେ ।ଏହି ସମ୍ମିଳନୀରେ ଇଏସ୍‌ଜି, ସ୍ମାର୍ଟ ଲଜିଷ୍ଟିକ୍ସ, ସର୍କ୍ୟୁଲାରିଟି ଓ ଆଡ୍‌ଭାନ୍ସଡ୍ ଡିଜିଟାଇଜେଶନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଆସୋଚାମ୍ ମାନୁଫ୍ୟାକ୍‌ଚରିଂ ହବ୍ କାଉନ୍ସିଲ(ପୂର୍ବାଞ୍ଚଳ)ଅଧ୍ୟକ୍ଷ ଅରିଜିତ ବାସୁ ଭାରତରେ ଉତ୍ପାଦନ କ୍ଷେତ୍ରରେ ଯୋଗ କରୁଥିବା ମୋଟ ମୂଲ୍ୟ କ୍ଷେତ୍ରରେ ସ୍ଥିର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ।

## କାର୍ ଋଣ ସୁଧ ହ୍ରାସକଲା ବ୍ୟାଙ୍କ ଅଫ୍ ବରୋଦା

**ମୁମ୍ବାଇ,୨୮ ।୨(ଏଜେନ୍ସି):** ବ୍ୟାଙ୍କ ଅଫ୍ ବରୋଦା ଏହାର କାର୍ ଋଣ ସୁଧ ହାର ୮.୭୫ ପ୍ରତିଶତକୁ ହ୍ରାସ କରିଥିବା ଘୋଷଣା କରିଛି।ଏହା ପୂର୍ବରୁ ଏହି ସୁଧ ହାର ବାର୍ଷିକ ୯.୪୦ ପ୍ରତିଶତ ରହିଥିଲା। ଫ୍ଲୋଟିଂ ରେଟ୍ ସୁଧ ହାର ବ୍ୟବସ୍ଥାରେ ଏହା ଏକ ସ୍ୱତନ୍ତ୍ର ଏବଂ ସୀମିତ ଅବଧି ଅଫର ବୋଲି କୁହାଯାଇଛି ।ଯାହାକି ଫେବୃଆରୀ ୨୬, ୨୦୨୪ ରୁ ମାର୍ଚ୍ଚ ୩୧,୨୦୨୪ ପର୍ଯ୍ୟନ୍ତ ବୈଧ ରହିଛି। ଏହାବ୍ୟତୀତ ବ୍ୟାଙ୍କ ପକ୍ଷରୁ କାର୍ ଋଣ ଉପରେ ଏକ ଆକର୍ଷଣୀୟ ସ୍ଥାୟୀ ସୁଧ ହାର ରହିଛି ଯାହାକି ୮.୮୫% ରୁ ଆରମ୍ଭ ହେଉଛି। ବାର୍ଷିକ ୮.୭୫% ରୁ ଆରମ୍ଭ ହେଉଥିବା ଏହି ନୂଆ ହାର ନୂତନ କାର କ୍ରୟ ଉପରେ ଲାଗୁ ହେବ ଏବଂ ଏହା ଋଣଧାରୀଙ୍କ କ୍ରେଡିଟ୍ ପ୍ରୋଫାଇଲ୍ ସହ ସଂଯୁକ୍ତ ହେବ ବୋଲି କୁହାଯାଇଛି ।ଏହାବ୍ୟତୀତ ବ୍ୟାଙ୍କ ଋଣଧାରୀଙ୍କୁ ଫ୍ଲୋଟିଂ ସୁଧ ହାର ବିକଳ୍ପ ଉପରେ ଜିରୋ ପ୍ରିପେମେଣ୍ଟ ଦେୟ ଏବଂ ଉଭୟ ଫିକ୍ସଡ୍ ଏବଂ ଫ୍ଲୋଟିଂ ସୁଧ ହାର ବିକଳ୍ପ ଉପରେ ପ୍ରୋସେସିଂ ଦେୟ ଉପରେ ରିହାତି ପ୍ରଦାନ କରୁଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।




### ରୁଷ ଉପରେ ପୁଣି ପ୍ରତିବନ୍ଧକ ଲଗାଇଲା ଆମେରିକା

# ଭାରତ ପାଇଁ ଶସ୍ତାରେ ତେଲ କିଣିବା କଷ୍ଟସାଧ୍ୟ !

ନୂଆଦିଲ୍ଲୀ,୨୮ ।୨(ଏଜେନ୍ସି)

ରୁଷ-ୟୁକ୍ରେନ ଯୁଦ୍ଧକୁ ଇତିମଧ୍ୟରେ ଦୁଇ ବର୍ଷ ପୂରିଛି। ୨୦୨୨ ଫେବୃଆରୀ ୨୪ରେ ରୁଷ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ଉଭୟ ପକ୍ଷ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଏବେ ମଧ୍ୟ ଜାରି ରହିଛି। କିନ୍ତୁ ଏହି ସମସ୍ୟାର ସମାଧାନ ଦିଗରେ ବାଟ ଫିଟିପାରି ନାହିଁ। ଏପରିକି ୟୁକ୍ରେନ ଆକ୍ରମଣକୁ ନେଇ ଆମେରିକା ସମେତ ବହୁ ପାଶ୍ଚାତ୍ୟ ରାଷ୍ଟ୍ର ରୁଷିଆ ଉପରେ ଆର୍ଥିକ କଟକଣା ଲଗାଇଥିଲେ ହେଁ ଏହା ରୁଷିଆର ମନୋବଳକୁ ପ୍ରଭାବିତ କରିପାରି ନାହିଁ। ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିବାର କିଛି ଦିନ ପରେ ଆମେରିକା ଆର୍ଥିକ କଟକଣା ଲାଗୁ କରିଥିଲା। ଏବେ ଯୁଦ୍ଧକୁ ଦୁଇ ବର୍ଷ ପୂରିଥିବାରୁ ରୁଷିଆ ବିରୋଧରେ ଗତ ଶୁକ୍ରବାର ପୁଣି



ଆର୍ଥିକ କଟକଣା ଲାଗୁ କରିଛି। ବିଶେଷକରି ରୁଷିଆର ପ୍ରମୁଖ ତୈଳ ଟ୍ୟାଙ୍କର ଗ୍ରୁପ୍ 'ସୋଭକମଫ୍ଲଟ୍' ଉପରେ କଟକଣା ଜାରି କରାଯାଇଛି ବୋଲି ବାଇଡେନ ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ବ୍ୟାବସାୟିକ ଗ୍ରୁପ୍ ଜି-୭ ରାଷ୍ଟ୍ରସମୂହ ପକ୍ଷରୁ ଅଶୋଧିତ ତୈଳ ମୂଲ୍ୟ ନିର୍ଦ୍ଧାରଣକୁ ନେଇ ରହିଥିବା ନିୟମ ଉଲ୍ଲଙ୍ଘନ କରିଥିବା ଆମେରିକା ଦର୍ଶାଇ ଏହାର ୧୪ଟି ସହଯୋଗୀ କମ୍ପାନୀଙ୍କ ଉପରେ ମଧ୍ୟ କଟକଣା ଜାରି କରିଛି। ଆମେରିକାର ଏଭଳି କଟକଣାକୁ ନେଇ ଭାରତ ପାଇଁ ସମସ୍ୟା ଦେଖାଯିବାର ଆଶଙ୍କା ବଢିଛି। ବିଶେଷକେ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଭାରତ ରୁଷିଆରୁ ଶସ୍ତାରେ କିଣୁଥିବା ତେଲ ଏଣିକି ଉପଲବ୍ଧ ହେବ ନାହିଁ ବୋଲି ଆନ୍ତର୍ଜାତିକ ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି। କାରଣ 'ସୋଭକମଫ୍ଲଟ୍' ଉପରେ କଟକଣା ଜାରି କରାଯିବା ଦ୍ୱାରା ଭାରତୀୟ ତୈଳ କମ୍ପାନୀମାନଙ୍କ ପାଇଁ କଣ୍ଟେନର ସମସ୍ୟା ଦେଖାଯିବ। ରୁଷିଆରୁ ପର୍ଯ୍ୟାପ୍ତ ତେଲ ଆମଦାନୀ ପାଇଁ ବହୁ ସଂଖ୍ୟକ କଣ୍ଟେନରର ଆବଶ୍ୟକତା ରହିଥିବା ବେଳେ ଏବେ ଏହା ସହଜରେ ଉପଲବ୍ଧ ହେବ ନାହିଁ। ଯୋଗାଣ ଏବଂ ଚାହିଦା ଶୃଙ୍ଖଳକୁ ନେଇ ଅନ୍ୟ କଣ୍ଟେନର କମ୍ପାନୀ କଣ୍ଟେନର ଭଡ଼ା ବୃଦ୍ଧି କରିଦେବେ। ଯାହାଦ୍ୱାରା ରୁଷିଆରୁ ତୈଳ ଆମଦାନୀ କରିବା ଭାରତ ପାଇଁ ମହଙ୍ଗା ହେବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଆମେରିକାର କଟକଣା ଦ୍ୱାରା ଭାରତ ସହ ବାର୍ଷିକ ଯୋଗାଣ ଚୁକ୍ତିକୁ ବଜାୟ ରଖିବା ରୁଷ ପାଇଁ କଠିନ ହୋଇପାରେ ବୋଲି ମଧ୍ୟ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ , ରୁଷ-ୟୁକ୍ରେନ ଯୁଦ୍ଧ ପରେ ଆମେରିକା କଟକଣା ଲାଗୁ କରିବା ପରେ ଭାରତ ରୁଷିଆରୁ ଅଶୋଧିତ ପେଟ୍ରୋଲିୟମ କଣିବା ଦିଗରେ ବଡ଼ ଗ୍ରାହକ ପାଲଟିଥିଲା। କିନ୍ତୁ ଉପରୋକ୍ତ ରୁଷିଆ କମ୍ପାନୀ ଉପରେ ପୁଣି କଟକଣା ଲାଗୁ ହେବା ଦ୍ୱାରା ଭାରତର ଚିନ୍ତା ବଢିବାର ଆଶଙ୍କା ବଢିଛି। ଏହି କଟକଣା ଯୋଗୁଁ ରୁଷିଆରୁ ତେଲ ଆଣିବାକୁ ଜାହାଜ ମିଳିବା କଷ୍ଟକର ହୋଇପଡ଼ିବ ବୋଲି ଭାରତୀୟ ତୈଳ ରିଫାଇନରୀ କମ୍ପାନୀମାନେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୮୫୬- ରୁଷ୍ ଓ ତୁର୍କି ମଧ୍ୟରେ ଯୁଦ୍ଧବିରାମ ଚୁକ୍ତି।
- ୧୮୯୬- ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାର୍‌ଜୀ ଦେଶାଇଙ୍କ ଜନ୍ମ।
- ୧୯୬୦- ମରକ୍କୋରେ ୬.୭ ତୀବ୍ରତାର ଭୂମିକମ୍ପ ଆସିବାରୁ ପାଖାପାଖି ୧୦୦୦ ଲୋକଙ୍କ ମୃତ୍ୟୁ।
- ୨୦୦୮ - ପାକିସ୍ତାନରେ ଆତ୍ମଘାତୀ ବୋମା ବିସ୍ଫୋରଣରେ ୪୪ ଲୋକଙ୍କ ମୃତ୍ୟୁ, ୯୦ରୁ ଅଧିକ ଆହତ।



# ନିଆରା ଚାକିରି

## ପୃଥିବୀରେ ପାଇବେ ମଙ୍ଗଳଗ୍ରହର ଅନୁଭବ

ସମୟାନୁକ୍ରମେ ମହାକାଶ ବିଜ୍ଞାନରେ ବହୁ ଅଗ୍ରଗତି ହେଉଛି। ଯାହା ଦ୍ୱାରା ବହୁ ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇପାରିଛି। ତେବେ ମଙ୍ଗଳ ଗ୍ରହରେ ମନୁଷ୍ୟଙ୍କ ବସତି ସ୍ଥାପନକୁ ନେଇ ନାସା ନିକଟରେ ଏକ ନିଆରା ଚାକିରି ବାହାର କରିଛି। ଯାହା ପୃଥିବୀରେ ରହି କର୍ମଚାରୀଙ୍କୁ ମଙ୍ଗଳ ଗ୍ରହର ସ୍ୱତନ୍ତ୍ର ଅନୁଭବ ଦେବ। କେବଳ ସେତିକି ନୁହେଁ, ଚାକିରି ସହ କର୍ମଚାରୀଙ୍କୁ ମୋଟା ଅର୍ଥରାଶି ମଧ୍ୟ ପ୍ରଦାନ କରାଯିବ। ନାସା ଭବିଷ୍ୟତରେ ମଙ୍ଗଳ ଗ୍ରହରେ ଘର କରିବା ଯୋଜନା ରଖିଛି। ଏହା ପୂର୍ବରୁ ନାସା ପକ୍ଷରୁ ପୃଥିବୀ ପୃଷ୍ଠରେ ନକଲି ଘର ନିର୍ମାଣ କରାଯାଇ ଏହାର ପରୀକ୍ଷା କରାଯିବ। ତେବେ ଏହି ଘରେ ମଙ୍ଗଳ ଗ୍ରହ ଭଳି ପରିବେଶ ତିଆରି କରାଯାଇଛି। ୧୭୦୦ ବର୍ଗ ଫୁଟ୍ ଅଞ୍ଚଳରେ ନିର୍ମିତ ଏହି ଘରେ ସମୁଦାୟ ୪ ଜଣ ବ୍ୟକ୍ତି ରହିପାରିବେ। ଏଠାରେ ରହୁଥିବା ଲୋକଙ୍କୁ ମଙ୍ଗଳ ଗ୍ରହ ଭଳି ପରିବେଶରେ ପନିପରିବା ଉତ୍ପାଦନ କରିବାକୁ ହେବ। ଏହାସହ ରୋବଟ୍‌ମାନଙ୍କ ସହ କାମ କରିବାକୁ ହେବ। ଏହି ଅଭିଯାନର ନାମ 'କ୍ରୁ ହେଲଥ୍ ଆଣ୍ଡ ପରଫରମାନ୍ସ ଏକ୍ସପ୍ଲୋରେସନ୍ ଆନାଲଗ୍' ରଖାଯାଇଛି। ନାସାର ଏହି ଅଭିଯାନ ୨୦୨୫ରେ ଆରମ୍ଭ ହେବ। ତେବେ ଏହି ଚାକିରି କରିବାକୁ ଚାହୁଁଥିବା ଲୋକେ ଏପ୍ରିଲ୍ ୨ ସୁଦ୍ଧା ଆବେଦନ କରିପାରିବେ।

# ଥରକେ ପିନ୍ଧିଲେ ୪୫ ସ୍ୱେଟର୍



ଅନେକ ସମୟରେ ଲୋକେ ବହୁ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରି ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ଜଣେ ମହିଳା ଏକାଧିକ ସ୍ୱେଟର୍ ପିନ୍ଧି ବିଶ୍ୱ ରେକର୍ଡ କରିଛନ୍ତି। ସୋଫିଆ ଏଫ୍. ହେୟଡେନ୍ ନାମ୍ନୀ ଏହି ମହିଳା ଜଣକ ଏକକାଳୀନ ୪୫ଟି ସ୍ୱେଟର୍ ପିନ୍ଧି ରେକର୍ଡ କରିପାରିଛନ୍ତି। ତେବେ ସେ ପ୍ରଥମେ ଗୋଟିଏ ସ୍ୱେଟର୍ ଅଣ୍ଟା ପର୍ଯ୍ୟନ୍ତ ପିନ୍ଧିଥିଲେ। ଏହାପରେ ସେ ଗୋଟିଏ ପରେ ସ୍ୱେଟର୍ ପିନ୍ଧିଥିଲେ। ସେହିପରି ସ୍ୱେଟର୍ ପିନ୍ଧିବା ପରେ ଏହା ଯେମିତି ଫାଟି ନ ଯିବ, ସେଥିପାଇଁ ରହିଥିଲା ସ୍ୱତନ୍ତ୍ର ନିୟମ। ସୋଫିଆ ସ୍ଥାନୀୟ ଏକ ପାଠାଗାରରେ ଏହି ରେକର୍ଡ କରି ସଫଳ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ଫ୍ରାନ୍ସର ଥମାସ୍ ହକ୍ୱେଟ୍ ଉମାମ୍ବୋଙ୍କ ନାମରେ ଥିଲା, ଯିଏ କି ଏକକାଳୀନ ୪୦ଟି ସ୍ୱେଟର୍ ପିନ୍ଧିଥିଲେ। ସେହିପରି ସେ ପିନ୍ଧିଥିବା ସ୍ୱେଟର୍ ସବୁକୁ ପରବର୍ତ୍ତୀ ସମୟରେ ଦାନ କରି ଦେଇଥିଲେ। ସୋଫିଆଙ୍କର ରେକର୍ଡ ସମୟର ଭିଡିଓକୁ ଗିନିଜ୍ ୱାର୍ଲଡ୍ ରେକର୍ଡ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି।

# ଗହଳି ଯୋଗୁଁ ନିଜ ଭୋଜିରୁ ପଳାଇଲା ବର

ସାଧାରଣତଃ ପ୍ରତ୍ୟେକ ବିବାହର ପ୍ରମୁଖ ଆକର୍ଷଣ ବର-କନିଆ ହିଁ ହୋଇଥାନ୍ତି। ତେବେ କୌଣସି ବର ଗହଳି ଯୋଗୁଁ ନିଜ ବିବାହ ଭୋଜି ଅଧାରୁ ଛାଡ଼ି ଘରକୁ ଚାଲିଯିବା କଥା ହୁଏତ କେହି କେବେ ଶୁଣି ନ ଥିବେ। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଇଣ୍ଡୋନେସିଆରେ। ରହିମ୍ ପକାୟା ନାମକ ଏହି ସଦ୍ୟ ବିବାହିତ ଯୁବକ ଜଣକ ବାହାଘର ରିସେପ୍‌ସନ୍‌ରେ ନିଜ ସ୍ତ୍ରୀକୁ ଏକାକୀ ମଣ୍ଡପରେ ଛାଡ଼ି ଚାଲିଯିବା ବିଷୟ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏହି ଘଟଣାଟି ଫେବୃଆରୀ ୭ ତାରିଖ ହୋଇଥିବାବେଳେ କନିଆ ପକ୍ଷ ଏନେଇ ପୁଲିସ୍‌ରେ ଅଭିଯୋଗ କରିଛନ୍ତି। ତେବେ ରହିମ୍‌ଙ୍କ ସ୍ୱଭାବ ଲାଜକୁଳା। ତାଙ୍କୁ ଜନଗହଳି ପସନ୍ଦ ନୁହେଁ। ଏପରକି ସେ ଅନ୍ୟମାନଙ୍କ ରିସେପସନ୍‌କୁ ଯାଇ କେବଳ ଉପହାର ଦେଇ ଚାଲି ଆସୁଥିବା କହନ୍ତି। ଏଣୁ ସେ ନିଜ ବାହାଘର ରିସେପସନ୍‌ରେ ଗହଳି ଦେଖି ଘରକୁ ପଳାଇ ଯାଇଥିବା ପୁଲିସ୍ ସମ୍ମୁଖରେ ସ୍ୱୀକାର କରିଛନ୍ତି। ଅବଶ୍ୟ ଏହି ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ଥାନାରେ ହୋଇଛି।





# ପୁଣି ଏକାଠି ବରୁଣ-ଜାହ୍ନବୀ

ପୁଣି ଥରେ ଲୋକପ୍ରିୟ ଅଭିନେତା ବରୁଣ ଧୱନ ଏବଂ ଅଭିନେତ୍ରୀ ଜାହ୍ନବୀ କପୁରଙ୍କୁ କରନ୍ ଜୋହରଙ୍କ ନୂଆ ହିନ୍ଦୀ ସିନେମା 'ସନୀ ସଂସ୍କାରୀ କି ତୁଲସୀ କୁମାରୀ'ରେ ଏକାଠି ଦେଖିବାକୁ ମିଳିବ। ପୂର୍ବରୁ 'ବବାଲ୍' ଫିଲ୍ମରେ ବରୁଣ ଓ ଜାହ୍ନବୀଙ୍କ ଯୋଡ଼ିକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ପୁଣି ଥରେ ଦୁହେଁ ଏକାଠି ନଜର ଆସିବା ଖବର ସାମ୍ନାକୁ ଆସିବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ଏହି ନୂଆ ସିନେମା ସୁନ୍ଦର ଏକ ରୋମାଣ୍ଟିକ୍ ପ୍ରେମ କାହାଣୀ ଉପରେ ଆଧାରିତ। ସେହିପରି କରନ୍ ଏହି ସିନେମା ବାବଦରେ ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଘୋଷଣା କରିଛନ୍ତି। ଏପରିକି ଏହାର ଏକ ଛୋଟ ଭିଡିଓକୁ ସେୟାର୍ କରି ସେ ଲେଖିଛନ୍ତି, 'ଆପଣଙ୍କ ସଂସ୍କାରୀ ବାହାରି ପଡ଼ିଛି, ତା' କୁମାରୀକୁ ଆଣିବା ପାଇଁ।' ସିନେମାର କାହାଣୀ ଓ ନିର୍ଦ୍ଦେଶନା ଦେଇଛନ୍ତି ଶଶାଙ୍କ ଖୈତାନ। ସିନେମାଟି ଏପ୍ରିଲ ୧୮, ୨୦୨୫ରେ ପ୍ରେକ୍ଷାଳୟକୁ ଆସିବ।



# ତ୍ୱଚାକୁ ସୁନ୍ଦର ରଖେ ସ୍କିନ୍ ଫ୍ଲୋଡିଙ୍ଗ୍

**ସାଧାରଣତଃ ସ୍କିନ୍ କେୟାର, ମେକଅପ୍ ଓ ଷ୍ଟାଇଲ୍‌କୁ ନେଇ ବିଭିନ୍ନ ସମୟରେ ନୂଆ ଟ୍ରେଣ୍ଡ ଦେଖିବାକୁ ମିଳେ । ଏହା ମଧ୍ୟରୁ ଗୋଟିଏ ହେଉଛି 'ସ୍କିନ୍ ଫ୍ଲୋଡିଙ୍ଗ୍' । ଏହା ତ୍ୱଚାକୁ ମଏଶ୍ଚରାଇଜ କରିବାର ଏକ ନୂଆ ପ୍ରକ୍ରିୟା । ଯାହାକି ତ୍ୱଚା ପାଇଁ ଖୁବ୍ ଲାଭଦାୟକ । ଏହି ପ୍ରକ୍ରିୟାକୁ ଆପଣାଇ ତ୍ୱଚାକୁ ଉପଯୁକ୍ତ ପୋଷଣ ଦେବା ସମ୍ଭବ ।**

**ଏହା କ'ଣ –** ଏହାର ମୁଖ୍ୟ ଉଦ୍ଦେଶ୍ୟ ତ୍ୱଚାର ଆର୍ଦ୍ରତାକୁ ବଜାୟ ରଖିବା । ତ୍ୱଚା ହାଇଡ୍ରେଟ୍ ରହିବା ଦ୍ୱାରା ବିଭିନ୍ନ ପ୍ରକାର ସମସ୍ୟା ଦୂର ହୁଏ ।ତେଣୁ ତ୍ୱଚାକୁ ପୋଷଣ ଦେବା ପାଇଁ ଦୀନଚର୍ଯ୍ୟାରେ କ୍ଲିଂଜର, ମଏଶ୍ଚରାଇଜର ଓ ସିରମ୍ ବ୍ୟବହାର କରନ୍ତୁ ।

**ତ୍ୱଚାରେ ଚମକ ଆଣେ-** ସ୍କିନ୍ ଫ୍ଲୋଡିଙ୍ଗ୍ ତ୍ୱଚା ପାଇଁ ବହୁତ ଲାଭଦାୟକ । ଏହାକୁ କରିବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ ଓ ବୟସର ପ୍ରଭାବ କମ୍ ହୋଇଥାଏ । ତା'ସହ ଏହା ତ୍ୱଚାକୁ ଅଧିକ ମାତ୍ରାରେ ହାଇଡ୍ରେଟ୍ ରଖିବାରେ ସହାୟକ ହୋଇଥାଏ। ତେଣୁ ଏ ଲାଗି ଭଲ ମଏଶ୍ଚରାଇଜର ଓ ସିରମ୍ ଲଗାଇବାର ଆବଶ୍ୟକତା ରହିଛି ।

# କେମିତି କରିବେ କାଠ ବାସନ ସଫା

**ରନ୍ଧାବଢା ପାଇଁ ଏବେ ବଜାରରେ ଅନେକ କାଠ ସରଞ୍ଜାମ ମିଳୁଛି । ଯେମିତି କାଠ ଚାମଚ, ପିଠାପାଟିଆ, ଚଟୁ ଆଦି । ଏଥିରେ ରୋଷେଇ କରିବା ସୁବିଧାଜନକ ହୋଇଥାଏ । କିନ୍ତୁ , ଏହାକୁ ସଫାକରିବା ଟିକେ କଷ୍ଟକର ବ୍ୟାପାର । ତେବେ ସହଜ ଉପାୟରେ କିପରି କାଠ ବାସନ ସଫା କରିବେ, ସେ ସମ୍ପର୍କରେ ଜାଣିବା ।**

### ଲେମ୍ବୁ ରସର ଉପଯୋଗ

କାଠ ବାସନ ସଫା କରିବା ପାଇଁ ଲେମ୍ବୁ ରସ ଖୁବ୍ ଉପକାରୀ । ଗରମ ପାଣିରେ ଲେମ୍ବୁରସ ମିଶାନ୍ତୁ । ଏଥିରେ କାଠ ବାସନ ବୁଡ଼ାଇ ୧୫ ମିନିଟ୍ ରଖି ଦିଅନ୍ତୁ । ପାଣି ଥଣ୍ଡା ହୋଇଯିବା ପରେ ସେଥିରେ ଆଉ ଅଳ୍ପ ଗରମ ପାଣି ମିଶାନ୍ତୁ । ୧୫ ମିନିଟ୍ ପରେ ପାଣିରୁ କାଢ଼ି ଏହାକୁ ଭଲ ଭାବେ ପୋଛି ଦିଅନ୍ତୁ ।

### ଭିନେଗାରର ବ୍ୟବହାର

ଭିନେଗାର ବ୍ୟବହାର କରି କାଠ ବାସନକୁ ସଫା କରାଯାଇପାରିବ । ଗୋଟିଏ ପାତ୍ରରେ ଅଧା କପ୍ ଭିନେଗାର ନିଅନ୍ତୁ, ସେଥିରେ ଏକ ଚାମଚ ମହୁ ମିଶାନ୍ତୁ । ଏହି ମିଶ୍ରଣକୁ କପଡ଼ାରେ ବୁଡ଼ାଇ କାଠ ବାସନ ସଫା କରନ୍ତୁ । ଏହିପରି ଦୁଇ ତିନି ଥର କରିବା ଦ୍ୱାରା କାଠ ବାସନ ସଫା ହୋଇଯାଏ ।



## ମଟନ୍ ମସଲା

ମୋ ହାଣ୍ଡିଶାଳରୁ...

### ଆବଶ୍ୟକ ସାମଗ୍ରୀ

ମଟନ୍ -୫୦୦ ଗ୍ରାମ୍, କଟା ପିଆଜ ୨୫୦ ଗ୍ରାମ୍, ଗୋଟା ଗରମ ମସଲା- ଅଳ୍ପ, ହଳଦିଗୁଣ୍ଡ – ଅଧା ଚାମଚ, ଲଙ୍କା ଗୁଣ୍ଡ-ଅଧା ଚାମଚ, ଅଦା ରସୁଣ ପେଷ୍ଟ – ଦୁଇ ଚାମଚ, ଗରମ ମସଲା ଗୁଣ୍ଡ- ଅଧା ଚାମଚ , ଦହି - ଦୁଇ ଚାମଚ, ଧନିଆ ପତ୍ର- ଅଳ୍ପ କିଛି, ଧନିଆ ଗୁଣ୍ଡ-୨ ଚାମଚ, ଲୁଣ ସ୍ୱାଦ ଅନୁସାରେ, ତେଲ-ଆବଶ୍ୟକତାନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚୁଲି ଲଗାଇ ପ୍ରେସରକୁକର ବସାନ୍ତୁ। ପ୍ରେସର ଗରମ ହୋଇଯିବା ପରେ ସେଥିରେ କିଛି ତେଲ ଦିଅନ୍ତୁ। ପରେ ଗୋଟା ଗୋଲମରିଚ, ଗୁଜୁରାତି, ଡାଲଚିନି, ଲବଙ୍ଗ ଆଦି ଗୋଟା ଗରମ ମସଲା ପକାନ୍ତୁ। ଏହା ପରେ କଟା ପିଆଜ ପକାଇ ତା'କୁ ନାଲି ହେବା ଯାଏଁ ଭାଜନ୍ତୁ । ପିଆଜ ଭାଜି ହୋଇଯିବା ପରେ ମଟନ ପକାନ୍ତୁ। ସେଥିରେ କିଛି ଅଦା ରସୁଣ ପେଷ୍ଟ ଦେଇ ଅଳ୍ପ ସମୟ ଭାଜନ୍ତୁ। ଏହାପରେ ଲଙ୍କାଗୁଣ୍ଡ , ହଳଦିଗୁଣ୍ଡ, ଧନିଆଗୁଣ୍ଡ ଓ ଲୁଣ ପକାଇ ତିନିରୁ ଚାରିମିନିଟ୍ ଧିମା ଆଞ୍ଚରେ କଷନ୍ତୁ। ତେଲ ଛାଡ଼ିଯିବା ପରେ ୨୦୦ ଗ୍ରାମ୍ ପାଣି ଦେଇ ତିନିରୁ ଚାରିଟି ସିଟି ଦେଇ ଦିଅନ୍ତୁ। ସିଟି ଆସିଲା ପରେ ପ୍ରେସର ଖୋଲି ତରକାରିକୁ ଏପଟ ସେପଟ କରନ୍ତୁ। ମଟନରୁ ପାଣି ମରିଗଲା ପରେ ସେଥିରେ କଟା ଧନିଆ ପତ୍ର ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମଟନ୍ ମସଲା' ।



## ସୁଶ୍ରୀ

# ମହିଳା ହାସ୍ୟକାର

## ମଜା କଥାରେ କରନ୍ତି ମତୁଆଲା

**ବିଭିନ୍ନ ମଞ୍ଚରେ ହାସ୍ୟରସ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରିଥାନ୍ତି ଷ୍ଟାଣ୍ଡଅପ୍ କମେଡିଆନ୍। କେବଳ ପୁରୁଷ ନୁହଁନ୍ତି, କେତେଜଣ ମହିଳା ମଧ୍ୟ ଏକ୍ଷେତ୍ରରେ ବେଶ୍ ଲୋକପ୍ରିୟତା ସାଉଁଟିଛନ୍ତି। ନିଜକୁ ଶାଳୀନତାର ସୀମା ଭିତରେ ରଖି ସେମାନେ ମଜା ମଜା କଥାରେ ଦର୍ଶକଙ୍କୁ ହସାଇ ବେଦମ୍ କରିଦିଅନ୍ତି। ଭାରତର କେତେଜଣ ଆଗଧାଡ଼ିର ମହିଳା ଷ୍ଟାଣ୍ଡଅପ୍ କମେଡିଆନ୍‌ଙ୍କୁ ନେଇ ଆମର ଏହି ଆଲେଖ୍ୟ।**

### ଭାରତୀ ସିଂହ



ମହିଳା ଷ୍ଟାଣ୍ଡଅପ୍ କମେଡି କଥା ଆଲୋଚନା କଲେ ପ୍ରଥମେ ଆସନ୍ତି ଭାରତୀ ସିଂହ। ତାଙ୍କର ଚେହେରା ହସର ଖୋରାକ୍ ଯୋଗାଇଥାଏ । ଭାରତୀ ଜଣେ ଲୋକପ୍ରିୟ କମେଡିଆନ୍ ସାଙ୍ଗକୁ ଦୂରଦର୍ଶନ ଜଗତର ଜଣେ ପରିଚିତ ଚେହେରା। ବିଭିନ୍ନ ପ୍ରକାରର କମେଡି ଶୋ'ରେ ସେ ଦର୍ଶକଙ୍କ ମନୋରଞ୍ଜନ କରିଥାନ୍ତି। ତା'ସହ କେତେକ ଚର୍ଚ୍ଚିତ ଶୋ'ରେ ଉପସ୍ଥାପନା କରି ସେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। ସେ ଷ୍ଟାର୍ ୱାନ୍‌ରେ ପ୍ରସାରିତ କମେଡି ସିରିଜ୍ 'ଦ ଗ୍ରେଟ୍ ଇଣ୍ଡିଆନ୍ ଲାଫ୍‌ଟର ଚ୍ୟାଲେଞ୍ଜ'ରେ ଭାଗ ନେଇ ସେକେଣ୍ଡ ରନର୍ସ ଅପ୍ ହୋଇଥିଲେ। ଏଥି ସହିତ ସେ 'କମେଡି ସର୍କସ' ଓ 'ଝଲକ୍ ଦିଖ୍‌ଲାଜା'ରେ ପ୍ରତିଯୋଗୀ ଭାବେ ନଜର ଆସିଛନ୍ତି। କେବଳ ସେତିକି ନୁହେଁ, 'କମେଡି ନାଇଟ୍‌ସ ବଚାଓ' ଏବଂ 'ଇଣ୍ଡିଆଜ୍ ଗଟ୍ ଟ୍ୟାଲେଣ୍ଟ'ର ସଂଚାଳିକା ମଧ୍ୟ ରହିଛନ୍ତି।

### ରାଧିକା ବାଜ୍



ରାଧିକା ବାଜ୍ ଜଣେ କମେଡିଆନ୍ ଓ ଲେଖିକା ଭାବେ ବେଶ୍ ପରିଚିତ। ସେ ଆଡ୍‌ଭଟାଇଜିଂ ଏକଜିକ୍ୟୁଟିଭ୍ ଭାବେ ଚେନ୍ନାଇରେ କାର୍ଯ୍ୟ କରିଥିଲେ। ଏଥି ସହିତ ସେ ନ୍ୟୁୟର୍କ ୟୁନିଭର୍ସିଟିରେ ଆଡ୍‌ଭଟାଇଜିଂରେ ମାଷ୍ଟର ମଧ୍ୟ ଶେଷ କରିଛନ୍ତି । ସେ ଇମପ୍ରୁଭିସନାଲ୍ ଥିଏଟର ଯାଉଥିଲେ, ଯାହା ତାଙ୍କୁ ଜଣେ କଳାକାର ଓ ଲେଖିକା ଭାବେ କ୍ୟାରିୟର ଆରମ୍ଭ କରିବାରେ ସହାୟତା କରିଥିଲା ।

### ଅଦିତି ମିତ୍ତଲ



ଅଦିତି ମିତ୍ତଲ ଏକାଧାରରେ ଜଣେ ଷ୍ଟାଣ୍ଡଅପ୍ କମେଡିଆନ୍, ଅଭିନେତ୍ରୀ ଓ ଲେଖିକା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି। ସେ ଭାରତର ପ୍ରଥମ ମହିଳା, ଯିଏ କି ଷ୍ଟାଣ୍ଡଅପ୍ କମେଡିଆନ୍ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ଭାରତର ୧୦ ଜଣ ବଛା ବଛା ଷ୍ଟାଣ୍ଡଅପ୍ କମେଡିଆନଙ୍କ ମଧ୍ୟରେ ତାଙ୍କ ନାମ ରହିଛି। ତାଙ୍କର ଗ୍ରାଜିଆମେନ୍ ମାଗାଜିନ୍, ଡିଏନଏ, ଫାଷ୍ଟପୋଷ୍ଟ ଏବଂ ଫାଇନାନ୍ସିଆଲ୍ ଟାଇମ୍ସରେ ବହୁ ଆଲେଖ୍ୟ ପ୍ରକାଶ ପାଇଛି ।

### ମଲ୍ଲିକା ଦୁଆ



ମଲ୍ଲିକା ଦୁଆ ଜଣେ କମେଡିଆନ୍, ଅଭିନେତ୍ରୀ ଏବଂ ଲେଖିକା ଭାବେ ବେଶ୍ ଜଣାଶୁଣା। ତାଙ୍କ କମେଡିକୁ ମଧ୍ୟ ଲୋକମାନେ ବେଶ୍ ପସନ୍ଦ କରନ୍ତି। ତାଙ୍କର ଭିଡିଓ 'ସିଟ୍ ପ୍ୟୁପଲ ସେ:ସରୋଜିନୀ ନଗର ଏଡିସନ୍' ବେଶ୍ ଲୋକପ୍ରିୟ ହୋଇଥିଲା।

### ସୁମୁଖୀ ସୁରେଶ



ସୁମୁଖୀ ସୁରେଶ ଜଣେ କମେଡିଆନ୍, ଅଭିନେତ୍ରୀ, ଲେଖିକା ତଥା ଜଣେ ନିର୍ଦ୍ଦେଶିକା ଭାବେ ଜଣାଶୁଣା। ସେ ଷ୍ଟାଣ୍ଡଅପ୍ କମେଡି ଶୋ' 'କମିକସ୍ତାନ୍' , 'ଗୋ ଷ୍ଟ୍ରେଟ୍ ଟେକ୍ ଲେଫ୍ଟ', 'କମେଡି ପ୍ରିମିୟର ଲିଗ୍' ଏବଂ 'ସୋଲୋ ସ୍ପେସିଆଲ୍ ଡୋଣ୍ଟ କଲ୍ ଅମ୍ମା' ଆଦିରେ ଅଂଶଗ୍ରହଣ କରି ବେଶ୍ ପ୍ରଶଂସା ସାଉଁଟିଛନ୍ତି।

## ବିସିସିଆଇ ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକା

# ବାଦ୍ ପଡ଼ିଲେ ଇଶାନ, ଶ୍ରେୟସ





ନୂଆଦିଲ୍ଲୀ,୨୮ ।୨(ଏଜେନ୍ସି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ତା'ର ବାର୍ଷିକ କେନ୍ଦ୍ରୀୟ ଚୁକ୍ତି ତାଲିକା ଘୋଷଣା କରିଛି। ଏଥର ୩୦ଜଣ ଖେଳାଳିଙ୍କୁ ଅନୁବନ୍ଧିତ କରାଯାଇଛି। ଏଥିରେ ୱିକେଟରକ୍ଷକ ବ୍ୟାଟର ଇଶାନ କିଶାନ ଓ ମଧ୍ୟକ୍ରମ ବ୍ୟାଟର ଶ୍ରେୟସ ଆୟରଙ୍କୁ ଜବରଦସ୍ତ ଝଟ୍‌କା ଲାଗିଛି। ଏହି ତାଲିକାରୁ ଉଭୟ ଖେଳାଳିଙ୍କୁ ବାଦ୍ ଦିଆଯାଇଛି।

ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ତାରକା ଖେଳାଳି ଗ୍ରେଡ୍ ଏ+'ରେ ସାମିଲ ହୋଇଛନ୍ତି। ଏହି ଚୁକ୍ତିର ଅବଧି ୨୦୨୩ ଅକ୍ଟୋବର ୧ରୁ ଆରମ୍ଭ ହୋଇ ୨୦୨୪ ସେପ୍ଟେମ୍ବର ୩୦ରେ ଶେଷ ହେବ। ଯେଉଁ ଖେଳାଳିମାନେ ଏକ ନିର୍ଦ୍ଧାରିତ ସମୟ ଅବଧିରେ ୩ଟି ଟେଷ୍ଟ କିମ୍ବା ୮ ଦିନିକିଆ କିମ୍ବା ୧୦ଟି ଟି-୨୦ ମ୍ୟାଚ୍ ଖେଳିଥିବେ ସେମାନେ ସ୍ୱତଃ ଗ୍ରେଡ ସି'ରେ ସାମିଲ ହେବେ ବୋଲି ବିସିସିଆଇ ତରଫରୁ କୁହାଯାଇଛି। ଜାତୀୟ ଦଳ ପାଇଁ ଖେଳୁ ନଥିବା ବେଳେ ଖେଳାଳିମାନଙ୍କୁ ଘରୋଇ କ୍ରିକେଟ ଖେଳିବାକୁ ବିସିସିଆଇ ତରଫରୁ କୁହାଯାଇଛି। ସେହିଭଳି ଗ୍ରେଡ ଏ'ରେ ମହମ୍ମଦ ସିରାଜ, ଲୋକେଶ ରାହୁଲ ଓ ଶୁବମାନ ଗିଲ୍‌ଙ୍କୁ ନୂଆ କରି ସାମିଲ କରାଯାଇଛି। ୨୨ ବର୍ଷୀୟ ଯଶସ୍ୱୀ ଜୟସ୍ୱାଲଙ୍କୁ ନୂଆକରି ଗ୍ରେଡ୍ ବି'ରେ ସାମିଲ କରାଯାଇଛି।

### ଫାଷ୍ଟ ବୋଲିଂ କଣ୍ଟ୍ରାକ୍ଟର ନୂଆ ପରମ୍ପରା

ବିସିସିଆଇ ଏଥର ଏକ ନୂଆ ପରମ୍ପରା ସୃଷ୍ଟି କରିଛି। ପ୍ରଥମଥର ପାଇଁ ଫାଷ୍ଟ ବୋଲିଂ କଣ୍ଟ୍ରାକ୍ଟ ବା ଦ୍ରୁତ ବୋଲିଂ ଚୁକ୍ତି ତାଲିକା ଜାରି କରାଯାଇଛି। ଚୟନ କମିଟି ଦ୍ରୁତ ବୋଲରଙ୍କ ପାଇଁ ଏକ ଦ୍ରୁତ ବୋଲିଂ ଚୁକ୍ତିର ପ୍ରସ୍ତାବ ଦେଇଛି। ଏଥିରେ ଆକାଶଦୀପ, ବିଜୟ କୁମାର ବିଶାକ, ଉମରାନ ମଲିକ, ଯଶ ଦୟାଲ ଓ ବିଦ୍ୱାତ କାଭେରାପ୍ପାଙ୍କ ଭଳି ବୋଲରଙ୍କୁ ସାମିଲ କରାଯାଇଛି। ଭାରତୀୟ ଦ୍ରୁତ ବୋଲିଂର ଉନ୍ନତି ପାଇଁ ଏପରି କରାଯାଇଛି ବୋଲି କୁହାଯାଇଛି।

### ଖେଳାଳିଙ୍କୁ କେତେ ଅର୍ଥ ମିଳିଥାଏ

ଗ୍ରେଡ ଏ+'ରେ ସାମିଲ ହୋଇଥିବା ଖେଳାଳିଙ୍କୁ ପ୍ରତିବର୍ଷ ୭ କୋଟି ଟଙ୍କା ପ୍ରଦାନ କରାଯାଇଥାଏ। ସେହିପରି ଗ୍ରେଡ ଏ' ଓ ବି'ରେ ସାମିଲଥିବା ଖେଳାଳିଙ୍କୁ ଯଥାକ୍ରମେ ୫ ଓ ୩ କୋଟି ଟଙ୍କା ଦିଆଯାଇଥାଏ। ସେହିପରି ଗ୍ରେଡ ସି'ରେ ସାମିଲ ଥିବା ପ୍ରତ୍ୟେକ ଖେଳାଳିମାନଙ୍କୁ ଏକ କୋଟି ଟଙ୍କା ଲେଖାଏ ପ୍ରଦାନ କରାଯାଇଥାଏ।

### କାହାର ଲାଭ, କାହାର କ୍ଷତି

ଚୁକ୍ତି ତାଲିକାରେ କେତେକ ଖେଳାଳି ଲାଭବାନ ହୋଇଥିବାବେଳେ ଆଉ କେତେଜଣ କ୍ଷତି ସହିଛନ୍ତି। ଲୋକେଶ ରାହୁଲ, ଶୁବମାନ ଗିଲ୍ ଗ୍ରେଡ ଏ'କୁ ଉନ୍ନିତ ହୋଇଛନ୍ତି। ଅନ୍ୟପଟେ କାର ଦୁର୍ଘଟଣାରେ ଫିଟ୍‌ନେସ ଫେରିପାଇବାକୁ ପ୍ରୟାସ କରୁଥିବା ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତଙ୍କୁ ଗ୍ରେଡ ବି'ରେ ସ୍ଥାନ ମିଳିଛି। ଗତବର୍ଷ ଗ୍ରେଡ ଏ'ରେ ସାମିଲ ଥିବା ଅକ୍ଷର ପଟେଲଙ୍କୁ ଏଥର ଗ୍ରେଡ ବି'ରେ ରଖାଯାଇଛି। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସିରାଜ ଗ୍ରେଡ ଏ'ରେ ସ୍ଥାନ ବଜାୟ ରଖିଛନ୍ତି। ରୋହିତ, କୋହଲି, ବୁମ୍‌ରା ଓ ଜାଡେଜା ପୂର୍ବପରି ଗ୍ରେଡ ଏ+'ରେ ସ୍ଥାନ ବଜାୟ ରଖିଛନ୍ତି।

### କେନ୍ଦ୍ରୀୟ ଚୁକ୍ତି ତାଲିକା

**ଗ୍ରେଡ୍ ଏ+ (୭ କୋଟି):** ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜା।

**ଗ୍ରେଡ୍ ଏ (୫ କୋଟି):** ରବିଚନ୍ଦ୍ରନ ଅଶ୍ୱିନ, ମହମ୍ମଦ ସାମି, ମହମ୍ମଦ ସିରାଜ, ଲୋକେଶ ରାହୁଲ, ଶୁବମାନ ଗିଲ ଓ ରବିନ୍ଦ୍ର ଜାଡେଜା।

**ଗ୍ରେଡ୍ ବି (୩ କୋଟି):** ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, କୁଲଦୀପ ଯାଦବ, ଅକ୍ଷର ପଟେଲ ଓ ଯଶସ୍ୱୀ ଜୟସ୍ୱାଲ।

**ଗ୍ରେଡ୍ ସି (ଏକ କୋଟି):** ରିଙ୍କୁ ସିଂ, ତିଳକ ବର୍ମା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ଶିବମ ଦୁବେ, ରବି ବିଷ୍ଣୋଇ, ଜିତେଶ ଶର୍ମା, ୱାଶିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, କେଏସ୍ ଭରତ, ପ୍ରସିଦ୍ଧ କ୍ରିଷ୍ଣା, ଆଭେସ ଖାନ ଓ ରଜତ ପଟିଦାର।

● ହକି ଇଣ୍ଡିଆରେ ଗୋଷ୍ଠୀ ବିବାଦ ଅଭିଯୋଗ

## ଦିଲୀପ, ଭୋଲାନାଥଙ୍କ ଖଣ୍ଡନ

ନୂଆଦିଲ୍ଲୀ,୨୮ ।୨(ଏଜେନ୍ସି): ଭାରତୀୟ ହକିରେ ଗୋଷ୍ଠୀ ବିବାଦ ନେଇ ହୋଇଥିବା ଅଭିଯୋଗକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କି ଓ ସାଧାରଣ ସମ୍ପାଦକ ଭୋଲାନାଥ ସିଂ ମିଳିତ ଭାବେ ଖଣ୍ଡନ କରିଛନ୍ତି। ମଙ୍ଗଳବାର ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ (ସିଇଓ) ଏଲିନା ନର୍ମାନ ନିଜ ପଦରୁ ଇସ୍ତଫା ଦେବା ସହ ଭାରତୀୟ ହକିରେ ଗୋଷ୍ଠୀ ବିବାଦ ଅଛି ବୋଲି କହିଥିଲେ। ଦିଲୀପ ଓ ଭୋଲାନାଥଙ୍କ ନେତୃତ୍ୱରେ ଦୁଇଟି ଗୋଷ୍ଠୀ ବିବାଦରେ ଲିପ୍ତ ଥିବାରୁ କାର୍ଯ୍ୟକରିବା କଷ୍ଟକର ହୋଇ ପଡିଥିଲା ବୋଲି ନର୍ମାନ କହିଥିଲେ। ତେବେ ଏହା ଆଦୌ ଠିକ୍ ନୁହଁ ବୋଲି ଦିଲୀପ୍ ଓ ଭୋଲାନାଥ ମିଳିତ ଭାବେ କହିଛନ୍ତି। ଆମେ ଏକାଠି ଅଛୁ ଓ ମିଳିତ ଭାବେ କାର୍ଯ୍ୟ କରୁଛୁ ଓ ଆଗକୁ କରିଚାଲିବୁ ବୋଲି ସେ କହିଛନ୍ତି। ସଂଘ ସବୁ ପୁରୁଷ ଓ ମହିଳା ଖେଳାଳି ଏବଂ ଦଳଗୁଡିକ ସମାନ ଦୃଷ୍ଟିରେ ଦେଖିଥାଏ ଓ ସମାନ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରିଥାଏ। ପ୍ରଦର୍ଶନକୁ ଭିତ୍ତିକରି ଖେଳାଳିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ତେଣୁ ଏଲିନାଙ୍କ ଏଭଳି ମନ୍ତବ୍ୟ ଭିତ୍ତିହୀନ ବୋଲି ଉଭୟ କହିଛନ୍ତି।

### ହକିର ଉନ୍ନତି ଲାଗି ଏକାଠି ହେଲେ ନେତୃମଣ୍ଡଳୀ

ସେହିପରି ଭାରତୀୟ ପୁରୁଷ ଓ ମହିଳା ହକିରେ ଦୃଷ୍ଟାନ୍ତମୂଳକ ଉନ୍ନତି ଆଣି ଏହାକୁ ଏକ ନୂଆ ଯୁଗରେ ପ୍ରବେଶ କରାଇବାକୁ ଦିଲୀପ, ଭୋଲାନାଥ, କୋଷାଧ୍ୟକ୍ଷ ଶେଖର ଜେ ମନୋହରନଙ୍କୁ ନେଇ ଗଠିତ ହକି ଇଣ୍ଡିଆର ନେତୃମଣ୍ଡଳୀ ଏକାଠି ହୋଇଛନ୍ତି। ଖାସ୍ କରି ତୃଣମୂଳସ୍ତରରେ ହକି ଉନ୍ନତି ଉପରେ କାର୍ଯ୍ୟ କରାଯିବ ବୋଲି ମିଳିତ ଭାବେ କୁହାଯାଇଛି।

## ବର୍ତ୍ତମାନ ଗୋଟିଏ ଟେଷ୍ଟ ମ୍ୟାଚ୍‌କୁ ମିଳୁଛି ୧୫ ଲକ୍ଷ

**ନୂଆଦିଲ୍ଲୀ,୨୮ ।୨(ଏଜେନ୍ସି):** ବର୍ତ୍ତମାନ ଭାରତୀୟ କ୍ରିକେଟର୍‌ଙ୍କୁ ଗୋଟିଏ ଟେଷ୍ଟ ଖେଳିବା ପାଇଁ ୧୫ ଲକ୍ଷ ଟଙ୍କା ମିଳୁଛି। ସେହିପରି ଗୋଟିଏ ଦିନିକିଆ ଖେଳିଲେ ଖେଳାଳିଙ୍କୁ ୬ ଲକ୍ଷ ଓ ଟି-୨୦ ମ୍ୟାଚ୍ ଖେଳିଲେ ୩ ଲକ୍ଷ ଟଙ୍କା ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ପକ୍ଷରୁ ପ୍ରଦାନ କରାଯାଉଛି। ତେବେ ଆଗାମୀ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ପରେ ଟେଷ୍ଟ ମ୍ୟାଚର ପାଉଣାକୁ ବୃଦ୍ଧି କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ରେଡ ବଲ୍ କ୍ରିକେଟର ଉନ୍ନତି ପାଇଁ ବିସିସିଆଇ ଏପରି ନିଷ୍ପତ୍ତି ନେବ ବୋଲି କୁହାଯାଇଛି।

● ଡବ୍ଲ୍ୟୁପିଏଲ୍

## ୱାରିୟର୍ଜର ପ୍ରଥମ ବିଜୟ

**ବେଙ୍ଗାଲୁରୁ, ୨୮ ।୨ (ଏଜେନ୍ସି):** ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ୟୁପି ୱାରିୟର୍ଜ ପ୍ରଥମ ବିଜୟ ହାସଲ କରିଛି। ବୁଧବାର ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯାଇଥିବା ଲିଗ୍‌ର ୬ଷ୍ଠ ମୁକାବିଲାରେ ୟୁପି ୭ ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ଓପନର୍ ହେଲି ମାଥ୍ୟୁସଙ୍କ ୫୫ ରନ ବଳରେ ୬ ୱିକେଟ୍ ହରାଇ ୧୬୧ ରନ କରିଥିଲା। ଜବାବରେ କିରଣ ନାଭଗିରେଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ୱାରିୟର୍ଜ ୧୬.୩ ଓଭରରେ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓପନିଂ ଆସିଥିବା କିରଣ ୩୧ ବଲରୁ ୫୭ ରନ କରିଥିଲେ। ଅଧିନାୟିକା ଏଲିସା ହିଲୀ ୩୩, ଗ୍ରେସ୍ ହାରିସ ୩୮ * ଓ ଦୀପ୍ତି ଶର୍ମା ୨୭ * ରନ କରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ୩ୟ ମ୍ୟାଚରୁ ପ୍ରଥମ ପରାଜୟବରଣ କରିଛି। ତେବେ ୱାରିୟର୍ଜ ୨ଟି ପରାଜୟ ପରେ ପ୍ରଥମ ବିଜୟ ହାସଲ କରି ୨ ପଏଣ୍ଟ ସହ ଖାତା ଖୋଲିଛି।

## ଆଜି କଳିଙ୍ଗରେ ଓଡ଼ିଶା-ଇଷ୍ଟ ବେଙ୍ଗଲ ଲଢ଼େଇ

**ଭୁବନେଶ୍ୱର, ୨୮ ।୨ (ସମିସ):** ଚଳିତ ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ଚମତ୍କାର ଫର୍ମରେ ଥିବା ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ଏହାର ପରବର୍ତ୍ତୀ ମୁକାବିଲାରେ ଗୁରୁବାର ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ଭେଟିବ। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରାତି ୭ଟା ୩୦ରେ ଏହି ମ୍ୟାଚ୍ ଖେଳାଯିବ। ବର୍ତ୍ତମାନ ସୁଦ୍ଧା ୧୬ ମ୍ୟାଚ୍ ଖେଳି ୯ ବିଜୟ, ୨ ପରାଜୟ ଓ ୫ ଡ୍ର ସହ ୩୨ ପଏଣ୍ଟ ପାଇ ଓଡ଼ିଶା ଏଫ୍‌ସି ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ଏହି ମ୍ୟାଚରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରି ଓଡ଼ିଶା ଏଫ୍‌ସି ଶୀର୍ଷ ସ୍ଥାନକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ୧୬ ମ୍ୟାଚରୁ ୧୮ ପଏଣ୍ଟ ପାଇ ତାଲିକାର ୮ମ ସ୍ଥାନରେ ରହିଥିବା ଇଷ୍ଟ ବେଙ୍ଗଲ ମଧ୍ୟ ଏହି ମ୍ୟାଚରେ ଘରୋଇ ଦଳକୁ ଚକ୍‌ମା ଦେଖାଇବାକୁ ଲକ୍ଷ୍ୟ ରଖିଛି। ଉଭୟ ଦଳ ମଧ୍ୟରେ ବର୍ତ୍ତମାନ ୭ ମ୍ୟାଚ୍ ଖେଳାଯାଇଥିବାବେଳେ ଓଡ଼ିଶା ଏଫ୍‌ସି ୫ ଓ ଇଷ୍ଟ ବେଙ୍ଗଲ ଗୋଟିଏ ମ୍ୟାଚ୍ ଜିତିଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଛି।

● ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍

## ସୌମ୍ୟଙ୍କୁ ରୌପ୍ୟ, ଉତ୍କଳଙ୍କୁ କାଂସ୍ୟ ପଦକ

**ଭୁବନେଶ୍ୱର, ୨୮ ।୨ (ସମିସ):** ଗୋଆ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ସିଭିଲ ସର୍ଭିସ ଚେସ୍ (ପୁରୁଷ) ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ଦୁଇ ଖେଳାଳି ସୌମ୍ୟରଞ୍ଜନ ମିଶ୍ର ରୌପ୍ୟ ଓ ଉତ୍କଳ ରଞ୍ଜନ ସାହୁ କାଂସ୍ୟ ପଦକ ସଫଳତା ପାଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଏହି ସୁଇସ୍ ପ୍ରତିଯୋଗିତାରେ ସୌମ୍ୟ ୬ ବିଜୟ ଓ ୩ ଡ୍ର ସହ ୭.୫ ପଏଣ୍ଟ ରଖି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହିଭଳି ଉତ୍କଳ ୩ୟ ସ୍ଥାନ ହାସଲ କରି କାଂସ୍ୟରେ ସନ୍ତୁଷ୍ଟ ରହିଥିଲେ। ମୁମ୍ବାଇର ସଞ୍ଜୀବ କୁମାର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।



ପଦକ ସହ ଉତ୍କଳ ଓ ସୌମ୍ୟ

● ଆଇସିସି ଟେଷ୍ଟ ମାନ୍ୟତା

## ଜୟସ୍ୱାଲ, ଗିଲ୍, ଜୁରେଲଙ୍କ ଉନ୍ନତି

**ନୂଆଦିଲ୍ଲୀ,୨୮ ।୨(ଏଜେନ୍ସି):** ଆଇସିସି ଟେଷ୍ଟ ମାନ୍ୟତାରେ ୩ଜଣ ଭାରତୀୟ ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ ଓ ଧ୍ରୁବ ଜୁରେଲଙ୍କ ଉନ୍ନତି ହୋଇଛି। ଇଂଲଣ୍ଡ ବିପକ୍ଷ ଚତୁର୍ଥ ଟେଷ୍ଟ ମ୍ୟାଚ୍‌ରେ ଏମାନେ ଅର୍ଦ୍ଧଶତକ ହାସଲ କରି ଭାରତକୁ ଜିତାଇଥିଲେ। ୩ଟି ସ୍ଥାନ ଉପରକୁ ଉଠି ଜୟସ୍ୱାଲ ଦ୍ୱାଦଶ ସ୍ଥାନରେ ପହଞ୍ଚିଛନ୍ତି। ଗିଲ୍ ୪ଟି ସ୍ଥାନ ଉପରକୁ ଉଠି ୩୧ତମ ସ୍ଥାନରେ ରହିଛନ୍ତି। ସେହିପରି ଜୁରେଲ ୩୧ଟି ସ୍ଥାନ ଉପରକୁ ଉଠି ଲମ୍ବିଡିଆଁ ମାରିବା ସହ ୬୯ତମ ସ୍ଥାନରେ ରହିଛନ୍ତି। ଦଳୀୟ ତାଲିକାରେ ଭାରତୀୟ ଦଳ ଦ୍ୱିତୀୟ ସ୍ଥାନରେ ରହିଛି। ଏକମାତ୍ର ଭାରତୀୟ ଭାବେ ସୁପରଷ୍ଟାର ବିରାଟ କୋହଲି ଟପ୍-୧୦ରେ ରହିଛନ୍ତି। ସେ ଦୁଇଟି ସ୍ଥାନ ତଳକୁ ଖସି ୯ମ ସ୍ଥାନ ଲାଭ କରିଛନ୍ତି। ବୋଲିଂ ତାଲିକାରେ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ (୨ୟ) ଓ ରବୀନ୍ଦ୍ର ଜାଡେଜା (୬ଷ୍ଠ ସ୍ଥାନ) ଶୀର୍ଷ-୧୦ ମଧ୍ୟରେ ରହିଛନ୍ତି। ସେହିଭଳି ଟେଷ୍ଟ ଅଲରାଉଣ୍ଡର ତାଲିକାର ଶ୍ରେଷ୍ଠ-୧୦ରେ ମଧ୍ୟ ୩ ଜଣ ଭାରତୀୟ ଜାଡେଜା (ପ୍ରଥମ), ଅଶ୍ୱିନ (ଦ୍ୱିତୀୟ) ଓ ଅକ୍ଷର ପଟେଲ (୫ମ ସ୍ଥାନ)ରେ ରହିଛନ୍ତି।

## ତୃତୀୟ ସନ୍ତାନର ପିତା ହେଲେ ୱିଲିୟମ୍‌ସନ୍

**ୱେଲିଂଟନ,୨୮ ।୨(ଏଜେନ୍ସି):** ନ୍ୟୁଜିଲାଣ୍ଡ ଅଭିଜ୍ଞ ବ୍ୟାଟର କେନ୍ ୱିଲିୟମସନ ତୃତୀୟଥର ପାଇଁ ପିତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପତ୍ନୀ ସାରା ରହିମ୍ ଏକ କନ୍ୟା ସନ୍ତାନର ମା ହୋଇଛନ୍ତି। ମଙ୍ଗଳବାର ରାତିରେ ୱିଲିୟମସନ ସାମାଜିକ ଗଣମାଧ୍ୟମରେ କନ୍ୟାର ଫଟୋ ପୋଷ୍ଟ କରି ସୂଚନା ଦେଇଛନ୍ତି। ପୂର୍ବରୁ ସାରା ୨୦୨୨ରେ ପୁତ୍ର ଓ ୨୦୧୯ରେ କନ୍ୟା ସନ୍ତାନର ଜନନୀ ହୋଇଥିଲେ।

## ଉସୁ ଲିଗ୍‌ରେ ଓଡ଼ିଶାକୁ ୩ ପଦକ

**କଟକ,୨୮ ।୨(ସମିସ):** ଝାଡଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବରିଷ୍ଠ ମହିଳା ଉସୁ ଲିଗରେ ଓଡିଶାକୁ ୩ଟି ପଦକ ମିଳିଛି। ୪୫ କେଜି ବର୍ଗରେ ମଞ୍ଜୁ ମୁଣ୍ଡା ସ୍ୱର୍ଣ୍ଣ ଓ ଅନୁସୂୟା ବାରିକ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ୫୨ କେଜି ବର୍ଗରେ ସୋପନ ବିଶ୍ୱାଳ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ପ୍ରକାଶଥାଉକି, ପ୍ରତିଯୋଗିତାରେ କୋଚ ପଙ୍କଜ ମହନ୍ତଙ୍କ ସମେତ ଓଡିଶାରୁ ୧୬ଜଣିଆ ଦଳ ଅଂଶଗ୍ରହଣ କରିଥିଲେ। ଏତଦବ୍ୟତୀତ ଜୁରୀ ଭାବେ ସୁଧାଂଶୁ ଶେଖର ହରିଚନ୍ଦନ, ମୁଖ୍ୟ ଜଜ ଭାବେ ପ୍ରଦ୍ୟୁମ୍ନ ବେହେରା ଓ ଅନୁରାଧା ଦୋରା, ସୁଜନ ରଥ, ସୁଶାନ୍ତ ନାଏକ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ।

## ଆଇକନିକ୍ ହକି ଓଡ଼ିଶା ଚାମ୍ପିଅନସିପ୍ ଆଜିଠୁ

**ଭୁବନେଶ୍ୱର, ୨୮ ।୨ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଗୁରୁବାରଠାରୁ 'ପ୍ରଥମ ଆଇକନିକ ଓଡ଼ିଶା ହକି ଚାମ୍ପିଅନସିପ୍' ଆରମ୍ଭ ହେବାକୁ ଯାଉଛି। ଆଇକନିକ ଟ୍ରାନ୍ସଫର୍‌ମେସନ ଓ ହକି ଆସୋସିଏସନ୍ ଅଫ୍ ଓଡ଼ିଶା (ଏଚ୍‌ଏଓ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୮ ଗୋଟି ଦଳ ଅଂଶଗ୍ରହଣ କରିବେ। ଯେଉଁଥିରେ ପୂର୍ବତଟ ରେଳବାଇ, ଓଡ଼ିଶା ନାଭାଲ ଟାଟା ହକି, ସ୍ପୋର୍ଟ୍ସ ହଷ୍ଟେଲ ରାଉରକେଲା, ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ୍, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ଓଡ଼ିଶା ପୋଲିସ, ଝାରସୁଗୁଡ଼ା ଓ ସାଇ ସୁନ୍ଦରଗଡ଼ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ ବୋଲି ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଇକନିକ ଟ୍ରାନ୍ସଫର୍‌ମେସନର ନିର୍ଦ୍ଦେଶିକା ଚିଦାତମିକା ଖଟୁଆ କହିଛନ୍ତି।

ଫେବୃଆରୀ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ହକି ପ୍ରତିଯୋଗିତା ନକ୍‌ଆଉଟ୍‌ଭିତ୍ତିରେ ଖେଳାଯିବ। ଚାମ୍ପିଅନ ଦଳକୁ ଟ୍ରଫି ସହ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିଭଳି ଉପବିଜେତା ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯିବ। ଦର୍ଶକଙ୍କ ପାଇଁ ଫ୍ରି-ଏଣ୍ଟ୍ରି ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଜୁଲାଇରେ ଆଇକନିକ ଟ୍ରାନ୍ସଫର୍‌ମେସନ ପକ୍ଷରୁ ସ୍ପୋର୍ଟ୍ସ ଆୱାର୍ଡ ଏବଂ ଡିସେମ୍ବରରେ ୮ଟି ଦେଶକୁ ନେଇ ୧୯ ବର୍ଷରୁ କମ୍ ହକି ପ୍ରତିଯୋଗିତା ଆୟୋଜନ କରାଯିବାକୁ ନେଇ ଯୋଜନା ଥିବା ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ, ସେଖ ଅବଦୁଲ ସମିମ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଆୟୋଜନ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଥିବାରୁ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀଙ୍କୁ ସଞ୍ଜୟ ଚୌଧୁରୀ ଧନ୍ୟବାଦ ଜଣାଇଛନ୍ତି।



**DECLARATION**

**(FORM-IV, Rule-8)**

Statement about ownership and other particulars about newspaper "The Sakala"

| | | |
|---|---|---|
| 1. | Place of Publication: | Bhubaneswar |
| 2. | Periodicity of its publication: | Daily |
| 3. | Printer's Name: Nationality: Address: | Amit Kumar Mallick, Indian, IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 4. | Publisher's Name: Nationality: Address: | Amit Kumar Mallick, Indian, IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 5. | Editor's Name: Nationality: Address: | Umakant Mishra, Indian, IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 6. | Names and addresses of individuals who own the newspaper and partners or shareholders holding more than one percent of the total capital: | THE SAKALA (A Unit of Nandighosha Network Pvt. Ltd.) IDCO Plot No. 90/91, Bhagabanpur Industrial Estate, Bhubaneswar - 751019, Khordha, Odisha |

I, **Amit Kumar Mallick** do hereby declare that the particulars given above are true to the best of my knowledge and belief.

Date: 29.02.2024

Sd/- Amit Kumar Mallick
Publisher, The Sakala

